ସୂତ୍ରାନୁକ୍ରମେ

ସୂତ୍ରାର୍ଥ ଓ ବ୍ୟାଖ୍ୟା ସହ

ପିଙ୍ଗଳକୃତ

ଛନ୍ଦଃଶାସ୍ତ୍ର ପ୍ରବେଶିକା

– ଲଲାଟେନ୍ଦୁ କବି –

ପିଙ୍ଗଳକୃତ

ଛନ୍ଦଃଶାସ୍ତ୍ର ପ୍ରବେଶିକା

ପ୍ରାକ୍‌କଥନ (Foreword)

ଭାରତୀୟ ସାହିତ୍ୟ ଓ ବ୍ୟାକରଣ ପରମ୍ପରାରେ ଛନ୍ଦଃଶାସ୍ତ୍ରର ସ୍ଥାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। କାବ୍ୟ-କବିତାର ଅନ୍ତରଙ୍ଗ ମାଧୁର୍ଯ୍ୟ ଓ ଶ୍ରୁତିସୁଖଦ ପ୍ରବାହ କେବଳ ଭାବର ଗଭୀରତା ଉପରେ ନୁହେଁ, ବରଂ ନିୟମାନୁଗତ ଛନ୍ଦ ଓ ମାତ୍ରା-ବିନ୍ୟାସ ଉପରେ ହିଁ ପର୍ଯ୍ୟବସିତ। ସଂସ୍କୃତ ସାହିତ୍ୟର ଆଦି ଛନ୍ଦଃଶାସ୍ତ୍ରକାର ମହର୍ଷି ପିଙ୍ଗଳଙ୍କ ସୂତ୍ରାବଳୀ ହେଉଛି ଏହି ଶାସ୍ତ୍ରୀୟ ପ୍ରଜ୍ଞାର ଆଧାରଶିଳା। ମାତ୍ର କାଳକ୍ରମେ ଏହି ଜଟିଳ ସୂତ୍ରଗୁଡ଼ିକ ସାଧାରଣ ପାଠକ ଓ ଗବେଷକଙ୍କ ପାଇଁ କ୍ରମଶଃ ଦୁରୂହ ହୋଇପଡ଼ିଥିଲା।

"ସୂତ୍ରାନୁକ୍ରମେ ପିଙ୍ଗଳ ଛନ୍ଦଃଶାସ୍ତ୍ର" କବି ଓ ଗବେଷକ ଶ୍ରୀ ଲଲାଟେନ୍ଦୁ କବିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଉପାଦେୟ କୃତି। ଆଜିର କବିତାରେ ଛନ୍ଦର ପ୍ରୟୋଗ ପ୍ରାୟ ନଥିଲା ବେଳେ ଏବଂ ଛନ୍ଦ ସମ୍ବନ୍ଧୀୟ ଜ୍ଞାନ ଦୁର୍ଲଭ ହୋଇ ପଡିଥିବାବେଳେ ପିଙ୍ଗଳ ମୁନି କୃତ ଏହି ପ୍ରାଚୀନ କାବ୍ୟ ଶୃଙ୍ଖଳାର ପୁନରୁଦ୍ଧାର କରି ତାହାକୁ ଉତ୍ତରସୂରୀଙ୍କ ସୁଲଭ ଓ ସହଜ ଶିକ୍ଷା ପାଇଁ ସମର୍ପିଦେବା ତାଙ୍କର ମହତ୍ ଉଦ୍ଦେଶ୍ୟ ଓ ପ୍ରୟାସ।

ଏହି ଜଟିଳ ଶାସ୍ତ୍ରୀୟ ଜ୍ଞାନକୁ ସରଳ, ପ୍ରାଞ୍ଜଳ ଓ ଆସ୍ୱାଦ୍ୟ ରୂପରେ ଓଡ଼ିଆ ଭାଷାରେ ପରିବେଷଣ କରିବା ପାଇଁ ଲେଖକ ଏହି ଗ୍ରନ୍ଥଟିକୁ ଅତ୍ୟନ୍ତ ସୁଚିନ୍ତିତ ଭାବେ ତିନୋଟି ମୁଖ୍ୟ ଭାଗରେ ସଜ୍ଜିତ କରିଛନ୍ତି:

୧. ପ୍ରଥମ ଭାଗରେ ଛନ୍ଦୋବଦ୍ଧ ପଦ୍ୟ ମାଧ୍ୟମରେ ଅଷ୍ଟଗଣ, ମାତ୍ରିକ ଗଣ, ସମ-ଅର୍ଦ୍ଧସମ-ବିଷମ ଛନ୍ଦ ଓ ବର୍ଣ୍ଣସଂଖ୍ୟାନୁକ୍ରମିକ ଶ୍ରେଣୀବିଭାଗକୁ କବିତା ଆକାରରେ ପ୍ରସ୍ତୁତ କରାଯାଇଛି, ଯାହା ଶିକ୍ଷାର୍ଥୀମାନଙ୍କ ପାଇଁ ଅତି ସହଜରେ ମନେରଖିବା ପାଇଁ ସାହାଯ୍ୟ କରିବ।

୨. ଦ୍ୱିତୀୟ ଭାଗରେ ସଂକ୍ଷିପ୍ତ ଗଦ୍ୟ ମାଧ୍ୟମରେ ତତ୍କାଳ ଛନ୍ଦଃଶିକ୍ଷା, ଲଘୁ-ଗୁରୁ ନିୟମ, ଯତି ଓ ଗଣସୂତ୍ରଗୁଡ଼ିକୁ ସରଳ ଭାଷାରେ ବୁଝାଯାଇଛି।

୩. ତୃତୀୟ ଭାଗରେ ମୂଳ ପିଙ୍ଗଳ ସୂତ୍ରସମୂହର ଅଧ୍ୟାୟାନୁକ୍ରମିକ ଓଡ଼ିଆ ଅନୁବାଦ, ଟୀକା ଏବଂ ନିଜ ରଚିତ ସୁନ୍ଦର ଓଡ଼ିଆ ପଦ୍ୟ ଉଦାହରଣସବୁ ସଂଯୋଜିତ କରାଯାଇଛି, ଯାହା ଗ୍ରନ୍ଥର ଶାସ୍ତ୍ରୀୟ ଗାମ୍ଭୀର୍ଯ୍ୟକୁ ରକ୍ଷା କରିବା ସହ ପାଠକଙ୍କୁ ମନ୍ତ୍ରମୁଗ୍ଧ କରିବାର କ୍ଷମତା ରଖେ।

ପ୍ରାଚୀନ ସଂସ୍କୃତ ସୂତ୍ରଗୁଡ଼ିକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରିବା ସହ ଉଦାହରଣ ସ୍ୱରୂପ ନୂତନ ପଦ୍ୟ ରଚନା କରିବା ଏକ କଠିନ ସାଧନା। ଏହି ଗ୍ରନ୍ଥଟି କେବଳ

ଭାଷାନୁବାଦ ନୁହେଁ, ବରଂ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ କାଳଜୟୀ ଓ ଅନନ୍ୟ ସମ୍ପଦ।

ମୋର ଦୃଢ଼ ବିଶ୍ୱାସ, ଏହି ପୁସ୍ତକଟି କବି, ରଚୟିତା, ସାହିତ୍ୟର ଛାତ୍ରଛାତ୍ରୀ, ଗବେଷକ ଏବଂ ଭାରତୀୟ ସଂସ୍କୃତି ଓ ସାହିତ୍ୟ ପ୍ରେମୀଙ୍କ ପାଇଁ ଏକ ଦିଗଦର୍ଶକ ପୁସ୍ତକ ଭାବେ ଆଦୃତ ହେବ। ଏପରି ଏକ ମହତ ଗ୍ରନ୍ଥ ପ୍ରଣୟନ କରିଥିବାରୁ ମୁଁ ଲେଖକଙ୍କର ନିଷ୍ଠା ଓ ସାଧନାକୁ ସାଧୁବାଦ ଜଣାଉଛି ଏବଂ ଏହି ଗ୍ରନ୍ଥର ସାର୍ବଜନୀନ ପ୍ରସାର କାମନା କରୁଛି।

ଡଃ ସୁକାନ୍ତି ମହାପାତ୍ର
ଅଧ୍ୟାପିକା
ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ

ନିଜ କଥା

ଏହା ପୂର୍ବରୁ ଛନ୍ଦ ଓ ତାର ବିଭିନ୍ନ ଦିଗନ୍ତ **(aspects)** ଉପରେ ଅନେକ ଲେଖି ସାରିଛି । ବହୁତ ଛୋଟ ବଡ ପ୍ରବନ୍ଧ ବ୍ୟତୀତ ପୁସ୍ତକାରରେ ଭାରତୀୟ ଛନ୍ଦଃଶାସ୍ତ୍ର ଓ ଛନ୍ଦଃସଂରଚନା ମୋ ଲେଖା । ଏହା ପରେ ଅତ୍ୟନ୍ତ କର୍ମବ୍ୟସ୍ତ ଲୋକେ ମଧ୍ୟ ଛନ୍ଦ କଣ ଜାଣିବାକୁ ଇଚ୍ଛା ଥିଲେ ଅତି ଅଳ୍ପ ସମୟରେ ପଢି ସମ୍ୟକ୍ ସ୍ଥୂଳ ଧାରଣା କରି ନେବାକୁ ତତ୍କାଳ ଛନ୍ଦଃଶିକ୍ଷା ଲେଖିଛି ।

ଏତେ ପରେ ଏ ବହି ପୁଣି ଲେଖିବା କାରଣ ହେଲା ପୂର୍ବେ କୌଣସିଠି ଛନ୍ଦଃଶାସ୍ତ୍ରର ପ୍ରଣେତା ଆଚାର୍ଯ୍ୟ ପିଙ୍ଗଳଙ୍କ କେଉଁ ସୂତ୍ରର କି ଅର୍ଥ ଲେଖି ନ ଥିଲି । ସିଧା ସଳଖ ସୂତ୍ରଚୟର ପରିଣାମ ହିଁ ଲେଖି ଥିଲି ଯେପରି ଆଜିର ଅଧିକାଂଶ ଛନ୍ଦୋଗ୍ରନ୍ଥରେ ଲେଖା ହେଉଛି ।

ଉପରୋକ୍ତ କାରଣରୁ ପିଙ୍ଗଳଙ୍କ ସୂତ୍ରଗୁଡିକୁ ଗୋଟି ଗୋଟି କରି ସେ ଲେଖିଥିବା କ୍ରମରେ ଏଠାରେ ମୂଳରୂପରେ ଦେଇ ସବୁ ସୂତ୍ରାର୍ଥ, ଆବଶ୍ୟକ ସ୍ଥଳେ ତା ବ୍ୟାଖ୍ୟା ତଥା ଉଦାହରଣ ଦେଲି ଏ ପୁସ୍ତକରେ । ବିଶେଷତଃ ଓଡିଆରେ ଏ ପରି ବହି ଆଗରୁ ଥିବାର ମୋ ଆଖିରେ ନ ପଡିଡାରୁ ଏହା ଆବଶ୍ୟକ ମନେ କଲି । ଆଶା ପାଠକେ ଉପକୃତ ହେବେ ।

ଲଲାଟେନ୍ଦୁ କବି
ରସୁଲଗଡ, ଭୁବନେଶ୍ୱର

ସୂଚୀ

ଭାଗ ୧

ଅୟମାରମ୍ଭ - ଛନ୍ଦଃଶାସ୍ତ୍ର ସୁଚର୍ଚ୍ଚିତ

(ଛନ୍ଦୋବଦ୍ଧ ପଦ୍ୟରେ ଛନ୍ଦଃଶିକ୍ଷା) 01

ଭାଗ ୨

ସଂକ୍ଷିପ୍ତ ଗଦ୍ୟରେ ଛନ୍ଦଃଶାସ୍ତ୍ର:

(ତତ୍କାଳ ଛନ୍ଦଃଶିକ୍ଷା) 11

ଭାଗ ୩

ଛନ୍ଦଃସୂତ୍ରାବଳୀ: ଯଥା ପିଙ୍ଗଳକୃତ

(ସୂତ୍ର ସୂତ୍ରାର୍ଥ ବ୍ୟାଖ୍ୟା ଓ ଉଦାହରଣ) 16

ଭାଗ ୧

ଅଥମାରମ୍ଭ - ଛନ୍ଦଃଶାସ୍ତ୍ର ସୁଚର୍ଚ୍ଚିତ

(ଛନ୍ଦୋବଦ୍ଧ ପଦ୍ୟରେ ଛନ୍ଦଃଶିକ୍ଷା)

ମଙ୍ଗଳାଚରଣ:

ପଥ୍ୟାବକ୍ତ୍ର ଶ୍ଳୋକ

ନମୋ ଗଣେଶ ବିଘ୍ନେଶ
ନମୋ ମାତଃ ସରସ୍ୱତି ।
ନମସ୍ତେ ବେଦ ବେଦାଙ୍ଗ
ଆଦିମାତଃ ନମୋ ନମଃ ॥1॥

ଶୁଭାରମ୍ଭ କରେ ବିଦ୍ୟା
ଶିକ୍ଷା ନେବି ମୁଁ ଛନ୍ଦରେ ।
ଆତ୍ମଶାନ୍ତି ତଥା ଭୂତେ
ଦୈବତେ ଶାନ୍ତି ମୋ ରଖ ॥2॥

ଜୟ ମୋ ଆର୍ଯ୍ୟଭୂଖଣ୍ଡ
ଜୟ ମୋ ରାଷ୍ଟ୍ରକେତନ
ଜୟ ମୋ ଦେଶରେ ଐକ୍ୟ
ଭ୍ରାତୃଭାବ ନମୋଽସ୍ତୁ ତେ ॥3॥

ମାୟାବାଦେ ଯଥା ଖ୍ୟାତ
ଆଦି ଶ୍ରୀଗୁରୁ ଶଙ୍କର ।
ମହର୍ଷି କପିଳାଚାର୍ଯ୍ୟ
ସର୍ବାଗ୍ରେ ସାଂଖ୍ୟଦର୍ଶନେ ॥4॥

ଯଥା ବ୍ୟାକରଣେ ଅଗ୍ରେ
ଶାସ୍ତ୍ରକାର ପତଞ୍ଜଳି ।
ପିଙ୍ଗଳାଚାର୍ଯ୍ୟ ତଦ୍ରୂପ
ଛନ୍ଦଃଶାସ୍ତ୍ରବିଧାୟକ ।। ।।5 ।।

ପିତରେ ଇତରେ ଶ୍ରଦ୍ଧା
ରଖ ମା ଗୋ ବସୁନ୍ଧରେ ।
ଲାଗୁ ମୋ ଛନ୍ଦରେ ଶିକ୍ଷା
ସୁସାହିତ୍ୟ ବିକାସନେ ।।6 ।।

ଛନ୍ଦେ ସୃଷ୍ଟ ମହତ୍ତ୍ୱ ଛ
ଛନ୍ଦଃଶାସ୍ତ୍ର ସୁଚର୍ଚ୍ଚିତ ।
ଆନନ୍ଦେ ମୁଁ କରେ ପାଠ
ଦିଅ ସର୍ବେ ଶୁଭାଶିଷ ।।7 ।।

ଇତି ମଙ୍ଗଳାଚରଣ ସମାପ୍ତ

ପାଠ୍ୟ

ଛନ୍ଦଃପରିଚୟ:

ପଜ୍ଝଟିକା

ଛନ୍ଦୋଽଭ୍ୟାସେ ଛାତ୍ରଛାତ୍ରୀ
କାଟିଛ ବହୁତ ଉଜାଗର ରାତ୍ରୀ ।
ସଙ୍କୁଳ ବହିରୁ ବଢାଇଛ ଚିନ୍ତା
ଭାବିଛ ଭଲ ମୁ ନୁହେଁ ଅଧେତା ।।1।।

ପରିହରି ଚିନ୍ତା ପାଠକୁ ଏବେ
ଶ୍ରଦ୍ଧାରେ ପଢ ମୋ ସହ ସର୍ବେ ।
ଧୀରେ ବୁଝ ବସି ନାହିଁ ଭୟ ପିଲେ
କଟି ଯିବ ମନରେ ସନ୍ଦେହ ଥିଲେ ।।2।।

ମାତ୍ରା, ବର୍ଣ୍ଣର ଶୃଙ୍ଖଳରୁ ଗଢା
ଛନ୍ଦ ହିଁ କାବ୍ୟେ ବ୍ୟାକରଣ ପଢା ।
ବେଦରୁ ଛନ୍ଦ ସୁଜନ୍ମିତ କାବ୍ୟେ
ବକଶିତ ଯାହା ଲୌକିକ ଭାବେ ॥3॥

ବୈଦିକ ଓ ଲୌକିକ ଛନ୍ଦ:

ବେଦେ ବୈଦିକ ଛନ୍ଦଟି ବନ୍ଧା
ଲୌକିକ ଛନ୍ଦେ ଲେଖକ ଛନ୍ଦା ।
ବୈଦିକ ଛନ୍ଦେ ଅକ୍ଷର ଗଣନା
ଲୌକିକ କବିଜନ ଚିତ୍ତର ଲଳନା ॥4॥

ବାର୍ଣ୍ଣିକ ଲଘୁଗୁରୁ ବର୍ଣ୍ଣ ସୁସଜ୍ଜା
ମାତ୍ରିକ ସୁନିୟତ ମାତ୍ରା ଖଞ୍ଜା ।
ଅନିୟତ ତହିଁରେ ଅକ୍ଷର ସଙ୍ଖ୍ୟା
ମାତ୍ରା ହିଁ କରେ ସଂହତି ରକ୍ଷା ॥5॥

ଉଚ୍ଚାରିତ ଲଘୁ ଅଳ୍ପ ସମୟରେ
ଏକ ହିଁ ମାତ୍ରା କାଳ କଳନରେ ।
ବେଶି ସମୟ ନେଲେ କହିବାରେ
ଦୁଇ ମାତ୍ରା ସେ ଜାଣିବ ଶାସ୍ତ୍ରେ ॥6॥

ଲଘୁରେ ମାତ୍ରା ଏକ ହିଁ କଥନେ
ଜାଣିବ ଦୁଇ ମାତ୍ରା ଗୁରୁ ବର୍ଣ୍ଣେ ।
ବର୍ଣ୍ଣର ଏ ଦୁଇ ଭେଦ ହିଁ ଥାଏ
ଶୁଣି ବୁଝ ଲଘୁଗୁରୁ ବର୍ଣ୍ଣ ପିଲାଏ ॥7॥

ବର୍ଣ୍ଣପରିଚୟ - ଲଘୁ ଓ ଗୁରୁ ବର୍ଣ୍ଣ:

ପଥ୍ୟାବକ୍ତ୍ର ଶ୍ଲୋକ

ସାନୁସ୍ୱାର ବିସର୍ଗାନ୍ତ
    ଦୀର୍ଘ ସଂଯୁକ୍ତପୂର୍ବକ
ହଳାଗ୍ରେ ଗୁରୁ ପାଦାନ୍ତେ
    ଲଘୁ ଅନ୍ୟାନ୍ୟ ସର୍ବକ ॥8॥

ନ ଥାଏ ବ୍ୟଞ୍ଜନେ ମାତ୍ରା
ଉଚ୍ଚାରିତ ନିଜେ ନୁହେଁ
ସ୍କୁରେ ସେ ସ୍ୱର-ସଂଯୋଗେ
ସମୟ ସ୍ୱର ଯା ନିଏ ॥9॥

ଅଷ୍ଟଗଣପରିଚୟ:

ତୋଟକ

ତିନି ବର୍ଣ୍ଣ ଗଣୈକ ମନେ ରଖିଥା
ମଗଣେ ଗୁରୁ ବର୍ଣ୍ଣ ସମସ୍ତ ରଖା ।
ୟଗଣେ ରଗଣେ ଲଘୁ ଆଦ୍ୟ, ମଝି
ସଗଣେ ଗୁରୁ ଶେଷକୁ ମାତ୍ର ଅଛି ॥10॥

ଲଘୁଶେଷ ଥିଲେ ତଗଣେ ଗଣିବା
ଗୁରୁମଧ୍ୟର ନାମ ଜ ଜାଣିଥିବା ।
ଭଗଣେ ଗୁରୁ ଆଦି, ନ ସର୍ବଲଘୁ
ସରିଲା ଗଣ ଆଠର ନାମ ସବୁ ॥11॥

ସମ ଅର୍ଦ୍ଧସମ ଓ ବିଷମଛନ୍ଦ:

ଇନ୍ଦ୍ରବଜ୍ରା

ଚତ୍ୱାର ଅଂଶେ ଅଧିକାଂଶ ଛନ୍ଦ
ପ୍ରତ୍ୟେକ ଆବେଦିତ ପାଦ ଶବ୍ଦେ ।
ଭାଷା ଚତୁର୍ଥାଂଶକୁ ପାଦ ଭାଷେ
ସେ ହେତୁ ଏ ଅଂଶର ନାମ ପଦ୍ୟେ ॥12॥

ଏ ସର୍ବପାଦେ ବିଧି ଏକ ହେଲେ
ସେ ଛନ୍ଦ ଯାଏ ସମ ଛନ୍ଦ ମଧ୍ୟେ ।
ଏକା ଅଯୁଗ୍ମେ ପୁଣି ଅନ୍ୟ ଯୁଗ୍ମେ
ଯେ ଛନ୍ଦଟା ଅର୍ଦ୍ଧସମ ପ୍ରଭେଦେ ॥13॥

ଅଯୁଗ୍ମ ଯେବେ ନ ମିଶେ ଅଯୁଗ୍ମେ
ବା ଯୁଗ୍ମ ଯୁଗ୍ମେ ନ ମିଶେ ବିଧାନେ ।
ସେ ଛନ୍ଦ ଯାଏ ବିଷମ ପ୍ରବର୍ଗେ
ଏ ଭାବରେ ଛନ୍ଦ ତିନି ପ୍ରଭାଗେ । ॥14॥

ଉପଜାତୀୟ ଛନ୍ଦ:

ଉପଜାତି

ନିର୍ଦ୍ଦିଷ୍ଟ କେତେ ପୁଣି ଛନ୍ଦ ଯାହା
ସନ୍ମିଶ୍ରଣେ ସୃଷ୍ଟ ହୁଏ ବି ପଦ୍ୟ ।
ତା ମଧ୍ୟରେ ସାମ୍ୟ ମିଳେ ଅନେକ
ପ୍ରଭେଦ ଆଦ୍ୟାକ୍ଷରରେ ହିଁ ଲବ୍ଧ ॥15॥

ବଂଶସ୍ଥରେ ଯେ ପରି ଇନ୍ଦ୍ରବଂଶା
ଉପେନ୍ଦ୍ରବଜ୍ରା ସହ ଇନ୍ଦ୍ରବଜ୍ରା ।
ସନ୍ମିଶ୍ରଣେ ତା ଉପଜାତି ବର୍ଗେ
ମାନ୍ୟତ୍ୱରେ ସେ କବିତା ପବିତ୍ରା ॥16॥

ବର୍ଣ୍ଣସଙ୍ଖ୍ୟାନୁକ୍ରମେ ବର୍ଗୀକରଣ:

ପଥ୍ୟାବକ୍ତ୍ର ଶ୍ଳୋକ

ବେଦେ ଓ ବାର୍ଣ୍ଣିକଛନ୍ଦେ
ବର୍ଣ୍ଣସଙ୍ଖ୍ୟା କ୍ରମେ ହୁଏ ।
ବିଭିନ୍ନ ବର୍ଗରେ ଭାଗ
ଶୁଣ ସେ ନାମସାରଣୀ ॥17॥

ଏକ ବର୍ଣ୍ଣେ ହୁଏ ଉକ୍ତା
ଅତ୍ୟୁକ୍ତା ବେନି ବର୍ଣ୍ଣରେ ।
ତିନି ବର୍ଣ୍ଣ ଥିଲେ ମଧ୍ୟା
ପ୍ରତିଷ୍ଠା ଚତୁରକ୍ଷରା ॥18॥

ସୁପ୍ରତିଷ୍ଠା ଥିଲେ ପାଞ୍ଚ
ଗାୟତ୍ରୀରେ ଷଡକ୍ଷର ।
ସପ୍ତାକ୍ଷରେ ହୁଏ ଉଷ୍ଣିକ୍
ଅନୁଷ୍ଟୁପ୍ ଅଷ୍ଟବାର୍ଣ୍ଣିକ ॥19॥

ନ ବର୍ଣ୍ଣେ ବୃହତୀଛନ୍ଦ
ପଙ୍କ୍ତି ନାମ ଦଶାକ୍ଷର ।
ଏଗାର ଅକ୍ଷରେ ତ୍ରିଷ୍ଟୁପ୍
ଜଗତୀ ଦ୍ୱାଦଶାଗମେ ॥20॥

ତେର ଅକ୍ଷରରେ ଛନ୍ଦ
ଜଗତୀ ପୂର୍ବରେ ଅତି । (ଅତିଜଗତୀ)
ଚତୁର୍ଦ୍ଦଶାକ୍ଷରେ ଯାହା
ନାମ ତାହାର ଶକ୍ୱରୀ ॥21॥

ବର୍ଣ୍ଣ ପଞ୍ଚଦଶଛନ୍ଦ
ନାମ ତା ଅତିଶକ୍ୱରୀ ।
ଅଷ୍ଟି ଅତ୍ୟଷ୍ଟି ତା ଅନ୍ତେ (16, 17)
ଷୋଡଶେ ସତରେ ତଥା ॥22॥

ଆଷ୍ଟାଦଶେ ଧୃତିଛନ୍ଦ
ପରେ ଅତିଧୃତି ସ୍ଥିତା । (18, 19)
ତାହା ପରକୁ ତଦ୍ରୂପେ
କୃତି ପ୍ରକୃତି ଆକୃତି ॥23॥ (20, 21, 22)

ତତ୍ପରେ ବିକୃତିଛନ୍ଦ (23)
ଚତୁର୍ବିଂଶସ୍ଥ ସଂକୃତି । (24)
କ୍ରମେ ଅତିଧୃତିଛନ୍ଦ (25)
ଛବିଶେ ନାମ ଉତ୍କୃତି ॥24॥ (26)

ଏହାଠୁ ବଡ ଯେ ଛନ୍ଦ
ସମସ୍ତ ଦଣ୍ଡକେ ଗଣା ।
ସତେଇଶ ଅଠେଇଶ
ଆଦି ଯେତେ ଅନାମିକା ॥25॥

ଏ ସର୍ବ ନାମତାପୂର୍ଯ୍ୟ
ବର୍ଣ୍ଣସଙ୍ଖ୍ୟା ହିଁ କେବଳ ।
ଛନ୍ଦରେ ନ ଥିଲେ ଲେଖା
ସେ ବର୍ଣ୍ଣ ଗଣିବା ବୃଥା ॥26॥

ମାତ୍ରିକ ପଞ୍ଚଗଣ ପରିଚୟ

ମାତ୍ରିକଚ୍ଛନ୍ଦରେ ଥାଏ
ମାତ୍ରା ଗଣନରେ ଗଣ ।
ଛ ମାତ୍ରାରୁ ଦ୍ୱିମାତ୍ରାରେ
ଗଣ ପାଞ୍ଚଟି ନାମିତ ॥27॥

ଛ ମାତ୍ରା ଟଗଣେ ମାନ୍ୟା
ଠ ନାମେ ପଞ୍ଚମାତ୍ରିକ ।
ଡଗଣେ ଚାରିଟା ମାତ୍ରା
ଡ, ଢ ନଷ୍ଟ କ୍ରମାନ୍ୱୟେ ॥28॥

ମାତ୍ରାସଙ୍ଖ୍ୟାନୁକ୍ରମେ ସମମାତ୍ରିକ ବର୍ଗୀକରଣ:

ଯା ବର୍ଣ୍ଣନିୟମେ ଲେଖା
ବର୍ଣ୍ଣସଙ୍ଖ୍ୟାରୁ ଯେସନ ।
ବର୍ଗନାମ ତଥା ଦତ୍ତ
ମାତ୍ରାସଙ୍ଖ୍ୟାରୁ ମାତ୍ରିକେ ॥29॥

ଅତ୍ୟନ୍ତ ସ୍ୱଳ୍ପ ମାତ୍ରାର
ନ ହୁଏ ଛନ୍ଦ ଲେଖନ ।
ସପ୍ତ ମାତ୍ରାରୁ ଊର୍ଦ୍ଧ୍ୱସ୍ଥ
ଛନ୍ଦୋନାମ ଦିଏ କହି ॥30॥

ଲୌକିକେ ସାତଟା ମାତ୍ରା
ଆଠମାତ୍ରାର ବାସବ ।
ନରେ ଆଙ୍କ ହୁଏ ନାମ
ଦଶମାତ୍ରାରୁ ଦୈଶିକ ॥31॥

ତହୁଁ ରୌଦ୍ର ତଥାଦିତ୍ୟ (ରୌଦ୍ର, ଆଦିତ୍ୟ)
ପରେ ଭାଗବତ ସ୍ଥିତି । (13)
ମାନବ, ତୈଥିକ ଖ୍ୟାତି (14, 15)
ସଂସ୍କାରୀ ଷୋଡଶେ ତଥା ॥32॥

ସଂସ୍କାରୀ ଆଗରେ ସପ୍ତ-
ଦଶେ ଯୋଗ ହୁଏ ମହା । (17, ମହାସଂସ୍କାରୀ)
ପୌରାଣିକ, ତଥା ନାମ (18)
ମହାପୌରାଣିକ କ୍ରମେ ॥33॥ (19)

ମହାଦୈଶିକରେ ବିଂଶ
ତ୍ରୈଲୋକଚ୍ଛନ୍ଦ ତପ୍ତରେ ।(21)
ମହାରୌଦ୍ର ଚ ରୌଦ୍ରାର୍କ (22, 23)
ଅବତାରୀ ପରେ ପରେ ॥34॥ (24)

ଏବେ ମହାବତାରୀ ଓ (25)
ମହାଭାଗବତ କ୍ରମେ । (26)
ନାକ୍ଷତ୍ରିକ ପରେ ଆସେ (27)
ଅଷ୍ଟାବିଂଶର ଯୌଗିକ ॥35॥ (28)

ମହାଯୌଗିକ ତା ଅନ୍ତେ (29)
ତୈଥିକାଗ୍ରେ ବସେ ମହା । (30-ମହାତୈଥିକ)
ତହୁଁ ଅଶ୍ୱାବତାରୀ, ଦ୍ୱ- (31)
ତ୍ରିଶେ ନାକ୍ଷତ୍ରିକ ସ୍ଥିତି ॥36॥ (32-ଲାକ୍ଷଣିକ)

ଦ୍ୱାତ୍ରିଂଶୋର୍ଦ୍ଧ୍ୱ ସମଛନ୍ଦେ
ସର୍ବେ ମାତ୍ରିକ ଦଣ୍ଡକ ।
ଷଡ୍‌ବିଂଶୋର୍ଦ୍ଧ୍ୱ ଥିଲେ ବର୍ଣ୍ଣ
ଯଥା ଦଣ୍ଡକ ବାର୍ଣ୍ଣିକ ॥37॥

ବର୍ଣ୍ଣମାତ୍ରାସଙ୍ଖ୍ୟାନୁସାର ଶ୍ରେଣୀନାମର ବିକଳ୍ପ:

ମନେ ନ ରହିଲେ ନାମ
ସଙ୍ଖ୍ୟା ତା ବଦଳେ କହ ।
ଗାୟତ୍ରୀ ବଦଳେ ଯେହ୍ନେ
କହି ପାର ଷଡକ୍ଷରୀ ॥38॥

ଦୈଶିକ ସ୍ଥାନରେ ମଧ
ଦଶମାତ୍ରିକ ଭାଷିବ ।
ଧୀରେ ଧୀରେ ମନେ ଯେତେ
ରହିଲା ସେହି ମଙ୍ଗଳ ॥39॥

ଭାରତୀୟ ଲିଖନରେ ଛେଦ (punctuatlon) ଚିହ୍ନ:

ଭାରତେ ଲିପିରେ ଛେଦ-
ଚିହ୍ନ ଲକ୍ଷ ହିଁ ଯୋଡିଏ ।
ଏକକ ଦ୍ୱୈତ ଏ ପୂର୍ଣ୍ଣ-   (। ଏବଂ ॥)
ଚ୍ଛେଦ ସାହିତ୍ୟରେ ମିଳେ ॥40॥

ଏକକ ପ୍ରଥମାର୍ଦ୍ଧାନ୍ତେ
ଦ୍ୱୈତ ସେ ଛନ୍ଦ ଶେଷରେ ।
ଆଶ୍ଚର୍ଯ୍ୟ ପ୍ରଶ୍ନ କମ୍ମାଦି   (! ? , ଆଦି)
ଶିକ୍ଷା ପାଶ୍ଚାତ୍ୟଦେଶରୁ ॥41॥

ଅଭ୍ୟାସ:

ବସନ୍ତତିଳକା

ସଂକ୍ଷେପରେ କହିଲି ଛନ୍ଦର ସର୍ବ୍ବବିଦ୍ୟା
ଆଭ୍ୟାସ ଆଜିଠୁ ତୁମେ କର ଲେଖିବାରେ ।
ଯେବେ ଉଦାହରଣ ଚାହଁ ତ ଦେଖ ଆଗେ
ଛନ୍ଦୋବିତାନ ସବୁ ବର୍ଗର ଦେଲି ଗଦ୍ୟେ ॥42॥

ନିମ୍ନାନୁବନ୍ଧକୁ ଗଲେ ପୁଣି ଘେନ ଶିକ୍ଷା
ପ୍ରସ୍ତାରରେ ସକଳ ଛନ୍ଦ ରଖା କି ଭାବେ ।
ଏ ପୁସ୍ତକେ ବି ଅଛି ଶେଷକୁ ଏହି ହେତୁ
ତାହା ନ ଜାଣି କରି ପାରିବ ଛନ୍ଦ ଲେଖା ॥43॥
ଅଥବା
ନିମ୍ନସ୍ଥ ସୂଚୀରୁ ତୁମେ ପୁଣି ଘେନ ଶିକ୍ଷା
ପ୍ରସ୍ତାରରେ ସକଳ ଛନ୍ଦ ରଖା କି ଭାବେ ।
ମୁଖ୍ୟାଂଶରେ ନ ରଖି ଶେଷକୁ ଦେଲି ଯେଣୁ
ତାହା ନ ଜାଣି କରି ପାରିବ ଛନ୍ଦ ଲେଖା ॥44॥

ଭାରତୀୟ ଛନ୍ଦଃଶାସ୍ତ୍ର କଥା

ଶାର୍ଦ୍ଦୂଳବିକ୍ରୀଡିତମ୍

ଛନ୍ଦଃଶାସ୍ତ୍ରଟି ଭାରତୀୟ କବିତା ରାଜ୍ୟେ ସଦା ମାନିତା
ତାହା ପାଠ ନିମିତ୍ତ ଦେଲି ମୁଁ ତଳେ ଗଦ୍ୟସ୍ଥ ମୋ ସଂହିତା ।
ଧୀରେ ତାକୁ ଥରେ କି ବା ପୁଣି ଥରେ ଯେ ପାଠରେ ଲାଗିବେ
ନିଶ୍ଚେ ସେ ସହଜେ ସୁବିସ୍ତୃତ ନିଜେ ଅନ୍ତଃସ୍ଥଳେ ଘେନିବେ ॥45॥

https://archive.org/details/LByY_bhasha-pingal-prastar-chhand-divakar-by-mehar-singh-mahant-vayaram-singh/mode/1up

ଭାଗ ୨

ସଂକ୍ଷିପ୍ତ ଗଦ୍ୟରେ ଛନ୍ଦଃଶାସ୍ତ୍ର:

ତତ୍କାଳ ଛନ୍ଦଃଶିକ୍ଷା

ତତ୍କାଳ ଛନ୍ଦଃଶିକ୍ଷା

ଛନ୍ଦ କଣ? ଏହି ଶବ୍ଦ ସଂସ୍କୃତର କ୍ଲୀବ ବା ନପୁଂସକ ଲିଙ୍ଗବାଚକ **ଛନ୍ଦସ୍** ଶବ୍ଦରୁ ଉଦ୍ଭୂତ । ଛନ୍ଦସ୍ ଶବ୍ଦର ପ୍ରଥମା ବିଭକ୍ତି ରୂପ ଯଥାକ୍ରମେ ଛନ୍ଦଃ ଛନ୍ଦସୀ ଛନ୍ଦାଂସି ।

ଛନ୍ଦ ଶବ୍ଦ ବେଦରୁ ଆନୀତ । ପ୍ରଯୁକ୍ତ ବର୍ଣ୍ଣର ସଙ୍ଖ୍ୟା କ୍ରମ ମାତ୍ରାର ଗଣନ ଓ ଯତି ଗତି ସହ ସମ୍ବନ୍ଧ ବିଶେଷ ନିୟମାବଳୀରେ ନିୟୋଜିତ ପଦ୍ୟର ନାମ **ଛନ୍ଦ** । ଏ ସବୁ ଶୃଙ୍ଖଳା ନ ଥିଲେ ଗୀତ ହେଇ ପାରେ ଛନ୍ଦ ହୁଏ ନାହିଁ । ଏହି ବିଧାନସମୂହର ନିର୍ଦ୍ଦେଶକ ଗ୍ରନ୍ଥର ନାମ **ଛନ୍ଦଃଶାସ୍ତ୍ର** । **ପିଙ୍ଗଳ ମୁନି** ଏହାର ପ୍ରଣେତା । ତେଣୁ ଏହାର ଅନ୍ୟ ନାମ **ପିଙ୍ଗଳ ଶାସ୍ତ୍ର** ।

ବେଦସ୍ଥ ଛନ୍ଦରେ କେବଳ ଅକ୍ଷର ସଙ୍ଖ୍ୟାର ଶୃଙ୍ଖଳା ଥାଏ ବର୍ଣ୍ଣ (ଲଘୁ ଓ ଗୁରୁ ବର୍ଣ୍ଣ)ର ଶୃଙ୍ଖଳା କି ମାତ୍ରାର ଆକଳନଶୃଙ୍ଖଳା ନ ଥାଏ । କିନ୍ତୁ ବେଦ ଈଶ୍ୱରକୃତ ତେଣୁ ଅପୌରୁଷେୟ । ବେଦର ଛନ୍ଦ ମଧ୍ୟ **ଅପୌରୁଷେୟ** । କବିଗଣ **ବୈଦିକଛନ୍ଦ** ଲେଖନ୍ତି ନାହିଁ ।

କବିମାନେ ଓ ସାଧାରଣ ଲୋକେ ଲଘୁଗୁରୁ ବର୍ଣ୍ଣର ଓ ମାତ୍ରାଗତ ଶୃଙ୍ଖଳାରେ ଶୃଙ୍ଖଳିତ **ଲୌକିକ ଛନ୍ଦ** ଲିଖନର ଅଧିକାରୀ । ଜ୍ଞାତବ୍ୟ ଯେ ଉଚ୍ଚାରିତ ହେବାକୁ ଯେଉଁ ବର୍ଣ୍ଣ ସ୍ୱଳ୍ପ (ଏକମାତ୍ରା) ସମୟ ନିଏ ତାହା **ଏକମାତ୍ରିକ** ବା **ଲଘୁ** ବର୍ଣ୍ଣ ଓ ଯାହା ଅଧିକ (ଦୁଇ ମାତ୍ରା) ସମୟ ନିଏ ତାହା **ଦ୍ୱିମାତ୍ରିକ** ବା **ଗୁରୁ** ବର୍ଣ୍ଣ । ଛନ୍ଦଃଶାସ୍ତ୍ରରେ ମାତ୍ରା ଅର୍ଥ **ଉଚ୍ଚାରଣକାଳ** ।

ପ୍ରାଚୀନ ଭାରତରେ ଓ ଆଜି ବି **ସଂସ୍କୃତର** ସମସ୍ତ ପଦ୍ୟ ଓ ଅନ୍ୟାନ୍ୟ ଭାଷାର ଅନେକ ପଦ୍ୟ ଛନ୍ଦୋବଦ୍ଧ କରି ଲେଖା ହେଉଛି ।

ଇହଲୋକର ମନୁଷ୍ୟ ବା କବିଗଣ ଲେଖିବାକୁ ଅଧିକୃତ ଏହି ଛନ୍ଦ ସମୂହ ବା ଲୌକିକ ଛନ୍ଦ ଦୁଇ ପ୍ରକାର ଯଥା **ବାର୍ଣ୍ଣିକ ଛନ୍ଦ** ଓ **ମାତ୍ରିକ ଛନ୍ଦ** ବା **ମାତ୍ରାଚ୍ଛନ୍ଦ** ।

ବାର୍ଣ୍ଣିକ ଛନ୍ଦରେ ପାଦର କେଉଁ ବର୍ଣ୍ଣ ଲଘୁ ଓ କେଉଁ ବର୍ଣ୍ଣ ଗୁରୁ ହେବ ସେ ନିୟମ ମାନିବାକୁ ପଡେ । ଗୋଟିଏ ବି ବର୍ଣ୍ଣରେ ବ୍ୟତିକ୍ରମ କଲେ **ଛନ୍ଦୋଭଙ୍ଗ** ଦୋଷ ଲାଗେ । ଏହି ବର୍ଣ୍ଣଗୁଡିକୁ ଗୋଟିକି ଗୋଟି ଲଘୁ କିଏ ଗୁରୁ କିଏ ଲେଖି ରଖି ହେବ । ଲେଖିବାକୁ ସାମାନ୍ୟତଃ ପ୍ରତୀକ ବା ଚିହ୍ନର ପ୍ରୟୋଗ ହୁଏ । ପ୍ରାଚୀନ ଶାସ୍ତ୍ରରେ ଲଘୁ ବର୍ଣ୍ଣ ପାଇଁ ଇଂରାଜୀ ଆଇ (**I**) ପରି ଓ ଗୁରୁ ବର୍ଣ୍ଣ ପାଇଁ ଇଂରାଜୀ ଏସ୍ (**S**) ପରି ଚିହ୍ନ ଲେଖା ଯାଉ ଥିଲା । **ଯଥା ପ୍ରମାଣିକା** ISI SIS IS - ଅର୍ଥାତ୍ ପ୍ରମାଣିକା ଛନ୍ଦର ପ୍ରତି ପାଦରେ ଆଠ ବର୍ଣ୍ଣର କ୍ରମ ହେଲା ଲଘୁ-ଗୁରୁ-ଲଘୁ ଗୁରୁ-ଲଘୁ-ଗୁରୁ ଏବଂ ଲଘୁ-ଗୁରୁ । ବର୍ଣ୍ଣକ୍ରମକୁ ଅନ୍ୟଥା ଗଣକ୍ରମ ଆକାରରେ ବି ଲେଖା ଯାଏ ବୋଲି ବାର୍ଣ୍ଣିକଛନ୍ଦର ଅନ୍ୟ ନାମ **ଗଣଛନ୍ଦ** ।

ମାତ୍ରିକ ଛନ୍ଦରେ ପାଦର ଅକ୍ଷର ସଙ୍ଖ୍ୟା ନିର୍ଦ୍ଦିଷ୍ଟ ନ ଥାଏ କିନ୍ତୁ ଲଘୁଗୁରୁ ବର୍ଣ୍ଣର ଅତ୍ୟଳ୍ପ ନିୟମ ସହ ମାତ୍ରା ଗଣନାର ନିୟମ ଅଛି । **ଯଥା ଗଙ୍ଗ** - ୯ ମାତ୍ରା ଅନ୍ତ SS ଅର୍ଥାତ୍ ଗଙ୍ଗ ଛନ୍ଦର ପାଦରେ ମୋଟ ୯ ମାତ୍ରା ରହିବ ଓ ସେଥିରୁ ପ୍ରଥମ ୫ ମାତ୍ରା କବି ସ୍ୱଇଚ୍ଛାରେ ଲେଖିଲା ପରେ ଶେଷ ୪ ମାତ୍ରା ନିମିତ୍ତ କେବଳ ଦୁଇଟି ଗୁରୁ ବର୍ଣ୍ଣ ଲେଖିବେ ।

ଗଣ କଣ ? ଗଣ ହେଲା ୩ ବର୍ଣ୍ଣର ସମଷ୍ଟିର ନାମ । ଏଗୁଡିକ ବର୍ଣ୍ଣକ୍ରମକୁ ନେଇ ନାମିତ । ଯଥା ନଗଣ- **III** ସଗଣ- **IIS** ଜଗଣ- **ISI** ଯଗଣ- **ISS** ଭଗଣ- **SII** ରଗଣ- **SIS** ତଗଣ- **SSI** ଓ ମଗଣ- **SSS** l **ଗଣସଙ୍ଖ୍ୟା** ମୋଟ ଏହି ୮ ।

ଏସବୁ ଗଣନାମ ନାମ କିପରି ମନେ ରହିବ? ମନେ ରଖିବାର ଶାସ୍ତ୍ରୀୟ ଉପାୟ **ଯମାତାରା ଜଭାନସ ଲଗା** । ଯେଉଁ ଗଣର ଲକ୍ଷଣ ଜାଣିବେ ସେହି ଅକ୍ଷର ଓ ତା ପର ଦୁଇଟି ପଢିଲେ ଜାଣି ହେବ । ଯଥା ଯଗଣ ପାଇଁ ଯମାତାରେ ଅଛି ଯ ଲଘୁ ମା ଗୁରୁ ଓ ତା ଗୁରୁ । ତେଣୁ ଯଗଣ **ISS** । ହେହି ପରି ତଗଣ ପାଇଁ ତାରାଜ **SSI** ଓ ନଗଣ ପାଇଁ ନସଲ କହେ ନଗଣ III ଇତ୍ୟାଦି । ଏଥିରେ **ଲ** ଅକ୍ଷର ଲଘୁ ଓ **ଗ** ଅକ୍ଷର ଗୁରୁ ବର୍ଣ୍ଣର ପ୍ରତୀକ ।

ଗଣନାମ ସାହାଯ୍ୟରେ ମଧ୍ୟ **ବାର୍ଣ୍ଣିକ ଛନ୍ଦର ଲକ୍ଷଣ ଲେଖା** ହୁଏ । **ଯଥା:- ପ୍ରମାଣିକା** ଜରୌ ଲଗୌ ଅର୍ଥାତ୍ ପ୍ରମାଣିକା ଛନ୍ଦର ପାଦରେ ରହେ ଜର (ଜଗଣ ଓ ରଗଣ - ଦ୍ୱିବଚନେ ଜରୌ) ଓ ତା ପରେ ଲଘୁ ଓ ଗୁରୁ - ଏପରି ୮ ବର୍ଣ୍ଣ ବା ISI SIS IS ।

ମାତ୍ରିକ ଗଣ ଭିନ୍ନ ପ୍ରକାର । ଏଥିରେ ଟଗଣ- ୬ ମାତ୍ରା ଠଗଣ ୫ ମାତ୍ରା ଡଗଣ ୪ ମାତ୍ରା ଢଗଣ ୩ ମାତ୍ରା ଓ ଣଗଣ ୨ ମାତ୍ରାର ସମଷ୍ଟିକୁ ବୁଝାଏ । ଟଠଡ କିଛି ନ କହି **ମାତ୍ରିକରେ କେବଳ ଗଣ କହିଲେ ୪ ମାତ୍ରା** ବା ଡଗଣ ବୁଝିବାକୁ ପଡେ ।

ଯେଉଁ ଛନ୍ଦରେ ୪ଟି ଯାକ ଚରଣର **ସମସ୍ତ ନିୟମ** ସଂପୂର୍ଣ୍ଣ ଏକା ତାହା **ସମ ଛନ୍ଦ** । ଯେଉଁଥିରେ ପ୍ରଥମ ଓ ତୃତୀୟ ଚରଣ ପାଇଁ ସମସ୍ତ ନିୟମ ଏକା ଓ ଦ୍ୱିତୀୟର **ସମସ୍ତ ନିୟମ** ସହ ଚତୁର୍ଥ ପାଦର ସମସ୍ତ ନିୟମ ଏକା କିନ୍ତୁ ପ୍ରଥମ-ତୃତୀୟ ଚରଣର ନିୟମାବଳୀଠୁ ଦ୍ୱିତୀୟ-ଚତୁର୍ଥ ଚରଣର ନିୟମାବଳୀ ଭିନ୍ନ ତାହା **ଅର୍ଦ୍ଧସମ ଛନ୍ଦ** । ଭାଷାନ୍ତରେ **ଅର୍ଦ୍ଧସମ** ଛନ୍ଦରେ ପଦର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଏକା ପରି କିନ୍ତୁ ପ୍ରଥମ-ତୃତୀୟ ସହ ଦ୍ୱିତୀୟ-ଚତୁର୍ଥ ମିଶେ ନାହିଁ । ଏ ଦୁଇ ପ୍ରକାରରୁ ଭିନ୍ନ ସମସ୍ତ ଛନ୍ଦ **ବିଷମ ଛନ୍ଦ**ରେ ପରିଗଣିତ ।

ଜ୍ଞାତବ୍ୟ ଯେ ଛନ୍ଦରେ ପଦ ମୁଖ୍ୟତଃ **୪ ଚରଣ**ରେ ହେଉ ଥିବାରୁ ଏହାର ଚରଣଗୁଡିକୁ **ପାଦ** ବୋଲି ମଧ୍ୟ କହା ଯାଏ । କାରଣ ହେଲା ପାଦର ଅନ୍ୟାର୍ଥ ଏକ **ଚତୁର୍ଥାଂଶ** । ଏହି ପାଦ ଶବ୍ଦରୁ ଅପଭ୍ରଷ୍ଟ ଶବ୍ଦ ପାଏ ଭାରତର ଆଞ୍ଚଳିକ ଭାଷା ମାନଙ୍କରେ ବହୁ ପ୍ରଚଳିତ ।

ଦୁଇଟି ସଦୃଶ ବାର୍ଣ୍ଣିକ ଛନ୍ଦର ମିଶ୍ରଣରେ ଯେଉଁ ଛନ୍ଦ ହୁଏ ତାହା **ଉପଜାତି** ଶ୍ରେଣୀର । **ଯଥା** ମୋଟ ୪ ପାଦରୁ ଏକ ବା ଏକାଧିକ ଇନ୍ଦ୍ରବଜ୍ରା ଛନ୍ଦର ପାଦ ଓ ଅବଶିଷ୍ଟ ଉପେନ୍ଦ୍ରବଜ୍ରା ଛନ୍ଦର ନିୟମରେ ହେଇ ଥିଲେ ତାହା ଉପଜାତୀୟ ଛନ୍ଦ । ସେହି ପରି ବଂଶସ୍ଥ ଓ ଇନ୍ଦ୍ରବଂଶା ଛନ୍ଦର ମିଶ୍ରଣରେ ଦୋଧକ ସହ ରୋଧକର ମିଶ୍ରଣରେ ଦାରିକା ସହ ଉପଦାରିକା ଛନ୍ଦର ମିଶ୍ରଣରେ ଉପଜାତି ହେଇ ପରେ ।

ଉପଜାତି କରିବା ଅନୁଶାସନ ହେଲା ଯେଉଁ ଯେଉଁ ଛନ୍ଦର କେବଳ ପ୍ରଥମ ଅକ୍ଷରରେ ଲଘୁଗୁରୁ ବର୍ଣ୍ଣଭେଦ ଥିବ ଓ ଅବଶିଷ୍ଟ ସମସ୍ତ ବର୍ଣ୍ଣ ଓ କ୍ରମ ଏକା ଥିବ ସେ ଦୁଇ ଛନ୍ଦକୁ ନେଇ ଉପଜାତି ଗଢା ଯାଇ ପାରେ । ତେଣୁ ଉପଜାତୀୟ ଛନ୍ଦଗୁଡ଼ିକ କେବଳ ଅର୍ଦ୍ଧସମ ବା ବିଷମ ହେଇ ପାରିବେ ସମ ଛନ୍ଦ କଦାପି ହେଇ ପାରିବେ ନାହିଁ ।

ପରେ ଚର୍ଚ୍ଚା ହେବ **-** ଏତଭିନ୍ନ କିଛି ଛନ୍ଦ ଅଛି ଯେଉଁଥିରେ **୪ରୁ ଅଧିକ ଚରଣ** ଥାଏ । ଏ ଗୁଡିକର ସଙ୍ଖ୍ୟା ଅଳ୍ପ ଓ ସେତେ ବହୁଳ ଭାବେ ଲେଖା ହୁଏ ନାହିଁ ।

କେଉଁ ସ୍ୱରବର୍ଣ୍ଣଗୁଡିକ **ଗୁରୁବର୍ଣ୍ଣ** ଓ କେଉଁ ସ୍ୱର ବର୍ଣ୍ଣଗୁଡିକ **ଲଘୁବର୍ଣ୍ଣ** ? ଉତ୍ତର:

ସାନୁସ୍ୱାର ବିସର୍ଗାନ୍ତ ଦୀର୍ଘ ସଂଯୁକ୍ତପୂର୍ବକ
ହଳାଗ୍ରେ ଗୁରୁ ପାଦାନ୍ତେ ଲଘୁ ଅନ୍ୟାନ୍ୟ ସର୍ବକ //

[1] ଅନୁସ୍ୱାରଯୁକ୍ତ [2] ବିସର୍ଗଯୁକ୍ତ [3] ବ୍ୟାକରଣର ଦୀର୍ଘ ସ୍ୱର (ଆ ଈ ଊ ଋ ଏ ଐ ଓ ଔ - ଏହି ୮ଟି) [4] ଯୁକ୍ତାକ୍ଷରର ପୂର୍ବସ୍ଥ [5] ହଳ ଚିହ୍ନର ପୂର୍ବସ୍ଥ ଓ [6] ପାଦର ଶେଷସ୍ଥ ସ୍ୱର ଗୁରୁ ବର୍ଣ୍ଣର ମାନ୍ୟତାପ୍ରାପ୍ତ (ଅର୍ଥାତ୍ ଏଗୁଡିକ ଉଚ୍ଚାରିତ ହେବାକୁ ଦୁଇ ମାତ୍ରା ବା ଦୁଇ ଏକକ ସମୟ ନିଅନ୍ତି I) ଅନ୍ୟ ସମସ୍ତ ସ୍ୱର ଲଘୁ ବର୍ଣ୍ଣ ଅର୍ଥାତ୍ ଏକମାତ୍ରିକ I ଅଥବା

ଅନୁସ୍ୱାରୀ ବିସର୍ଗୀ ଓ ହଳନ୍ତୀ ପୁରତଃ ଗୁରୁ I
ଦୀର୍ଘ ସଂଯୁକ୍ତପୂର୍ବସ୍ଥ ବିକଳ୍ପେ ଚରଣାନ୍ତକ II

ମୂଳ ସଂସ୍କୃତ ସୂତ୍ର:-

सानुस्वारश्च दीर्घश्च विसर्गी च गुरुर्भवेत् I
वर्णः संयुक्तपूर्वश्च तथा पादान्तगोऽपि वा II

ସାନୁସ୍ୱାରଶ୍ଚ ଦୀର୍ଘଶ୍ଚ ବିସର୍ଗୀ ଚ ଗୁରୁର୍ଭବେତ୍ I
ବର୍ଣଃ ସଂଯୁକ୍ତପୂର୍ବଶ୍ଚ ତଥା ପାଦାନ୍ତଗୋଽପି ବା II

ବ୍ୟଞ୍ଜନ (ଅର୍ଥାତ୍ **ହଳନ୍ତକ**) ବର୍ଣ୍ଣଚୟ ନିଜେ ନିଜେ ଉଚ୍ଚାରିତ ହେଇ ପାରନ୍ତି ନାହିଁ କି ସମୟ ନିଅନ୍ତି ନାହିଁ I ସେଗୁଡିକ ସ୍ୱରବର୍ଣ୍ଣର ସହାୟତାରେ ଓ ତାହାରି ପ୍ରବାହରେ ଉଚ୍ଚାରିତ ହେଇ ଯାନ୍ତି I ତେଣୁ **ବ୍ୟଞ୍ଜନ ବର୍ଣ୍ଣର ମାତ୍ରା ଶୂନ୍ୟ** I

ଛନ୍ଦଃପାଠ ବେଳେ ଶ୍ୱାସ ପାଇଁ ମଧ୍ୟେ ମଧ୍ୟେ ନେବାକୁ ପଡୁଥିବା ବିରତିର ନାମ **ଯତି** I

ଯାହାର ଉଚ୍ଚାରଣରେ ଅଧିକ ସମୟ ଦେବାକୁ ବ୍ୟାକରଣର ନିର୍ଦ୍ଦେଶ ଅଛି ଓ ବୋଲିଲା ବେଳେ ଯେଉଁ ଯେଉଁ ବର୍ଣ୍ଣକୁ ଅଧିକ ସମୟ ଦେବାକୁ ମନୁଷ୍ୟର ସ୍ୱରତନ୍ତ୍ରୀ ବାଧ୍ୟ କରେ ଛନ୍ଦଃଶାସ୍ତ୍ର ତାକୁ **ଗୁରୁବର୍ଣ୍ଣର ମାନ୍ୟତା** ଦିଏ ମାତ୍ର କିଛି ଲଦେ ନାହିଁ I

ବାର୍ଣ୍ଣିକ ସମଛନ୍ଦଗୁଡିକର ପାଦରେ ଅକ୍ଷର ସଙ୍ଖ୍ୟାନୁଯାୟୀ **ଶ୍ରେଣୀନାମ** ହେଲା ଉକ୍ତା (ପ୍ରତି ପାଦରେ ଅକ୍ଷର ୧) ଅତ୍ୟୁକ୍ତା (ପାଦେ ଅକ୍ଷର ୨) ମଧ୍ୟା (ଅକ୍ଷର ୩) I ସେହି ପରି ପ୍ରତିଷ୍ଠା-୪ ସୁପ୍ରତିଷ୍ଠା-୫ ଗାୟତ୍ରୀ-୬ ଉଷ୍ଣକ୍-୭ ଅନୁଷ୍ଟୁପ୍/ଅନୁଷ୍ଟୁଭ୍-୮ ବୃହତୀ-୯ ପଙ୍କ୍ତି-୧୦ ତ୍ରିଷ୍ଟୁପ୍-୧୧ ଜଗତୀ-୧୨ ଅତିଜଗତୀ-୧୩ ଶକ୍ୱରୀ-୧୪ ଅତିଶକ୍ୱରୀ-୧୫ ଅଷ୍ଟି-୧୬ ଅତ୍ୟଷ୍ଟି-୧୭ ଧୃତି-୧୮ ବି(ଅତି)ଧୃତି-୧୯ କୃତି-୨୦ ପ୍ରକୃତି-୨୧ ଆକୃତି-୨୨ ବିକୃତି-୨୩ ସଂକୃତି-୨୪ ଅତିକୃତି-୨୫ ଓ ଉତ୍କୃତି ୨୬ ଅକ୍ଷରବିଶିଷ୍ଟ ଛନ୍ଦର ନାମ I ୨୬ରୁ ଅଧିକ ଅକ୍ଷରର ସମସ୍ତ ସମଛନ୍ଦକୁ **ଦଣ୍ଡକ** ଶ୍ରେଣୀରେ ନିଆ ଯାଏ I

ସେହି ପରି ପ୍ରତିପାଦରେ ମାତ୍ରାସଙ୍ଖ୍ୟାର ଆଧାରରେ ମାତ୍ରିକ **ସମଛନ୍ଦଚୟର ଶ୍ରେଣୀନାମ** ବି ରଖା ଯାଇଛି I ୭ ଓ ତହିଁରୁ ଅଧିକ ମାତ୍ରାର ପାଦବିଶିଷ୍ଟ ମାତ୍ରିକ ଛନ୍ଦଗୁଡିକର ନାମ ହେଲା - ଲୌକିକ-୭ ବାସବ-୮ ଆଙ୍କ-୯ ଦୈଶିକ-୧୦ ରୌଦ୍ର-୧୧ ଆଦିତ୍ୟ-୧୨ ଭାଗବତ-୧୩ ମାନବ-୧୪ ତୈଥିକ-୧୫ ସଂସ୍କାରୀ-୧୬ ମହାସଂସ୍କାରୀ-୧୭ ପୌରାଣିକ-୧୮ ମହାପୌରାଣିକ-୧୯ ମହାଦୈଶିକ-୨୦ ତ୍ରୈଲୋକ-୨୧ ମହାରୌଦ୍ର-୨୨ ରୌଦ୍ରାର୍କ-୨୩ ଅବତାରୀ-୨୪ ମହାବତାରୀ-

୨୫ ମହାଭାଗବତ-୨୬ ନାକ୍ଷତ୍ରିକ-୨୭ ଯୌଗିକ-୨୮ ମହାଯୌଗିକ-୨୯ ମହାତୈଥିକ-୩୦ ଅଶ୍ୱାବତାରୀ-୩୧ ଲାକ୍ଷଣିକ-୩୨ ମାତ୍ରା । ୩୨ରୁ ଅଧିକ ମାତ୍ରାର ସମସ୍ତ ମାତ୍ରିକ ସମଛନ୍ଦ **ଦଣ୍ଡକ** । ୭ରୁ ଊଣା ମାତ୍ରାର ଛନ୍ଦ ଲେଖା ଦେଖିବାକୁ ମିଳୁ ନାହିଁ କି ସେଗୁଡିକର ନାମ ଥିଲେ ମିଳୁ ନାହିଁ ।

ଲଲାଟେନ୍ଦୁ କବି

ଚରିତ୍ରସଙ୍ଖ୍ୟା	6,485	characterS
ଶବ୍ଦସଙ୍ଖ୍ୟା	1,013	wordS
ବାକ୍ୟସଙ୍ଖ୍ୟା	0,070	SentenceS
ଶାସ୍ତ୍ର	0,001	IndoctrInatIon

ଭାଗ ୩

ଛନ୍ଦଃସୂତ୍ରାବଳୀ: ଯଥା ପିଙ୍ଗଳକୃତ

(ସୂତ୍ର ସୂତ୍ରାର୍ଥ ବ୍ୟାଖ୍ୟା ଓ ଉଦାହରଣ)

ଭାଗ ୩

ଛନ୍ଦଃସୂତ୍ରାବଳୀ: ଯଥା ପିଙ୍ଗଳକୃତ

ପ୍ରଥମୋଽଧ୍ୟାୟଃ

ଗଣପରିଚୟ -

ଲଘୁଗୁରୁବର୍ଣ୍ଣପରିଚୟ -

ସାଙ୍କେତିକ ଶବ୍ଦପରିଚୟ -

धीश्रीस्त्री म् ॥ 1.01

ଧୀଶ୍ରୀସ୍ତ୍ରୀ ମ୍ ॥ **1.01**

ସର୍ବଗୁରୁ ଗଣ ଅର୍ଥାତ୍ ଗୋଟିଏ ଗଣରେ ତିନିଟି ଯାକ ବର୍ଣ୍ଣ ଗୁରୁ ଥିଲେ ତା ନାମ ମଗଣ ଯଥା ଧୀଶ୍ରୀସ୍ତ୍ରୀ ।

ଜ୍ଞାତବ୍ୟ ଯେ ଗଣ କହିଲେ ତିନି ବର୍ଣ୍ଣର ସମଷ୍ଟିକୁ ବୁଝାଏ । ଯେଉଁ ବର୍ଣ୍ଣ ଉଚ୍ଚାରଣ ପାଇଁ ଏକ ମାତ୍ରା ସମୟ ନିଏ ତାହା ଏକମାତ୍ରିକ ବା ଲଘୁ ବର୍ଣ୍ଣ ଓ ଯାହା ଦୁଇ ମାତ୍ରା ନିଏ ତାହା ଦ୍ୱିମାତ୍ରିକ ବା ଗୁରୁ ବର୍ଣ୍ଣ ।

ଛନ୍ଦଃଶାସ୍ତ୍ରରେ ମାତ୍ରା ଅର୍ଥ ଉଚ୍ଚାରଣର ଅବଧି ।

ଲଘୁ ବର୍ଣ୍ଣ ପାଇଁ ଇଂରାଜୀ ଅକ୍ଷର **I** ପରି ଓ ଗୁରୁ ବର୍ଣ୍ଣ ପାଇଁ ଇଂରାଜୀ **S** ପରି ଚିହ୍ନ ବ୍ୟବହୃତ ହୁଏ ।

ଅଧୁନା ଅନେକେ ଲଘୁ ପାଇଁ 1 ଓ ଗୁରୁ ପାଇଁ 2 ଲେଖୁଛନ୍ତି । ଅନ୍ୟ ଅନେକେ ଲଘୁ ପାଇଁ **S (Short**ରୁ) ଓ ଗୁରୁ ବର୍ଣ୍ଣ ପାଇଁ **L (long**ରୁ) ଲେଖୁଛନ୍ତି । ଏହା ଛଡା ଅନ୍ୟାନ୍ୟ ପ୍ରକାର ଚିହ୍ନର ପ୍ରୟୋଗ ବି ଚାଲିଛି ।

ଗଣସଙ୍ଖ୍ୟା ନିମ୍ନ ମତେ ମୋଟ ଆଠ ।



The 8 tri-syllabic feet or *ganas*.

serial number	1	2	3	4	5	6	7	8
Name of *ganas* in English character	*Magana*	*Yagana*	*Ragana*	*Sagana*	*Tagana*	*Jagana*	*Bhagana*	*Nagana*
Name of *ganas* in Hindi character	मगण	यगण	रगण	सगण	तगण	जगण	भगण	नगण
Symbols denoting *ganas*	S S S	I S S	S I S	I I S	S S I	I S I	S I I	I I I
Examples in Hindi	मायावी	यशोदा	राधिका	सरसी	तांबूल	जलेश	भावन	नमन
English or Latin equivalents	molossus	Bacchius	Amphi-macer	Anapae-stus	Anti-Bacchius	Amphi-brachys	Dactylus	Tribra-chys
Symbolic initial letters	*Ma* म	*Ya* य	*Ra* र	*Sa* स	*Ta* त	*Ja* ज	*Bha* भ	*Na* न

वरा सा य् ॥ 1.02

ବରା ସା ୟ୍ ॥ 1.02

ଆଦ୍ୟଲଘୁ ଗଣ ଅର୍ଥାତ୍ ଯେଉଁ ଗଣର କେବଳ ପ୍ରଥମାକ୍ଷର ଲଘୁ ତାହାର ନାମ ୟଗଣ ଯଥା ବରା ସା ।

का गुहा र् ॥ 1.03

କା ଗୁହା ର୍ ॥ 1.03

ମଧ୍ୟଲଘୁ ଗଣ ରଗଣ ଯଥା କା ଗୁହା ।

वसुधा स् ॥ 1.04

ବସୁଧା ସ୍ ॥ 1.04

ଅନ୍ତଗୁରୁ ଗଣର ନାମ ସଗଣ ଯଥା ବସୁଧା ।

सा ते क्व त् ॥ 1.05

ସା ତେ କ୍ୱ ତ୍ ॥ 1.05

ଅନ୍ତଲଘୁ ଗଣ ଅର୍ଥାତ୍ ଶେଷ ବର୍ଣ୍ଣ ଲଘୁ ଓ ଅନ୍ୟ ଦୁଇ ବର୍ଣ୍ଣ ଗୁରୁ ଥିଲେ ସେହି ଗଣର ନାମ ତଗଣ ।

कदा स ज् ॥ 1.06

କଦା ସ ଜ୍ ॥ 1.06

ମଧ୍ୟଗୁରୁ ଗଣର ନାମ ଜଗଣ ଯଥା କଦା ସ ।

किं वद भ् ॥ 1.07

କିଂ ବଦ ଭ୍ ॥ 1.07

ଆଦ୍ୟଗୁରୁ ଗଣର ନାମ ଭଗଣ ଯଥା କିଂ ବଦ ।

न हस न् ॥ 1.08

ନ ହସ ନ୍ ॥ 1.08

ସର୍ବଲଘୁ ଗଣର ନାମ ନଗଣ ଯଥା ନ ହସ ।

ଗଣସଙ୍ଖ୍ୟା ଉପରୋକ୍ତ ମତେ ମୋଟ ଏହି ଆଠ:

SSS	ମଗଣ	SSI	ତଗଣ
ISS	ୟଗଣ	ISI	ଜଗଣ
SIS	ରଗଣ	SII	ଭଗଣ
IIS	ସଗଣ	III	ନଗଣ

ଏହି ଗଣଗୁଡ଼ିକର ନାମ ମନେ ରଖିବାର ଶାସ୍ତ୍ରୀୟ ଉପାୟ ହେଲା ଲେଖି ରଖିବା -

ୟ ମା ତା ରା ଜ ଭା ନ ସ ଲ ଗା

ଏବେ ଏଥିରୁ ଯେଉଁ ଗଣ ଲକ୍ଷଣ ଜାଣିବା ଦରକାର ସେହି ବର୍ଣ୍ଣ ଓ ତା ପରର ଦୁଇ ବର୍ଣ୍ଣ ପଢିବା । ଯଥା ୟଗଣ ପାଇଁ ପଢିବା ୟମାତା, ସଗଣ ପାଇଁ ସଲଗା, ନଗଣ ପାଇଁ ନସଲ । ସେହିଥିରୁ ଜାଣିବା ୟଗଣ **ISS** ସଗଣ **IIS** ଓ ନଗଣ **III** ।

गृ ल् ॥ 1.09

ଗୃ ଲ୍ ॥ 1.09

ଗୃରେ ଥିବା ପରି ବର୍ଣ୍ଣ ଅର୍ଥାତ୍ ହ୍ରସ୍ୱସ୍ୱର ସାମାନ୍ୟତଃ ଲଘୁ ବର୍ଣ୍ଣ ।

गन्ते ॥ 1.10

ଗନ୍ତେ ॥ **1.10**

ସଂକ୍ଷେପରେ ଗ୍+ ଅନ୍ତେ ।

ତାତ୍ପର୍ଯ୍ୟ ହେଲା, କିନ୍ତୁ ପାଦର ଅନ୍ତେ (ଶେଷରେ) ଥିଲେ ଏହି ହ୍ରସ୍ୱସ୍ୱର ମୂଳତଃ ଲଘୁ ହେଲେ ମଧ୍ୟ ଆବଶ୍ୟକ ସ୍ଥଳେ ଯାହାକୁ ଗୁରୁ ବର୍ଣ୍ଣର ମାନ୍ୟତା ମିଳି ଥାଏ ।

ध्रादिपरः ॥ 1.11

ଧ୍ରାଦିପରଃ ॥ **1.11**

ଧ୍ର ଆଦି ପରଃ । ଯାହା ପରେ ଧ୍ର ଆଦି ଥିବ ।

ଏହା ପୂର୍ବସ୍ଥ ଦୁଇଟି ସୂତ୍ରର ଅନୁବୃତ୍ତିରୁ ଅର୍ଥ ହେଲା ଯାହା ପରେ ଧ୍ର (ଯୁକ୍ତାକ୍ଷର) ଆଦି ଥିବ ତାହା ମଧ୍ୟ ଗୁରୁବର୍ଣ୍ଣ ।

ଧ୍ର ଆଦି କହିଲେ (୧) ଯୁକ୍ତାକ୍ଷର (୨) ଶୁଦ୍ଧ ବ୍ୟଞ୍ଜନ ବା ହଳନ୍ତକ ବର୍ଣ୍ଣ (୪) ଅନୁସ୍ୱାର (୪) ବିସର୍ଗ ।

ଏଥିରେ (୧) ଯୁକ୍ତାକ୍ଷରର ଉଚ୍ଚାରଣ ହେଲା: ଉକ୍ତି= ଉକ୍+ତ୍+ଇ । (୨) ହଳନ୍ତକ ଅକ୍ଷରର ଉଚ୍ଚାରଣ ଷଟ୍= ଷ୍+ଅଟ୍ - ଏହି ପରି । (୩) ଅନୁସ୍ୱାରର ଉଚ୍ଚାରଣ କିଂ= କ୍+ଇ+ଂ ଅର୍ଥାତ୍ ଅନେକାଂଶରେ କ୍+ଇ+ଙ୍ ପରି । ତଥାଚ (୪) ବିସର୍ଗ ବା ହକାରର ଉଚ୍ଚାରଣ ଦୁଃ= ଦ୍+ଉ+ଃ ବା ଅନେକାଂଶରେ ଦ୍+ଉ+ହ୍ ପରି ।

ଲକ୍ଷଣୀୟ ଯେ ଉକ୍ତିରେ ଉ ପରେ କ୍ ଷଟ୍‌ରେ ଅ ପରେ ଟ୍ କିଂରେ ଇ ପରେ ଙ୍ ଦୁଃରେ ଉ ପରେ ହ୍ ପରି ଉଚ୍ଚାରଣ ଥିବାରୁ ଯୁକ୍ତାକ୍ଷର ପୂର୍ବସ୍ଥ ଶୁଦ୍ଧବ୍ୟଞ୍ଜନ ଅର୍ଥାତ୍ ହଳନ୍ତକ ଅକ୍ଷର ପୂର୍ବସ୍ଥ ଅନୁସ୍ୱାରୀ ଓ ବିସର୍ଗୀ ବର୍ଣ୍ଣ ସମାନ ଶ୍ରେଣୀର । ତେଣୁ ଯାହା ପରେ ଯୁକ୍ତାକ୍ଷର ଆଦି ଥିବ କହିଲେ ଏହି ଚାରି ପ୍ରକାର ବର୍ଣ୍ଣକୁ ବୁଝାଇବ ଓ ସୂତ୍ରରେ ସବୁ କଥା ଥରେ ଥରେ ନ କହି ଆଦି ଶବ୍ଦ ପ୍ରୟୋଗ ଯଥେଷ୍ଟ ।

ସ୍ମରଣୀୟ ଯେ ବ୍ୟଞ୍ଜନର (କ୍, ଖ୍, ପ୍ ଆଦିର) ମାତ୍ରା ନ ଥାଏ । ଏଗୁଡିକ ଆପେ ଆପେ (ବିନା ସ୍ୱରର ସହାୟତାରେ) ଉଚ୍ଚାରିତ ହେଇ ପାରନ୍ତି ନାହିଁ । ତେଣୁ ବ୍ୟଞ୍ଜନର ଉଚ୍ଚାରଣକାଳ ରହିବାର ଅବକାଶ ଆସୁ ନାହିଁ । ଏଗୁଡିକ ନିଜ ନିଜ ସହାୟକ ସ୍ୱରର ପ୍ରବାହରେ ଆଶ୍ରିତ ହେଲେ ଶୁଣା ଯାନ୍ତି ଓ ଏହି ଆଶ୍ରୟଦାତା ସ୍ୱର ବର୍ଣ୍ଣର ମାତ୍ରା ବା ଉଚ୍ଚାରଣ କାଳର ଆକଳନ ହୁଏ ।

ସଂକ୍ଷେପରେ *ବ୍ୟଞ୍ଜନ ବର୍ଣ୍ଣର ମାତ୍ରା ଶୂନ୍ୟ ।*

हे ॥ 1.12

ହେ ॥ **1.12**

ହେ ମଧ୍ୟ ଗୁରୁ ବର୍ଣ୍ଣ । କାରଣ ଏହାକୁ ପୂର୍ବ ସୂତ୍ରର ଅନୁବୃତ୍ତିରେ ପଢିବାକୁ ପଡିବ ।

ତାତ୍ପର୍ଯ୍ୟ ହେଲା ଛନ୍ଦଃଶାସ୍ତ୍ରରେ ସମ୍ବୋଧନ ପାଇଁ ପ୍ଲୁତ ବା ତ୍ରିମାତ୍ରିକ ବର୍ଣ୍ଣ ଇତ୍ୟାଦିର ସ୍ଥାନ ନାହିଁ । ଛନ୍ଦୋଗାୟନରେ ଲଘୁ ବର୍ଣ୍ଣ ଏକମାତ୍ରିକ ଓ ଗୁରୁବର୍ଣ୍ଣକୁ ଦ୍ୱିମାତ୍ରିକ ବୋଲି ହିଁ ଆକଳନ କରିବାକୁ ପଡିବ ଓ ମୋଟ ଏହି ଦୁଇ ପ୍ରକାର ବର୍ଣ୍ଣଭେଦ ହିଁ ସ୍ୱୀକୃତ ।

लौ सः ॥ 1.13

ଲୌ ସଃ ॥ 1.13

ଲୌ ଲର ଦ୍ୱିବଚନ ରୂପ । ଅର୍ଥ ଲଘୁଦ୍ୱୟ । ବିସର୍ଗୀ ସଃ ହେଲା ଗୁରୁ ବର୍ଣ୍ଣ ।

ବକ୍ତବ୍ୟ ହେଲା ଦୁଇଟି ଲଘୁ ଗୋଟିଏ ଗୁରୁ ବର୍ଣ୍ଣ ସହ ଉଚ୍ଚାରଣକାଳ ଦୃଷ୍ଟିରୁ ସମାନ ।

ग्लौ ॥ 1.14

ଗ୍ଲୌ ॥ 1.14

ଏହା ଗ୍ଲର ଦ୍ୱିବଚନ, ଗ୍ଲ ହେଲା ଗୁରୁ ଓ ଲଘୁ ବର୍ଣ୍ଣ ।

ଯେଉଁ ଅଙ୍କ କେତେକ ସ୍ଥାନରେ ଗୁରୁ ବର୍ଣ୍ଣ କି ଲଘୁ ବର୍ଣ୍ଣ ରହିବାର ନିର୍ଦ୍ଦେଶ ନ ଥାଇ କଣ ଲେଖା ଯିବ ତାହା କବୀଚ୍ଛା ଉପରେ ଛାଡି ଦିଆ ଯାଇ ଥାଏ ସେଠି ଗୁରୁ ବା ଲଘୁ ଯାହା କବିଙ୍କ ଇଚ୍ଛା ଅର୍ଥରେ ଗ୍ଲୌ ଆସେ ।

अष्टौ वसव इति ॥ 1.15

ଅଷ୍ଟୌ ବସବ ଇତି ॥ 1.15

ଛନ୍ଦଃଶାସ୍ତ୍ରରେ ବସୁ କହିଲେ ଆଠ ସଙ୍ଖ୍ୟାକୁ ବୁଝିବାକୁ ପଡିବ । କାରଣ ପୁରାଣରେ ବସୁ ସଙ୍ଖ୍ୟା ଆଠ ବୋଲି ଅଷ୍ଟାବସୁ କୁହା ଯାଇଛି ।

ଛନ୍ଦ ପଠନ ବେଳେ ଯତି ବା ବିରାମ କେଉଁ କେଉଁ ଅକ୍ଷରରେ ନେବାକୁ ପଡିବ ସେହି ଅକ୍ଷର ସଙ୍ଖ୍ୟାକୁ ବିଭିନ୍ନ ସାଙ୍କେତିକ ଶବ୍ଦରେ ଲେଖା ଯାଏ । କେବଳ ପାଦ ଶେଷରେ ଯତି ଥିଲେ ତାହା ଲେଖିବାକୁ ପଡେ ନାହିଁ ।

ଏହି ସାଙ୍କେତିକ ଶବ୍ଦଗୁଡିକର କିଛି ଉଦାହରଣ ହେଲା ୧ ପାଇଁ ଚନ୍ଦ୍ର, ଇନ୍ଦୁ, ଅନନ୍ତ, ୨ ପାଇଁ ପକ୍ଷ, ନେତ୍ର, ୩ ପାଇଁ ଗୁଣ, କାଳ, ବହ୍ନି, ରାମ, ୪ ପାଇଁ ବେଦ, ଯୁଗ, ସମୁଦ୍ର, ୫ ପାଇଁ ଶର, ବାଣ, ଇନ୍ଦ୍ରିୟ, ଯକ୍ଷ, ଭୂତ, ସାୟକ, ୬ ପାଇଁ ରସ, ଋତୁ, ଅଙ୍ଗ, ଶାସ୍ତ୍ର, ରିପୁ, ଅରାତି ୭ ପାଇଁ ଅଶ୍ୱ, ମୁନି, ଋଷି, ସ୍ୱର, ଲୋକ, ଅଦ୍ରି, ପର୍ବତ, ୮ ପାଇଁ ଗଜ, କୁଞ୍ଜର, ବସୁ, ଯମ, ଭୋଗୀ, ୯ ପାଇଁ ଗୋ, ଛିଦ୍ର, ଗ୍ରହ, ନିଧି, ରତ୍ନ, ନନ୍ଦ, ୧୦ ପାଇଁ ଦିକ୍, ଦୋଷ, ପଙ୍କ୍ତି, ୧୧ ପାଇଁ ଈଶ, ରୁଦ୍ର, ୧୨ ପାଇଁ ସୂର୍ଯ୍ୟ, ଆଦିତ୍ୟ, ୧୩ ପାଇଁ ବିଶ୍ୱଦେବ, ୧୪ ପାଇଁ ଇନ୍ଦ୍ର, ୧୫ ପାଇଁ ତିଥି, ୧୬ ପାଇଁ କଳା, ଭୂପ, ୧୭ ପାଇଁ ଆତ୍ୟଷ୍ଟି, ଦିକ୍ସ୍ୱର, ୧୮ ପାଇଁ ଦିଗ୍ୱସୁ, ୧୯ ପାଇଁ ଦିଗ୍ଗ୍ରହ ଓ ୨୦ ପାଇଁ ନଖ, କୃତି ଇତ୍ୟାଦି ।

ଏହି ପରି ସୂଚକ ଶବ୍ଦରେ ଯତିସ୍ଥାନ ଉଲ୍ଲେଖନର ଅଧିକାର ଏହି ଗ୍ରନ୍ଥ ସାରା ରହିବ ।

ଇତି ପ୍ରଥମୋଽଧ୍ୟାୟଃ ସମାପ୍ତଃ

ଦ୍ୱିତୀୟୋଽଧ୍ୟାୟଃ

ପାଠ୍ୟପରିଚୟ

ବୈଦିକଛନ୍ଦଃ

ଗାୟତ୍ରୀଭେଦପରିଚୟ

छन्दः ॥ 2.01

ଛନ୍ଦଃ ॥ 2.01

ଏ ଗ୍ରନ୍ଥ ଛନ୍ଦ ଛନ୍ଦର ଚର୍ଚ୍ଚା କରେ ।

ଏଥିରେ ଯାହା କିଛି ଆଲୋଚନା ଅଛି ସେ ସବୁ କେବଳ ଛନ୍ଦଃଶାସ୍ତ୍ରର ସମ୍ବନ୍ଧିତ ।

गायत्री ॥ 2.0 ଗାୟତ୍ରୀ ॥ 2.02

ପ୍ରଥମେ ଗାୟତ୍ରୀ ଛନ୍ଦର ଅଧିକାର ।

ଏବେ ଗାୟତ୍ରୀର ଚର୍ଚ୍ଚା (ସୂତ୍ର 2.13 ଯାଏ) ଚାଲିବ ।

दैव्येकम् ॥ 2.03

ଦୈବ୍ୟେକମ୍ ॥ 2.03

ଦୈବୀ ଗାୟତ୍ରୀ ଏକାକ୍ଷରଚ୍ଛନ୍ଦ । ଯଥା: ଓମ୍ ।

ପୂର୍ବ ସୂତ୍ରର ଅନୁବୃତ୍ତିରୁ *ଦୈବୀ* ଅର୍ଥ ଦୈବୀ ଗାୟତ୍ରୀ ।

आसुरी पञ्चदशाः ॥ 2.04

ଆସୁରୀ ପଞ୍ଚଦଶାଃ ॥ 2.04

ଆସୁରୀ ପଞ୍ଚଦଶାକ୍ଷରଚ୍ଛନ୍ଦ ।

ପୂର୍ବ ପରି ଏଠାରେ *ଆସୁରୀ* ଅର୍ଥ ଆସୁରୀ ଗାୟତ୍ରୀ । ଏହାର ପ୍ରତି ପାଦରେ ପନ୍ଦର ବର୍ଣ୍ଣ ।

प्राजापत्याऽष्टौ ॥ 2.05

ପ୍ରାଜାପତ୍ୟାଽଷ୍ଟୌ ॥ 2.05

ପ୍ରାଜାପତ୍ୟା ଗାୟତ୍ରୀ ଅଷ୍ଟାକ୍ଷରଚ୍ଛନ୍ଦ ।

ପ୍ରାଜାପତ୍ୟା ଗାୟତ୍ରୀରେ ପ୍ରତିପାଦରେ ଆଠ ବର୍ଣ୍ଣ ରହେ । ଏହିପରି ଏଥିରେ 8×3= 24 ବର୍ଣ୍ଣ ଥାଏ ।

यजुषां षट् ॥ 2.06

ୟଜୁଷାଂ ଷଟ୍ ॥ **2.06**

ୟାଜୁଷୀ ଗାୟତ୍ରୀର ପ୍ରତି ପାଦରେ ଛ ବର୍ଣ୍ଣ ।

साम्नां द्विः ॥ 2.07

ସାମ୍ନାଂ ଦ୍ୱିଃ ॥ **2.07**

ସାମ୍ନୀରେ ଦ୍ୱି ଷଟ୍ ବା ତା ଦୁଇଥର ଷଟ୍ ବା 6 ।

ସାମ୍ନୀ ଗାୟତ୍ରୀର ପ୍ରତି ପାଦରେ 6×2= 12ଟି ବର୍ଣ୍ଣ ଥାଏ । ଏଠି ଅନୁବୃତ୍ତିରୁ ବୁଝିବା ସାମ୍ନୀ ଗାୟତ୍ରୀ ।

ऋचां त्रिः ॥ 2.08

ଋଚାଂ ତ୍ରିଃ ॥ **2.08**

ଆର୍ଚୀ ଅର୍ଥ ହେଲା ବୈଦିକ ଋଚା ସମ୍ବନ୍ଧିତ । ଏହି ଆର୍ଚୀ ଗାୟତ୍ରୀରେ ଏହାର ତିନି ଗୁଣ ଅର୍ଥାତ୍ ପ୍ରତି ପାଦ 6×3= 18 ବର୍ଣ୍ଣ ।

ଏଠି ଗାୟତ୍ରୀ ଓ ଷଟ୍ ପୂର୍ବାନୁବୃତ୍ତିରୁ ଗୃହୀତ ।

द्वौ द्वौ साम्नां वर्धेत ॥ 2.09

ଦ୍ୱୌ ଦ୍ୱୌ ସାମ୍ନାଂ ବର୍ଧେତ ॥ **2.09**

ସାମ୍ନୀରେ ଗାୟତ୍ରୀଠୁ ଆଗକୁ ଦୁଇ ଦୁଇ କରି ବର୍ଣ୍ଣ ବଢି ଚାଲିବ ।

ବେଦରେ ପ୍ରମୁଖ ଛନ୍ଦଃସମୂହ ଛୋଟରୁ ବଡ କ୍ରମରେ ହେଲା ଗାୟତ୍ରୀ 6 ବର୍ଣ୍ଣ ଉଷ୍ଣିକ୍ 7 ବର୍ଣ୍ଣ ଅନୁଷ୍ଟୁପ୍ 8 ବର୍ଣ୍ଣ ବୃହତୀ 9 ବର୍ଣ୍ଣ ପଙ୍କ୍ତି 10 ବର୍ଣ୍ଣ ତ୍ରିଷ୍ଟୁପ୍ 11 ବର୍ଣ୍ଣ ଓ ଜଗତୀ 12 ବର୍ଣ୍ଣ ।

ତଦନୁଯାୟୀ ବୁଝିବାକୁ ହେବ ଯେ *ସାମ୍ନୀ ଗାୟତ୍ରୀ* 12 ବର୍ଣ୍ଣ ହେଇ ଥିବାରୁ *ସାମ୍ନୀ ଉଷ୍ଣିକ୍* 14 ବର୍ଣ୍ଣ *ସାମ୍ନୀ ଅନୁଷ୍ଟୁପ୍* 16 ବର୍ଣ୍ଣ *ସାମ୍ନୀ ବୃହତୀ* 18 ବର୍ଣ୍ଣ *ସାମ୍ନୀ ପଙ୍କ୍ତି* 20 ବର୍ଣ୍ଣ *ସାମ୍ନୀ ତ୍ରିଷ୍ଟୁପ୍* 22 ବର୍ଣ୍ଣ ଓ *ସାମ୍ନୀ ଜଗତୀ* 24 ବର୍ଣ୍ଣ ପ୍ରତି ପାଦର ଛନ୍ଦ ।

त्रींस्त्रीनृचाम् ॥ 2.10

ତ୍ରୀଂସ୍ତ୍ରୀନୃଚାମ୍ ॥ **2.10**

ତ୍ରୀନ୍ ତ୍ରୀନ୍ ଋଚାମ୍ । ଅର୍ଥ ହେଉଛି ଆର୍ଚୀ ଗାୟତ୍ରୀଠୁ ଆଗକୁ ତିନି ତିନି କରି ବର୍ଣ୍ଣ ବଢି ଚାଲିବ । ପୂର୍ବ ସୂତ୍ରର ଅନୁବୃତ୍ତି ହେଲା ବଢିବା କଥା - ବର୍ଧେତ ।

ଫଳ ସ୍ୱରୂପ *ଆର୍ଚୀ ଗାୟତ୍ରୀରେ* 18 ବର୍ଣ୍ଣ ରହୁ ଥିବାରୁ *ଆର୍ଚୀ ଉଷ୍ଣିକ୍‌ରେ* **21** *ଆର୍ଚୀ ଅନୁଷ୍ଟୁପ୍‌ରେ* **24** *ଆର୍ଚୀ ବୃହତୀରେ* **27** *ଆର୍ଚୀ ପଙ୍କ୍ତିରେ* **30** *ଆର୍ଚୀ ତ୍ରିଷ୍ଟୁପ୍‌ରେ 33* ଓ *ଆର୍ଚୀ ଜଗତୀରେ* ବର୍ଣ୍ଣ ସଙ୍ଖ୍ୟା 36 ।

चतुरश्चतुरः प्राजापत्यायाः ॥ 2.11

ଚତୁରଶ୍ଚତୁରଃ ପ୍ରାଜାପତ୍ୟାୟାଃ ॥ **2.11**

ପ୍ରାଜାପତ୍ୟାରେ ଚାରି ଚାରି । 2.09 ଓ 2.10ର ଅନୁବୃତ୍ତି ହେଲା ଆର୍ଚୀ ଗାୟତ୍ରୀଠୁ ବୃହତ୍ତର ବୃହତ୍ତର ଛନ୍ଦ ଦୁଇ ଦୁଇ ଓ ସାମ୍ନୀ ଗାୟତ୍ରୀଠୁ ତେଣିକି ତିନି ତିନି ବର୍ଣ୍ଣ ବଢିଲା ପରି ପ୍ରାଜାପତ୍ୟା ଗାୟତ୍ରୀଠୁ ବୃହତ୍ତର ବୃହତ୍ତର ଗାୟତ୍ରୀରେ ଚାରି ଚାରି ବର୍ଣ୍ଣ ବଢି ଚାଲିବ ।

ଏହି କ୍ରମରେ ବିଚାରିଲେ *ପ୍ରାଜାପତ୍ୟା ଗାୟତ୍ରୀ* 8 ବର୍ଣ୍ଣର (2.05) ହେଇ ଥିବାରୁ *ପ୍ରାଜାପତ୍ୟା ଉଷ୍ଣିକ୍* 12 ବର୍ଣ୍ଣର *ପ୍ରାଜାପତ୍ୟା ଅନୁଷ୍ଟୁପ୍* 16 ବର୍ଣ୍ଣର *ପ୍ରାଜାପତ୍ୟା ବୃହତୀ* 20 ବର୍ଣ୍ଣର *ପ୍ରାଜାପତ୍ୟା ପଙ୍କ୍ତି* 24 ବର୍ଣ୍ଣର *ପ୍ରାଜାପତ୍ୟା ତ୍ରିଷ୍ଟୁପ୍* 28 ବର୍ଣ୍ଣର ଓ *ପ୍ରାଜାପତ୍ୟା ଜଗତୀ* ହେଉଛି 32 ବର୍ଣ୍ଣର ଛନ୍ଦ ।

एकैकं शेषे ॥ 2.12

ଏକୈକଂ ଶେଷେ ॥ **2.12**

ଅବଶେଷ ଦ୍ୱୟରେ ଏକ ଏକ ଲେଖା ବଢିବ । ଏଠାରେ ବର୍ଧେତ (ବଢିବ)ର ଅନୁବୃତ୍ତି ହେଲା । ଚର୍ଚ୍ଚା ପାଇଁ ଅବଶିଷ୍ଟ ରହିଛି ଦୈବୀ ଓ ଯାଜୁଷୀ ଗାୟତ୍ରୀ ।

ଉପର ସୂତ୍ରଗୁଡିକ ପରି *ଦୈବୀ ଗାୟତ୍ରୀ*ରେ 1 ବର୍ଣ୍ଣ (2.03) ଥିବାରୁ *ଦୈବୀ ଉଷ୍ଣିକ୍*ରେ 2 *ଦୈବୀ ଅନୁଷ୍ଟୁପ୍*ରେ 3 *ଦୈବୀ ବୃହତୀ*ରେ 4 *ଦୈବୀ ପଙ୍କ୍ତି*ରେ 5 *ଦୈବୀ ତ୍ରିଷ୍ଟୁପ୍*ରେ 6 ଓ *ଦୈବୀ ଜଗତୀ*ରେ 7 ବର୍ଣ୍ଣ ଥାଏ ।

ତଥା ଚ *ଯାଜୁଷୀ ଗାୟତ୍ରୀ*ରେ 6 ବର୍ଣ୍ଣ (2.06) ପରଠୁ *ଯାଜୁଷୀ ଉଷ୍ଣିକ୍* **7** *ଯାଜୁଷୀ ଅନୁଷ୍ଟୁପ୍* **8** *ଯାଜୁଷୀ ବୃହତୀ* **9** *ଯାଜୁଷୀ ପଙ୍କ୍ତି* **10** *ଯାଜୁଷୀ ତ୍ରିଷ୍ଟୁପ୍* 11 ଓ *ଯାଜୁଷୀ ଜଗତୀ* ପ୍ରତି ପାଦ 12 ବର୍ଣ୍ଣର ଛନ୍ଦ ।

जह्यादासुरी ॥ 2.13

ଜହ୍ୟାଦାସୁରୀ ॥ **2.13**

ଜହ୍ୟାତ୍+ଆସୁରୀ= ଜହ୍ୟାଦାସୁରୀ । ହା ଧାତୁ ବିଧିଲିଙ୍ ପ୍ରଥମ ପୁରୁଷ ଏକବଚନ ଜହ୍ୟାତ୍ । ଏଠାରେ ଏକୈକମ୍ ଓ ଗାୟତ୍ରୀ ଶବ୍ଦର ଅନୁବୃତ୍ତି ହେବ ।

ବକ୍ତବ୍ୟ ହେଲା - ଆସୁରୀ ଗାୟତ୍ରୀରୁ ଆସୁରୀ ଉଷ୍ଣିକ୍ ଆସୁରୀ ଅନୁଷ୍ଟୁପ୍ ଆଦି ଛନ୍ଦର କ୍ରମାନ୍ୱୟରେ ସୃଷ୍ଟି କରିବା ନିମନ୍ତେ ଏକ ଏକ କରି ବର୍ଣ୍ଣ ଓଲଟା ହ୍ରାସ କରି ଚାଲିବାକୁ ହେବ ।

*ଆସୁରୀ ଗାୟତ୍ରୀ*ରେ 15ଟି ଲେଖା ବର୍ଣ୍ଣ (2.04) ରହେ । ତେଣୁ *ଆସୁରୀ ଉଷ୍ଣିକ୍*ରେ 14 *ଆସୁରୀ ଅନୁଷ୍ଟୁପ୍*ରେ 13 *ଆସୁରୀ ବୃହତୀ*ରେ 12 *ଆସୁରୀ ପଙ୍କ୍ତି*ରେ 11 *ଆସୁରୀ ତ୍ରିଷ୍ଟୁପ୍*ରେ 10 ଓ *ଆସୁରୀ ଜଗତୀ*ରେ 9 ବର୍ଣ୍ଣ ରହେ ।

***तान्युष्णिगनुष्टुब्बृहतीपङ्क्तित्रिष्टुब्जगत्यः* ॥ 2.14**

***ତାନ୍ୟୁଷ୍ଣିଗନୁଷ୍ଟୁବ୍ବୃହତୀପଙ୍କ୍ତିତ୍ରିଷ୍ଟୁବ୍ଜଗତ୍ୟଃ* ॥ 2.14**

ସେହି ସବୁ (ତାନି) ଦୈବୀ ଆସୁରୀ ପ୍ରାଜାପତ୍ୟା ଯାଜୁଷୀ ସାମ୍ନୀ ଓ ଆର୍ଚୀ (ଏ 6 ପ୍ରକାର) ଗାୟତ୍ରୀର ଲକ୍ଷଣ ଦର୍ଶାଇ ଦିଆ ଗଲା ।

ଏ ସବୁର ପୁଣି ଗାୟତ୍ରୀ ଉଷ୍ଣିକ୍ ଅନୁଷ୍ଟୁପ୍ ବୃହତୀ ପଙ୍କ୍ତି ତ୍ରିଷ୍ଟୁପ୍ ଜଗତୀ - ଏ 7 ପ୍ରକାର ଭେଦ ରହିଛି । ଏ ସବୁ ଭେଦ ମଧ୍ୟ ଦିଆ ଗଲା ।

ଏହି ପରି ଗାୟତ୍ରୀର ମୋଟ 6× 7= 42ଟି ଭେଦର ଚର୍ଚ୍ଚା ସମାପ୍ତ ହେଲା ।

***तिस्रस्तिस्रः सनाम्न्यः एकैका ब्राह्म्यः* ॥ 2.15**

ତିସ୍ରସ୍ତିସ୍ରଃ ସନାମ୍ନ୍ୟଃ ଏକୈକା ବ୍ରାହ୍ମ୍ୟଃ ॥ **2.15**

ସନାମ୍ନ୍ୟଃ (ଏକ ନାମ ଥିବା) ତିସ୍ରଃ ତିସ୍ରଃ (*ଯାଜୁଷୀ ସାମ୍ନୀ ଆର୍ଚୀ* - ଏହି ତିନି ଭେଦ) ଏକୈକା (ଥରେ ଲେଖା) ମିଶି ବ୍ରାହ୍ମ୍ୟ (ବିଭିନ୍ନ ବ୍ରାହ୍ମୀ ନାମକ) ଛନ୍ଦ ହୁଏ ।

*ବ୍ରାହ୍ମୀ ଗାୟତ୍ରୀ*ରେ ଯାଜୁଷୀ ଗାୟତ୍ରୀର 6+ ସାମ୍ନୀ ଗାୟତ୍ରୀର 12+ ଆର୍ଚୀ ଗାୟତ୍ରୀର 18= ଏହି ପରି 36 ବର୍ଣ୍ଣ ରହେ । ତଥା ଚ

*ବ୍ରାହ୍ମୀ ଉଷ୍ଣିକ୍*ରେ ଯାଜୁଷୀ ଉଷ୍ଣିକ୍ର 7+ ସାମ୍ନୀ ଉଷ୍ଣିକ୍ର 14+ ଆର୍ଚୀ ଉଷ୍ଣିକ୍ର 21= ଏହି ପରି 42 ବର୍ଣ୍ଣ ରହେ ।

*ବ୍ରାହ୍ମୀ ଅନୁଷ୍ଟୁପ୍*ରେ ଯାଜୁଷୀ ଅନୁଷ୍ଟୁପ୍ର 8+ ସାମ୍ନୀ ଅନୁଷ୍ଟୁପ୍ର 16+ ଆର୍ଚୀ ଅନୁଷ୍ଟୁପ୍ର 24= ଏହି ପରି 48 ବର୍ଣ୍ଣ ରହେ ।

*ବ୍ରାହ୍ମୀ ବୃହତୀ*ରେ ଯାଜୁଷୀ ବୃହତୀର 9+ ସାମ୍ନୀ ବୃହତୀର 18+ ଆର୍ଚୀ ବୃହତୀର 27= ଏହି ପରି 54 ବର୍ଣ୍ଣ ରହେ ।

*ବ୍ରାହ୍ମୀ ପଙ୍କ୍ତି*ରେ ଯାଜୁଷୀ ପଙ୍କ୍ତିର 10+ ସାମ୍ନୀ ପଙ୍କ୍ତିର 20+ ଆର୍ଚୀ ପଙ୍କ୍ତିର 30= ଏହି ପରି 60 ବର୍ଣ୍ଣ ରହେ ।

*ବ୍ରାହ୍ମୀ ତ୍ରିଷ୍ଟୁପ୍*ରେ ଯାଜୁଷୀ ତ୍ରିଷ୍ଟୁପ୍ର 11+ ସାମ୍ନୀ ତ୍ରିଷ୍ଟୁପ୍ର 22+ ଆର୍ଚୀ ତ୍ରିଷ୍ଟୁପ୍ର 33=ଘଳଗିୟତ

ପରି 66 ବର୍ଣ୍ଣ ରହେ ।

*ବ୍ରାହ୍ମୀ ଜଗତୀ*ରେ ଯାଜୁଷୀ ଜଗତୀର 12+ ସାମ୍ନୀ ଜଗତୀର 24+ ଆର୍ଚୀ ଜଗତୀର 36= ଏହି ପରି 72 ବର୍ଣ୍ଣ ରହେ ।

प्राग्यजुषामार्ष्येति ॥ 2.16

ପ୍ରାଗ୍ୟଜୁଷାମାର୍ଷ୍ୟେତି ॥ **2.16**

ପ୍ରାକ୍ ଯଜୁଷାମ୍ (ଯାଜୁଷୀ ପୂର୍ବସ୍ଥ ଅନ୍ୟ ତିନି ତିନି ଭେଦର) ଯୋଗରେ ସେହି ପରି ବିଭିନ୍ନ ଆର୍ଷ୍ୟ (ଆର୍ଷୀ) ଛନ୍ଦ ହୁଏ ଇତି ॥ ଏଠାରେ ସୂତ୍ର 2.15ରୁ ତିସ୍ରସ୍ତିସ୍ରର ଅନୁବୃତ୍ତି ହେଲା । ଇତି ଶବ୍ଦରେ ଆଧ୍ୟାୟର ସମାପ୍ତି ଘୋଷଣା ହେଲା ।

ଏହା ଫଳରେ 7 ବିଭିନ୍ନ ବ୍ରାହ୍ମୀ ପରି 7 ବିଭିନ୍ନ ଆର୍ଷୀ ଛନ୍ଦ ନିମ୍ନ ମତେ ଉଦ୍ଭୂତ ହେଲା । ଯଥା

*ଆର୍ଷୀ ଗାୟତ୍ରୀ*ରେ ପ୍ରାଜାପତ୍ୟା ଗାୟତ୍ରୀର 8+ ଆସୁରୀ ଗାୟତ୍ରୀର 15+ ଦୈବୀ ଗାୟତ୍ରୀର 1= ଏହି ପରି 24 ବର୍ଣ୍ଣ ରହେ । ତଥାଚ

*ଆର୍ଷୀ ଉଷ୍ଣିକ୍*ରେ ପ୍ରାଜାପତ୍ୟା ଉଷ୍ଣିକ୍ର 12+ ଆସୁରୀ ଉଷ୍ଣିକ୍ର 14+ ଦୈବୀ ଉଷ୍ଣିକ୍ର 2= ଏହି ପରି 28 ବର୍ଣ୍ଣ ରହେ ।

*ଆର୍ଷୀ ଅନୁଷ୍ଟୁପ୍*ରେ ପ୍ରାଜାପତ୍ୟା ଅନୁଷ୍ଟୁପ୍ର 16+ ଆସୁରୀ ଅନୁଷ୍ଟୁପ୍ର 13+ ଦୈବୀ ଅନୁଷ୍ଟୁପ୍ର 3= ଏହି ପରି 32 ବର୍ଣ୍ଣ ରହେ ।

*ଆର୍ଷୀ ବୃହତୀ*ରେ ପ୍ରାଜାପତ୍ୟା ବୃହତୀର 20+ ଆସୁରୀ ବୃହତୀର 12+ ଦୈବୀ ବୃହତୀର 4= ଏହି ପରି 36 ବର୍ଣ୍ଣ ରହେ ।

*ଆର୍ଷୀ ପଙ୍କ୍ତି*ରେ ପ୍ରାଜାପତ୍ୟା ପଙ୍କ୍ତିର 24+ ଆସୁରୀ ପଙ୍କ୍ତିର 11+ ଦୈବୀ ପଙ୍କ୍ତିର 5= ଏହି ପରି 40 ବର୍ଣ୍ଣ ରହେ ।

*ଆର୍ଷୀ ତ୍ରିଷ୍ଟୁପ୍*ରେ ପ୍ରାଜାପତ୍ୟା ତ୍ରିଷ୍ଟୁପ୍ର 28+ ଆସୁରୀ ତ୍ରିଷ୍ଟୁପ୍ର 10+ ଦୈବୀ ତ୍ରିଷ୍ଟୁପ୍ର 6= ଏହି ପରି 44 ବର୍ଣ୍ଣ ରହେ ।

*ଆର୍ଷୀ ଜଗତୀ*ରେ ପ୍ରାଜାପତ୍ୟା ଜଗତୀର 32+ ଆସୁରୀ ଜଗତୀର 9+ ଦୈବୀ ଜଗତୀର 7= ଏହି ପରି 48 ବର୍ଣ୍ଣ ରହେ ।

ଇତି ଦ୍ୱିତୀୟୋଽଧ୍ୟାୟଃ ସମାପ୍ତଃ

ଅଥ ତୃତୀୟୋଽଧ୍ୟାୟଃ ପ୍ରାରମ୍ଭଃ

ପାଦ

ଗାୟତ୍ରୀ	ଜଗତୀ
ବିରାଜ୍(ଟ୍)	ତ୍ରିଷ୍ଟୁପ୍

ପାଦବିନ୍ୟାସ

(ପ୍ରଥମ ସପ୍ତକରେ)

ଗାୟତ୍ରୀ	ଉଷ୍ଣିକ୍
ଅନୁଷ୍ଟୁପ୍	ବୃହତୀ
ପଙ୍କ୍ତି	ତ୍ରିଷ୍ଟୁପ୍
ଜଗତୀ	

पादः ॥ 3.01

ପାଦଃ ॥ **3.01**

ପାଦ ଅର୍ଥ ଏକ ଚତୁର୍ଥାଂଶ, ଅନ୍ୟ ଅର୍ଥ ଚରଣ । ଛନ୍ଦରେ ସାଧାରଣତଃ 4ଟି ଭାଗ ଥାଏ । ଏହାର ନାମ ପାଦ । ଏହାକୁ ଚରଣ ମଧ୍ୟ କହା ଯାଏ ।

ଏହି ଅଧ୍ୟାୟର ଶେଷ ପର୍ଯ୍ୟନ୍ତ ପାଦର ଲକ୍ଷଣ ବିଷୟରେ ଚର୍ଚ୍ଚା ହେବ ।

ବେଦର ମନ୍ତ୍ରଚୟ 1, 2, 3, 4 ବା 5 ପାଦର ବି ଅଛନ୍ତି । ଏକ ପାଦ ଥିଲେ ଏକପାଦ୍ ଦୁଇ ପାଦ ଥିଲେ ଦ୍ୱିପାଦ୍ ତିନି ପାଦ ଥିଲେ ତ୍ରିପାଦ୍ ଚାରି ପାଦ ଥିଲେ ଚତୁଷ୍ପାଦ୍ କହା ଯାଏ । ବେଦସ୍ଥ ଗାୟତ୍ରୀ ଆଦି କିଛି ଛନ୍ଦ

ସାଧାରଣତଃ ତ୍ରିପାଦ୍ ।

ଅନ୍ୟ ଛନ୍ଦସବୁ ପ୍ରାୟତଃ ଚତୁଷ୍ପାଦ୍ । ଏଠାରେ ସେଥିରୁ ଗୋଟିଏ ଲେଖା ପାଦର ଲକ୍ଷଣ ଦିଆ ଯାଇଛି । ବାକି ପାଦ ସବୁ ସେହି ପରି ।

इयादिपूरणः ॥ 3.02

ଇୟାଦିପୂରଣଃ **॥ 3.02**

ଏଠାରେ ପାଦ ଶବ୍ଦର ଅନୁବୃତ୍ତିରୁ ଅର୍ଥ ହେଲା ବର୍ଣ୍ଣ ସଙ୍ଖ୍ୟା ଛନ୍ଦର ବିଧାନଠୁ ଊଣା ଥିଲେ ଇୟ ଆଦି ଯୋଗରୁ ପାଦ ପୂରଣ କରି ଛନ୍ଦଃପାଠ କରିବେ । ଯଥା

ତତ୍ସବିତୁଃ ବରେଣ୍ୟମ୍ (7 ବର୍ଣ୍ଣ) ଓ ଅନ୍ୟ ଦୁଇ ପାଦରେ 8-8 ବର୍ଣ୍ଣ ମିଶି 23 ବର୍ଣ୍ଣ । କିନ୍ତୁ ଏହାର ଗାୟତ୍ରୀ ନାମ ହେତୁ 24 ବର୍ଣ୍ଣ ହେବା କଥା । ଏପରି ସ୍ଥଳେ ବରେଣ୍ୟମ୍ ନ କହି ବରେଣୀୟମ କହି ପାଠ କଲେ ଗାୟନ ଗାୟତ୍ରୀ ନିୟମରେ ହେବ ।

गायत्र्या वसवः ॥ 3.03

ଗାୟତ୍ର୍ୟା ବସବଃ **॥ 3.03**

ବୈଦିକ *ଗାୟତ୍ରୀ*ର ପାଦରେ ବସୁ (8) ସଙ୍ଖ୍ୟକ ବର୍ଣ୍ଣ ରହେ ।

जगत्या आदित्याः ॥ 3.04

ଜଗତ୍ୟା ଆଦିତ୍ୟାଃ **॥ 3.04**

*ଜଗତୀ ଛନ୍ଦ*ର ପାଦରେ 12 (ଆଦିତ୍ୟ ସଙ୍ଖ୍ୟକ) ତେଣୁ ଚାରି ପାଦ ମିଶି 48 ବର୍ଣ୍ଣ ।

विराजो दिशः ॥ 3.05

ବିରାଜୋ ଦିଶଃ **॥ 3.05**

ବିରାଟ୍ (ବିରାଜ୍) ଛନ୍ଦର ପ୍ରତି ପାଦରେ 10 (ଦିକ୍ ସଙ୍ଖ୍ୟକ ବା ଦିଶଃ) ବର୍ଣ୍ଣ ରହେ ।

त्रिष्टुभो रुद्राः ॥ 3.06

ତ୍ରିଷ୍ଟୁଭୋ ରୁଦ୍ରାଃ **॥ 3.06**

*ତ୍ରିଷ୍ଟୁପ୍*ର ପାଦରେ 11 (ରୁଦ୍ର ସଙ୍ଖ୍ୟକ) ବର୍ଣ୍ଣ ।

एकद्वित्रिचतुष्पादुक्तपादम् ॥ 3.07

ଏକଦ୍ବିତ୍ରିଚତୁଷ୍ପାଦୁକ୍ତପାଦମ୍ **॥ 3.07**

ଏକ-ଦ୍ବି-ତ୍ରି-ଚତୁଷ୍ପାଦ୍-ଉକ୍ତ-ପାଦମ୍ । ଉପରେ ଉକ୍ତ ଚାରିଟି ଛନ୍ଦ (ଗାୟତ୍ରୀ ଜଗତୀ ବିରାଜ୍ ଓ ତ୍ରିଷ୍ଟୁପ୍ ସ୍ଥଳ ବିଶେଷରେ ଏକପାଦ୍ ଦ୍ୱିପିଦ୍ ତ୍ରିପାଦ୍ ବା ଚତୁଷ୍ପାଦ୍ ହେଇ ପାରନ୍ତି ।

आद्यं चतुष्पादृतुभिः ॥ 3.08

ଆଦ୍ୟଂ ଚତୁଷ୍ପାଦୃତୁଭିଃ ॥ **3.08**

ଏଥିରୁ ପ୍ରଥମୋକ୍ତ (ଆଦ୍ୟଂ) ଅର୍ଥାତ୍ ଗାୟତ୍ରୀ ଛନ୍ଦ କୌଣସି କୌଣସିଠି 6 (ଋତୁ ସଙ୍ଖ୍ୟକ) ବର୍ଣ୍ଣର ଚାରି ପାଦବିଶିଷ୍ଟ (ଚତୁଷ୍ପାଦ୍) ମଧ ହେଇ ପାରେ ।

क्वचित्त्रिपादृषिभिः ॥ 3.09

କ୍ୱଚିତ୍ତ୍ରିପାଦୃଷିଭିଃ ॥ **3.09**

ଅନ୍ୟ କୌଣସିଠାରେ ଏହି *ଗାୟତ୍ରୀ* 7 (ଋଷି ସଙ୍ଖ୍ୟକ) ବର୍ଣ୍ଣର ହେଇ ତିନି ପାଦବିଶିଷ୍ଟ ଓ ଫଳତଃ ମୋଟ 21 ବର୍ଣ୍ଣର ହେଇ ପାରେ ।

सा पादनिचृत् ॥ 3.10

ସା ପାଦନିଚୃତ୍ ॥ **3.10**

(ସୂତ୍ର 3.09ର) ସେହି ପରି 21 ତ୍ରିପାଦ୍ ଗାୟତ୍ରୀର ନାମ *ପାଦନିଚୃତ୍ ଗାୟତ୍ରୀ ।*

षट्क-सप्तकयोर्मध्येऽष्टावतिपादनिवृत् ॥ 3.11

ଷଟ୍କ-ସପ୍ତକୟୋର୍ମଧ୍ୟେଽଷ୍ଟାବତିପାଦନିଚୃତ୍ ॥ **3.11**

ଯେଉଁ ଗାୟତ୍ରୀର ପ୍ରଥମ ପାଦରେ 6 ତୃତୀୟ ପାଦରେ 7 ଓ ତା ମଧରେ ଅର୍ଥାତ୍ ଦ୍ୱିତୀୟ ପାଦରେ 8 ବର୍ଣ୍ଣ (6+8+7=21) ଥିବ ତାହା *ଅତିପାଦନିଚୃତ୍ ଗାୟତ୍ରୀ ।* (ମଧ୍ୟେ ଅଷ୍ଟୌ ଅତିପାଦନିଚୃତ୍ ।)

द्वौ नवकौ षट्कष्च नागी ॥ 3.12

ଦ୍ୱୌ ନବକୌ ଷଟ୍କଶ୍ଚ ନାଗୀ ॥ **3.12**

ପ୍ରଥମ ଦୁଇ ପାଦରେ 9-9 ଓ ତୃତୀୟ ପାଦରେ 6 ବର୍ଣ୍ଣ (9+9+6= 24) ଥିଲେ ତାହା *ନାଗୀ ଗାୟତ୍ରୀ* ।

विपरीता वाराही ॥ 3.13

ବିପରୀତା ବାରାହୀ **॥ 3.13**

ଏହାର ବିପରୀତ ପ୍ରଥମ ପାଦରେ 6 ଓ ତା ପର ଦୁଇ ପାଦରେ 9ଟି ଲେଖା ବର୍ଣ୍ଣ (6+9+9=24) ଥିଲେ ତାହା *ବାରାହୀ ଗାୟତ୍ରୀ ।*

षट्कसप्तकाष्टकैर्वर्धमाना ॥ 3.14

ଷଟ୍କସପ୍ତକାଷ୍ଟକୈର୍ବର୍ଧମାନା**॥ 3.14**

ଷଟ୍କ- ସପ୍ତକ- ଅଷ୍ଟକୈଃ ଅର୍ଥାତ୍ ତିନି ପାଦରେ କ୍ରମାନ୍ୱୟେ 6, 7 ଓ 8 ବର୍ଣ୍ଣ (6+7+8= 21) ଥିଲେ ତାହା *ବର୍ଧମାନା ଗାୟତ୍ରୀ ।*

विपरीता प्रतिष्ठा ॥ 3.15

ବିପରୀତା ପ୍ରତିଷ୍ଠା **॥ 3.15**

ଏହାର ବିପରୀତ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପାଦରେ ଯଥାକ୍ରମେ 8, 7 ଓ 6 ବର୍ଣ୍ଣ (8+7+6= 21) ଥିଲେ ତାହା *ପ୍ରତିଷ୍ଠା ଗାୟତ୍ରୀ ।*

तृतीयं द्विपाज्जागतगायत्राभ्याम् ॥ 3.16

ତୃତୀୟଂ ଦ୍ୱିପାଜ୍ଜାଗତଗାୟତ୍ରାଭ୍ୟାମ୍ **॥ 3.16**

ଯାହାର ପ୍ରଥମ ପାଦରେ ଜାଗତ (ଜଗତୀରୁ) ଅର୍ଥାତ୍ 12 ବର୍ଣ୍ଣ ଓ ଦ୍ୱିତୀୟ ପାଦରେ ଗାୟତ୍ରାଭ୍ୟାମ୍ (ଗାୟତ୍ରୀରୁ) ଅର୍ଥାତ୍ 8 ବର୍ଣ୍ଣ (12+8= 20) ଥିବ ତାହା ତୃତୀୟ ପ୍ରକାର ଅର୍ଥାତ୍ (ସୂତ୍ର 3.05ରେ କଥିତ) *ଦ୍ୱିପାଦ୍ ବିରାଟ୍ ଗାୟତ୍ରୀ* ବୋଲି କଥିତ ।

त्रिपात् त्रैष्टुभैः ॥ 3.17

ତ୍ରିପାତ୍ ତ୍ରୈଷ୍ଟୁଭୈଃ **॥ 3.17**

ଏଠି ପୂର୍ବସ୍ଥ ସୂତ୍ରରୁ ବିରାଟ୍ ଓ ଗାୟତ୍ରୀ ଶବ୍ଦର ଅନୁବୃତ୍ତି ଅଛି । ଯେଉଠି ତିନି ପାଦ ତ୍ରିଷ୍ଟୁଭୈଃ (ତ୍ରିଷ୍ଟୁପ୍‌ରେ) ଅର୍ଥାତ୍ 11 ଲେଖା ବର୍ଣ୍ଣ (11×3= 33) ଥିବ ତାହା *ତ୍ରିପାଦ୍ ବିରାଟ୍ ଗାୟତ୍ରୀ ।*

ଇତି ଗାୟତ୍ରୀ ଅଧିକାର ସମାପ୍ତ ।

ଅଥ ଉଷ୍ଣିକ୍ ॥

उष्णिग्गायत्रौ जागतश्च ॥ 3.18

ଉଷ୍ଣିଗ୍ଗାୟତ୍ରୌ ଜାଗତଶ୍ଚ ॥ **3.18**

ଯେଉଁ ଛନ୍ଦରେ ଗାୟତ୍ରୀଦ୍ୱୟ ପରି (ଗାୟତ୍ରୌ) ପ୍ରଥମ, ଦ୍ୱିତୀୟ ପାଦରେ 8-8 ଓ ତୃତୀୟରେ ଜଗତୀ ପରି (ଜାଗତଃ) 12 ବର୍ଣ୍ଣ (8+8+12= 28) ଥିବ ତାହା *ଉଷ୍ଣିକ୍* ଛନ୍ଦ ।

ककुम्मध्ये चेदन्त्यः ॥ 3.19

କକୁମ୍ମଧ୍ୟେ ଚେଦନ୍ତ୍ୟଃ ॥ **3.19**

ଏଠି ପୂର୍ବ ସୂତ୍ରରୁ ଜାଗତଃ ଶବ୍ଦର ଓ ଉଷ୍ଣିକ୍ ଶବ୍ଦର ଅନୁବୃତ୍ତି ହେବ । ଅର୍ଥ ହେଲା ଯଦି (ଚେତ୍) ପୂର୍ବ ସୂତ୍ରର ଅନ୍ତିମ (ଅନ୍ତ୍ୟଃ) ଜଗତୀ ପରି 12 ବର୍ଣ୍ଣ ବିଶିଷ୍ଟ (ଜାଗତଃ) ପାଦ ମଧ୍ୟରେ (ମଧ୍ୟେ) ଅର୍ଥାତ୍ ଦ୍ୱିତୀୟରେ ଥାଏ ଓ ତା ଦୁଇପଟେ ଅର୍ଥାତ୍ ପ୍ରଥମ ଓ ତୃତୀୟ ପାଦରେ 8-8 ବର୍ଣ୍ଣ (8+12+8= 28) ଥାଏ ତେବେ ସେହି ଛନ୍ଦ *କକୁବ୍ (କକୁଭ୍) ଉଷ୍ଣିକ୍* ବୋଲି ନାମିତ ।

पुरउष्णिक्पुरतः ॥ 3.20

ପୁରଉଷ୍ଣିକ୍ପୁରତଃ ॥ **3.20**

ଏଠାରେ ପୂର୍ବସୂତ୍ରରୁ ଜାଗତଃ ଓ ଚେତ୍ ଶବ୍ଦର ଅନୁବୃତ୍ତି ହେବ । ଅର୍ଥ ହେଲା, ଯଦି (ଚେତ୍) 12 ବର୍ଣ୍ଣର ପାଦ (ଜାଗତଃ) ପ୍ରଥମେ ବା ସର୍ବାଗ୍ରେ (ପୁରତଃ) ଥାଇ ଦ୍ୱିତୀୟ ଓ ତୃତୀୟ ପାଦରେ 8-8 ବର୍ଣ୍ଣ (12+8+8= 28) ଥାଏ ତେବେ ସେହି ଛନ୍ଦର ନାମ *ପୁରଉଷ୍ଣିକ୍* ।

परोष्णिक्परः ॥ 3.21

ପରୋଷ୍ଣିକ୍ପରଃ ॥ **3.21**

ଏଥିରେ ବି ପୂର୍ବ ପରି ଜାଗତଃ ଓ ଚେତ୍ ଶବ୍ଦର ଅନୁବୃତ୍ତି ହେବ । ଅର୍ଥ ହେବ ଯଦି (ଚେତ୍) 12 ବର୍ଣ୍ଣର ପାଦ (ଜାଗତଃ) ଅନ୍ତିମ ହୁଏ ତଥା ପ୍ରଥମ ଓ ଦ୍ୱିତୀୟ ପାଦରେ 8-8 ବର୍ଣ୍ଣ (8+8+12= 28) ରହେ ତେବେ ସେ ଛନ୍ଦ *ପରୋଷ୍ଣିକ୍* ନାମକ ।

चतुष्पादृषिभिः ॥ 3.22

ଚତୁଷ୍ପାଦୃଷିଭିଃ **॥ 3.22**

ଏଠାରେ ପୂର୍ବ ସୂତ୍ରରୁ ଉଷ୍ଣିକ୍ ଶବ୍ଦର ଅନୁବୃତ୍ତି ହେବ । ବକ୍ତବ୍ୟ ହେଲା ଚାରି ପାଦ (ଚତୁଷ୍ପାଦ୍) ଥାଇ ସବୁରେ 7(ଋଷି ସଙ୍ଖ୍ୟକ) ବର୍ଣ୍ଣ (7×4= 28) ଥିଲେ ସେ ଛନ୍ଦ *ଉଷ୍ଣିକ୍* ବୋଲି ଜାଣିବାକୁ ହେବ ।

ଇତି ଉଷ୍ଣିକ୍ ଅଧିକାର ସମାପ୍ତ ॥

ଅଥ ଅନୁଷ୍ଟୁପ୍ ॥

अनुष्टुब्गायत्रैः ॥ 3.23

ଅନୁଷ୍ଟୁବ୍‌ଗାୟତ୍ରୈଃ **॥ 3.23**

ଏଥିରେ ପୂର୍ବ ସୂତ୍ରରୁ ଚତୁଷ୍ପାଦ୍ ଶବ୍ଦର ଅନୁବୃତ୍ତି ଅଛି । ଚାରିଟି ପାଦ (ଚତୁଷ୍ପାଦ୍) ଗାୟତ୍ରୀ ଅର୍ଥାତ୍ 8 ଲେଖା ବର୍ଣ୍ଣ (8×4= 32) ଥିଲେ *ଅନୁଷ୍ଟୁପ୍* ଛନ୍ଦ ହୁଏ ।

त्रिपात्क्वचिज्जागदाभ्पा च ॥3.24

ତ୍ରିପାତ୍କ୍ୱଚିଜ୍ଜାଗଦାଭ୍ୟାଂ ଚ **॥ 3.24**

ଏଠି ପୂର୍ବସୂତ୍ରରୁ ଅନୁଷ୍ଟୁପ୍ ଓ ଗାୟତ୍ରୀ ଶବ୍ଦର ଅନୁବୃତ୍ତି ହେବ । କୌଣସି କୌଣସି କ୍ଷେତ୍ରରେ ତିନି ପାଦ (ତ୍ରିପାଦ୍) ଥାଇ ପ୍ରଥମରେ 8 ବର୍ଣ୍ଣ (ଗାୟତ୍ରୀ) ପରେ ଜଗତୀରୁ ପାଦଦ୍ୱୟ (ଜାଗଦାଭ୍ୟାଂ) ଅର୍ଥାତ୍ 12 ଲେଖା ବର୍ଣ୍ଣ (8+12+12= 32) ଥାଏ ଓ ଏହାର ନାମ *ତ୍ରିପାଦ୍ ଅନୁଷ୍ଟୁପ୍* ।

मध्येऽन्ते च ॥ 3.25

ମଧ୍ୟେଽନ୍ତେ ଚ **॥ 3.25**

ଏଠାରେ ଅନୁଷ୍ଟୁପ୍ ଓ ଜଗତୀର ଅନୁବୃତ୍ତି ଅଛି । ଉପରୋକ୍ତ ସୂତ୍ରରେ କଥିତ 12-12 ବର୍ଣ୍ଣର (ଜଗତୀ ଦ୍ୱୟର) ପୂର୍ବରୁ ନ ଥାଇ ଏ ଦୁଇର ମଧ୍ୟସ୍ଥ ବା ଶେଷ ହେବା ପରସ୍ଥ ପାଦରେ 8 ବର୍ଣ୍ଣ (12+12+8= 32 ବା 12+8+12= 32) ଥିଲେ ମଧ୍ୟ ତାହା *ତ୍ରିପାଦ୍ ଅନୁଷ୍ଟୁପ୍*ରେ ଗଣ୍ୟ ହେବ ।

ଇତି ଅନୁଷ୍ଟୁପ୍ ଅଧିକାର ସମାପ୍ତ ॥

ଅଥ ବୃହତୀ ॥

वृहती जागतस्त्रयश्च गायत्र्याः ॥ 3.26

ବୃହତୀ ଜାଗତସ୍ତ୍ରୟଶ୍ଚ ଗାୟତ୍ର୍ୟାଃ ॥ **3.26**

ପ୍ରଥମ ପାଦରେ ଜଗତୀ 12 ବର୍ଣ୍ଣ ଓ ତା ପର ଗାୟତ୍ରୀର ତିନି ପାଦ ଗାୟତ୍ରୀ ଅର୍ଥାତ୍ 8 ଲେଖା ବର୍ଣ୍ଣ (12+8+8+8= 36) ଥିବ ତାହା *ବୃହତୀ ଛନ୍ଦ ।*

पथ्या पूर्वश्चेत्तृतीयः ॥ 3.27

ପଥ୍ୟା ପୂର୍ବଶ୍ଚେତ୍ତୃତୀୟଃ ॥ **3.27**

ଅନୁବୃତ୍ତି ହେଲା ବୃହତୀ ଓ ଜାଗତଃ । ଯଦି ପୂର୍ବବର୍ତ୍ତୀ ସୂତ୍ରର ଜଗତୀପାଦ ପ୍ରଥମରେ ନ ରହି ତୃତୀୟରେ ରହେ ଓ ଏହି ତୃତୀୟରେ 12 ବର୍ଣ୍ଣ ହେଇ ଅନ୍ୟ ସବୁ ପାଦରେ 8 ଲେଖା ବର୍ଣ୍ଣ (8+8+12+8= 36) ହୁଏ ତେବେ ତାହା *ପଥ୍ୟା ବୃହତୀ ।*

न्यङ्कुसारिणी द्वितीयः ॥ 3.28

ନ୍ୟଙ୍କୁସାରିଣୀ ଦ୍ୱିତୀୟଃ ॥ **3.28**

ଯେବେ ଏହି ଜଗତୀ 12ବର୍ଣ୍ଣ ଦ୍ୱିତୀୟ ପାଦ ଓ ବାକି ତିନି ପାଦ 8 ଲେଖା ବର୍ଣ୍ଣର (8+12+8+8= 36) ହୁଏ ସେହି ଛନ୍ଦୋନାମ *ନ୍ୟଙ୍କୁସାରିଣୀ ବୃହତୀ ।*

स्कन्धोद्ग्रीवी क्रौष्टुकेः । ॥ 3.29

ସ୍କନ୍ଧୋଦ୍ଗ୍ରୀବୀ କ୍ରୌଷ୍ଟୁକେଃ ॥ **3.29**

ଏହି ନ୍ୟଙ୍କୁସାରିଣୀ ଛନ୍ଦ କ୍ରୌଷ୍ଟୁକି ଆଚାର୍ଯ୍ୟଙ୍କ *ସ୍କନ୍ଧୋଦ୍ଗ୍ରୀବୀ ବୃହତୀ* ମଧ୍ୟ ।

ଅର୍ଥାତ୍ *ସ୍କନ୍ଧୋଦ୍ଗ୍ରୀବୀ ବୃହତୀ* ହେଲା *ନ୍ୟଙ୍କୁସାରିଣୀ ବୃହତୀର* ନାମାନ୍ତର ମାତ୍ର ।

उरोवृहती यास्कस्य ॥ 3.30

ଉରୋବୃହତୀ ଯାସ୍କସ୍ୟ ॥ **3.30**

ଏହି ନ୍ୟଙ୍କୁସାରିଣୀ ଛନ୍ଦ ୟାସ୍କଙ୍କ ମତରେ ଉରୋବୃହତୀ ମଧ୍ୟ ।

ତେଣୁ ନ୍ୟଙ୍କୁସାରିଣୀ ବୃହତୀ, ସ୍କନ୍ଧୋଦ୍‌ଗ୍ରୀବୀ ବୃହତୀ ଓ ଉରୋବୃହତୀ - ଏ ତିନିଟା ଏକା ଛନ୍ଦର ଭିନ୍ନ ଭିନ୍ନ ନାମ । ଏଥି ମଧ୍ୟରୁ ଉରୋବୃହତୀ ନାମ ଅଧିକ ପ୍ରଚଳିତ ବୋଲି କହା ଯାଏ ।

उपरिष्टाद्‌वृहत्यन्ते ॥ 3.31

ଉପରିଷ୍ଟାଦ୍‌ବୃହତ୍ୟନ୍ତେ ॥ 3.31

ଅନୁବୃତ୍ତିରେ ଆସିଲା ଜାଗତଃ । ଯଦି ଏହି ଜଗତୀ ଜାତୀୟ 12 ବର୍ଣ୍ଣର ପାଦଟୀ ଶେଷରେ (ଅନ୍ତେ) ଥାଏ ଓ ଅନ୍ୟ ତିନି ପାଦରେ 8 ଲେଖା ବର୍ଣ୍ଣ (8+8+8+12= 36) ଥାଏ ତେବେ ତା ନାମ ହୁଏ *ଉପରିଷ୍ଟାଦ୍‌ବୃହତୀ ।*

पुरस्ताद्‌वृहती पुरः ॥ 3.32

ପୁରସ୍ତାଦ୍‌ବୃହତୀ ପୁରଃ ॥ 3.32

ଏଥିରେ ବି ଅନୁବୃତ୍ତି ସେହି ଜାଗତଃ । ଯଦି ଜଗତୀ ଜାତୀୟ (ଜାଗତଃ) 12 ବର୍ଣ୍ଣର ପାଦ ପ୍ରଥମରେ (ପୁରଃ) ରହି ଶେଷ ତିନି ପାଦରେ 8 ଲେଖା ବର୍ଣ୍ଣ (12+8+8+8= 36) ଥାଏ ତ ତାର ନାମ *ପୁରସ୍ତାଦ୍ ବୃହତୀ* ଛନ୍ଦ ।

क्वचिन्नवकाश्चत्वारः ॥ 3.33

କ୍ୱଚିନ୍ନବକାଶ୍ଚତ୍ୱାରଃ ॥ 3.33

ଏଥିରେ ବୃହତୀର ଅନୁବୃତ୍ତି ଅଛି । ଅନେକତ୍ର ଚାରିଟି ପାଦ ରହି ସବୁଥିରେ 9-9 ଲେଖା ବର୍ଣ୍ଣ (9×4= 36) ଥାଇ *ବୃହତୀ* ହୁଏ ।

विराजौ गायत्रौ च॥ 3.34

ବିରାଜୌ ଗାୟତ୍ରୌ ॥ 3.34

ଏଠି ଅନୁବୃତ୍ତି ବୃହତୀ । ଆଗେ ବିରାଟ୍‌ର ପାଦଦ୍ୱୟ 10-10 ବର୍ଣ୍ଣ ଓ ପରେ ଗାୟତ୍ରୀ ପାଦଦ୍ୱୟ 8-8 ବର୍ଣ୍ଣର (10+10+8+8= 36) ଥିଲେ ମଧ୍ୟ ବୃହତୀ ଛନ୍ଦ ହୁଏ ।

त्रिभिर्जागतैर्महावृहती ॥ 3.35

ତ୍ରିଭିର୍ଜାଗତୈର୍ମହାବୃହତୀ ॥ **3.35**

ମୋଟ ତିନି ପାଦ ଓ ସବୁ ଜଗତୀ ଅର୍ଥାତ୍ 12 ଲେଖା ବର୍ଣ୍ଣ (12×3= 36) ଥିଲେ ତାହା *ମହାବୃହତୀ* ।

सतोवृहती ताण्डिनः ॥ 3.36

ସତୋବୃହତୀ ତାଣ୍ଡିନଃ ॥ **3.36**

ମହାବୃହତୀର ଅନୁବୃତ୍ତି ହେବ । ଏହି ମହାବୃହତୀ ହିଁ ନାମାନ୍ତରେ ଆଚାର୍ଯ୍ୟ ତାଣ୍ଡୀଙ୍କ ନାମିତ *ସତୋବୃହତୀ* ।

ଇତି ବୃହତୀ ଅଧିକାର ସମାପ୍ତ ॥

ଅଥ ପଙ୍କ୍ତି ॥

पङ्क्तिर्जागतौ गायत्रौ ॥ 3.37

ପଙ୍କ୍ତିର୍ଜାଗତୌ ଗାୟତ୍ର ॥ **3.37**

12-12 ବର୍ଣ୍ଣର ଜଗତୀ ପାଦଦ୍ୱୟ (ଜାଗତୌ) ଓ 8-8 ବର୍ଣ୍ଣର ଗାୟତ୍ରୀ ପାଦଦ୍ୱୟର (ଗାୟତ୍ରୌ) ମିଶ୍ରଣରେ ଯେଉଁ ଛନ୍ଦ ହୁଏ ତାହା *ପଙ୍କ୍ତି* ଛନ୍ଦ ।

पूर्वौ चेदयुजौ सतःपङ्क्तिः ॥ 3.38

ପୂର୍ବୌ ଚେଦୟୁଜୌ ସତଃପଙ୍କ୍ତିଃ ॥ **3.38**

ଏଠି ଜାଗତୌ ଓ ଗାୟତ୍ରୌ ଶବ୍ଦର ଅନୁବୃତ୍ତି ଅଛି । ପୂର୍ବବର୍ତ୍ତୀ ସୂତ୍ରରେ କଥିତ ପ୍ରଥମୋକ୍ତ ଦୁଇ (ପୂର୍ବୌ) ପାଦ ଅଯୁଗ୍ମ ବା ବିଷମ ପାଦ ହେଲେ ଆର୍ଥାତ୍ ପ୍ରଥମ ଓ ତୃତୀୟ ପାଦ ହେଇ ରହିଲେ ଓ ଅନ୍ୟ ଦୁଇ ପାଦ ଯୁଗ୍ମ ବା ସମ ପାଦ ହେଲେ ଅର୍ଥାତ୍ ଦ୍ୱିତୀୟ ଓ ଚତୁର୍ଥ ପାଦ (12+8+12+8= 40) ହେଲେ ତାହା *ସତଃପଙ୍କ୍ତି* ଛନ୍ଦ ।

विपरीतौ च ॥ 3.39

ବିପରୀତୌ ଚ ॥ **3.39**

ଏଠାରେ ଅନୁବୃତ୍ତି ହେଲା ସତଃପଙ୍କ୍ତିଃ । ପୂର୍ବ ସୂତ୍ରରେ ପାଦଗୁଡିକର ଅବସ୍ଥିତି ବିପରୀତ ଥିଲେ ମଧ ଅର୍ଥାତ୍ ପୂର୍ବ ସୂତ୍ରର ସମପା ବିଷମ ହେଲେ ଓ ବିଷମ ପାଦ ସମ (8+12+8+12= 40) ହେଲେ ମଧ ଛନ୍ଦ ନାମ ସେହି *ସତଃପଙ୍କ୍ତି* ରହିବ ।

प्रस्तारपङ्क्तिः पुरतः ॥ 3.40

ପ୍ରସ୍ତାରପଙ୍କ୍ତିଃ ପୁରତଃ **॥ 3.40**

3.37ରେ ପ୍ରଥମୋକ୍ତ ଜଗତୀଦ୍ୱୟ ପ୍ରଥମେ ରହି ତା ପରେ ଗାୟତ୍ରୀ ପାଦଦ୍ୱୟ (12+12+8+8= 40) ରହିଲେ *ପ୍ରସ୍ତାରପଙ୍କ୍ତି* ଛନ୍ଦ ହୁଏ ।

आस्तारपङ्क्तिः परतः ॥ 3.41

ଆସ୍ତାରପଙ୍କ୍ତିଃ ପରତଃ **॥ 3.41**

ପୁଣି ସେହି 12-12 ବର୍ଣ୍ଣ ଜଗତୀଦ୍ୱୟ ପଛରେ ଅର୍ଥାତ୍ ତୃତୀୟ ଓ ଚତୁର୍ଥରେ ଓ 8-8 ବର୍ଣ୍ଣ ଗାୟତ୍ରୀଦ୍ୱୟ ପ୍ରଥମ ଓ ଦ୍ୱିତୀୟରେ (12+12+8+8= 40) ରହିଲେ ତା ନାମ *ଆସ୍ତାରପଙ୍କ୍ତି* ଛନ୍ଦ ।

विष्टारपङ्क्तिरन्तः ॥ 3.42

ବିଷ୍ଟାରପଙ୍କ୍ତିରନ୍ତଃ **॥ 3.42**

ଏଠି ମଧ୍ୟ ପୂର୍ବ ସୂତ୍ର ଗୁଡିକରୁ ଜାଗତୌ ଶବ୍ଦର ଅନୁବୃତ୍ତି ହେବ । ତେଣୁ ଅର୍ଥ ହେଲା, ସେହି 12-12 ବର୍ଣ୍ଣ ଅର୍ଥାତ୍ ଜଗତୀଦ୍ୱୟ ମଧ୍ୟ ଭାଗରେ ବା ମଝିରେ (ଅନ୍ତଃ) ଥାଇ ପ୍ରଥମ ଓ ଚତୁର୍ଥ ପାଦରେ 8-8 ବର୍ଣ୍ଣର ପାଦଦ୍ୱୟ (8+12+12+8= 40) ଥିଲେ ସେ ଛନ୍ଦର ନାମ *ବିଷ୍ଟାରପଙ୍କ୍ତି ।*

संस्तारपङ्क्तिर्बहिः ॥ 3.43

ସଂସ୍ତାରପଙ୍କ୍ତିର୍ବହିଃ **॥ 3.43**

ଏଠି ମଧ୍ୟ ପୂର୍ବ ପରି ଜାଗତୌର ଶବ୍ଦର ଅନୁବୃତ୍ତି ଅଛି । ଅର୍ଥ ହେଲା ସେହି 12-12 ବର୍ଣ୍ଣର ଜଗତୀ ପାଦ ଦ୍ୱୟ ବାହାରେ (ବହିଃ) ଅର୍ଥାତ୍ ପ୍ରଥମ ଓ ଚତୁର୍ଥରେ ରହିଲେ ଓ 8-8 ବର୍ଣ୍ଣର ବା ଗାୟତ୍ରୀ ପାଦ ଦ୍ୱୟ ଭିତରେ ବା ଦ୍ୱିତୀୟ ଓ ତୃତୀୟ ସ୍ଥାନରେ (12+8+8+12= 40) ରହିଲେ *ସଂସ୍ତାରପଙ୍କ୍ତି* ନାମକ ଛନ୍ଦ ହୁଏ ।

अक्षरपङ्क्तिः पञ्चकाश्चत्वारः ॥ 3.44

ଅକ୍ଷରପଙ୍କ୍ତିଃ ପଞ୍ଚକାଶ୍ଚତ୍ୱାରଃ **॥ 3.44**

ଚାରି ପଞ୍ଚକରେ ଅର୍ଥାତ୍ ପାଞ୍ଚ ବର୍ଣ୍ଣ ଲେଖା ଚାରି ପାଦରେ (5×4= 20) *ଅକ୍ଷରପଙ୍କ୍ତି* ନାମକ ଛନ୍ଦ ହୁଏ ।

द्वावप्यल्पशः ॥ 3.45

ଦ୍ୱାବପ୍ୟଲ୍ପଷଃ **॥ 3.45**

ଏଠାରେ ପଞ୍ଚକର ଅନୁବୃତ୍ତି ହେଲା । ଦ୍ୱୌ ଅପି ଅଲ୍ପଶଃ । ଅର୍ଥାତ୍ 5-5 ବର୍ଣ୍ଣ ବିଶିଷ୍ଟ ଦୁଇ ପାଦରେ (5+5= 10) *ଅଳ୍ପଶଃପଙ୍କ୍ତି* ନାମକ ଛନ୍ଦ ହୁଏ ।

पदपङ्क्तिः पञ्च ॥ 3.46

ପଦପଙ୍କ୍ତିଃ ପଞ୍ଚ **॥ 3.46**

ଏଠାରେ ମଧ୍ୟ ପଞ୍ଚକର ଅନୁବୃତ୍ତିରୁ ଅର୍ଥ ହେଲା ପ୍ରତି ପାଦରେ ପାଞ୍ଚ ବର୍ଣ୍ଣ ଥିବା ପାଞ୍ଚଟି ପାଦରେ (5×5= 25) *ପଦପଙ୍କ୍ତି* ନାମକ ଛନ୍ଦ ହୁଏ ।

टतुष्कषट्कौ त्रयश्च ॥ 3.47

ଚତୁଷ୍କଷଟ୍କୌ ତ୍ରୟଶ୍ଚ **॥ 3.47**

ଏଠି ମଧ୍ୟ ପଞ୍ଚକ ଶବ୍ଦର ଅନୁବୃତ୍ତି ଅଛି । ତେଣୁ ଅର୍ଥ ହେଲା ପ୍ରଥମେ ଗୋଟିଏ ଚାରି ବର୍ଣ୍ଣର ଓ ତାପରେ ଗୋଟିଏ ଛ ବର୍ଣ୍ଣର ପାଦ ପରେ ତିନିଟି ପଞ୍ଚକ ଥିଲେ (4+6+5+5+5= 20) ତା ନାମ ମଧ୍ୟ *ପଦପଙ୍କ୍ତି ।*

पथ्या पञ्चभिर्गायत्रौ ॥ 3.48

ପଥ୍ୟା ପଞ୍ଚଭିର୍ଗାୟତ୍ରୌ **॥ 3.48**

ପାଞ୍ଚଟି ଗାୟତ୍ରୀ ଜାତୀୟ ଅର୍ଥାତ୍ ଅଷ୍ଟବର୍ଣ୍ଣ ବିଶିଷ୍ଟ ପାଦ (8×5= 40) ଥିଲେ ତା ନାମ *ପଥ୍ୟାପଙ୍କ୍ତି ।*

जगती षड्भिः ॥ 3.49

ଜଗତୀ ଷଡ୍ଭିଃ **॥ 3.49**

ଏଠାରେ ଗାୟତ୍ରୌର ଅନୁବୃତ୍ତି ହେଲା । ଅତଃ ଗାୟତ୍ରୀ ଜାତୀୟ ବା ଅଷ୍ଟବର୍ଣ୍ଣର ଛ (8×6= 48) ପାଦ ଥିଲେ *ଜଗତୀଗାୟତ୍ରୀ* ନାମକ ଛନ୍ଦ ହୁଏ ।

ଇତି ପଙ୍କ୍ତି ଅଧିକାର ସମାପ୍ତ ॥

ଅଥ ତ୍ରିଷ୍ଟବ୍‌ଜଗତୀ ॥

एकेन त्रिष्टुब्ज्योतिष्मती ॥ **3.50**

ଏକେନ ତ୍ରିଷ୍ଟୁବ୍ଜ୍ୟୋତିଷ୍ମତୀ ॥ **3.50**

ପୂର୍ବ ପରି ଏଠି ମଧ୍ୟ ଅନୁବୃତ୍ତି ହେଲା ତ୍ରୈଷ୍ଟୁଭ ଗାୟତ୍ର । ତାତ୍ପର୍ଯ୍ୟ 3.48ର ପାଞ୍ଚଟି ଯାକ ଗାୟତ୍ରୀ ପାଦରୁ ଗୋଟିକ ବଦଳରେ ଏଗାର ବର୍ଣ୍ଣର ତ୍ରିଷ୍ଟୁପ୍ ପାଦ ହେଇ ବାକି ଚାରିଟି ଆଠ ବର୍ଣ୍ଣର ବା ଗାୟତ୍ରୀ ପାଦ ରହିଲେ ତାହା ହେବ *ଜ୍ୟୋତିଷ୍ମତୀ ତ୍ରିଷ୍ଟୁପ୍* ଛନ୍ଦ ।

तथा जगती ॥ **3.51**

ତଥା ଜଗତୀ ॥ **3.51**

ପୂର୍ବ ସୂତ୍ରଗୁଡିକରୁ ଅନୁବୃତ୍ତି ହେଲା ଏକେନ ଓ ଜ୍ୟୋତିଷ୍ମତୀ । ତେଣୁ ଅର୍ଥ ହେଲା ସେହି ପାଦଟି ତ୍ରିଷ୍ଟୁପ୍ ନ ହେଇ 12 ବର୍ଣ୍ଣର ଜଗତୀ ପାଦ ହେଲେ ଓ ଅନ୍ୟ ଚାରି ସେହି ଆଠ ବର୍ଣ୍ଣର ଗାୟତ୍ରୀ ରହି ଥିଲେ ତାହା *ଜ୍ୟୋତିଷ୍ମତୀ ଜଗତୀ* ଛନ୍ଦ ।

ଏବେଠୁ ଜ୍ୟୋତିଷ୍ମତୀ ତ୍ରିଷ୍ଟୁପ୍ ଓ ଜ୍ୟୋତିଷ୍ମତୀ ଜଗତୀ - ଏ ଦୁଇ ପରିବାର ବିଭିନ୍ନ ସଦସ୍ୟ ଛନ୍ଦର ଲକ୍ଷଣ ସାଙ୍ଗରେ ସାଙ୍ଗରେ ଚାଲିବ ।

पुरस्ताज्ज्योतिः प्रथमेन ॥ **3.52**

ପୁରସ୍ତାଜ୍ଜ୍ୟୋତିଃ ପ୍ରଥମେନ ॥ **3.52**

ଏଠାରେ ତ୍ରିଷ୍ଟୁପ୍ ଓ ଜଗତୀର ଅନୁବୃତ୍ତି ଆଛି ।

3.50ରେ କଥିତ 11 ବର୍ଣ୍ଣର ତ୍ରିଷ୍ଟୁପ୍ ପାଦ ପ୍ରଥମ ପାଦରେ ରହି ତା ପରେ 8 ବର୍ଣ୍ଣର ଚାରି ପାଦ (11+8+8+8+8= 43) ରହିଲେ ତା ନାମ ହେବ *ପୁରସ୍ତାଜ୍ଜ୍ୟୋତିଃ ତ୍ରିଷ୍ଟୁପ୍ ।*

ସେହି ପରି 3.51 ରେ କଥିତ 12, ବର୍ଣ୍ଣ ଜଗତୀ ପ୍ରଥମ ପାଦରେ ରହି ତା ପରେ 8 ବର୍ଣ୍ଣର ଚାରି ପାଦ (12+8+8+8+8= 44) ରହିଲେ ତା ନାମ ହେବ *ପୁରସ୍ତାଜ୍ଜ୍ୟୋତିଃ ଜଗତୀ ।*

मध्येज्योतिर्मध्यमेन ॥ **3.53**

ମଧ୍ୟେଜ୍ୟୋତିର୍ମଧ୍ୟମେନ ॥ **3.53**

ଏଠାରେ ମଧ ତ୍ରିଷ୍ଟୁପ୍ ଓ ଜଗତୀର ଅନୁବୃତ୍ତି । ଉପର ସୂତ୍ରର ତ୍ରିଷ୍ଟୁପ (11 ବର୍ଣ୍ଣ) ବା ଜଗତୀ (12 ବର୍ଣ୍ଣ) ଯଦି ବାକି 8 ବର୍ଣ୍ଣ ବିଶିଷ୍ଟ ଚାରି ପାଦର ମଧରେ ଅର୍ଥାତ୍ ତୃତୀୟ ପାଦରେ ଥାଏ ତେବେ ତାହା ମଧ୍ୟେଜ୍ୟୋତିଃ ତ୍ରିଷ୍ଟୁପ୍ ବା ମଧ୍ୟେଜ୍ୟୋତିଃ ଜଗତୀ ହେବ ।

ତେଣୁ: (8+8+11+8+8= 43) ହେଲା *ମଧ୍ୟେଜ୍ୟୋତିଃ ତ୍ରିଷ୍ଟୁପ୍* ଓ (8+8+12+8+8= 44) ହେଲା *ମଧ୍ୟେଜ୍ୟୋତିଃ ଜଗତୀ ।*

उपरिष्टाज्ज्योतिरन्त्येन ॥ 3.54

ଉପରିଷ୍ଟାଜ୍ୟୋତିରନ୍ତ୍ୟେନ **॥ 3.54**

ଉପରିଷ୍ଟାଦ୍ ଜ୍ୟୋତିଃ ଅନ୍ତ୍ୟେନ । ଏଠି ମଧ ତ୍ରିଷ୍ଟୁପ୍ ଓ ଜଗତୀର ଅନୁବୃତ୍ତି ।

ପୂର୍ବ ସୂତ୍ରଗୁଡିକରେ କଥିତ ତ୍ରିଷ୍ଟୁପ୍ (11 ବର୍ଣ୍ଣ) ଯଦି ଶେଷରେ (ଅନ୍ତ୍ୟେନ) ରହେ ଓ ଗାୟତ୍ରୀ (8 ବର୍ଣ୍ଣ) ପାଦ 4ଟି ଆଗେ ଥାଏ ତାହା (8+8+8+8+11= 43) *ଉପରିଷ୍ଟାଜ୍ୟୋତି ତ୍ରିଷ୍ଟୁପ୍* ଛନ୍ଦ ହୁଏ ।

ସେହି ପରି 4ଟି ଗାୟତ୍ରୀ ପାଦ ପରେ ଗୋଟିଏ ଜଗତୀ (12 ବର୍ଣ୍ଣ) ପାଦ ((8+8+8+8+12= 44) ଥିଲେ ତାହା *ଉପରିଷ୍ଟାଜ୍ୟୋତି ଜଗତୀ* ଛନ୍ଦ ।

एकस्मिन्पञ्चके शङ्कुमती ॥3.55

ଏକସ୍ମିନ୍‌ପଞ୍ଚକେ ଶଙ୍କୁମତୀ **॥ 3.55**

କୌଣସି ଏକ ପ୍ରକାର ଛନ୍ଦ ଭିତରେ ଗୋଟିଏ ପଞ୍ଚକ ବା ପାଞ୍ଚ ବର୍ଣ୍ଣର ପାଦଟିଏ ପଶି ଗଲେ ଶଙ୍କୁମତୀ ଛନ୍ଦ ହୁଏ । ଯଥା: 8+8+5 =21, ହେଲା *ଶଙ୍କୁମତୀ ଗାୟତ୍ରୀ* ଏବଂ 8+8+8+5= 29 ହେଲା *ଶଙ୍କୁମତୀ ଅନୁଷ୍ଟୁପ୍ ।*

षट्के ककुद्मती ॥ 3.56

ଷଟ୍କେ କକୁଦ୍ମତୀ **॥ 3.56**

ଅନୁବୃତ୍ତି ଏକସ୍ମିନ୍ । କୌଣସି ଏକ ପ୍ରକାର ଛନ୍ଦ ଭିତରେ ଗୋଟିଏ ଷଟ୍କ ବା ଛ ବର୍ଣ୍ଣର ପାଦଟିଏ ପଶି ଗଲେ *କକୁଦ୍ମତୀ* ଛନ୍ଦ ହୁଏ । ଯଥା: 8+8+6 =22, ହେଲା *କକୁଦ୍ମତୀ ଗାୟତ୍ରୀ* ଏବଂ 8+8+8+6= 30 ହେଲା *କକୁଦ୍ମତୀ ଅନୁଷ୍ଟୁପ୍ ।*

त्रिपादणिष्ठमध्या पिपीलिकामध्या ॥ 3.57

ତ୍ରିପାଦଣିଷ୍ଠମଧ୍ୟା ପିପୀଲିକାମଧ୍ୟା **॥ 3.57**

ତ୍ରିପାଦ୍ - ତିନିପାଦର ଛନ୍ଦ ଯଦି ଅଣିଷ୍ଠ-ମଧ୍ୟା ମଝି ଅର୍ଥାତ୍ ମଝିର ଦ୍ୱିତୀୟ ପାଦଟି ବର୍ଣ୍ଣ ସଙ୍ଖ୍ୟାରେ ଛୋଟ ଥାଏ ତେବେ ତାହା *ପିପୀଲିକାମଧ୍ୟା* ଛନ୍ଦ ।

विपरीता यवमध्या ॥ 3.58

ବିପରୀତା ଯବମଧ୍ୟା ॥ 3.58

ଉପରୋକ୍ତ ପିପୀଲିକାମଧ୍ୟାର ବିପରୀତ ଯଦି ତ୍ରିପାଦ୍ ଛନ୍ଦରେ କେବଳ ମଧ୍ୟରେ ଥିବା ବା ଦ୍ୱିତୀୟ ପାଦଟି ବଡ ଥାଏ ତେବେ ତା ନାମ *ଯବମଧ୍ୟା* ଛନ୍ଦ ।

ऊनाधिकेनैकेन निचृद्भुरिजौ ॥ 3.59

ଊନାଧିକେନୈକେନ ନିଚୃଦ୍ଭୁରିଜୌ ॥ 3.59

ଏକେନ ଊନେନ - କୌଣସି ଛନ୍ଦରେ ନିର୍ଦ୍ଦିଷ୍ଟ ସଙ୍ଖ୍ୟାଠୁ ଯଦି ଏକ ବର୍ଣ୍ଣ ଊଣା ହୁଏ ନିଚୃଦ୍ - ତେବେ ତାକୁ ନିଚୃତ୍ କହନ୍ତି ଯଥା *ନିଚୃତ୍ ଗାୟତ୍ରୀ, ନିଚୃତ୍ ଉଷ୍ଣିକ୍* ଇତ୍ୟାଦି । ସେହି ପରି ଏକେନ ଅଧିକେନ -ଗୋଟିଏ ବର୍ଣ୍ଣ ଅଧିକା ହେଲେ ତାହାକୁ ଭୁରିଜ୍ (ଭୁରିକ୍) କହନ୍ତି ଯଥା *ଭୁରିକ୍ ଗାୟତ୍ରୀ ଭୁରିକ୍ ଅନୁଷ୍ଟୁପ୍* ଇତ୍ୟାଦି ।

(7+8+8= 23)ରେ ନିଚୃତ୍‌ଗାୟତ୍ରୀ ଓ (8+8+9= 25)ରେ ଭୁରିଗ୍‌ଗାୟତ୍ରୀ ହୁଏ ।

द्वाभ्यां विराट्स्वराजौ ॥ 3.60

ଦ୍ୱାଭ୍ୟାଂ ବିରାଟ୍‌ସ୍ୱରାଜୌ ॥ 3.60

ଅନୁବୃତ୍ତିରେ ପୂର୍ବ ସୂତ୍ରର ଊନ ଓ ଅଧିକ । ଏହି ଊନତ୍ୱ ଦୁଇ ବର୍ଣ୍ଣର ହେଲେ ବିରାଟ୍, ଆଧିକ୍ୟ ଦୁଇ ବର୍ଣ୍ଣର ହେଲେ ସ୍ୱରାଟ୍ ଛନ୍ଦ ହୁଏ ।

ଯେପରି 7+8+7= 22 ବର୍ଣ୍ଣରେ ବିରାଜ୍ ବା *ବିରାଟ୍ ଗାୟତ୍ରୀ* ଓ 8+9+9= 26 ବର୍ଣ୍ଣରେ ସ୍ୱରାଜ୍ ବା *ସ୍ୱରାଟ୍ ଗାୟତ୍ରୀ* ନାମକ ଛନ୍ଦ ହୁଏ ।

आदितः सन्दिग्धे ॥ 3.61

ଆଦିତଃ ସନ୍ଦିଗ୍ଧେ ॥ 3.61

ସନ୍ଦିଗ୍ଧେ - ସନ୍ଦେହ ରହିଲେ ଆଦିତଃ - ପ୍ରଥମ ପାଦର ଆଧାରରେ ଛନ୍ଦୋନାମ ନିର୍ଣ୍ଣୟ କରିବେ ।

ଧରା ଯାଉ ଗୋଟିଏ ଛନ୍ଦରେ ମୋଟ ବର୍ଣ୍ଣ ଅଛି 26 । 24 ହେଲେ ଗାୟତ୍ରୀ ଓ 28 ହେଲେ ତ ଉଷ୍ଣିକ୍ ହେବା କଥା । ତେବେ ଏହି 26 ଅକ୍ଷରର ଛନ୍ଦକୁ 24+2= 26 ସ୍ୱରାଜ୍ ଗାୟତ୍ରୀରେ ନିଆ ଯିବ ନା 28-2= 26 ବିରାଟ୍ ଉଷ୍ଣିକ୍‌ରେ ନିଆ ଯିବ ? ଉତ୍ତର ହେଲା ଏ ପରି ସନ୍ଦେହ ହେଲେ ସେହି ପଦର ପ୍ରଥମ ପାଦ ଯେଉଁ ଶ୍ରେଣୀର ସେ ଛନ୍ଦର ସେହି ନାମ ହେବ ।

देवतादितश्च ॥ 3.62

ଦେବତାଦିତଶ୍ଚ ॥ 3.62

ଚ - ଆଉ ମଧ ଛନ୍ଦ-ସମ୍ବନ୍ଧିତ ସନ୍ଦେହ ରହିଲେ ଦେବତାଦିତଃ - ଦେବତା ବା ସ୍ୱରାଦିର ଆଶ୍ରୟରେ ସନ୍ଦେହ ମୋଚନ କରା ଯାଇ ପାରେ ।

ଗାୟତ୍ରୀ ଉଷ୍ଣିକ୍ ଅନୁଷ୍ଟୁପ୍ ବୃହତୀ ପଙ୍କ୍ତି ତ୍ରିଷ୍ଟୁପ୍ ଓ ଜଗତୀ - ବେଦରେ ଏହି ସାତଟି ମୁଖ୍ୟ ଛନ୍ଦ । ଏ ସବୁର ସାତ ଭିନ୍ନ ଦେବତା ସ୍ୱର ବର୍ଣ୍ଣ (ରଙ୍ଗ) ଓ ଗୋତ୍ରର ନାମ ଜ୍ଞାତବ୍ୟ ।

अग्नि सविता सोमो वृहस्पतिर्वरूणाविन्द्रो

विश्वेदेवा देवताः ॥ 3.63

ଅଗ୍ନିଃ ସବିତା ସୋମୋ ବୃହସ୍ପତିର୍ବରୁଣାବିନ୍ଦ୍ରୋ

ବିଶ୍ୱେଦେବା ଦେବତାଃ ॥ 3.63

ଗାୟତ୍ରୀର ଦେବତା ଅଗ୍ନି ଉଷ୍ଣିକ୍‌ର ସବିତା ଅନୁଷ୍ଟୁପ୍‌ର ସୋମ ବୃହତୀର ବୃହସ୍ପତି ପଙ୍କ୍ତିର ବରୁଣ ତ୍ରିଷ୍ଟୁପ୍‌ର ଇନ୍ଦ୍ର ଓ ଜଗତୀର ବିଶ୍ୱେଦେବ ।

ବେଦର କେଉଁ ଛନ୍ଦର କିଏ ଦେବତା ଜାଣି ଥିବା ପ୍ରୟୋଜନ ।

स्वराः षड्जर्षभगान्धारमध्यमपञ्चमधैवतनिषादाः ॥3.64

ସ୍ୱରାଃ ଷଡ୍‌ଜର୍ଷଭଗାନ୍ଧାରମଧ୍ୟମପଞ୍ଚମଧୈବତନିଷାଦାଃ ॥ 3.64

ଗାୟତ୍ରୀର ସ୍ୱର ଷଡ୍‌ଜ ଉଷ୍ଣିକ୍‌ର ଋଷଭ ଅନୁଷ୍ଟୁପ୍‌ର ଗାନ୍ଧାର ବୃହତୀର ମଧ୍ୟମ ପଙ୍କ୍ତିର ପଞ୍ଚମ ତ୍ରିଷ୍ଟୁପ୍‌ର ଧୈବତ ଓ ଜଗତୀର ନିଷାଦ ।

शीतसारङ्गपिशङ्गकृष्णनीललोहितगौरा वर्णाः ॥ 3.65

ଶୀତସାରଙ୍ଗପିଶଙ୍ଗକୃଷ୍ଣନୀଲଲୋହିତଗୌରା ବର୍ଣ୍ଣାଃ ॥ 3.65

ଗାୟତ୍ରୀର ବର୍ଣ୍ଣ ଶ୍ୱେତ ଉଷ୍ଣିକ୍‌ର ଚିତ୍ରିତ (ସାରଙ୍ଗ ବା Spotted) ଅନୁଷ୍ଟୁପ୍‌ର ପିଙ୍ଗଳ (ପିଶଙ୍ଗ ବା reddISh) ବୃହତୀର କୃଷ୍ଣ ପଙ୍କ୍ତିର ନୀଳ ତ୍ରିଷ୍ଟୁପ୍‌ର ଲୋହିତ (red) ଓ ଜଗତୀର ଗୌର ।

अग्निवेश्यकाष्यपगौतमाङ्गिरसभार्गवकौशिकवासिष्ठानि गोत्राणि ॥ 3.66

ଅଗ୍ନିବେଶ୍ୟକାଶ୍ୟପଗୌତମାଙ୍ଗିରସଭାର୍ଗବକୌଶିକବାସିଷ୍ଠାନି ଗୋତ୍ରାଣି ॥ 3.66

ଗାୟତ୍ରୀର ଋଷି (ଗୋତ୍ର) ଅଗ୍ନିବେଶ୍ୟ ଉଷ୍ଣିକ୍‌ର କାଶ୍ୟପ ଅନୁଷ୍ଟୁପ୍‌ର ଗୌତମ ବୃହତୀର ଅଙ୍ଗିରସ ପଙ୍କ୍ତିର ଭାର୍ଗବ ତ୍ରିଷ୍ଟୁପ୍‌ର କୌଶିକ ଓ ଜଗତୀର ବସିଷ୍ଠ ।

ଗାୟତ୍ରୀଠୁ ଜଗତୀ ଯାଏ ଛନ୍ଦଗୁଡିକର ଦେବତା ସ୍ୱର ବର୍ଣ୍ଣ ଓ ଗୋତ୍ରନାମୋଲ୍ଲେଖ ସମାପ୍ତ ।

ଛନ୍ଦ	ଦେବତା	ସ୍ୱର	ବର୍ଣ	ଋଷି/ଗୋତ୍ର
ଗାଯତ୍ରୀ	ଅଗ୍ନି	ଷଡ୍ଜ	ଶ୍ୱେତ	ଆଗ୍ନିବେଶ୍ଯ
ଉଷ୍ଣିକ୍	ସବିତା	ଋଷଭ	ଚିତ୍ରିତ	କାଶ୍ଯପ
ଅନୁଷ୍ଟୁପ୍	ସୋମ	ଗାନ୍ଧାର	ପୀଲା	ଗୌତମ
ବୃହତୀ	ବୃହସ୍ପତି	ମଧ୍ଯମ	କାଲା	ଆଙ୍ଗିରସ
ପଂକ୍ତି	ବରୁଣ	ପଞ୍ଚମ	ନୀଲା	ଭାର୍ଗବ
ତ୍ରିଷ୍ଟୁପ୍	ଇନ୍ଦ୍ର	ଧୈବତ	ଲାଲ	କୌଶିକ
ଜଗତୀ	ବିଶ୍ୱେଦେବ	ନିଷାଦ	ଗୌର	ବାସିଷ୍ଠ

छन्द	**देवता**	**स्वर**	**वर्ण**	**ऋषि/गोत्र**
गायत्री	**अग्नि**	**षड्ज**	**श्वेत**	**आग्निवेश्य**
उष्णिक्	**सविता**	**ऋषभ**	**चित्रित**	**काश्यप**
अनुष्टुप्	**सोम**	**गान्धार**	**पीला**	**गौतम**
बृहती	**बृहस्पति**	**मध्यम**	**काला**	**आंगिरस**
पंक्ति	**वरुण**	**पंचम**	**नीला**	**भार्गव**
त्रिष्टुप्	**इन्द्र**	**धैवत**	**लाल**	**कौशिक**
जगती	**विश्वेदेव**	**निषाद**	**गौर**	**वासिष्ठ**

ଇତି ତୃତୀୟୋଽଧ୍ୟାୟଃ ସମାପ୍ତଃ

ଅଥ ଚତୁର୍ଥୋଽଧ୍ୟାୟଃ ପ୍ରାରମ୍ଭଃ

ସୂଚୀ

(ତୃତୀୟ ସପ୍ତକରେ)

ଉତ୍କୃତି (104 ବର୍ଣ୍ଣ) ଅଭିକୃତି (100 ବର୍ଣ୍ଣ)

ସଂକୃତି (96 ବର୍ଣ୍ଣ) ବିକୃତି (92 ବର୍ଣ୍ଣ)

ଆକୃତି (88 ବର୍ଣ୍ଣ) ପ୍ରକୃତି (84 ବର୍ଣ୍ଣ)

କୃତି (80 ବର୍ଣ୍ଣ)

(ଦ୍ୱିତୀୟ ସପ୍ତକରେ)

ଅତିଧୃତି (76 ବର୍ଣ୍ଣ) ଧୃତି (72 ବର୍ଣ୍ଣ)

ଅତ୍ୟଷ୍ଟି (68 ବର୍ଣ୍ଣ) ଅଷ୍ଟି (64 ବର୍ଣ୍ଣ)

ଅତିଶକ୍ୱରୀ (60 ବର୍ଣ୍ଣ) ଶକ୍ୱରୀ (56 ବର୍ଣ୍ଣ)

ଅତିଜଗତୀ (52 ବର୍ଣ୍ଣ)

(ଆର୍ଯ୍ୟା ପ୍ରକରଣ)

1-ଆର୍ଯ୍ୟା 2-ଗୀତି 3-ଉପଗୀତି

4-ଉଦଗୀତି 5-ଆର୍ଯ୍ୟାଗୀତି - ବିପୁଲା, ଚପଲା

(ବୈତାଳୀୟ ପ୍ରକରଣ)

ବୈତାଳୀୟ ଔପଚ୍ଛନ୍ଦସକ ଆପାତଲିକା

ଉଦୀଚ୍ୟବୃତ୍ତି ପ୍ରାଚ୍ୟବୃତ୍ତି ପ୍ରବୃତ୍ତକ

ଚାରୁହାସିନୀ ଅପରାନ୍ତିକା ବାନବାସିକା

(ମାତ୍ରାସମକ ପ୍ରକରଣ)

ମାତ୍ରାସମକ ବାନବାସିକା ବିଶ୍ଲୋକ

ଚିତ୍ରା ଉପଚିତ୍ରା ପାଦାକୁଳକ

(ଗୀତ୍ୟର୍ଯ୍ୟା ଭେଦ)

ଗୀତ୍ୟାର୍ଯ୍ୟାଶିଖା ଶିଖାଜ୍ୟୋତି

ଶିଖାସୌମ୍ୟା ଚୂଳିକା

चतुःशतमुत्कृतिः ॥ 4.01

ଚତୁଃଶତମୁତ୍କୃତିଃ ॥ 4.01

104 ବର୍ଣ୍ଣରେ *ଉତ୍କୃତି* ଛନ୍ଦ ହୁଏ ।

ବୈଦିକ ତଥା ଲୌକିକ ଛନ୍ଦରେ ଏହି ନିୟମ ।

.

चतुरश्चतुरस्त्यजेदुत्कृतेः ॥ 4.02

ଚତୁରଶ୍ଚତୁରସ୍ତ୍ୟଜେଦୁତ୍କୃତେଃ ॥ 4.02

(ଏହି) ଉତ୍କୃତେଃ - ଉତ୍କୃତିରୁ ଚତୁରଃ ଚତୁରଃ - ଚାରି ଚାରି ଲେଖା ତ୍ୟଜେତ୍ - ହ୍ରାସ କରି ଚାଲିବ ।

ଏହି ପରି କରି ଚାଲିଲେ ପ୍ରତି ଥର ଅନ୍ୟ ଏକ ଏକ ଛନ୍ଦର ବର୍ଣ୍ଣ ସଙ୍ଖ୍ୟା ପ୍ରାପ୍ତ ହେଉ ଥିବ ।

तानिअभिसंव्याप्रेभ्यः कृतिः ॥ 4.03

ତାନ୍ୟଭିସଂବ୍ୟାପ୍ରେଭ୍ୟଃ କୃତିଃ ॥ 4.03

ତାନି ଅଭି-ସଂ-ବି-ଆଙ୍-ପ୍ର ଇତି-ଏଭ୍ୟଃ - କୃତି ସହ ଏହି ଉପହର୍ଗଯୋଗ ସେହି ସବୁ ଛନ୍ଦୟ ନାମ ଆସି ଯିବ ।

ଅଭିକୃତି 100, *ସଂକୃତି* 96, *ବିକୃତି* 92, *ଆକୃତି* 88, *ପ୍ରକୃତି* ଛନ୍ଦ 84 ବର୍ଣ୍ଣ ବିଶିଷ୍ଟ । ଏଠି ସମସ୍ତ ପଦର ବର୍ଣ୍ଣସଙ୍ଖ୍ୟାର ସମଷ୍ଟି କଥା କହା ଯାଇଛି । ଏହି ସାତଟି କୃତି ଛନ୍ଦ ହେଲା ତୃତୀୟ ସପ୍ତକ ଛନ୍ଦ ।

प्रकृत्या चोपसर्गवर्जितः ॥ 4.04

ପ୍ରକୃତ୍ୟା ଚୋପସର୍ଗବର୍ଜିତଃ ॥ 4.04

ଏହା ପରେ ପ୍ରକୃତିରୁ ଉପସର୍ଗ (ପ୍ର)କୁ ବର୍ଜନ କଲେ (84-4=) 80 ବର୍ଣ୍ଣର *କୃତି* ନାମକ ଛନ୍ଦ ମିଳିବ ।

धृत्यष्टिशक्वरीजगत्यः ॥ 4.05

ଧୃତ୍ୟଷ୍ଟିଶକ୍ୱରୀଜଗତ୍ୟଃ ॥ 4.05

ଏଠି ପୂର୍ବ ସୂତ୍ରରୁ କୃତି ଶବ୍ଦର ଅନୁବୃତ୍ତି ଅଛି । ଏହି କୃତିରୁ ପୂର୍ବ ପରି 4-4 ବର୍ଣ୍ଣ ବର୍ଜନ କଲେ ଧୃତି ଅଷ୍ଟି ଶକ୍ୱରୀ ଓ ଜଗତୀ ଛନ୍ଦ ମିଳେ ।

पृथक्पृथक्पूर्वतः एतान्यवैषाम् ॥ 4.06

ପୃଥକ୍ପୃଥକ୍ପୂର୍ବତଃ ଏତାନ୍ୟେବୈଷାମ୍ ॥ 4.06

ପୂର୍ବତଃ - ପ୍ରଥମେ ପୃଥକ୍ ପୃଥକ୍ - ଅଲଗା ଅଲଗା (ଦୁଇ ଥର କରି) ଏଷାମ୍ - (ପୂର୍ବ ସୂତ୍ରସ୍ଥ) ଏହି ଧୃତି ଆଦି ଏଷାମ୍ ଏହି ସବୁ ଛନ୍ଦର ନାମକୁ ଚିପି ରଖିବାକୁ ହେବ ।

द्वितीयं द्वितीयमतितः ॥ 4.07

ଦ୍ୱିତୀୟଂ ଦ୍ୱିତୀୟମତିତଃ ॥ 4.07

ଦ୍ୱିତୀୟଂ ଦ୍ୱୀତୀୟମ୍ - ଧୃତି ଆଦି ପୂର୍ବରୁ ଏହି ଯେ ଦ୍ୱିତୀୟ ବାର ଧୃତି ଆଦି ଲେଖା ହେଲା ତାହା ଅତିତଃ - ଅତି ଉପସର୍ଗଯୁକ୍ତ ଯଥା ଅତିଧୃତି, ଅତ୍ୟଷ୍ଟି, ଅତିଶକ୍ୱରୀ ଓ ଅତିଜଗତୀ - ଏହି ଚାରି ଛନ୍ଦୋନାମ ମଧ ମିଳିଯିବ ।

ତେବେ ଦୁଇ ଦୁଇ କରି ଏ ଚାରି ଶବ୍ଦରୁ 8ଟି ଛନ୍ଦର ନାମ ମିଳିଲା । ଏ ଗୁଡିକ ହେଲା:

ଛନ୍ଦୋନାମ	ବର୍ଣ୍ଣ ସଙ୍ଖ୍ୟା	ଛନ୍ଦୋନାମ	ବର୍ଣ୍ଣ ସଙ୍ଖ୍ୟା
ଅତିଧୃତି	76	ଧୃତି	72
ଅତ୍ୟଷ୍ଟି	68	ଅଷ୍ଟି	64
ଅତିଶକ୍ୱରୀ	60	ଶକ୍ୱରୀ	56
ଅତିଜଗତୀ	52	ଜଗତୀ	48

ଇତି ବୈଦିକ ଛନ୍ଦ ପ୍ରକରଣ ସମାପ୍ତ ॥

ଅଥ ଲୌକିକ ଛନ୍ଦ ॥
ଆର୍ଯ୍ୟାଧିକାର

अथ लैकिकम् ॥ 4.08

ଅଥ ଲୌକିକମ୍ ॥ 4.08

ଏବେ ଲୌକିକ ଛନ୍ଦର ଚର୍ଚ୍ଚା ହେବ ।

ତାତ୍ପର୍ଯ୍ୟ, ଏହି ମାତ୍ର ପୂର୍ବସ୍ଥ ସୂତ୍ରରେ ବୈଦିକ ଛନ୍ଦର ଚର୍ଚ୍ଚା ସମାପ୍ତ ହେଲା ।

ସୂତ୍ର 4.14 ଠାରୁ 4.52ରେ କିଛି ଜନପ୍ରିୟ ସଂସ୍କୃତ ଛନ୍ଦର ଚର୍ଚ୍ଚା ହେବ । ପୁଣି 5.6 - 7.32 ଉଭୟ ବୈଦିକ ତଥା ଲୌକିକ ଛନ୍ଦ ପ୍ରତି ପ୍ରୟୋଗ୍ୟ ।

आत्रैष्टुभाच्च यदार्षम् ॥ 4.09

ଆତ୍ରୈଷ୍ଟୁଭାଚ୍ଚ ୟଦାର୍ଷମ୍ ॥ 4.09

ଚ - ଏବଂ ୟତ୍ - ଯେଉଁ ଆତ୍ରୈଷ୍ଟୁଭାତ୍ - ତ୍ରିଷ୍ଟୁପ୍ ଠାରୁ ନେଇ ଆର୍ଷମ୍ - ଗାୟତ୍ରୀ ପର୍ଯ୍ୟନ୍ତ ।

ତ୍ରିଷ୍ଟୁପ୍ (44 ବର୍ଣ୍ଣ) ପଙ୍କ୍ତି (40 ବର୍ଣ୍ଣ) ବୃହତୀ (36 ବର୍ଣ୍ଣ) ଅନୁଷ୍ଟୁପ୍ (32 ବର୍ଣ୍ଣ) ଉଷ୍ଣିକ୍ (28 ବର୍ଣ୍ଣ) ଗାୟତ୍ରୀ (24 ବର୍ଣ୍ଣ) - ଏହି ଛ ପ୍ରମୁଖ ବୈଦକ ଛନ୍ଦ ଲୌକିକରେ ମଧ ସେହି ସବୁ ବର୍ଣ୍ଣସଙ୍ଖ୍ୟା ଲକ୍ଷଣ ରକ୍ଷା କରନ୍ତି ।

पादश्चतुर्थभागः ॥ 4.10

ପାଦଶ୍ଚତୁର୍ଥଭାଗଃ ॥ 4.10

ଚତୁର୍ଭାଗ - ଏକ ଚତୁର୍ଥାଂ ବା ଚାରି ଭାଗର ଏକ ଭାଗ ବର୍ଣ୍ଣରେ ଏକ ପାଦ କରା ଯାଏ ।

ବର୍ଣ୍ଣ ସଙ୍ଖ୍ୟାକୁ ସମାନ ସମାନ ଚାରି ଭାଗ କରା ଯାଉ ଥିବାରୁ ଏଠାରେ ସସଚ୍ଛନ୍ଦ କଥା କହା ଯାଇଛି ।

यथावृत्तसमाप्तिर्वा ॥ 4.11

ୟଥାବୃତ୍ତସମାପ୍ତିର୍ବା ॥ 4.11

ବା - ଅଥବା ୟଥା - ଯେପରି ବୃତ୍ତ - ଛନ୍ଦଟି ସମାପ୍ତି - ବ୍ୟବସ୍ଥିତ ହେଇ ଥିବ, ସେଇପରି ବର୍ଣ୍ଣରେ ପାଦ ନିର୍ଦ୍ଧାରିତ ହେବ ।

ପୂର୍ବ ସୂତ୍ରରେ ସମଚ୍ଛନ୍ଦ କଥା କହା ଥିଲା । ଏଠାରେ ଅନ୍ୟାନ୍ୟ ପ୍ରକାର ଛନ୍ଦ ଅର୍ଥାତ୍ ଅର୍ଦ୍ଧସମ ଓ ବିଷମ ଛନ୍ଦ କଥା କହା ଯାଇଛି ।

ଯେଉଁ ଛନ୍ଦରେ ଚାରିଟି ଯାକ ପାଦର ସମସ୍ତ ନିୟମ ସମାନ ତାହା ସମଚ୍ଛନ୍ଦ ।

ଯେଉଁଥିରେ ପ୍ରଥମ ଓ ତୃତୀୟ ପାଦର ସମସ୍ତ ନିୟମ ସମାନ ପୁଣି ଦ୍ବିତୀୟ ଓ ଚତୁର୍ଥ ପାଦର ସମସ୍ତ ନିୟମ ସମାନ କିନ୍ତୁ ପାଦ 1-3ର ନିୟମଠୁ ପାଦ 2-4ର ନିୟମ ଭିନ୍ନ ସେ ଛନ୍ଦ ଅର୍ଦ୍ଧସମ । ଭାଷାନ୍ତରେ, ଅର୍ଦ୍ଧସମ ଛନ୍ଦରେ ପ୍ରଥମାର୍ଦ୍ଧ (ପାଦ 1+ ପାଦ 2)ର ସମସ୍ତ ସମସ୍ତ ନିୟମ ସହ ଦ୍ବିତୀୟାର୍ଦ୍ଧ (ପାଦ 3+ ପାଦ 4) ର ସମସ୍ତ ନିୟମ ସମାନ ।

ଏ ଦୁଇ ପ୍ରକାର ଛନ୍ଦ ବାହାରେ ସମସ୍ତ ଛନ୍ଦ ବିଷମ ଶ୍ରେଣୀର ।

लः समुद्रा गणाः ॥ 4.12

ଲଃ ସମୁଦ୍ରା ଗଣାଃ ॥ 4.12

ସମୁଦ୍ରାଃ - ଚାରି ସଙ୍ଖ୍ୟକ ଲଃ - ଲଘୁ ବର୍ଣ୍ଣର ଅବଧିରେ ଅର୍ଥାତ୍ ଚାରି ମାତ୍ରାରେ ଗଣାଃ - ଏକ ଗଣ ହୁଏ ।

ଏଠାରେ ଗଣ କହିଲେ ମାତ୍ରିକ ଗଣ କାରଣ ଆଗରୁ 1.01 ରୁ 1.08ରେ ମଗଣ ୟଗଣାଦି ବାର୍ଣ୍ଣିକ ଗଣର ଚର୍ଚ୍ଚା ସରିଛି ।

गौ गन्तमध्यादिर्लश्च ॥ 4.13

ଗୌ ଗନ୍ତମଧ୍ୟାଦିର୍ଲଶ୍ଚ ॥ 4.13

ଗୌ - ଦୁଟି ଗୁରୁ (SS) ବର୍ଣ୍ଣ ଗ୍+ଅନ୍ତମଧ୍ୟାଦି - ଅନ୍ତଗୁରୁ (IIS) ମଧ୍ୟଗୁରୁ (ISI) ଆଦିଗୁରୁ (SII) ଲଃ ଚଃ- ଏବଂ ସର୍ବଲଘୁ (I III) ବର୍ଣ୍ଣ ଦେଇ ଏହି ମାତ୍ରିକ ଗଣ ଗଢି ହୁଏ ।

ଗୌ-SS ସଗଣ-IIS ଜଗଣ-ISI ଭଗଣ-SII ନଲୌ ବା (ନଗଣ+ ଲଘୁଟିଏ)- IIII - ଏହି ପାଞ୍ଚ ପ୍ରକାର ମାତ୍ରିକ ଗଣର ରୂପ ହେଇ ପାରିବ ।

स्वरा अर्धं चार्याधम् ॥ 4.14

ସ୍ୱରା ଅର୍ଦ୍ଧଂ ଚାର୍ୟାର୍ଦ୍ଧମ୍ ॥ 4.14

ସ୍ୱରା - ସାତ ସଙ୍ଖ୍ୟକ ଚ - ଏବଂ ଅର୍ଦ୍ଧଂ - ଅଧେ ଗଣରେ ଆର୍ୟାର୍ଦ୍ଧମ୍ - ଆର୍ଯ୍ୟା ଛନ୍ଦର ପ୍ରଥମାର୍ଦ୍ଧ ହୁଏ ।

4-4 ବର୍ଣ୍ଣର 7ଟି ଗଣ ଓ 2 ମାତ୍ରାର ଅଧେ ଗଣ - ଏହି ପରି 30 ମାତ୍ରାରେ ଆର୍ଯ୍ୟା ଛନ୍ଦର ପ୍ରଥମାର୍ଦ୍ଧ ହୁଏ ଅର୍ଥାତ୍ ଆର୍ଯ୍ୟାର ପ୍ରଥମ ଓ ଦ୍ୱିତୀୟ ପାଦ ମିଶି 4×7+ 4/2= 30 ମାତ୍ରା ।

अत्रायुङ् न ज् ॥ 4.15

ଅତ୍ରାୟୁଙ୍ ନ ଜ୍ ॥ 4.15

ଅତ୍ର - ଏଠାରେ ଅୟୁକ୍ - ଅୟୁଗ୍ମ ପାଦରେ ଜ - ଜଗଣ (ISI) ନ - ବାରିତ ।

ଆର୍ଯ୍ୟା ଛନ୍ଦର ପାଦ 1, 3, 5 ଓ 7ରେ ମଧ୍ୟଗୁରୁ ଜଗଣ (ISI) ବର୍ଣ୍ଣ ନିଷିଦ୍ଧ । ଆର୍ଯ୍ୟାର ଆନ୍ୟାନ୍ୟ ନିୟମ ବି ପରେ ପରେ କହା ଯାଉଛି । ଏ ସବୁ ମାନି ଆର୍ଯ୍ୟା ଲେଖିବାକୁ ପଡେ । ନ ମାନିଲେ ଛନ୍ଦୋଭଙ୍ଗ ଦୋଷ ହେବ ।

षष्ठो ज् ॥ 4.16

ଷଷ୍ଠୋ ଜ୍ ॥ 4.16

ଆର୍ଯ୍ୟାର ଷଷ୍ଠ ଗଣରେ ଜଗଣ (ISI) ରହିବ ।

न्लौ वा ॥ 4.17

ନ୍ଲୌ ବା ॥ 4.17

ବା - ଅଥବା ଆର୍ଯ୍ୟାର ଷଷ୍ଠ ଗଣରେ ନ୍ଲୌ - ନଗଣ (III) ଓ ଲଘୁ ବର୍ଣ୍ଣଟିଏ (I) ଅର୍ଥାତ୍ ଚାରିଟି ଲଘୁ ବର୍ଣ୍ଣ (IIII) ଲେଖା ଯାଇ ପାରେ ।

ଉଦାହରଣ:

___1 __2 ___3 __4 ___5 __6 ___7 _
I I S IS I I I S S S S I I I I I S I I S
ଶୁଣି ଯା ଲବଙ୍ଗ ଲତିକା / କେତେ ଶାନ୍ତ ମଧୁ ବଦନ ତୁମ୍ଭର ଗୋ ।

___1 __2 ___3 ___4 __5 __6 _ _
S I I S S I I S I I I I S S I S I I S
ଆସ ଥରେ ମୋର ଘରେ / ହସିଉଠୁ ମୋ କ୍ଷୁଦ୍ର ଅନ୍ତ ର ଗୋ ॥

न्लौ चेत्पदं द्वितीयादि ॥ 4.18

ନ୍ଲୌ ଚେତ୍ପଦଂ ଦ୍ୱିତୀୟାଦି ॥ 4.18

ଚେତ୍ - ଯଦି ଷଷ୍ଠ ଗଣରେ ନ୍ଲୌ - ଚାରି ଲଘୁବର୍ଣ୍ଣ ଲେଖିଲେ ପଦ (ନୂତନ ପଦ ବା word) ଏହାର ଦ୍ୱିତୀୟ ଲଘୁ ବର୍ଣ୍ଣରୁ ଆରମ୍ଭ ହେବ ।

ପୂର୍ବ ସୂତ୍ରର ଉଦାହରଣ ପ୍ରଥମାର୍ଦ୍ଧରେ ଷଷ୍ଠ ଗଣ ନ୍ଲୌ "ଧୁବଦନ" । ଏଥିରୁ ଧୁ ପୂର୍ବପଦ "ମଧୁ"ର ଶେଷାକ୍ଷର ଓ ବ ପର ପଦ "ବଦନ"ର ପ୍ରଥମାକ୍ଷର । ଏହି ବ ଷଷ୍ଠ ଗଣ "ଧୁବଦନ"ର ଦ୍ୱିତୀୟ ଲଘୁ ବର୍ଣ୍ଣ ।

सप्तमः प्रथमादि ॥ 4.19

ସପ୍ତମଃ ପ୍ରଥମାଦି ॥ 4.19

ଯଦି ଆର୍ଯ୍ୟାର ପ୍ରଥମାର୍ଦ୍ଧର ସପ୍ତମ ଗଣ ନ୍ଲୌ (IIII) ହୁଏ ତେବେ ନୂତନ ପଦ ବା word ଏହାର ଆଦ୍ୟାକ୍ଷରରୁ ଆରମ୍ଭ ହେବ ।

अन्ये पञ्चमः ॥ 4.20

ଅନ୍ୟେ ପଞ୍ଚମଃ ॥ 4.20

ଅନ୍ୟେ - ଅନ୍ୟାର୍ଦ୍ଧରେ ଅର୍ଥାତ୍ ଆର୍ଯ୍ୟା ଛନ୍ଦର ଦ୍ୱିତୀୟାର୍ଦ୍ଧରେ ଯଦି ପଞ୍ଚମଃ - ପଞ୍ଚମ ଗଣ ନ୍ଲୌ (III I) ହୁଏ ତେବେ ସେଠାରେ ଏହି ନିୟମ ଲାଗିବ ଅର୍ଥାତ୍ ଏହାର ପ୍ରଥମାକ୍ଷରରେ ପଦ ବା word ଆରମ୍ଭ ହେବ ।

षष्ठश्च ल् ॥ 4.21

ଷଷ୍ଠଶ୍ଚ ଲ୍ ॥ 4.21

ଆର୍ଯ୍ୟାର ଦ୍ୱିତୀୟାର୍ଦ୍ଧରେ ଷଷ୍ଠ ଗଣରେ ଜଗଣ ପରିବର୍ତ୍ତେ ଗୋଟିଏ ମାତ୍ର ଲଘୁ ବର୍ଣ୍ଣ ରହିବ । ଅତଃ ଏହି ଦ୍ୱିତୀୟାର୍ଦ୍ଧରେ 30- 3= 27 ମାତ୍ରା ହେବ । ଏଥିରେ ମଧ ବିଷମ ଗଣର ଜଗଣ (ISI) ବାରିତ ।

କିନ୍ତୁ ଦେଖିବାକୁ ମିଳେ ଷଷ୍ଠ ଗଣ ପର୍ଯ୍ୟନ୍ତ ପ୍ରତି ଗଣରେ 4 ମାତ୍ରା, ସେଥିରୁ ଷଷ୍ଠ ଜଗଣ, ସପ୍ତମରେ ଏକ ମାତ୍ରା ଓ ସପ୍ତମରେ ଏହି ଲଘୁ ବର୍ଣ୍ଣ ଶେଷରେ ଗୋଟିଏ ଗୁରୁ ବର୍ଣ୍ଣ ଏହି ପରି 4×6+1+2= 27 ମାତ୍ରା । ବିକଳ୍ପରେ ଷଷ୍ଠରେ ଏକ ମାତ୍ରା ଏବଂ ସପ୍ତମରେ 4 ଚାରି ମାତ୍ରା । ତେଣୁ ପ୍ରଥମାର୍ଦ୍ଧର ମାତ୍ରା 30 ଓ ଦ୍ୱିତୀୟାର୍ଦ୍ଧର 27 - ଏହା ହିଁ ମୂଳ ବା ମାନକ-ଆର୍ଯ୍ୟା । ବିକଳ୍ପରେ, ଷଷ୍ଠରେ ଏକ ମାତ୍ରା ରହିଲେ ସପ୍ତମରେ ଜଗଣ ଓ ତା ପରେ ଗୋଟିଏ ଗୁରୁ ବର୍ଣ୍ଣ ହେଇ ଦ୍ୱିତୀୟାର୍ଦ୍ଧ ମୋଟ ସେହି 27 ମାତ୍ରା ।

ଦ୍ୱିତୀୟାର୍ଦ୍ଧରେ ମଧ ବିଷମ (ପ୍ରଥମ ତୃତୀୟ ପଞ୍ଚମ ସପ୍ତମ)ରେ ଜଗଣ (ISI) ବାରିତ ।

त्रिषु गणेषु पादः पथ्यादये च ॥ 4.22

ତ୍ରିଷୁ ଗଣେଷୁ ପାଦଃ ପଥ୍ୟାଦ୍ୟେ ଚ ॥ 4.22

ଆଦ୍ୟେ - ଯେଉଁ ଆର୍ଯ୍ୟା ଛନ୍ଦର ପୂର୍ବାର୍ଦ୍ଧରେ ଚ – ତଥା ଉତ୍ତରାର୍ଦ୍ଧରେ ପ୍ରଥମ ତ୍ରିଷୁ ଗଣେଷୁ - ତିନି ଗଣରେ ପାଦ (ବକ୍ତବ୍ୟର ବାକ୍ୟ ବାକ୍ୟାଂଶ ବା ଖଣ୍ଡବାକ୍ୟ) ସମାପ୍ତ ହୁଏ ତାହା ପଥ୍ୟା - ପଥ୍ୟା ଆର୍ଯ୍ୟା ।

ତାତ୍ପର୍ଯ୍ୟ ହେଲା ପୂର୍ବାର୍ଦ୍ଧରେ ପ୍ରଥମ ପାଦ ଏବଂ ଉତ୍ତରାର୍ଦ୍ଧରେ ତୃତୀୟ ପାଦ ତିନି ତିନି ଗଣରେ ଅର୍ଥାତ୍ 12-12 ମାତ୍ରାରେ ସାରିବାକୁ ପଡିବ । ଏହି ପାଦରୁ ପର ପାଦକୁ ଶବ୍ଦ ବାକ୍ୟାଂଶ କି ଖଣ୍ଡବାକ୍ୟ ବିସ୍ତାରିତ ହେବ ନାହିଁ ଓ ସେ ପରି ହେଲେ ତାହା ପଥ୍ୟା-ଆର୍ଯ୍ୟା ହେବ ନାହିଁ ।

विपूलाऽन्या ॥ 4.23

ବିପୁଲାଽନ୍ୟା ॥ 4.23

ଅନ୍ୟା - ଯେଉଁ ଆର୍ଯ୍ୟା ପଥ୍ୟା ନୁହେଁ (ଯାହାର ପ୍ରଥମ ପାଦ ପ୍ରଥମ ଅର୍ଦ୍ଧାଂଶର ପ୍ରଥମ 12 ମାତ୍ରାରେ କିମ୍ବା ତୃତୀୟ ପାଦ ଦ୍ୱିତୀୟାର୍ଦ୍ଧର ପ୍ରଥମ 12 ମାତ୍ରାରେ ସମ୍ପୂର୍ଣ୍ଣ ହେଉ ନ ଥିବ ତାହା ବିପୁଳା - ବିପୁଳା ଆର୍ଯ୍ୟା ଓ ଯାହା ବିପୁଳା ତାହା ପଥ୍ୟା ନୁହେଁ ।

ଛନ୍ଦର ପ୍ରଥମାର୍ଦ୍ଧରେ ବିପୁଳା ହେଲେ ଆଦିବିପୁଳା ଦ୍ୱିତୀୟାର୍ଦ୍ଧରେ ବିପୁଳା ହେଲେ ଅନ୍ତବିପୁଳା ଓ ଉଭୟରେ ବିପୁଳା ହେଲେ ତାହାର ଉଭୟବିପୁଳା ନାମ ହୁଏ

चपला द्वितीयचतुर्थौ ग्मध्ये जौ ॥ 4.24

ଚପଲା ଦ୍ୱିତୀୟଚତୁର୍ଥୌ ଗ୍ମଧ୍ୟେ ଜୌ ॥ 4.24

ଯେଉଁ ଆର୍ଯ୍ୟା ଛନ୍ଦର ଦ୍ୱିତୀୟଚତୁର୍ଥୌ - ଦ୍ୱିତୀୟ ଓ ଚତୁର୍ଥ ଗଣ ଜୌ - ଜଗଣଦ୍ୱୟ ଓ ଗ୍ମଧ୍ୟେ - ଦୁଇ ପଟେ ଦୁଇଟି ଲେଖା ଗୁରୁ ବର୍ଣ୍ଣ ଥାଇ ତା ମଧ୍ୟରେ ଅବସ୍ଥିତ ତାହା ଚପଳା - ଚପଳା ଆର୍ଯ୍ୟା ।

ଅନ୍ୟ ଭାଷାରେ କହିଲେ ଯେଉଁ ଆର୍ଯ୍ୟାର ପ୍ରଥମ ଗଣରେ 2 ମାତ୍ରା ପରେ ଗୁରୁବର୍ଣ୍ଣ, ଦ୍ୱିତୀୟ ଗଣ ଜଗଣ, ତୃତୀୟରେ ଗୌ (ଦୁଇଟି ଗୁରୁବର୍ଣ୍ଣ) ଚତୁର୍ଥରେ ଜଗଣ ଓ ପଞ୍ଚମରେ ଗୁରୁବର୍ଣ୍ଣ ପରେ 2 ମାତ୍ରା ଥିବ ତାହା ଚପଳା ଆର୍ଯ୍ୟା । ତଳେ ଏହାକୁ ସଙ୍କେତରେ ଦର୍ଶା ଯାଇଛି ।

ସଙ୍କେତରେ ଚପଳାର୍ଯ୍ୟା:-

1	2	3	4	5	6	7	8
2S	ISI	SS	ISI	S2	ISI	–	–

पूर्वे मुखपूर्वा ॥ 4.25

ପୂର୍ବେ ମୁଖପୂର୍ବା ॥ 4.25

ପୂର୍ବେ - ପୂର୍ବାର୍ଦ୍ଧରେ ଚପଳା ଲକ୍ଷଣ ଥିଲେ ତାହାକୁ ମୁଖପୂର୍ବା - (ପୂର୍ବେ= ପ୍ରଥମେ ମୁଖ ଶବ୍ଦଯୁକ୍ତ ଚପଳା) ମୁଖଚପଳା କହାଯାଏ ।

जघन पूर्वेतरत्र ॥ 4.26

ଜଘନ ପୂର୍ବେତରତ୍ର ॥ 4.26

ପୂର୍ବେତରତ୍ର (ପୂର୍ବ+ଇତର, ପୂର୍ବାର୍ଦ୍ଧଠୁ ଭିନ୍ନ) ଦ୍ୱିତୀୟାର୍ଦ୍ଧରେ ଚପଳା ହେଲେ ତାହାର ଜଘନ - ଜଘନଚପଳା ନାମ ହୁଏ ।

उभयोर्महाचपला ॥ 4.27

ଉଭୟୋର୍ମହାଚପଳା ॥ 4.27

ଉଭୟୋ - ଉଭୟ ପୂର୍ବାର୍ଦ୍ଧ ଓ ଉତ୍ତରାର୍ଦ୍ଧରେ ଚପଳା ଲକ୍ଷଣ ହେଇ ଥିଲେ ତାହା ମହାଚପଳା - ମହାଚପଳା ଆର୍ଯ୍ୟା ।

ଅତଃ ଜଣାଗଲା ଯେ ବିପୁଳାଚପଳା ବିଚାରରେ ଆର୍ଯ୍ୟାର ନିମ୍ନସ୍ଥ 16ଟି ଭେଦ ଅଛି ।

01 — ପଥ୍ୟା
02 ଆଦିବିପୁଳା
03 ଅନ୍ତବିପୁଳା
04 ଉଭୟବିପୁଳା
05 — ମୁଖଚପଳା ପଥ୍ୟା
06 ମୁଖଚପଳା-ଆଦିବିପୁଳା
07 ମୁଖଚପଳା-ଅନ୍ତବିପୁଳା
08 ମୁଖଚପଳା-ଉଭୟବିପୁଳା
09 — ଜଘନଚପଳା ପଥ୍ୟା
10 ଜଘନଚପଳା-ଆଦିବିପୁଳା
11 ଜଘନଚପଳା-ଅନ୍ତବିପୁଳା
12 ଜଘନଚପଳା-ଉଭୟବିପୁଳା
13 — ମହାଚପଳା ପଥ୍ୟା
14 ମହାଚପଳା-ଆଦିବିପୁଳା
15 ମହାଚପଳା-ଅନ୍ତବିପୁଳା
16 ମହାଚପଳା-ଉଭୟବିପୁଳା

ସରଳ ଭାଷାରେ ବିପୁଳା ଭାବପ୍ରକାଶନର ଏକ ମାର୍ଜନୀୟ ଦୁର୍ବଳତାକୁ ଓ ଚପଳା ଭାଷାବିନ୍ୟାସର ଏକ ନିର୍ଦ୍ଦିଷ୍ଟ ଉତ୍କର୍ଷକୁ ବୁଝାଏ ।

आद्यर्धसमा गीतिः ॥ 4.28

ଆଦ୍ୟର୍ଦ୍ଧସମା ଗୀତିଃ ॥ 4.28

ଆଦ୍ୟର୍ଦ୍ଧସମା - ପୂର୍ବାର୍ଦ୍ଧର ନିୟମଚୟ ସହିତ ସମାନ ନିୟମାବଳୀରେ ଉତ୍ତରାର୍ଦ୍ଧ ମଧ୍ୟ ରଚିତ ହୋଇ ଥାଏ ତେବେ ତାହା ହେଲା ଗୀତି - ସେହି ଆର୍ଯ୍ୟାର ନାମ ଗୀତି ଅଟେ ।

अन्येनोपगीतिः ॥ 4.29

ଅନ୍ୟେନୋପଗୀତିଃ ॥ 4.29

ଅନ୍ୟେନ - ଏହାର ବିପରୀତ, ଯଦି ଦ୍ୱିତୀୟାର୍ଦ୍ଧର ନିୟମାବଳୀରେ ପ୍ରଥମାର୍ଦ୍ଧ ମଧ୍ୟ ଲେଖା ହୁଏ ତା ନାମ ଉପଗୀତି - ଉପଗୀତି ନାମକ ଆର୍ଯ୍ୟା ବା ଉପଗୀତ୍ୟାର୍ଯ୍ୟା ।

उत्क्रमेणोद्गीतिः ॥ 4.30

ଉତ୍କ୍ରମେଣୋଦ୍‌ଗୀତିଃ ॥ 4.30

ଉତ୍କ୍ରମେଣ - ବିପରୀତ କ୍ରମରେ ରଚନା କଲେ ଅର୍ଥାତ୍ ମୂଳ ଆର୍ଯ୍ୟାର ପ୍ରଥମାର୍ଦ୍ଧର ନିୟମରେ ଦ୍ୱିତୀୟାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧର ନିୟମରେ ପ୍ରଥମାର୍ଦ୍ଧ ଲେଖିଲେ ତାହା ହେବ ଉଦ୍‌ଗୀତି - ଉଦ୍‌ଗୀତି ଆର୍ଯ୍ୟା ।

अर्धे वसूगण आर्यागीतिः ॥ 4.31

ଅର୍ଦ୍ଧେ ବସୁଗଣ ଆର୍ୟାଗୀତିଃ ॥ 4.31

ଯାହାର ପ୍ରଥମାର୍ଦ୍ଧ ବସୁ ବା ଆଠ ସଙ୍ଖ୍ୟକ ଗଣ (4× 8=32 ମାତ୍ରା)ରେ ରଚିତ ତାହା ଆର୍ଯ୍ୟାଗୀତି । ଏଠାରେ ବିଶେଷ ନିର୍ଦ୍ଦେଶାଭାବରୁ ଦ୍ୱିତୀୟାର୍ଦ୍ଧ ବି ସେହି ପରି ଆଠ ଗଣ ବା 32 ମାତ୍ରାରେ ହେବ । ଅନ୍ୟ ଆର୍ଯ୍ୟା ପରି ଏହାର ମଧ ଷଷ୍ଠ ଗଣ ଜଗଣ (ISI) ବା ନ୍ଲୌ (IIII) ହେବ ।

ବିଶେଷ ଭକ୍ତବ୍ୟ:

ବିପୁଳା-ଚପଳା ବିଚାରରେ ଆର୍ଯ୍ୟାର 16 ପ୍ରକାର ଭେଦ ସୂତ୍ର 4.27ର ଆଲୋଚନା ଶେଷରେ ଦର୍ଶା ଯାଇଛି । ଏବେ ମୋଟ ମାତ୍ରାବିନ୍ୟାସ ବିଚାରରେ ମୂଳ ଆର୍ଯ୍ୟା (30-27 ମାତ୍ରା ବିଶିଷ୍ଟ) ବାଦ ଅନ୍ୟ 4 ପ୍ରକାର ଆର୍ଯ୍ୟା କଥା କହା ଗଲା ଯଥା:- 1. ଗୀତି (30-30 ମାତ୍ରା) 2. ଉପଗୀତି (27-27 ମାତ୍ରା) 3. ଉଦ୍ଗୀତି (27-30 ମାତ୍ରା) ଓ 4. ଆର୍ଯ୍ୟାଗୀତି (32-32 ମାତ୍ରା) ।

ଏହି ସବୁର ମଧ ବିପୁଳାଚପଳା ବିଚାରରେ 16 ଲେଖା ଭେଦ ଅଛି । ଯଥା ଆର୍ଯ୍ୟାଗୀତିର ନିମ୍ନସ୍ଥ ଭେଦ:

01 — ଆର୍ଯ୍ୟାଗୀତି ପଥ୍ୟା
02 ଆର୍ଯ୍ୟାଗୀତି ଆଦିବିପୁଳା
03 ଆର୍ଯ୍ୟାଗୀତି ଅନ୍ତବିପୁଳା
04 ଆର୍ଯ୍ୟାଗୀତି ଉଭୟବିପୁଳା
05 — ମୁଖଚପଳା-ଆର୍ଯ୍ୟାଗୀତି ପଥ୍ୟା
06 ମୁଖଚପଳା-ଆର୍ଯ୍ୟାଗୀତି ଆଦିବିପୁଳା
07 ମୁଖଚପଳା-ଆର୍ଯ୍ୟାଗୀତି ଅନ୍ତବିପୁଳା
08 ମୁଖଚପଳା-ଆର୍ଯ୍ୟାଗୀତି ଉଭୟବିପୁଳା
09 — ଜଘନଚପଳା-ଆର୍ଯ୍ୟାଗୀତି ପଥ୍ୟା
10 ଜଘନଚପଳା-ଆର୍ଯ୍ୟାଗୀତି ଆଦିବିପୁଳା
11 ଜଘନଚପଳା-ଆର୍ଯ୍ୟାଗୀତି ଅନ୍ତବିପୁଳା
12 ଜଘନଚପଳା-ଆର୍ଯ୍ୟାଗୀତି ଉଭୟବିପୁଳା
13 — ମହାଚପଳା-ଆର୍ଯ୍ୟାଗୀତି ପଥ୍ୟା
14 ମହାଚପଳା-ଆର୍ଯ୍ୟାଗୀତି ଆଦିବିପୁଳା
15 ମହାଚପଳା-ଆର୍ଯ୍ୟାଗୀତି ଅନ୍ତବିପୁଳା
16 ମହାଚପଳା-ଆର୍ଯ୍ୟାଗୀତି ଉଭୟବିପୁଳା

ସେହି ପରି ଉପଗୀତି ଉଦ୍ଗୀତି ଓ ଆର୍ଯ୍ୟାଗୀତିରେ 16-16 ଭେଦ ଅଛି । ମୂଳ ଆର୍ଯ୍ୟା (30-27)ରେ ମଧ ଏହି 16 ଭେଦ ଅଛି । ଅତଃ ଆର୍ଯ୍ୟା ପରିବାରର ମୋଟ ସଦସ୍ୟ ହେଲେ 16× 5= 80 ।

ଇତି ଆର୍ୟାଧିକାର ସମାପ୍ତ

ଅଥ ମତ୍ରାଛନ୍ଦର ଅଧିକାର ପ୍ରାରମ୍ଭ: ପ୍ରଥମେ

ବୈତାଳୀୟାଧିକାର

वैतालीयं द्विःस्वरा अयुक्पादे युग्वसवोऽन्ते ल्गौः ॥ 4.32

ବୈତାଳୀୟଂ ଦ୍ୱିଃସ୍ୱରା ଅୟୁକ୍ପାଦେ ୟୁଗ୍ୱସବୋଽନ୍ତେ ର୍ଲ୍ଗୌଃ ॥ 4.32

ଯେଉଁ ଛନ୍ଦର ଅୟୁକ୍ (ଅଯୁଗ୍ମ) ପାଦେ - ପ୍ରଥମ ଓ ତୃତୀୟ ପାଦରେ ଦ୍ୱିଃସ୍ୱରା - 2×7= 14 ମାତ୍ରା ଓ ଅନ୍ତେ - ଶେଷରେ ର୍ଲ୍ଗଃ - ରଗଣ, ଲଘୁ ଓ ଗୁରୁ ବର୍ଣ୍ଣ, ୟୁକ୍(ଯୁଗ୍ମ)ବସବଃ ଅନ୍ତେ - ଦ୍ୱିତୀୟ ଚତୁର୍ଥ ପାଦରେ ବସୁ ସଙ୍ଖ୍ୟକ ମାତ୍ରା ବା 8 ମାତ୍ରା ପରେ ସେହି ର୍ଲ୍ଗଃ ବା ରଗଣ ଲଘୁ ଗୁରୁ ବର୍ଣ୍ଣ ଥାଏ, ବୈତାଳୀୟଂ - ସେହି ଛନ୍ଦର ନାମ ବୈତାଳୀୟ ।

ଅନ୍ୟ ଭାଷାରେ କହିଲେ ବୈତାଳୀୟର ଅଯୁଗ୍ମ ବା ବିଷମ ପାଦରେ (ପାଦ 1-3 ରେ) 14 ମାତ୍ରା ଓ ଯୁଗ୍ମ ବା ସମ ପାଦରେ (ପାଦ 2-4ରେ) 16 ମାତ୍ରା ରହେ। ବିଷମ ପାଦରେ 6 ମାତ୍ରା ପରେ ଓ ସମ ପାଦରେ 8, ମାତ୍ରା ପରେ 8 ମାତ୍ରା ରଗଣ, ଲଘୁବର୍ଣ୍ଣ, ଗୁରୁବର୍ଣ୍ଣ ଅର୍ଥାତ୍ SIS IS ରହେ ।

ଉଦାହରଣ:

6 ମାତ୍ରା	*SIS IS*
ଆସ ଯିବା	ରମ୍ୟ କାନନେ
8 ମାତ୍ରା	*SIS IS*
ଆନନ୍ଦଭରା	ମୁଗ୍ଧ ଆନନେ ।
କୂଟଜବନ	ଡାକରା ଦିଏ -
ଆସ ଫୁଲବନେ	ଉତ୍ସବପ୍ରିୟେ ॥1॥

ବୈତାଳୀୟ ଛନ୍ଦର କିଛି ଆଧିକ ନିୟମ ସୂତ୍ର 3.35 ଓ 3.36 ରେ ଦିଆ ଯାଇଛି ।

गौपच्छन्दसकम् ॥ 4.33

ଗୌପଚ୍ଛନ୍ଦସକମ୍ ॥ 4.33

ଗ - ଯଦି ପୂର୍ବୋକ୍ତ ବୈତାଳୀୟର ପାଦଗୁଡ଼ିକ ଶେଷରେ ଗୋଟିଏ ଲେଖା ଗଃ - ଗୁରୁ ବର୍ଣ୍ଣ (S) ଯୋଡି ଦିଆ ଯାଏ ତେବେ ଔପଛନ୍ଦସକ - ତାହା ଔପଛନ୍ଦସକ ନାମକ ଛନ୍ଦ ହେବ ।

ଅତଃ ଔପଛନ୍ଦସକ ଛନ୍ଦର ପାଦଗୁଡ଼ିକରେ ବୈତାଳୀୟ ତୁଳନାରେ 2 ମାତ୍ରା ଲେଖା ଅଧିକ ପ୍ରତି ବିଷମ ପାଦରେ 14+2= 16 ଓ ସମ ପାଦରେ 16+2= 18 ମାତ୍ରା ରହେ ।

ଉଦାହରଣ:

ତୁମ ଘର ପଛ	ରମ୍ୟ ଆମ୍ର ତୋଟା
ଉପବନ ସେପଟ	ସେହି ଭୂତକୋଠା ।
ମନରେ ଅଛି	ସେ ନଦୀର ଧାରା
କାର୍ତ୍ତିକ ରାତିର	ସେହି ଚନ୍ଦ୍ରତାରା ॥

आपातलिका भ्गौ ग् ॥ 4.34

ଆପାତଳିକା ଭ୍ଗୌ ଗ୍ ॥ 4.34

ଆପାତଲିକା - ଆପାତଳିକା ଛନ୍ଦରେ ବୈତାଳୀୟର ଅନ୍ୟାନ୍ୟ ନିୟମ ଅପରିବର୍ତ୍ତିତ ରହି କେବଳ ଶେଷ ରଗଣ ଲଘୁ ଗୁରୁ (SIS IS) ବଦଳରେ ଭ୍‌ଗୌ ଗ୍ - ଭଗଣ ଗୁରୁ ଗୁରୁ (SII SS) ହୁଏ ।

ତେଣୁ ଏଥିରେ ବି ବିଷମ ପାଦରେ 16-16 ଓ ସମ ପାଦରେ 18-18 ମାତ୍ରା ରହେ ।

ଉଦାହରଣ:

ତରୁଣ ମନର ଉଚ୍ଛଳ ଆଶା
ମତ୍ତ ମୟୂରର ନୃତ୍ୟର ଭାଷା ।
ବୁଝୁଛି କିଏ ତାର କି ଚିନ୍ତା
ତାର ତ ନୃତ୍ୟ ହିଁ ଅନ୍ତର ଗାଥା ॥

शेषे परेण युङ्न साकम् ॥ 4.35

ଶେଷେ ପରେଣ ୟୁଙ୍ନ ସାକମ୍ ॥ 4.35

ବୈତାଳୀୟର ସବୁ ପାଦର ଶେଷ 8 ମାତ୍ରା SISIS ହେବ । ବାକି ରହିଲା ବିଷମ ପାଦରେ 6-6 ମାତ୍ରା ଓ ସମ ପାଦରେ 8-8 ମାତ୍ରା । ଏଗୁଡିକ ଲାଗି ନିୟମ ହେଲା କି, ଶେଷେ - ଅବଶେଷ ଥିବା ଏହି 6-6 ଓ 8-8 ମାତ୍ରାରେ ୟୁକ୍ - ଯୁଗ୍ମ ବା 2ରେ ବିଭାଜ୍ୟ ମାତ୍ରା (ଦ୍ୱିତୀୟ ଚତୁର୍ଥ ଓ ଷଷ୍ଠ ମାତ୍ରା) ପରେଣ ନ ସାକମ୍ - ପରବର୍ତ୍ତୀ ମାତ୍ରା ସହ (ଦ୍ୱିତୀୟ ମାତ୍ରା ତୃତୀୟ ସହ, ଚତୁର୍ଥ ମାତ୍ରା ପଞ୍ଚମ ସହ ଅଥବା ଷଷ୍ଠ ମାତ୍ରା ସପ୍ତମ ସହ) ମିଶି ଏକ ଗୁରୁବର୍ଣ୍ଣ ହେବ ନାହିଁ ।

ଅନ୍ୟ ଭାଷାରେ କହିଲେ, ପ୍ରଥମେ ଗୋଟିଏ ଗୁରୁ ବା ଦୁଇଟି ଲଘୁ, ତା ପରେ ଗୋଟିଏ ଗୁରୁ ବା ଦୁଇଟି ଲଘୁ, ପୁଣି ଗୋଟିଏ ଗୁରୁ ବା ଦୁଇଟି ଲଘୁ, ଏହିପରି ଏ 6-6 ଓ 8-8 ମାତ୍ରା ଲେଖା ହେବ ।

षट् चामिश्रा युजि ॥ 4.36

ଷଟ୍ ଚାମିଶ୍ରା ୟୁଜି ॥ 4.36

ଚ - ଆଉ ମଧ୍ୟ ନିୟମ ଯେ, ୟୁଜି - ଯୁଗ୍ମ ବା ସମ ପାଦରେ (ଦ୍ୱିତୀୟ ଓ ଚତୁର୍ଥ ପାଦରେ) ଷଟ୍ - କୌଣସି ବି 6 ମାତ୍ରା ଅମିସ୍ରାଃ - ଲଗି ଲାଗି ଲଘୁ ବା ଗୁରୁ ବର୍ଣ୍ଣ ହେବ ନାହିଁ ଅର୍ଥାତ୍ ଲାଗି ଲାଗି ଛ ଲଘୁ III III କିମ୍ବା ତିନି ଗୁରୁ SSS ହେବ ନାହିଁ ।

ସ୍ମରଣୀୟ ଯେ 3.35 ଓ 3.36 ରେ କଥିତ ନିୟମ ସମୂହ ଔପଚ୍ଛନ୍ଦସକ ଓ ଆପାତଳିକାରେ ମଧ୍ୟ ଲାଗିବ ।

ଏବେ କିଛି ଅପବାଦ ଅର୍ଥାତ୍ ବ୍ୟତିକ୍ରମ ଚର୍ଚ୍ଚା:

पञ्चमेन पूर्वः साकं प्राच्यवृत्तिः ॥ 4.37

ପଞ୍ଚମେନ ପୂର୍ବଃ ସାକଂ ପ୍ରାଚ୍ୟବୃତ୍ତିଃ ॥ 4.37

ଅନୁବୃତ୍ତିରୁ ଆସିଲା ୟୁଜି - ଅର୍ଥାତ୍ ଯୁଗ୍ମ ବା ସମ ପାଦରେ (ପାଦ 2-4ରେ) ପଞ୍ଚମେନ ପୂର୍ବଃ - ପଞ୍ଚମ ମାତ୍ରା ପୂର୍ବସ୍ଥ ବା ଚତୁର୍ଥ ମାତ୍ରା ସାକଂ - ସହ ମିଶି ଗଲେ ଅର୍ଥାତ୍ ଚତୁର୍ଥ ଓ ପଞ୍ଚମ ମାତ୍ରାକୁ ନେଇ ଏକ ଗୁରୁ ବର୍ଣ୍ଣ ହେଲେ ପ୍ରାଚ୍ୟବୃତ୍ତିଃ - ଏହା ପ୍ରାଚ୍ୟବୃତ୍ତି ବୈତାଳୀୟ ।

ଉଦାହରଣ:

ଆସ ଥରେ ରମ୍ୟ କାନନେ
ହାସ୍ୟରେ ଝଲସି ମୁଗ୍ଧ ଆନନେ ।

କୂଟଜବନ ଡାକରା ଦିଏ -
ଆସ ପୁଷ୍ପବନ ଉତ୍ସବପ୍ରିୟେ ॥

ଏଠାରେ ଦ୍ୱିତୀୟ ପାଦରେ ହା-2 ମାତ୍ରା ସ୍ୟ-1 ମାତ୍ରା ଗତେ ରେ-2 ମାତ୍ରା ଅର୍ଥାତ୍ ଚତୁର୍ଥ ଓ ପଞ୍ଚମ ମାତ୍ରାକୁ ମିଶେଇ ଏକ ଗୁରୁ ବର୍ଣ୍ଣ ହେଇଛି । ତଥା ଚତୁର୍ଥ ପାଦରେ ଆ-2 ମାତ୍ରା ଓ ସ-1 ମାତ୍ରା ପରେ ପୁ- ଗୁରୁ ବା ଦ୍ୱିମାତ୍ରିକ ବର୍ଣ୍ଣରେ ଚତୁର୍ଥ ଓ ପଞ୍ଚମ ମାତ୍ରା ମିଶି ରହିଛି । ଏହା ପ୍ରାଚ୍ୟବୃତ୍ତି ବୈତାଳୀୟ ।

अयुक्तृतीयेनोदीच्यवृत्तिः ॥ 4.38

ଅଯୁକ୍ତୃତୀୟେନୋଦୀଚ୍ୟବୃତ୍ତିଃ ॥ 4.38

ଅଯୁକ୍ - ଅଯୁଗ୍ମ ପାଦରେ (ପାଦ 1-3ରେ) ତୃତୀୟେନ - ତୃତୀୟ ମାତ୍ରା ସହ ତା ପୂର୍ବସ୍ଥ (ଦ୍ୱିତୀୟ) ମାତ୍ରାର ମିଶ୍ରଣ ହେଲେ ଉଦୀଚ୍ୟବୃତ୍ତିଃ - ସେହି ଛନ୍ଦ ଉଦୀଚ୍ୟବୃତ୍ତି ବୈତାଳୀୟ ।

ଉଦାହରଣ:

ଯିବା ଥରେ ରମ୍ୟ କାନନେ
ଆନନ୍ଦଭରା ମୁଗ୍ଧ ଆନନେ ।
ଅରଣ୍ୟଝର ଡାକରା ଦିଏ -
ଆସ ଫୁଲବନେ ଉତ୍ସବପ୍ରିୟେ ॥

ଏଥିରେ ପ୍ରଥମ ପାଦର ବା- ଏହି 2 ମାତ୍ରିକ ବର୍ଣ୍ଣରେ ଓ ତୃତୀୟ ପାଦରେ ର- ଏହି 2-ମାତ୍ରିକ ବର୍ଣ୍ଣରେ ପାଦର ଦ୍ୱିତୀୟ ଓ ତୃତୀୟ ମାତ୍ରା ମିଶିଛି । ଏହାର ନାମ ଉଦୀଚ୍ୟବୃତ୍ତି ବୈତାଳୀୟ ।

आभ्यां युगपत्प्रवृत्तकम् ॥ 4.39

ଆଭ୍ୟାଂ ଯୁଗପତ୍ ପ୍ରବୃତ୍ତକମ୍ ॥ 4.39

ଆଭ୍ୟାଂ - ପ୍ରାଚ୍ୟ ଓ ଉଦୀଚ୍ୟବୃତ୍ତି ଯୁଗପତ୍ - ଏକ ସଙ୍ଗେ ବୈତାଳୀୟରେ ରହିଲେ ପ୍ରବୃତ୍ତକମ୍ - ତା ନାମ ପ୍ରବୃତ୍ତକ ବୈତାଳୀୟ ।

ଉଦାହରଣ:

ଯିବା ଥରେ ରମ୍ୟ କାନନେ
ହାସ୍ୟରେ ଝଲସି ମୁଗ୍ଧ ଆନନେ ।
ଅରଣ୍ୟଝର ଡାକରା ଦିଏ -
ଆସ ପୁଷ୍ପବନ ଉତ୍ସବପ୍ରିୟେ ॥

ଏଥିରେ ପାଦ 2-4ରେ ମାତ୍ରା 4-5ର ଓ ପାଦ 1-3ରେ ମାତ୍ରା 2-3ର ମିଶ୍ରଣରେ ଗୋଟିଏ ଲେଖା ଗୁରୁ ଅର୍ଥାତ୍ ଦ୍ୱିମାତ୍ରିକ ବର୍ଣ୍ଣ ହେଇଛି । ଏପରି ଉଦୀଚ୍ୟବୃତ୍ତି ଓ ପ୍ରାଚ୍ୟବୃତ୍ତିର ଏକତ୍ର ଅବସ୍ଥାନ ଥିଲେ ତା ନାମ ପ୍ରବୃତ୍ତକ ବୈତାଳୀୟ ।

अयुक्चारुहासिनी ॥ 4.40

ତର୍ଜ୍ଜା **ଅଯୁକ୍ଚାରୁହାସିନୀ ॥ 4.40**

ଯେଉଁ ଛନ୍ଦର ଚାରି ପାଦ ଯାକରେ ପ୍ରବୃତ୍ତକର ଅଯୁକ୍ - ଅଯୁଗ୍ମ ଅର୍ଥାତ୍ ବିଷମ ପାଦ ପରି (ପାଦ 1-3 ପରି) ଲକ୍ଷଣ ଥିବ ତାହା ଚାରୁହାସିନୀ - ଚାରୁହାସିନୀ ବୈତାଳୀୟ ।

ଉଦାହରଣ:

ଯିବା ଥରେ ରମ୍ୟ କାନନେ

ସୁଖେଭରା ମୁଗ୍ଧ ଆନନେ ।
ଅରଣ୍ୟ ହସି ଡାକରା ଦିଏ -
ଗଲେ କରିବ ଉତ୍ସବପ୍ରିୟେ ॥1॥

युगपरान्तिका ॥ 4.41

ଯୁଗପରାନ୍ତିକା ॥ 4.41

ଯେଉଁ ଛନ୍ଦର ଚାରି ପାଦ ଯାକରେ ପ୍ରବୃତ୍ତକର ଯୁକ୍ - ଯୁଗ୍ମ ଅର୍ଥାତ୍ ସମ ପାଦ ପରି (ପାଦ **2-4** ପରି) ଲକ୍ଷଣ ଥିବ ତାହା ଅପରାନ୍ତିକା - ଅପରାନ୍ତିକା ବୈତାଳୀୟ ।

ଉଦାହରଣ:

ଆସ ଶୀଘ୍ରତର ରମ୍ୟ କାନନେ
ହାସ୍ୟରେ ଝଲସି ମୁଗ୍ଧ ଆନନେ ।
ଫୁଲର ଗନ୍ଧ ଶୁଣ ଡାକରା ଦିଏ -
ଆସ ପୁଷ୍ପବନ ଉତ୍ସବପ୍ରିୟେ ॥1॥

ଇତି ବୈତାଳୀୟାଧିକାର

ଅଥ ମାତ୍ରାସମକାଧିକାର

गन्ता द्विर्वसवो मात्रासमकं ल् नवमः ॥ 4.42

ଗନ୍ତା ଦ୍ୱିର୍ବସବୋ ମାତ୍ରାସମକଂ ଲ୍ ନବମଃ ॥ 4.42

ଗ୍ ଅନ୍ତା - ଚାରି ପାଦ ଯାକ ଗୁରୁ ବର୍ଣ୍ଣରେ ସରୁ ଥିବା ଦ୍ୱିଃ ବସବଃ - ଦୁଇ ଗୁଣ ବସୁ ବା ଆଠ ସଙ୍ଖ୍ୟକ ଅର୍ଥାତ୍ ସବୁ ପାଦରେ **16-16** ମାତ୍ରା ଥାଇ ଲ୍ ନବମଃ - ନବମ ବର୍ଣ୍ଣ ଲଘୁ ଥିଲେ ମାତ୍ରାସମକଂ - ସେହି ଛନ୍ଦର ନାମ ମାତ୍ରାସମକ ।

ଉଦାହରଣ:

ମା ଗୋ ଟିକିଏ ଶୁଣ ମୋ ଭାଷା
ଶ୍ରାନ୍ତ କଳେବର ଭୟରେ ବିଦିଶା ।
ଦିଅ ମା ପ୍ରାଣକୁ ଟିକିଏ ରକ୍ଷା
ଭୂପତି ମୋହର କଳିବେ ଶିକ୍ଷା ॥

द्वादशश्च वानवासिका ॥ 4.43

ଦ୍ୱାଦଶଶ୍ଚ ବାନବାସିକା ॥ 4.43

ଏଠାରେ ପୂର୍ବ ସୂତ୍ରର ଲ୍ ନବମଃର ଅନୁବୃତ୍ତି ରହି ଅଛି । ବକ୍ତବ୍ୟ ହେଲା, ମାତ୍ରାସମକର ସବୁ ପାଦରେ ନବମ ବର୍ଣ୍ଣ ପରି ଦ୍ୱାଦଶଶ୍ଚ - ଦ୍ୱାଦଶ ମଧ୍ୟ ଲଘୁ ହେଲେ ତା ନାମ ବାନବାସିକା ମାତ୍ରାସମକ ।

ଉଦାହରଣ:

ମା ଗୋ ଶୁଣ ଶୁଣ		ସୁତମୁଖ ଭାଷା
ଶ୍ରାନ୍ତ କଳେବର		ବହୁତ ପିପାସା ।
ଦିଅ ମା ପ୍ରାଣକୁ		ନିଜେ ସୁରକ୍ଷା
ଆଗକୁ ମୋହର		ରହିଛି ପରୀକ୍ଷା ॥

विश्लोक पञ्चमाष्टमौ ॥ 4.44

ବିଶ୍ଲୋକ ପଞ୍ଚମାଷ୍ଟମୌ ॥ **4.44**

ଯେଉଁ **16-**ମାତ୍ରା ଛନ୍ଦର ପ୍ରତି ପାଦ ଶେଷରେ ଗୁରୁ ବର୍ଣ୍ଣ ଥିବ ତଥା ପ୍ରତି ପାଦର ପଞ୍ଚମ ଓ ଅଷ୍ଟମ ମାତ୍ରା ଲଘୁବର୍ଣ୍ଣ ଥିବ ତାହା ବିଶ୍ଲୋକ ମାତ୍ରାସମକ ।

ଉଦାହରଣ:

ମା ଗୋ ତୁ ଚାହଁ		ମୋ ମୁଖକୁ ଥରେ
ଶ୍ରାନ୍ତ ବହୁତ ମୁହିଁ		ଭୀଷଣ ସମରେ ।
ଦିଅ ମା ମନ ଭରି		ଆଶିଷ ବାର୍ତା
ଆଗକୁ ରହି ଅଛି		ଦୈନ୍ୟ ଅବସ୍ଥା ॥

चित्रा नवमश्च ॥ 4.45

ଚିତ୍ରା ନବମଶ୍ଚ ॥ **4.45**

ଏହି ପଞ୍ଚମ ଓ ଅଷ୍ଟମ ମାତ୍ରା ସହ ନବମ ମାତ୍ରା ମଧ ଲଘୁ ହେଲେ ସେ ଛନ୍ଦ ନାମ ଚିତ୍ରା ମାତ୍ରାସମକ ।

ଉଦାହରଣ:

ମା ଗୋ ତୁ ଥରକ		ଶୁଣ ମୋ ଭାଷା
ଶଙ୍କିତ ନରଗଣ		ଭୟରେ ବିଦିଶା ।
ଶୀଘ୍ର ଜଳ ଦେଇ		କର ମୋ ରକ୍ଷା
ଯୁଦ୍ଧ କରୁ ଥିବି ମୁଁ		ଲଭିଅଛି ଶିକ୍ଷା ॥

परयुक्तेनोपचित्रा ॥ 4.46

ପରଯୁକ୍ତେନୋପଚିତ୍ରା ॥ **4.46**

ଏଥିରେ ପୂର୍ବସୂତ୍ରରୁ ନବମଃର ଅନୁବୃତ୍ତି ଅଛି । ଏହି ନବମ ମାତ୍ରା ପରଯୁକ୍ତେନ - ପରବର୍ତ୍ତୀ (ଦଶମ) ମାତ୍ରା ସହ ମିଶି ଗୁରୁବର୍ଣ୍ଣ ହେଲେ ସେହି ଛନ୍ଦର ନାମ ଉପଚିତ୍ରା ମାତ୍ରାସମକ । ଏଥିରେ ମଧ ଶେଷରେ ଗୁରୁ ବର୍ଣ୍ଣ ରହିବ ।

ଉଦାହରଣ:

ମା ଗୋ ଚଞ୍ଚଳ		ହେଜିବ ଭାଷା
ଶାନ୍ତ ଧରିତ୍ରୀ		ଶଙ୍କିତ ବିଦିଶା ।
ଜଳ ଦାନ କଲେ		ପାଇବି ରକ୍ଷା
ଭୂପତି କରିବେ		ମୋର ପରୀକ୍ଷା ॥

एभिः पादाकुलकम् ॥ 4.47

ଏଭି ପାଦାକୁଳକମ୍ ॥ 4.47

ଏଭିଃ - ଏ ଗୁଡ଼ିକର (ଏହି ପାଞ୍ଚ ପ୍ରକାର ମାତ୍ରାସମକର) ମିଶ୍ରଣରେ ଅର୍ଥାତ୍ ପଦର ଭିନ୍ନ ଭିନ୍ନ ପାଦରେ ଏହି ପାଞ୍ଚରୁ ଅଲଗା ଅଲଗା ନିୟମର ଲେଖା ରହିଲେ ପାଦାକୁଳକମ୍ - ସେ ଛନ୍ଦର ନାମ ପାଦାକୁଳକ ।

ଇତି ମାତ୍ରାସମକ ଅଧିକାର ସମାପ୍ତ ॥

ଅଥ ଗୀତ୍ୟାର୍ଯ୍ୟା ଭେଦ ପ୍ରାରମ୍ଭ

गीत्यार्या लः ॥ 4.48

ଗୀତ୍ୟାର୍ଯ୍ୟା ଲଃ ॥ 4.48

ଯେଉଁ ଛନ୍ଦର ପ୍ରତି ପାଦରେ କେବଳ 16ଟି ଲେଖା ଲଃ - ଲଘୁ ବର୍ଣ୍ଣ ଥାଏ ଗୀତ୍ୟାର୍ଯ୍ୟା - ତା ନାମ ଗୀତି ଆର୍ଯ୍ୟା ।

ଉଦାହରଣ:

ପ୍ରଭୁ ତବ ପଦତଳ ସୁଢଳ କମଳ ସମ

ଶିର ତହିଁ ରଖୁଅଛି ତବ ସୁତ ମୁଁ ଅଧମ ।

ରଖିବ ସରଳମତି କରି ଅଛି ମୁହିଁ ମନ

ନ ଦିଅ ନ ଦିଅ କିଛି ପଦ କିଛି ଧନଜନ ॥

शिखा विपर्यस्ताऽर्धा ॥ 4.49

ଶିଖା ବିପର୍ୟସ୍ତାଽର୍ଧା ॥ 4.49

ଯେଉଁ ଛନ୍ଦର ଅର୍ଧା - ଅର୍ଦ୍ଧେକ ବିପର୍ୟସ୍ତା - ପୂର୍ବ ବିଧାନର ବିପରୀତ ଗୁରୁ ବର୍ଣ୍ଣ ହେଇ ଥିବ ଶିଖା - ତାହାର ନାମ ଶିଖା ଛନ୍ଦ ।

लः पूर्वश्चेज्ज्योतिः ॥ 4.50

ଲଃ ପୂର୍ବଶ୍ଚେଜ୍ଜ୍ୟୋତିଃ ॥ 4.50

ଚେତ୍ - ଯଦି ପୂର୍ବଃ - ପୂର୍ବାର୍ଦ୍ଧ ଭାଗରେ ଲଃ - ଏହି ଲଘୁ ମାତ୍ରା ବିଶିଷ୍ଟ (ଏକମାତ୍ରିକ) ବର୍ଣ୍ଣ ସବୁ ରହି ଥାଏ ଜ୍ୟୋତଃ - ତେବେ ତାହା ଶିଖା ଜ୍ୟୋତି ଛନ୍ଦ ।

ଉଦାହରଣ:

ପ୍ରଭୁ ତବ ପଦତଳ ସୁଢଳ କମଳ ସମ

ଶିର ତହିଁ ରଖୁଅଛି ତବ ସୁତ ମୁଁ ଅଧମ ।

ଆହେ ଧାତା ଚାହେଁ ରକ୍ଷା ଚପଳା

ତୁଚ୍ଛା ଏ ବୀରଦ୍ୱେ ଶିକ୍ଷା ॥

गश्चेत्सौम्या ॥ 4.51

ଗଶ୍ଚେତ୍ସୌମ୍ୟା ॥ 4.51

ଏଠି ଅନୁବୃତ୍ତି ପୂର୍ବଃ । ଚେତ୍ - ଯଦି ପୂର୍ବଃ - ପୂର୍ବାର୍ଦ୍ଧରେ ଅର୍ଥାତ୍ ପ୍ରଥମାର୍ଦ୍ଧରେ ଗଃ - ଏହି ଗୁରୁ ବର୍ଣ୍ଣ ସବୁ ଥାଏ, ସୌମ୍ୟା - ତାହା ଶିଖା ସୌମ୍ୟା ଛନ୍ଦ ।

ଉଦାହରଣ:

ଆହେ ଧାତା ଚାହେଁ ରକ୍ଷା

ତୁଚ୍ଛା ଏ ବୀରତ୍ୱେ ଦୀକ୍ଷା ।

ପ୍ରଭୁ ତବ ପଦତଳ ସୁଜଳ କମଳ ସମ

ଶିର ତହିଁ ରଖୁଅଛି ତବ ସୁତ ମୁଁ ଅଧମ ॥

चूलिकैकोनत्रिंशदेकत्रिंशदन्ते गः ॥ 4.52

ଚୂଳିକୈକୋନତ୍ରିଂଶଦେକତ୍ରିଂଶଦନ୍ତେ ଗଃ ॥ 4.52

ଏକୋନତ୍ରିଂଶତ୍ - ଯେଉଁ ଛନ୍ଦର ପୂର୍ବାର୍ଦ୍ଧରେ ତିରିଶକୁ ଏକ ଊଣା ଅର୍ଥାତ୍ 29 ମାତ୍ରା, ଏକତ୍ରିଂଶତ୍ - ଉତ୍ତରାର୍ଦ୍ଧରେ 31 ମାତ୍ରା ଥାଇ ଅନ୍ତେ - ଏ ଉଭୟ ଅର୍ଦ୍ଧାଂଶର ଅନ୍ତେ - ଶେଷରେ ଗଃ - ଗୁରୁ ବର୍ଣ୍ଣ ଥାଏ ଚୂଳିକା - ତା ନାମ ଚୂଳିକା ଛନ୍ଦ ।

ଉଦାହରଣ:

ହସ ହସ ଅହରହ ସହଚର ସହିତ   (15 ମାତ୍ରା

ତରକି ତରକି ଥକି ଯିବ ନୟନେ ।   (14 ମାତ୍ରା

ତର ତର ସରିତର ମଧୁର ଦଳ ଝରିତ (16 ମାତ୍ର

ରଣ ଝଣ ବିଲ ବଣ,   ପୟରର ଗହଣା ॥(15 ମା.

ଏଥିରେ ପ୍ରଥମାର୍ଦ୍ଧ 15+14= 29 ଓ ଦ୍ୱିତୀୟାର୍ଦ୍ଧ 16+15= 31 ମାତ୍ରା ବିଶିଷ୍ଟ ଏବଂ ପ୍ରଥମାର୍ଦ୍ଧରେ ତଥା ଦ୍ୱିତୀୟାର୍ଦ୍ଧରେ ଶେଷ ଦୁଇ ମାତ୍ରା ମିଶେଇ ଗୋଟିଏ ଲେଖା ଗୁରୁ ବର୍ଣ୍ଣ ଅଛି । ଅତଃ ଏହା ଚୂଳିକା ଛନ୍ଦ ।

सा ग् येन न समा लां ग्ल इति ॥ 4.53

ସା ଗ୍ ୟେନ ନ ସମା ଲାଂ ଗ୍ଲ ଇତି ॥ 4.53

ନିର୍ଦ୍ଧାରିତ ମୋଟ ମାତ୍ରା ସଙ୍ଖ୍ୟାରୁ ଗ୍ଲ - ଗୁରୁ-ଲଘୁ ସମଷ୍ଟି ୟେନ ଲାଂ ନ ସମା - ଯେତିକି ବର୍ଣ୍ଣ କମି ଯିବ ସା ଗ୍ - ସେଥିରେ ସେଣିକି ଗୁରୁ ବର୍ଣ୍ଣ ଅଛି ବୋଲି ଜଣା ପଡିବ । ଇତି - ଅଧ୍ୟାୟ ସରିଲା ।

ଉଦାହରଣ:

ଧରା ଯାଉ ଗୋଟିଏ ଅର୍ଦ୍ଧାଂଶରେ ରହିବା କଥା 27 ମାତ୍ରା ଓ ତାହା ନିମ୍ନ ଲିଖିତ ଲଘୁ-ଗୁରୁ କ୍ରମରେ 18ଟି ବର୍ଣ୍ଣରେ ଲେଖା ଅଛି:-

IIS ISI SSI SIS SIS IIS

ଏଥିରେ ଗୁରୁ ବର୍ଣ୍ଣ କେତେ ଅଛି? ଉତ୍ତର ହେଲା 27-18= 9ଟି । ଗୁରୁ ବର୍ଣ୍ଣ ଅଲଗା ଗଣିଲେ ବି ଉତ୍ତର ସେହି 9 ହେବ ।

ଏଠାରେ ଇତି ଶବ୍ଦ ଅଧ୍ୟାୟ ସମାପ୍ତିର ସୂଚକ ।

ଇତି ଚତୁର୍ଥୋଽଧ୍ୟାୟଃ ସମାପ୍ତଃ ॥

ଅଥ ପଞ୍ଚମୋଽଧ୍ୟାୟ ପ୍ରାରମ୍ଭଃ ॥

वृत्तम् ॥ 5.01

ବୃତ୍ତମ୍ ॥ 5.01

ଏହିଠାରୁ ବୃତ୍ତର ଅଧିକାର ପ୍ରାରମ୍ଭ ହେଲା । ଏହା ଗ୍ରନ୍ଥର ଶେଷ ଯାଏ ଲାଗି ରହିବ ।

ବୃତ୍ତ କଣ ? ପଦ୍ୟଂ ଚତୁଷ୍ପଦୀ ତଚ୍ଚ ବୃତ୍ତଂ ଜାତିରିତି ଦ୍ୱିଧା । 4 ପାଦର ପଦ୍ୟ - ତାହା ମଧ୍ୟ ଦୁଇ ପ୍ରକାର ଅଛି - ଯାହାକୁ ବୃତ୍ତ କହା ଯାଏ । ବୈଦିକ ଗାୟତ୍ରୀ ଆଦି ଛନ୍ଦରୁ ଉଦ୍‌ବୃତ୍ତ (ନିଷ୍ପନ୍ନ) ବା ଆବିଷ୍କୃତ ହେଇ ଥିବାରୁ ଏହାର ନାମ ବୃତ୍ତ ।

ଏହି ବୃତ୍ତ ଦୁଇ ପ୍ରକାର । ଯେଉଁଥିରେ ବର୍ଣ୍ଣର ସଙ୍ଖ୍ୟା ତଥା ଲଘୁ ଓ ଗୁରୁବର୍ଣ୍ଣର ଶୃଙ୍ଖଳା (ପ୍ରତ୍ୟେକ ଅକ୍ଷରରେ) ମାନି ଲେଖିବାକୁ ପଡେ ତାହା ବର୍ଣ୍ଣବୃତ୍ତ । ଅନ୍ୟ କେତେକ ରଚନା ଏହାଠୁ ଭିନ୍ନ ମୋଟ ମାତ୍ରା ମାନିବାକୁ ପଡେ ଓ ବର୍ଣ୍ଣବୃତ୍ତ ପରି ଲଘୁଗୁରୁ ଶୃଙ୍ଖଳା ସେହି ବୃତ୍ତର ଯେତିକି ନିୟମ ଥିବ ସେହି ଅଳ୍ପ କିଛି ନିୟମ ମାନି ଲେଖିବାକୁ ପଡେ । କିନ୍ତୁ ଆମୂଳଚୂଳ ଲଘୁଗୁରୁ ନିୟମ ଏଥିରେ ନ ଥାଏ । ଏହାର ନାମ ମାତ୍ରାବୃତ୍ତ ।

ବର୍ଣ୍ଣବୃତ୍ତକୁ ବାର୍ଣ୍ଣିକ ଛନ୍ଦ ମଧ୍ୟ କହା ଯାଏ । ପୁଣି ଏହାର ନିୟମକୁ ଗଣ ଆକାରରେ ସୂଚିତ କରା ଯାଉ ଥିବାରୁ ଏହାର ଅନ୍ୟ ନାମ ଗଣଛନ୍ଦ । ସେହି ପରି ମାତ୍ରାବୃତ୍ତ ମାତ୍ରିକ ଛନ୍ଦ ବୋଲି ମଧ୍ୟ ପରିଚିତ । କେହି କେହି ଏହାକୁ ମାତ୍ରାଛନ୍ଦ ବି କହିଥାନ୍ତି ।

ଏହି ବାର୍ଣ୍ଣିକ ଓ ମାତ୍ରିକ ଛନ୍ଦଗୁଡିକ ବୈଦିକ ଛନ୍ଦଠୁ ଭିନ୍ନ ଓ କବିଗଣ ତଥା ସାଧାରଣ ଲୋକେ ଏ ସବୁ ଲେଖିବାକୁ ଅଧିକୃତ । ବୈଦିକ ଛନ୍ଦ ପରି ଅପୌରୁଷେୟ ନୁହେଁ, ଲୋକଙ୍କ ଛନ୍ଦ ବୋଲି ଉଭୟ ବାର୍ଣ୍ଣିକ ଓ ମାତ୍ରିକ ଛନ୍ଦର ନାମ ଲୌକିକ ଛନ୍ଦ ।

ପାଦ ଶବ୍ଦର ଗୋଟିଏ ଅର୍ଥ ମଧ୍ୟ ପାଏ ବା ଏକ ଚତୁର୍ଥାଂଶ । ଏହି ଅର୍ଥରେ ପାଏ ଶବ୍ଦ ଏବେ ବି ସାରା ଭାରତରେ ପ୍ରଚଳିତ ।

सममर्धसमं विषमं च ॥ 5.02

ସମମର୍ଧସମଂ ବିଷମଂ ଚ ॥ 5.02

ପାଦରଚନା ନିୟମର ସାମ୍ୟାସାମ୍ୟ ବିଚାରରେ ଉଭୟ ବାର୍ଣ୍ଣିକ ଓ ମାତ୍ରିକ ଛନ୍ଦ ତିନି ପ୍ରକାର । ଏହି ବିଭାଜନ ଗୁଡିକ ହେଲା ସମ ଅର୍ଦ୍ଧସମ ଓ ବିଷମ ଛନ୍ଦ ।

ଯେଉଁ ଛନ୍ଦରେ 4 ପାଦ ଯାକର ସମସ୍ତ ନିୟମ ଏକା ତାହା ସମଛନ୍ଦ । ଯେଉଁଥିରେ ପ୍ରଥମାର୍ଦ୍ଧର (ପାଦ 1+2ର) ସମଗ୍ର ନିୟମ ସହ ଦ୍ୱିତୀୟାର୍ଦ୍ଧର (ପାଦ 3+4ର) ସମଗ୍ର ନିୟମ ଏକା ତାହା ଅର୍ଦ୍ଧସମଛନ୍ଦ । ଅନ୍ୟ ଭାଷାରେ କହିଲେ, ଅର୍ଦ୍ଧସମ ଛନ୍ଦରେ ପାଦ-1ର ସମସ୍ତ ନିୟମ ସହ ପାଦ-3ର ସମସ୍ତ ନିୟମ ସମାନ ତଥା ପାଦ-2ର ସମସ୍ତ ନିୟମ ସହ ପାଦ-4ର ସମସ୍ତ ନିୟମ ସମାନ କିନ୍ତୁ ପାଦ 1-3 ନିୟମଠୁ ପାଦ 2-4ର ନିୟମ ଭିନ୍ନ । ଯେଉଁ ଛନ୍ଦ ସମ ନୁହେଁ କି ଅର୍ଦ୍ଧସମ ନୁହେଁ ତାହା ବିଷମଛନ୍ଦ ।

- ଛନ୍ଦ ବା ବୃତ୍ତ
  - ମାତ୍ରିକ ଛନ୍ଦ
    - ସମ
    - ଅର୍ଦ୍ଧସମ
    - ବିଷମ
  - ବାର୍ଣ୍ଣିକ ଛନ୍ଦ
    - ସମ
    - ଅର୍ଦ୍ଧସମ
    - ବିଷମ

समं तावत्कृत्वः कृतमर्धसमम् ॥ 5.03

ସମଂ ତାବତ୍କୃତ୍ୱଃ କୃତମର୍ଧସମମ୍ ॥ **5.03**

ସମଂ - କୌଣସି ସମବୃତ୍ତର ଯେତିକି ସଙ୍ଖ୍ୟକ ଭେଦ ବା ପ୍ରକାର ଅଛି ତାବତ୍କୃତ୍ୱଃ - ସେହି ସଙ୍ଖ୍ୟାକୁ ସେହି ସଙ୍ଖ୍ୟାରେ କୃତମ୍ - ଗୁଣନ କଲେ ଅର୍ଥାତ୍ ସେହି ସଙ୍ଖ୍ୟାର ବର୍ଗ ବାହାର କରି ସେଥିରୁ ମୂଳ ସଙ୍ଖ୍ୟାଟି ବିୟୋଗ କଲେ ଯାହା ରହିବ ଅର୍ଦ୍ଧସମମ୍ - ସେତିକି ସଙ୍ଖ୍ୟାକ ଅର୍ଦ୍ଧସମ ବୃତ୍ତ ଅଛି ।

1 ବର୍ଣ୍ଣକୁ ନେଇ **2^1= 2**ଟି, **2** ବର୍ଣ୍ଣକୁ ନେଇ **2^2= 4**ଟି, **3** ବର୍ଣ୍ଣକୁ ନେଇ **2^3= 8**ଟି, **4** ବର୍ଣ୍ଣକୁ ନେଇ **2^4= 16**ଟି - ଏହି ପରି ସଙ୍ଖ୍ୟାର ବାର୍ଣ୍ଣିକ ସମଚ୍ଛନ୍ଦ ଅଛି ।

ଯଦି ପ୍ରତି ପାଦରେ ବର୍ଣ୍ଣ ସଙ୍ଖ୍ୟା **n** ହୁଏ ତେବେ ସେହି ସଙ୍ଖ୍ୟକ ବର୍ଣ୍ଣରେ ସମଚ୍ଛନ୍ଦ ହେବ ମୋଟ **2^n (2 to the power n)** । ତେଣୁ **n** ସଙ୍ଖ୍ୟକ ବର୍ଣ୍ଣ ଥାଇ ଅର୍ଦ୍ଧସମ ବୃତ୍ତ ସଙ୍ଖ୍ୟା ହେବ **(2^n)^2-2^n** ।

ଉଦାହରଣ:

3 ବର୍ଣ୍ଣକୁ ନେଇ ସମଚ୍ଛନ୍ଦ ସମୂହ ହେଲା **III IIS ISI ISS SII SIS SSI** ଓ **SSS** - ଏହି ଆଠଟି (ଯାହା ବିଭିନ୍ନ ଗଣ ବୋଲି ମଧ୍ୟ ନାମିତ) । ତେବେ ସେହି **3** ବର୍ଣ୍ଣର ଅର୍ଦ୍ଧସମ ଛନ୍ଦ ସଙ୍ଖ୍ୟା **(2^3)^2-8= 8^2-8= 64-8= 56** । (ମୋଟ **64**ଟି ବୃତ୍ତରେ **8**ଟି ସମ ବୃତ୍ତ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ତାହା **64**ରୁ ବିଯୁକ୍ତ ହେଲା ।

ସ୍ମରଣୀୟ ଯେ ଏହି ସୂତ୍ରରେ ଓ ଏହା ପର ଦୁଇଟି ସୂତ୍ରରେ ଯେଉଁ ଅର୍ଦ୍ଧସମ ଓ ବିଷମ ଛନ୍ଦ କଥା କହା ଯାଉଛି ସେଥିରେ **4**ଟି ଯାକ ପାଦର ବର୍ଣ୍ଣ ସଙ୍ଖ୍ୟା ସମାନ କିନ୍ତୁ ଲଘୁଗୁରୁ ବର୍ଣ୍ଣକ୍ରମରେ ଭିନ୍ନତା ହେତୁ ସମଚ୍ଛନ୍ଦ ନୁହେଁ ।

विषमं च ॥ 5.04

ବିଷମଂ ଚ ॥ **5.04**

ଚ - ଆଉ (ସେହି ପରି) ମଧ୍ୟ ବିଷମଂ - ବିଷମ ବୃତ୍ତ ସଙ୍ଖ୍ୟା ଜାଣିବାକୁ ସେହି ପରି (ଅଙ୍କ କଷିବାକୁ ପଡିବ) ।

ଏଠାରେ କହା ଯାଉଛି ପ୍ରତି ପାଦରେ ଏକ ନିର୍ଦ୍ଦିଷ୍ଟ ସଙ୍ଖ୍ୟକ ବର୍ଣ୍ଣ ଥାଇ କେତେ ବିଷମ ଛନ୍ଦ ହେଇ ପାରିବ ଜାଣିବା ପାଇଁ ସେହି ଏକା ଉପାୟ । ଏ କ୍ଷେତ୍ରରେ ସେହି ଅର୍ଦ୍ଧସମ ବର୍ଣ୍ଣ ସଙ୍ଖ୍ୟାକୁ ସେହି ସଙ୍ଖ୍ୟାରେ ଗୁଣନ କରି ଗୁଣଫଳରୁ ସେହି ସଙ୍ଖ୍ୟା ବିୟୋଗ ଏହାର ଉତ୍ତର ମିଳିବ ।

ଉଦାହରଣ:

3 ବର୍ଣ୍ଣ ପ୍ରତିପାଦ ଥିଲେ ଆମେ ଜାଣିଲୁ ସମ ଓ ଆର୍ଦ୍ଧସମ ମିଶି **64**ଟି ଛନ୍ଦ ହୁଏ । ଏଥିରେ ଅର୍ଦ୍ଧସମ ଛନ୍ଦ ହେବ **64^2-64= 4096-64= 4032**ଟି ।

ମୋଟ **4096**ରୁ ବାକି ବାକି **64**ରେ **56**ଟି ଅର୍ଦ୍ଧ ସମ ଓ **8**ଟି ସମଚ୍ଛନ୍ଦ ଅଛି ।

(ଏ ଗଲା ସେହି ବିଷମ ଛନ୍ଦ କଥା ଯେଉଁଥିରେ 3 ପ୍ରକାର ବର୍ଣ୍ଣକ୍ରମର ପାଦ ସବୁ ଅଛି । ଭାଷାନ୍ତରେ, ଏହି ବିଷମ ଛନ୍ଦଗୁଡିକରେ ଗୋଟିଏ ପାଦରେ ଏକ ପ୍ରକାର, ଅନ୍ୟ ଗୋଟିଏରେ ଅନ୍ୟ ଏକ ପ୍ରକାର ଓ ବାକି ଦୁଇଟି ଯାକରେ ଅନ୍ୟ ଏକ ପ୍ରକାର ଲଘୁଘୁରୁ ବର୍ଣ୍ଣ କ୍ରମ ଅଛି ।)

राश्यूनम् ॥ 5.05

ରାଶ୍ୟୂନମ୍ ॥ 5.05

ଯଦି ବିଷମ ଛନ୍ଦଟିର 4 ଟି ଯାକ ପାଦ ବର୍ଣ୍ଣକ୍ରମ ଚାରି ବିଭିନ୍ନ ପ୍ରକାର ହେଇ ଥାଏ, ତେବେ ପୁଣି ଥରେ ପୂର୍ବ ପରି ମୂଳ ରାଶିକୁ ସେହି ରାଶିରେ ଗୁଣିବା ପରେ ସେ ଥିରୁ ରଶି - ମୂଳ ରାଶି ଉନମ୍ - ଉଣା କଲେ ମୋଟ ବିଷମ ଛନ୍ଦ ସଙ୍ଖ୍ୟା ମିଳିବ ।

ଉଦାହରଣ:

ଉପରୋକ୍ତ ଉଦାହରଣ ଗୁଡିକରେ 4ଟି ଯାକ ପାଦ ଭିନ୍ନ ଭିନ୍ନ ହେଇ ଥିଲେ ମୋଟ ବିଷମ ଛନ୍ଦ ସଙ୍ଖ୍ୟା ହେବ **4096^2- 4096= 1,67,77,316- 4096= 1,67,73,120 ।**

ଅଥ ଅନୁଷ୍ଟୁବଧିକାରଃ

ग्लिति समानि ॥ 5.06

ଗ୍ଲିତି ସମାନି ॥ 5.06

(ଏଠାରେ ଅନୁଷ୍ଟୁପ୍‌ର ଅପକର୍ଷଣ ହେଲା ।)

ଗ୍ ଲ୍ ଇତି - ଗକାର (S) ଲକାର (I) ପରେ ପୁଣି ଗକାର ଲକାର ଯୋଡି ଯୋଡି ଯେଉଁ ଅନୁଷ୍ଟୁପ୍ ବା ଅଷ୍ଟବର୍ଣ୍ଣର ଛନ୍ଦ ହୁଏ ସମାନୀ - ତାହା ସମାନୀ ଛନ୍ଦ ।

ଉଦାହରଣ:

ଆସ ଏ ଅରଣ୍ୟ ଦେଶ   ସାଜିବା ନବୀନ ବେଶ ।
ପାଦ ଚାଳି ଧୀର ଧୀର   ଦେଖିବା ନଦୀର ତୀର ॥

ସମାନୀର ସମାନିକା ନାମ ଅଧିକ ଜନପ୍ରିୟ ।

ल्गिति प्रमाणी ॥ 5.07

ଲ୍ଗିତି ପ୍ରମାଣୀ ॥ 5.07

ଲ୍ ଗ୍ ଇତି - ଲକାର (I) ଗକାର (S) ପରେ ଲକାର ଗକାର ଯୋଡି ଯୋଡି ଯେଉଁ ଅନୁଷ୍ଟୁପ୍ ବା ଅଷ୍ଟବର୍ଣ୍ଣର ଛନ୍ଦ ହୁଏ ପ୍ରମାଣୀ - ତାହା ପ୍ରମାଣୀ ଛନ୍ଦ ।

ଉଦାହରଣ:

ପ୍ରଧାବିନୀ ମହାଶୟେ   ଅଧୀରବାରତା କହେ
ସଖା ତୁମେ ପ୍ରିୟା ମୁଁ ଗୋ   ଅନେକ ଯାତନା ସହେ ॥

ପ୍ରମାଣୀର ପ୍ରମାଣିକା ନାମ ଅଧିକ ଜନପ୍ରିୟ ।

वितानमन्यत् ॥ 5.08

ବିତାନମନ୍ୟତ୍ ॥ **5.08**

ଏହାଠାରୁ ଅନ୍ୟତ୍ - ଅନ୍ୟ ପ୍ରକାର, ଲଘୁ-**2** ଗୁରୁ-**2**, ଗୁରୁ-**2** ଲଘୁ-**2**, ଗୁରୁ-**4** ଲଘୁ-**4** ଇତ୍ୟାଦି ସମ ସଙ୍ଖ୍ୟକ ବର୍ଣ୍ଣର ବ୍ୟତିହାର ଥିଲେ ବିତାନମ୍ - ତାହା ବିତାନ ଛନ୍ଦ ।

ଉଦାହରଣ;

S S I I SS I I	**S S I I SS I I**
କେତେ ଦିନ ସମ୍ବତ୍ସର	କନ୍ୟା ଥିବ ଶାଶୂଘର
କେବେ ଯିବ ପଲ୍ଲୀପୁର	ଭାଳେ ବସି ଲାଗେ ଡର ॥

पादस्यानुष्टुब्वक्त्रम् ॥ 5.09

ପାଦସ୍ୟାନୁଷ୍ଟୁବ୍‌ବକ୍ତ୍ରମ୍ ॥ **5.09**

ଏବେ ଅନୁଷ୍ଟୁପ୍ ବା ଅଷ୍ଟାକ୍ଷର ଛନ୍ଦର ପାଦସ୍ୟ - ପାଦର ଗଠନ ଅନୁଷ୍ଟୁବ୍-ବକ୍ତ୍ରମ୍ କିପରି ହେଲେ ଅନୁଷ୍ଟୁବ୍-ବକ୍ତ୍ର ହୁଏ ସେ ବିଷୟ ଚର୍ଚ୍ଚା ହେବ ।

ଏହି ଅନୁଷ୍ଟୁପ୍‌ର ଅଧିକାର ସୂତ୍ର **5.19** ପର୍ଯ୍ୟନ୍ତ ରହିବ ।

न प्रथमात्स्नौ ॥ 5.10

ନ ପ୍ରଥମାସ୍ନୌ ॥ **5.10**

ବକ୍ତ୍ରଜାତୀୟ ଅନୁଷ୍ଟୁପ୍ ଛନ୍ଦରେ ପ୍ରଥମାତ୍ - ପ୍ରଥମ ବର୍ଣ୍ଣ ପରଠୁ ଅର୍ଥାତ୍ ବର୍ଣ୍ଣ **2-3-4**କୁ ନେଇ ସ୍ନୌ - ସଗଣ **(IIS)** କିମ୍ବା ନଗଣ **(Iii)** ନ - କରିବା ମନା ।

ଏହା ବକ୍ତ୍ରର ସବୁ ପାଦ ପ୍ରତି ପ୍ରଯୋଗ୍ୟ ।

द्वितीयचतुर्थयो रश्च ॥ 5.11

ଦ୍ୱିତୀୟଚତୁର୍ଥୟୋ ରଶ୍ଚ ॥ **5.11**

ବର୍ଣ୍ଣ **2-3-4**କୁ ନେଇ ଦ୍ୱିତୀୟଚତୁର୍ଥୟୋଃ - ଦ୍ୱିତୀୟ ଓ ଚତୁର୍ଥ ପାଦରେ ରଃ - ରଗଣ **(SIS)** ଚ - ମଧ୍ୟ ନ - ବାରିତ ବା ମନା ।

वान्यत् ॥ 5.12

ବାନ୍ୟତ୍ ॥ **5.12**

ବକ୍ତ୍ର ଜାତିର ଛନ୍ଦରେ ପ୍ରଥମ ବର୍ଣ୍ଣ ପରେ ଅନ୍ୟତ୍ - ମନା ଥିବା ଗଣଗୁଡିକୁ ଛାଡି ଦେଇ ବା - ଅନ୍ୟ କିଛି ବି ଗଣ ଇଚ୍ଛାନୁହାୟୀ ଲେଖା ଯାଇ ପାରେ ।

य चतुर्थात् ॥ 5.13

ୟ ଚତୁର୍ଥାତ୍ ॥ **5.13**

ଚତୁର୍ଥାତ୍ - ଚତୁର୍ଥ ବର୍ଣ୍ଣଠୁ (ବର୍ଣ୍ଣ **5-6-7**)ରେ ୟ- ୟଗଣ **(ISS)** ଲେଖିବା ବିଧେୟ ।

ଉଦାହରଣ;

ତଦ୍ଵିକ୍ଷେ ଦେବତାଃ ସନ୍ତି ମନୁଷ୍ୟାଃ ଧରଣୀଧାମେ ।

ଦୈତ୍ୟାଶ୍ଚରନ୍ତି ପାତାଳେ ଗର୍ଦ୍ଦଭାଃ ସର୍ବଲୋକେଷୁ ॥

ଏଥିରେ ବର୍ଣ୍ଣ **2-3-4** ପ୍ରଥମ ପାଦରେ ମଗଣ **(SSS)** ଦ୍ଵିତୀୟରେ ତଗଣ **(SSI)** ତୃତୀୟରେ ରଗଣ **(SIS)** ଓ ଚତୁର୍ଥ ପାଦରେ ମଗଣ **(SSS)** ଅଛି । ବର୍ଣ୍ଣ **5-6-7** ସର୍ବତ୍ର ୟଗଣ ଅଛି ।

ସ୍ମରଣୀୟ ଯେ ବକ୍ତ୍ରଜାତୀୟ ଛନ୍ଦରେ ପ୍ରଥମ ଓ ଅଷ୍ଟମ ବର୍ଣ୍ଣ ଲଘୁ ବା ଗୁରୁ ବର୍ଣ୍ଣ ଯଥେଚ୍ଛ ବା କବୀଚ୍ଛାରେ ଲେଖା ଯିବ ।

पथ्या युजो च ॥ 5.14

ପଥ୍ୟା ୟୁଜୋ ଚ ॥ **5.14**

ଏହି ବକ୍ତ୍ରଜାତୀୟ ଛନ୍ଦର ୟୁଜଃ - ଯୁଗ୍ମ ପାଦରେ (ପାଦ **2** ଓ **4**ରେ) ଜଃ - ଜଗଣ **(ISI)** ପ୍ରଯୁକ୍ତ ହେଲେ ପଥ୍ୟା - ତାହାକୁ ପଥ୍ୟା କହା ଯିବ ।

ସୂତ୍ର **5.13** ଅନୁଯାୟୀ ପାଦଚୟର ବର୍ଣ୍ଣ **5-6-7** ୟଗଣ **(ISS)** ହେଲେ ବକ୍ତ୍ର ହେବ । ଏଠି କହାଗଲା ପାଦ **2** ଓ **4**ରେ ସେପରି ନ ହେଇ ଜଗଣ **(ISI)** ହେଲେ ତାହାର ପଥ୍ୟା ନାମ ହେବ । ଆର୍ଥାତ୍ ବର୍ଣ୍ଣ **2-3-4** ରେ ନିଷିଦ୍ଧ ଗଣ ନ ଥାଇ **5-6-7** ରେ ଅଯୁଗ୍ମ ପାଦରେ ୟଗଣ **(ISS)** ଓ ଯୁଗ୍ମ ପାଦରେ ଜଗଣ **(ISI)** ରହିଲେ ତାହା ପଥ୍ୟାବକ୍ତ୍ର ହେବ ।

ଉଦାହରଣ:

ମାନାପମାନରେ ଯାର ପଡେ ନା କିଛି ଅନ୍ତର,

ମୁକ୍ତ ସେ ଯୋଗସଂସିଦ୍ଧ, ଅଦବା ଗୋବରାଟିଏ ॥

*ଏହି ପଥ୍ୟାବକ୍ତ୍ର ଅନୁଷ୍ଟୁପ୍ ହିଁ ଶ୍ଳୋକ ଛନ୍ଦ ନାମରେ ଖ୍ୟାତ । ଏଥିରେ ବର୍ଣ୍ଣ ବା ଗଣ ନିର୍ଦ୍ଦେଶ କେବଳ **3** ଟି ବର୍ଣ୍ଣରେ, ବର୍ଣ୍ଣ **5-6-7** ରେ ଅଛି । ବର୍ଣ୍ଣ **2-3-4** ରେ ଅଯୁଗ୍ମ ପାଦରେ ସ୍ନୌ - ସଗଣ ନଗଣ ନିଷେଧ ଥିବାରୁ ବାକି **6** ଟି ଗଣରୁ ଯେ କୌଣସି ଗଣ ଲେଖି ହେବ । ସେହି ପରି ଯୁଗ୍ମ ପାଦରେ ରଗଣ ମଧ୍ୟ ମନା ଥିଲେ ହେଁ ବାକି **5** ଟି ଗଣରୁ ଯେ କୌଣସି ଗଣ ଲେଖି ହେବ । ତେଣୁ ଏହାର ରଚନା ସ୍ଵଳ୍ପ ଆୟାସସାଧ୍ୟ ତଥା ଗାୟନ ଆଦି ମଧୁର ବୋଲି ଅତ୍ୟନ୍ତ ଜନପ୍ରିୟ ।*

ସଂସ୍କୃତ ସାହିତ୍ୟରେ ଏହି ପଥ୍ୟାବକ୍ତ୍ର ଅନୁଷ୍ଟୁପ୍ ସବୁଠୁ ବେଶି ଦେଖିବାକୁ ମିଳେ । ଚାଣକ୍ୟଙ୍କ ନୀତି ବିଭିନ୍ନ ପୁରାଣ ଇତ୍ୟାଦିରେ ଏହାର ବହୁଳ ପ୍ରୟୋଗ ଅଛି । ଯଥା:

ବିଦ୍ଵତ୍ଵଂ ଚ ନୃପତ୍ଵଂ ଚ ନୈବ ତୁଲ୍ୟଂ କଦାଚ ନ ।

ସ୍ଵଦେଶେ ପୂଜ୍ୟତେ ରାଜା ବିଦ୍ଵାନ୍ ସର୍ବତ୍ର ପୂଜ୍ୟତେ ॥

विपरीतैकीयम् ॥ 5.15

ବିପରୀତୈକୀୟମ୍ ॥ **5.15**

ଏକୀୟମ୍ - ଏକ ଆଚାର୍ଯ୍ୟଙ୍କ ମତରେ ବିପରୀତା - ଏହାର ବିପରୀତ ଅର୍ଥାତ୍ ବର୍ଣ୍ଣ **5-6-7** ଅଯୁଗ୍ମ ପାଦରେ ଜଗଣ **(ISI)** ଓ ଯୁଗ୍ମ ପାଦରେ ୟଗଣ **(ISS)** ହେବା ଭଲ ।

ଏହାର ନାମ *ବିପରୀତ ପଥ୍ୟା* ।

ଉଦାହରଣ:

ବଢେ ମୂର୍ଖତ୍ଵ ମାନ୍ୟତା ଗୁଣହୀନ ଥିଲେ ରାଜା ।

ଅଧର୍ମରୁ ଅଧୋଗତି, ଦୟା ତ୍ୟାଗ ହୁଏ ଲୋପ ॥

ତେବେ ଛନ୍ଦଃସାହିତ୍ୟରେ ଏହା ବିରଳ ।

चपलाऽयुजो न ॥ 5.16

ଚପଳାଽଯୁଜୋ ନ ॥ **5.16**

କୌଣସି ଅନୁଷ୍ଟୁପ୍ ଛନ୍ଦର ଅଯୁଜଃ - ଅଯୁଗ୍ମ ପାଦଦ୍ୱୟରେ (ପାଦ **1** ଓ **3**ରେ) ତତୁର୍ଥ ପରେ ଅର୍ଥାତ୍ ବର୍ଣ୍ଣ **5-6-7** ରେ ନ - ନଗଣ **(III)** ଥିଲେ ଚପଳା - ସେହି ଛନ୍ଦର ଚପଳା ନାମ ହୁଏ ।

ଉଦାହରଣ:

ଗପେ ଭାରି ଖୁସି ଥିଲେ	କାନ୍ଦିଲେ ସେ କଳା କାଠ ।
ଛୁଏଁ ନା ଅନ୍ନ କି ଜଳ	ପଢେ କେବଳ ତା ପାଠ ॥

विपुला युग्लः सप्तमः ॥ 5.17

ବିପୁଲା ଯୁଗ୍ଲଃ ସପ୍ତମଃ ॥ **5.17**

କୌଣସି ଅନୁଷ୍ଟୁପ୍ ଛନ୍ଦର ଯୁଗ୍ - ଯୁଗ୍ମ ପାଦଦ୍ୱୟରେ (ପାଦ **2** ଓ **4**ରେ) ସପ୍ତମଃ - ସପ୍ତମ ବର୍ଣ୍ଣ ଲ୍ - ଯଦି ଲଘୁ ହୁଏ ବିପୁଲା - ତେବେ ତାର ବିପୁଳା ନାମ ହେବ ।

ଉଦାହରଣ:

ଲୋକେ ଧର୍ମପଥସ୍ଥସ୍ୟ	ମନ୍ୟେ ବୁଦ୍ଧିର୍ନ ନଶ୍ୟତି ।
ଯଦି ବୈଦିକକାର୍ୟେଷୁ	ନିରାଲସ୍ୟତୟା ବ୍ରଜେତ୍ ॥

सर्वतः सैतवस्य॥ 5.18

ସର୍ବତଃ ସୈତବସ୍ୟ ॥ **5.18**

ସୈତବସ୍ୟ - ଆଚାର୍ଯ୍ୟ ସୈତବ ସୈତବଙ୍କ ମତରେ ସର୍ବତଃ - ସମସ୍ତ ଚାରିଟି ଯାକ ପାଦରେ ସପ୍ତମ ବର୍ଣ୍ଣ ଲଘୁ ହେଲେ ହି ତାହା ବିପୁଳା ହେବ ।

भ्रौ न्तौ च ॥ 5.19

ଭ୍ରୌ ନ୍ତୌ ଚ ॥ **5.19**

"ବିପୁଲା ଯୁଗ୍ ଲଃ ସପ୍ତମଃ" ଏହି ସମ୍ପୂର୍ଣ୍ଣ ସୂତ୍ର **(5.17)**ର ଏଠାରେ ଅନୁବୃତ୍ତି ଅଛି ।

ଭ୍ରୌ - ଅନୁଷ୍ଟୁପ୍‌ର ପ୍ରଥମ ଓ ତୃତୀୟ ପାଦର **5-6-7** ବର୍ଣ୍ଣରେ ଯଗଣ **(ISS)** ପରିବର୍ତ୍ତେ ଯଦି ଭଗଣ **(SII)** ରଗଣ **(SIS)** ନ୍ତୌ - ନଗଣ **(III)** ବା ତଗଣ **(SSI)** ହୁଏ ଓ ଯୁଗ୍ - ଯୁଗ୍ମ ପାଦରେ ଲଃ ସପ୍ତମଃ - ସପ୍ତମରେ ଲଘୁ ରହେ ବିପୁଲା - ତେବେ ତାହା ସେହି ବିପୁଳା ଅନୁଷ୍ଟୁପ୍ କହା ଯିବ ।

ଉଦାହରଣ:

ଭ-ବିପୁଳା: ଭଗଣ	ଲ

ଅନାହାରେ କ୍ଷୀଣ ତନୂ	ତଥା ଶରୀର ଦୁର୍ବଳ ।
ଅତ୍ୟାହାରେ କ୍ଷୀଣ ବଳ	ଅଳ୍ପାହାରେ ବଢେ ବଳ ॥

ର-ବିପୁଳା: ରଗଣ ଲ
ସେବା ତ୍ୟାଗ ସାଧନାରେ ଭରା ଶାନ୍ତି ମହୀତଳେ
ଆନନ୍ଦ ମିଳେ ଅନେକ ଭଗବାନ୍ ପୁଣ୍ୟ କାରଣେ ॥

ନ-ବିପୁଳା: ନଗଣ ଲ
ଆଳସ୍ୟେ ସମୟ କଟେ ଦୁଃଖସନ୍ତାପ ମଧ୍ୟରେ ।
ଶ୍ରଦ୍ଧାନିଷ୍ଠା ଶ୍ରମ ବଳେ ହୁଏ ଆୟତ୍ତ ମଣ୍ଡଳ ॥

ତ-ବିପୂଳା ତଗଣ ଲ
ଗଣତନ୍ତ୍ରେ ନାହାନ୍ତି କେ ରାଜା ବା ଭୃତ୍ୟ ଅନ୍ୟର ।
ସମ୍ୟଭାବ ଥାଏ ସଦା ସମ୍ପର୍କ ଶ୍ରଦ୍ଧାରେ ଭରା ॥

ଏସବୁ ବିସ୍ତୃତ ବିବରଣରେ ନ ପଶି ନିର୍ଭ୍ରମ ମୂଳ ପଥ୍ୟାବକ୍ତ୍ର ଅନୁଷ୍ଟୁପ୍‌ର ସୂତ୍ର ନିମ୍ନ ଶ୍ଳୋକରେ ମିଳିବ ।

ସ୍ମରଣୀୟ:

ପଞ୍ଚମଂ ଲଘୁ ସର୍ବତ୍ର ସପ୍ତମଂ ଦ୍ୱିଚତୁର୍ଥୟୋଃ
ଷଷ୍ଠଂ ଗୁରୁ ବିଜାନୀୟାତ୍ ଏତତ୍ପଦ୍ୟସ୍ୟ ଲକ୍ଷଣମ୍ ॥

ଅର୍ଥାତ୍

ପଞ୍ଚମ ଲଘୁ ସର୍ବତ୍ର ଯୁଗ୍ମ ପାଦର ସପ୍ତମ ।
ଗୁରୁ ଷଷ୍ଠକ ସର୍ବତ୍ର ଏହି ପଦ୍ୟର ଲକ୍ଷଣ ॥

ଇତି ଅନୁଷ୍ଟୁବଧିକାରଃ ସମାପ୍ତଃ

ଅଥ ବିଷମଛନ୍ଦେ ପଦଚତୁରୂର୍ଧ୍ୱଂ-
ଆପୀଡ-ଉଦ୍ଗତା-ଉପସ୍ଥିତପ୍ରଚୁପିତ

प्रतिपादं चतुर्वृद्ध्या पदचतुरूर्ध्वम् ॥ 5.20

ପ୍ରତିପାଦଂ ଚତୁର୍ବୃଦ୍ଧ୍ୟା ପଦଚତୁରୂର୍ଧ୍ୱମ୍ ॥ 5.20

ପ୍ରତିପାଦଂ - ଯେଉଁ ଅନୁଷ୍ଟୁପ୍‌ର ପ୍ରତି ପାଦରେ ଚତୁର୍ବୃଦ୍ଧ୍ୟା - କ୍ରମଶଃ ଚାରି ଚାରି ବର୍ଣ୍ଣ ବଢି ବଢି ଚାଲେ ପଦଚୁରୂର୍ଧ୍ୱମ୍ - ତାହାକୁ ପଦଚୁରୂର୍ଦ୍ଧ୍ୱ କହା ଯାଏ ।

ଉଦାହରଣ:

ସସାଗରା ଧରା ତଳେ (8
ସହସ୍ର ସହସ୍ର ରାଜା ଥିଲେ ସୁଦ୍ଧା (12
ସଙ୍କଟ ସମୟେ ତୁମେ ସାଥୀହରା ହେଇ ଯିବା (16
ବିଧିର ପୂର୍ବନିର୍ଦ୍ଧାରଣ ହିଁ ଥିଲା ତୁମ ଉଗ୍ରତାକାରଣେ॥ (20

गावन्त आपीड़ः ॥ 5.21

ଗାବନ୍ତ ଆପୀଡଃ ॥ 5.21

ପୂର୍ବ ସୂତ୍ରର ଅନ୍ୟ ସବୁ ବର୍ଣ୍ଣ ଲଘୁ ଥାଇ ପ୍ରତି ପାଦ ଅନ୍ତଃ - ଶେଷରେ ଗୌ - ଯଦି ଦୁଇଟି ଗୁରୁ ବର୍ଣ୍ଣ ଥାଏ ଆପୀଡଃ - ତେବେ ତାହା ଆପୀଡ ଛନ୍ଦ ।

ଉଦାହରଣ: (ଗୌ+ ଅନ୍ତଃ ଶେଷରେ ଗୁରୁଦ୍ୱୟ)

ସକଳକଲୁଷ ହାରୀ 08-ବର୍ଣ୍ଣ
ତ୍ରିଭୁବନ ଅହିତ ହରଣକାରୀ । 12-ବର୍ଣ୍ଣ
ଅହରହ ସବୁ ଦିନ ଗଗନପବନଚାରୀ 16-ବର୍ଣ୍ଣ
ମଣିଷକୁଳକୁ ଖୁସି ରଖ ବିଭୁ ଭଲଗୁଣ-ଅଧିକାରୀ ॥20-ବର୍ଣ୍ଣ

गावादौ चेत् प्रत्यापीड़ः ॥ 5.22

ଗାବାଦୌ ଚେତ୍ ପ୍ରତ୍ୟାପୀଡଃ ॥ 5.22

ପୂର୍ବ ଛନ୍ଦର ଅନ୍ୟ ସବୁ ବର୍ଣ୍ଣ ଲଘୁ ଥାଇ ପ୍ରତି ପାଦର ଅନ୍ତ ପରିବର୍ତ୍ତେ ଆଦୌ - ଯଦି ଆଦ୍ୟରେ ଗୌ - ସେହି ଗୁରୁଦ୍ୱୟ ଥାଏ ପ୍ରତ୍ୟାପୀଢଃ - ତେବେ ସେ ଛନ୍ଦୋନାମ ପ୍ରତ୍ୟାପୀଡ ।

ଉଦାହରଣ: (ଗୌ+ ଆଦୌ, ଆଦ୍ୟରେ ଗୁରୁଦ୍ୱୟ)

ଗ୍ରାମେ ଅଛି ମଧୁ ଜଳ 08-ବର୍ଣ୍ଣ
କେତେ ଉପବନ ତରୁ ଫୁଲଫଳ । 12-ବର୍ଣ୍ଣ
ନାନା ସୁଲଭ ଉପଳ ହସହସ ଝଲମଲ 16-ବର୍ଣ୍ଣ
ସର୍ବେ ପୁରଜନ ଖୁସିମନ ସରଳସୁମନ ସମତୁଲ ॥20ବ.

प्रत्यापीडो गावादौ च ॥ 5.23

ପ୍ରତ୍ୟାପୀଡୋ ଗାବାଦୌ ଚ ॥ 5.23

ଆଦୌ - ଯଦି ପଦଚତୁରୂର୍ଦ୍ଧ୍ୱ ଛନ୍ଦର ଆଦ୍ୟରେ ଚ - ଓ ଅନ୍ତରେ ମଧ ଗୌ - ଦୁଇ ଦୁଇଟି ଲେଖା ଗୁରୁ ବର୍ଣ୍ଣ ଥାଏ ପ୍ରତ୍ୟାପୀଡଃ - ତେବେ ତାକୁ ମଧ ପ୍ରତ୍ୟାପୀଡ ଛନ୍ଦ ହିଁ ବୋଲି କହା ଯିବ ।

ଏଥିରେ ଅନ୍ୟପାଦ ସବୁ କେଉଁଟା କେଉଁଠି ରହିବ ତା ଲାଗି କିଛି ନିୟମ ନାହିଁ - ତାହା କବୀଚ୍ଛାରେ ହେବ ।

ଉଦାହରଣ: (8, 12, 16 ଓ 20 ବର୍ଣ୍ଣ ଆଦ୍ୟନ୍ତେ SS)

କେବେ ଫୁଲ ଫୁଟୁ ଥାଏ (8-ବର୍ଣ୍ଣ)
କେବେ ପୁଣି ସବୁ ଶୁଖି ଝଡି ଯାଏ । (12-ବର୍ଣ୍ଣ)
ଭାଳେ ଭ୍ରମର ସବୁ କି ବିଧି ନିୟତ କରାଏ (16-ବର୍ଣ୍ଣ)
ମିଥ୍ୟା ମୁହିଁ ସୁମନର ରିଧମକୁ ନିରତ ମନବଳାଏ ॥(20

प्रथमस्य वसपर्यासे मञ्जरीलवल्यमृतधारा ॥ 5.24

nପ୍ରଥମସ୍ୟ ବିପର୍ଯ୍ୟାସେ ମଞ୍ଜରୀଲବଲ୍ୟମୃତଧା୍ରା ॥ 5.24

ଯଦି ପ୍ରଥମସ୍ୟ - ପଦଚତୁରୂର୍ଦ୍ଧ୍ୱ ଛନ୍ଦର ପ୍ରଥମ ପାଦକୁ ବିପର୍ଯ୍ୟାସେ - ବିସ୍ଥାପିତ କରି ଅନ୍ୟତ୍ର ରଖିଲେ ମଞ୍ଜରୀଲଲ୍ୟମୃତଧା୍ରାକ୍କଷଃ - କ୍ରମଶଃ ତାକୁ ଦ୍ୱିତୀୟ ପାଦକୁ ନେଲେ ମଞ୍ଜରୀ, ତୃତୀୟ ପାଦ କଲେ ଲବଳୀ ଓ ଚତୁର୍ଥକୁ ନେଲେ ଅମୃତଧାରା ଛନ୍ଦ ହୁଏ ।

ଉଦାହରଣ: (ମଞ୍ଜରୀ)

କିମ୍ବା ପୁଣି ସବୁ ଶୁଖି ଝଡି ଯାଏ
ମିଥ୍ୟା ଫୁଟି ହସୁ ଥାଏ ।   **(8-ବର୍ଣ୍ଣ)**
ଭାଳେ ଭ୍ରମର ସବୁ କି ବିଧି ନିୟତ କରାଏ
ମିଥ୍ୟା ମୁହିଁ ସୁମନର ରିଧମକୁ ନିରତ ମନ ବଳାଏ ॥

ଉଦାହରଣ: (ଲବଳୀ)
କେବେ ପୁଣି ସବୁ ଶୁଖି ଝଡି ଯାଏ ।
ଭାଳେ ଭ୍ରମର ସବୁ କି ବିଧି ନିୟତ କରାଏ
ମିଥ୍ୟା ଫୁଲ ଫୁଟି ଚାଲେ   **(8-ବର୍ଣ୍ଣ)**
ମିଥ୍ୟା ମୁହିଁ ସୁମନର ରିଧମକୁ ନିରତ ମନଟି ଢାଳେ ॥

ଉଦାହରଣ: (ଅମୃତଧାରା)
ସନ୍ଧ୍ୟାକୁ ସୁମନ ଶୁଖି ଝଡି ଯାଏ ।
ଭାଳେ ଭ୍ରମର ସବୁ କି ବିଧି ନିୟତ କରାଏ
ମିଥ୍ୟା ମୁହିଁ ସୁମନର ରିଧମକୁ ନିରତ ମନ ବଳାଏ
କେ ସେହି ଫୁଲ ଫୁକାଏ ॥   **(8-ବର୍ଣ୍ଣ)**

उद्गतामेकतः संजौ स्लौ, न्सौ ज्गौ,
भ्नौ ज्लौ ग्, स्जौ स्जौ ग् ॥ 5.25
ଉଦ୍ଗତାମେକତଃ ସ୍ଜୌ ସ୍ଲୌ, ନ୍ସୌ ଜ୍ଗୌ,
ଭ୍ନୌ ଜ୍ଲୌ ଗ୍, ସ୍ଜୌ ସ୍ଜୌ ଗ୍ ॥ **5.25**

ଏକତ୍ଃ - ଏକତ୍ର ସବୁ ପାଦ କଥା ମିଶେଇ କହି ଦିଆ ଯାଉଛି । ଯେଉଁ ଛନ୍ଦର (କ) ପ୍ରଥମ ପାଦରେ ସ୍ଜୌ ସ୍ଲୌ - ସଗଣ ଜଗଣ ସଗଣ ଲଘୁ **(IIS ISI IIS I)** ଏହି କ୍ରମରେ **10** ବର୍ଣ୍ଣ ଥିବ, (ଖ) ଦ୍ୱିତୀୟ ପାଦରେ ନ୍ସୌ ଜ୍ଗୌ - ନଗଣ ସଗଣ ଜଗଣ ଗୁରୁ **(III IIS ISI S)** ଏହି କ୍ରମରେ **10** ବର୍ଣ୍ଣ ଥିବ, (ଗ) ତୃତୀୟ ପାଦରେ ଭ୍ନୌ ଜ୍ଲୌ ଗ୍ - ଭଗଣ ନଗଣ ଜଗଣ ଲଘୁ **(SII III ISI IS)** ଏହି କ୍ରମରେ **11** ବର୍ଣ୍ଣ ଥିବ, ଓ (ଘ) ଚତୁର୍ଥ ପାଦରେ ସ୍ଜୌ ସ୍ଜୌ ଗ୍ - ସଗଣ ଜଗଣ ସଗଣ ଜଗଣ ଗୁରୁ **(IIS ISI IIS ISI S)** ଏହି କ୍ରମରେ **13** ବର୍ଣ୍ଣ ଥିବ, ଉଦ୍ଗତାମ୍ - ସେହି ଛନ୍ଦର ନାମ ଉଦ୍ଗତା ।

ଉଦାହରଣ:
ପ୍ରଭୁ ଦେଲି ଅନ୍ନ ମୁଁ ଲଗାଇ   **(10-ବର୍ଣ୍ଣ)**
ଛପର ଘର ପତ୍ର ଚାଳରେ ।   **(10-ବର୍ଣ୍ଣ)**
ଖାଇବ ତ ସହଳ ଆଉ ଦିନେ   **(11-ବର୍ଣ୍ଣ)**
ପୁଣି ଭୋଗ ବାଢିବି ସୁନାର ଥାଳରେ॥   **(13-ବର୍ଣ୍ଣ)**

तृतीयस्य सौरभकं र्नौ भ्गौ ॥ 5.26
ତୃତୀୟସ୍ୟ ସୌରଭକଂ ର୍ନୌ ଭ୍ଗୌ ॥**5.26**

ପୂର୍ବ ସୂତ୍ରରୁ ଉଦ୍ଗତାର ଅନୁବୃତ୍ତି ଅଛି । ଉଦ୍ଗତା ଛନ୍ଦର ତୃତୀୟସ୍ୟ - ତୃତୀୟ ପାଦରେ ଭନଜଲଗ ନ ଲେଖି ର୍‌ନୌ ଭ୍‌ଗୌ - ରଗଣ ନଗଣ ଭଗଣ ଗୁରୁ (SIS III SII S) କ୍ରମରେ 10 ବର୍ଣ୍ଣ ଲେଖିଲେ ସୌରଭକଂ - ତେବେ ସେହି ଛନ୍ଦର ନାମ ସୌରଭକ ହେବ ।

ଉଦାହରଣ:

ପ୍ରଭୁ ଦେଲି ଅନ୍ନ ମୁଁ ଲଗାଇ (10-ବର୍ଣ୍ଣ)
ଛପର ଘର ପତ୍ର ଚାଳରେ । (10-ବର୍ଣ୍ଣ)
ଖାଇଲେ ସହଳ ଆଉ ଦିନେ (10-ବର୍ଣ୍ଣ)
ପୁଣି ଭୋଗ ବାଢିବି ସୁନାର ଥାଳରେ ॥ (13-ବର୍ଣ୍ଣ)

ललितं नौ सौ ॥ 5.27

ଲଳିତଂ ନୌ ସୌ ॥ 5.27

ଅନୁବୃତ୍ତି ହେଲା ଉଦ୍ଗତା, ତୃତୀୟସ୍ୟ । ଉଦ୍ଗତା ଛନ୍ଦର ତୃତୀୟ ପାଦରେ ନୌ ସୌ - ନଗଣ ନଗଣ ସଗଣ ସଗଣ (III III IIS IIS) କ୍ରମରେ 12 ଲେଖିଲେ ଲଳିତଂ - ସେହି ଛନ୍ଦର ନାମ ଲଳିତ ।

ଉଦାହରଣ:

ପ୍ରଭୁ ଦେଲି ଅନ୍ନ ମୁଁ ଲଗାଇ (10-ବର୍ଣ୍ଣ)
ଛପର ଘର ପତ୍ର ଚାଳରେ । (10-ବର୍ଣ୍ଣ)
ଗ୍ରହଣ କର ସହଳ, ଆଉ ଦିନେ (12-ବର୍ଣ୍ଣ)
ପୁଣି ଭୋଗ ବାଢିବି ସୁନାର ଥାଳରେ ॥ (13-ବର୍ଣ୍ଣ)

उपस्थितप्रचुपितं पृथगाद्यं म्सौ ज्भौ गौ, स्नौ ज्रौ ग्, नौ स्, नौ न् ज्यौ ॥ 5.28

ଉପସ୍ଥିତପ୍ରଚୁପିତଂ ପୃଥଗାଦ୍ୟଂ ମ୍ସୌ ଜ୍ଭୌ ଗୌ, ସ୍ନୌ ଜ୍ରୌ ଗ୍, ନୌ ସ୍, ନୌ ନ୍ ଜ୍ୟୌ ॥ 5.28

ଯେଉଁଠି ଚାରି ପାଦର ବର୍ଣ୍ଣକ୍ରମ ନିମ୍ନ ମତେ ଥାଏ ଉପସ୍ଥିତପ୍ରଚୁପିତଂ - ତାହା ଉପସ୍ଥିତପ୍ରଚୁପିତ ଛନ୍ଦ ।

ଯଥା:

ପ୍ରଥମ ପାଦ:- ମ୍ସୌ ଜ୍ଭୌ ଗୌ - ଗଣ ମ ସ ଜ ଭ ଗୁରୁ ଗୁରୁ (SSS IIS ISI SII SS) - ଏହି କ୍ରମରେ 14 ବର୍ଣ୍ଣ ।
ଦ୍ଵିତୀୟ ପାଦ:- ସ୍ନୌ ଜ୍ରୌ ଗ୍ - ଗଣ ସ ନ ଜ ର ଗୁରୁ

(IIS III ISI SIS S) - ଏହି କ୍ରମରେ 13 ବର୍ଣ୍ଣ ।
ତୃତୀୟ ପାଦ:- ନୌ ସ୍ - ଗଣ ନ ନ ସ
(III III IIS) - ଏହି କ୍ରମରେ 9 ବର୍ଣ୍ଣ ।
ଚତୁର୍ଥ ପାଦ:- ନୌ ନ୍ ଜ୍ୟୌ - ଗଣ ନ ନ ନ ଜ ୟ
(III III III ISI ISS) - ଏହି କ୍ରମରେ 15 ବର୍ଣ୍ଣ ।
ପୃଥଗାଦ୍ୟଂ - ପୃଥକ୍+ ଆଦ୍ୟଂ

ଉଦାହରଣ:

କେଉଁକ୍ରାନ୍ତି ଫଳେ ବିମୁକ୍ତ ଭାରତ ଅଗ୍ରେ (14-ବର୍ଣ୍ଣ)
କୁହ ଜନ୍ମି ଥିଲ କି ଦେଖି ଥାନ୍ତ ନେତ୍ରେ । (13-ବର୍ଣ୍ଣ)

ସବୁ ମିଳିଛି ତପ ଫଳେ (9-ବର୍ଣ୍ଣ)
ଜନପଦ ବିକଶିତ ନୁହଁ ଏକଇ ରାତ୍ରେ ॥ (15-ବର୍ଣ୍ଣ)

वर्धमानं नौ न्सै ॥ 5.29

ବର୍ଧମାନଂ ନୌ ସ୍ନୌ ନ୍ସୌ ॥ 5.29

ସୂତ୍ର **5.25**ରୁ ତୃତୀୟସ୍ୟର ଅନୁବୃତ୍ତି । ଯଦି ଉପସ୍ଥିତପ୍ରଚୁପିତ ଛନ୍ଦର ତୃତୀୟ ପାଦର ନ ନ ସ ଗଣ ପରିବର୍ତ୍ତେ ନୌ ସ୍ନୌ ନ୍ସୌ - ନ ନ ସ ନ ନ ସ ଗଣ (**III III IIS III III IIS**) ଏହି କ୍ରମରେ **18** ବର୍ଣ୍ଣ ରହେ ବର୍ଧମାନ - ତେବେ ତାହା ବର୍ଦ୍ଧମାନ ଛନ୍ଦ ।

ତେଣୁ ବର୍ଦ୍ଧମାନର ଚାରି ପାଦର ବର୍ଣ୍ଣ ବିନ୍ୟାସ ନିମ୍ନ ମତେ ।

ଯଥା:

ପ୍ରଥମ ପାଦ:- ମ୍ସୌ ଜ୍ଭୌ ଗୌ - ଗଣ ମ ସ ଜ ଭ ଗୁରୁ ଗୁରୁ (SSS IIS ISI SII SS) - ଏହି କ୍ରମରେ 14 ବର୍ଣ୍ଣ ।
ଦ୍ୱିତୀୟ ପାଦ:- ସ୍ନୌ ଜ୍ରୌ ଗ୍ - ଗଣ ସ ନ ଜ ର ଗୁରୁ
(IIS III ISI SIS S) - ଏହି କ୍ରମରେ 13 ବର୍ଣ୍ଣ ।
ତୃତୀୟ ପାଦ:- ନୌ ସ୍ନୌ ନ୍ସୌ - ଗଣ ନ ନ ସ ନ ନ ସ
(III III IIS III III IIS) - ଏହି କ୍ରମରେ 18 ବର୍ଣ୍ଣ ।
ଚତୁର୍ଥ ପାଦ:- ନୌ ନ୍ ଜ୍ୟୌ - ଗଣ ନ ନ ନ ଜ ଯ
(III III III ISI ISS) - ଏହି କ୍ରମରେ 15 ବର୍ଣ୍ଣ ।

ଉଦାହରଣ:

କେଉଁକ୍ରାନ୍ତି ଫଳେ ବିମୁକ୍ତ ଭାରତ ଅଗ୍ରେ (14-ବର୍ଣ୍ଣ)
କୁହ ଜନ୍ମି ଥିଲ କି ଦେଖି ଥାନ୍ତ ନେତ୍ରେ । (13-ବର୍ଣ୍ଣ)
ସବୁ ମିଳିଛି ତପ ଫଳେ ବହୁ କଷଣ ସହନରେ (18-ବ)
ଜନପଦ ବିକଶିତ ନୁହଁ ଏକଇ ରାତ୍ରେ ॥ (15-ବର୍ଣ୍ଣ)

शुद्धविराड्‍ऋषभं तजराः ॥ 5.30

ଶୁଦ୍ଧବିରାଡୃଷଭଂ ତଜରାଃ ॥ 5.30

ତୃତୀୟସ୍ୟର ଅନୁବୃତ୍ତି । ଉପସ୍ଥିତପ୍ରଚୁପିତର ତୃତୀୟ ପାଦରେ ତଜରାଃ - ଯଦି କ୍ରମିନ୍ୱୟେ ତଗଣ ଜଗଣ ରଗଣ (**SSI ISI SIS**) ଥିବ ଶୁଦ୍ଧବିରାଡୃଷଭଂ - ତେବେ ସେହି ଛନ୍ଦ ଶୁଦ୍ଧବିରାଟ୍-ଋଷଭ ।

ତେଣୁ ଶୁଦ୍ଧବିରାଡୃଷଭର ଚାରି ପାଦର ବର୍ଣ୍ଣ ବିନ୍ୟାସ ନିମ୍ନ ମତେ ।

ଯଥା:

ପ୍ରଥମ ପାଦ:- ମ୍ସୌ ଜ୍ଭୌ ଗୌ - ଗଣ ମ ସ ଜ ଭ ଗୁରୁ ଗୁରୁ (SSS IIS ISI SII SS) - ଏହି କ୍ରମରେ 14 ବର୍ଣ୍ଣ ।
ଦ୍ୱିତୀୟ ପାଦ:- ସ୍ନୌ ଜ୍ରୌ ଗ୍ - ଗଣ ସ ନ ଜ ର ଗୁରୁ
(IIS III ISI SIS S) - ଏହି କ୍ରମରେ 13 ବର୍ଣ୍ଣ ।
ତୃତୀୟ ପାଦ:- ତଜରାଃ - ଗଣ ତ ଜ ର
(SSI ISI SIS) - ଏହି କ୍ରମରେ 9 ବର୍ଣ୍ଣ ।
ଚତୁର୍ଥ ପାଦ:- ନୌ ନ୍ ଜ୍ୟୌ - ଗଣ ନ ନ ନ ଜ ଯ
(III III III ISI ISS) - ଏହି କ୍ରମରେ 15 ବର୍ଣ୍ଣ ।

ଉଦାହରଣ:
କେଉଁକ୍ରାନ୍ତି ଫଳେ ବିମୁକ୍ତ ଭାରତ ଅଗ୍ରେ
କୁହ ଜନ୍ମି ଥିଲ କି ଦେଖି ଥାନ୍ତ ନେତ୍ରେ ।
ସ୍ୱାତନ୍ତ୍ର୍ୟ ମିଳେ ଉପାସନେ
ଜନପଦ ବିକଶିତ ନୁହଁ ଏକଇ ରାତ୍ରେ ॥

ଅଥ ଅର୍ଧସମବୃତ୍ତାଧିକାରଃ

अर्धे ॥ 5.31
ଅର୍ଧେ ॥ **5.31**

ଅର୍ଧେ - ଅଧେ ଅର୍ଥ ଠିକ୍ ଅଧା । ଅର୍ଦ୍ଧସମ ଛନ୍ଦରେ ପଦର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ସମାନ ରହିବ ।

ସରଳ କରି କହିଲେ ପ୍ରଥମ ପାଦର ସମସ୍ତ ନିୟମ ସହ ତୃତୀୟ ପାଦର ସମସ୍ତ ନିୟମ (ବାର୍ଣ୍ଣିକ କ୍ଷେତ୍ରରେ ବର୍ଣ୍ଣସଙ୍ଖ୍ୟା ଓ ସମସ୍ତ ଲଘୁଗୁରୁ ବର୍ଣ୍ଣକ୍ରମ, ମାତ୍ରିକ କ୍ଷେତ୍ରରେ ମାତ୍ରା ସଙ୍ଖ୍ୟା ଓ ଯକ୍ୱିଞ୍ଚିତ୍ ବିନିର୍ଦ୍ଦିଷ୍ଟ ଲଘୁଗୁରୁ ବର୍ଣ୍ଣର ନିୟମ ଥିବ) ସମ୍ପୂର୍ଣ୍ଣ ଏକା ହେବ । ସେହି ପରି ଦ୍ୱିତୀୟ ପାଦର ସମସ୍ତ ନିୟମ ସହ ଚତୁର୍ଥ ପାଦର ସମସ୍ତ ନିୟମ ଏକା ହେବ । ଏହି ପରି ହେଲେ ହିଁ ପଦର ପ୍ରଥମାର୍ଦ୍ଧ (ପାଦ **1+2**) ସହ ଦ୍ୱିତୀୟାର୍ଦ୍ଧ (ପାଦ **3+4**) ସବୁ ନିୟମ ଦୃଷ୍ଟିରୁ ଏକା ହୋଇ ପାରିବ । ଏହି ପରି ଛନ୍ଦ ଅର୍ଦ୍ଧହମ ଛନ୍ଦ ।

उपचित्रकं सौ स्लौ ग्, भौ भ्गौ ग् ॥ 5.32
ଉପଚିତ୍ରକଂ ସୌ ସ୍ଲୌ ଗ୍, ଭୌ ଭ୍ଗୌ ଗ୍ ॥ **5.32**

ଯେଉଁ ଛନ୍ଦର ବିଷମ ପାଦରେ (ପାଦ **1-3**ରେ) ସୌ ସ୍ଲୌ ଗ୍ - ତିନି ସଗଣ ଲଘୁ ଗୁରୁ **(IIS IIS IIS IS)** ଥାଏ ଓ ସମ ପାଦରେ (ପାଦ **2-4**ରେ) ଭୌ ଭ୍ଗୌ ଗ୍ - ତିନି ଭଗଣ ଦୁଇଟି ଗୁରୁ ବର୍ଣ୍ଣ **(SII SII SII SS)** ଏହି କ୍ରମରେ ଥାଏ ଉପଚିତ୍ରକଂ - ତାହା ଉପଚିତ୍ରକ ।
ଉଦାହରଣ:
ଶୁଣ ଅର୍ଭକ ବାଳକ ବାଳିକା
ଆଜିଠୁ ଲାଗିବ ପାଠ ସକାଶେ ।
ଗପ ସାରି ଗଲେ ସପ ପାରିକା
ପୁସ୍ତକ ଖୋଲିବ ଯାଇ ନିବାସେ ॥

द्रुतमध्या भौ भ्गौ गः, न्जौ ज्यौ ॥ 5.33
ଦ୍ରୁତମଧ୍ୟା ଭୌ ଭ୍ଗୌ ଗଃ, ନ୍ଜୌ ଜ୍ୟୌ ॥ **5.33**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ଭୌ ଭ୍ଗୌ ଗଃ - ତିନି ଭଗଣ ପରେ ଦୁଇଟି ଗୁରୁ ବର୍ଣ୍ଣ **(SII SII SII S)** ଥିଲେ ଏବଂ ସମ ପାଦରେ (ପାଦ **2-4**ରେ) ନ୍ଜୌ ଜ୍ୟୌ - ନଗଣ ଜଗଣ ଜଗଣ ଯଗଣ **(III ISI ISI ISS)** ଥିଲେ ଦ୍ରୁତମଧ୍ୟା - ସେହି ଛନ୍ଦର ନାମ ଦ୍ରୁତମଧ୍ୟା ।
ଉଦାହରଣ:
ଶଙ୍ଖ-ନିନାଦନ ଭାରତ ବକ୍ଷେ
ଶତସୁତ ତାକୁ ଦିଅନ୍ତୁ ସୁରକ୍ଷା ।

ସୈନିକ ଜାଗ୍ରତ ଶତ୍ରୁ ବିପକ୍ଷେ
ପୁରଜନ ଦମ୍ଭର ଦେବ ପରୀକ୍ଷା ॥

वेगवती सौ स्गौ, भौ भ्गौ ग् ॥ 5.34

ବେଗବତୀ ସୌ ସ୍ଗୌ, ଭୌ ଭ୍ଗୌ ଗ୍ ॥ **5.34**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ସୌ ସ୍ଗୌ - ତିନି ସଗଣ ପରେ ଗୁରୁ ବର୍ଣ୍ଣ **(IIS IIS IIS S)** ଥିଲେ ଓ ସମ ପାଦରେ (ପାଦ **2-4**ରେ) ଭୌ ଭ୍ଗୌ ଗ୍ - ତିନି ଭଗଣ ପରେ ଦୁଇ ଗୁରୁ **(SII SII SII SS)** ଥିଲେ ବେଗବତୀ - ତାହା ବେଗବତୀ ଛନ୍ଦ ।

ଉଦାହରଣ:

ହରି ହେ ହଟିଲା ବହୁ ଚିନ୍ତା
ଭାରି ସଫା ଦିଶିଲା ସବୁ ରାସ୍ତା ।
ସଭିଏଁ କର ଚଞ୍ଚଳ ବାର୍ତ୍ତା
ବନ୍ଧ ସଜାଡିବ ଶାସନକର୍ତ୍ତା ॥

भद्रविराट् त्जौ र्गौ म्सौ ज्गौ ग् ॥ 5.35

ଭଦ୍ରବିରାଟ୍ ତ୍ଜୌ ର୍ଗୌ, ମ୍ସୌ ଜ୍ଗୌ ଗ୍ ॥ **5.35**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ତ୍ଜୌ ର୍ଗୌ - ତଗଣ ଜଗଣ ରଗଣ ଗୁରୁବର୍ଣ୍ଣ **(SSI ISI SIS S)** ଥିଲେ ଓ ସମ ପାଦରେ (ପାଦ **2-4**ରେ) ମ୍ସୌ ଜଗୌ ଗ୍ - ମଗଣ ସଗଣ ଜଗଣ ପରେ ଦୁଇ ଗୁରୁ **(SSS IIS ISI SS)** ଥିଲେ ଭଦ୍ରବିରାଟ୍ - ତାହା ଭଦ୍ରବିରାଟ୍ ଛନ୍ଦ ।

ଉଦାହରଣ:

ଶିଳ୍ପୀ ରହିଲେ ବିମର୍ଷ ଭାବେ
ଏତେ କ୍ଳାନ୍ତି ବି ପୂର୍ଣ୍ଣତା ନ ଦେଲା ।
ଧାତାର ବିଧାନ ଦେଖ ସର୍ବେ
ରାତ୍ରେ ମନ୍ଦିର କାମ ଶେଷ ହେଲା ॥

केतुमती स्जौ स्गौ, भ्रौ न्गौ ग् ॥ 5.36

କେତୁମତୀ ସ୍ଜୌ ସ୍ଗୌ, ଭ୍ରୌ ନ୍ଗୌ ଗ୍ ॥ **5.36**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ସ୍ଜୌ ସ୍ଗୌ - ସଗଣ ଜଗଣ ସଗଣ ଗୁରୁବର୍ଣ୍ଣ **(IIS ISI IIS S)** ଥିଲେ ଓ ସମ ପାଦରେ (ପାଦ **2-4**ରେ) ଭ୍ରୌ ନ୍ଗୌ ଗ୍ - ଭଗଣ ରଗଣ ନଗଣ ପରେ ଦୁଇ ଗୁରୁ **(SII SIS III SS)** ଥିଲେ କେତୁମତୀ - ତାହା କେତୁମତୀ ଛନ୍ଦ ।

ଉଦାହରଣ:

ବସ ବଲ୍ଲଭା ଟିକି ନିବାସେ
ଦେଖ ଧରାଧରେ ଜଳଦମାଳା ।
ବନ ଦଗ୍ଧ ଏ ଚପଳ ଧାସେ
ତାଡି ଗଲେ ଯିବା ତୁମଠି, ବାଳା ॥

आख्यानकी तौ ज्गौ ग्, ज्तौ ज्गौ ग् ॥ 5.37

ଆଖ୍ୟାନକୀ ତୌ ଜ୍ଗୌ ଗ୍, ଜ୍ତୌ ଜ୍ଗୌ ଗ୍ ॥ **5.37**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ତୌ ଜ୍ଗୌ ଗ୍ - ତଗଣ ତଗଣ ଜଗଣ ପରେ ଦୁଇ ଗୁରୁ **(SSI SSI ISI SS)** ଥିଲେ ଓ ସମ ପାଦରେ (ପାଦ **2-4**ରେ) ଜ୍ତୌ ଜ୍ଗୌ ଗ୍ - ଜଗଣ ତଗଣ ଜଗଣ ପରେ ଦୁଇ ଗୁରୁ **(ISI SSI ISI SS)** ଥିଲେ ଆଖ୍ୟାନକୀ - ତାହା ଆଖ୍ୟାନକୀ ଛନ୍ଦ ।

ଉଦାହରଣ:

ଯୋଗାସନେ ଜାଣି ସୁପୁତ୍ର ଜନ୍ମ
ନିମିତ୍ତବୋଧେ ବୁଝି ଜନ୍ମନାଶୀ ।
ଧର୍ମୋତ୍ତମାର୍ଥେ ଅସିତ ପ୍ରତାପୀ
ପ୍ରବେଶିଲେ ଜାତକ ପୁତ୍ର ପାଶେ ॥

विपरीताख्यानकी ज्तौ ज्गौ ग्, तौ ज्गौ ग् ॥ 5.38

ବିପରୀତାଖ୍ୟାନକୀ ଜ୍ତୌ ଜ୍ଗୌ ଗ୍, ତୌ ଜ୍ଗୌ ଗ୍ ॥ **5.38**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ଜ୍ତୌ ଜ୍ଗୌ ଗ୍ - ଜଗଣ ତଗଣ ଜଗଣ ପରେ ଦୁଇ ଗୁରୁ **(ISI SSI ISI SS)** ଥିଲେ ଓ ସମ ପାଦରେ ତୌ ଜ୍ଗୌ ଗ୍ - ତଗଣ ତଗଣ ଜଗଣ ପରେ ଦୁଇ ଗୁରୁ **(SSI SSI ISI SS)** ଥିଲେ ବିପରୀତାଖ୍ୟାନକୀ - ସେହି ଛନ୍ଦର ନାମ ବିପରୀତାଖ୍ୟାନକୀ ଛନ୍ଦ ।

ଉଦାହରଣ:

ଦ୍ୱିଜତ୍ୱ ଯାହା କୁଶିକେ ଅଲବ୍ଧ
ଗାଧୀଙ୍କ ସନ୍ତାନକୁ ଲବ୍ଧ ତାହା ।
ସମୁଦ୍ରବେଳା ସଗରଙ୍କ ସିଦ୍ଧ
ଯାହା ନ ହେଲା ପିତରଙ୍କ ହାତେ ॥

हरिणप्लुता सौ स्लौ ग्, न्भौ भ्रौ ॥ 5.39

ହରିଣପ୍ଲୁତା ସୌ ସ୍ଲୌ ଗ୍, ନ୍ଭୌ ଭ୍ରୌ ॥ **5.39**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ୱୟେ ସୌ ସ୍ଲୌ ଗ୍ - ସଗଣ ସଗଣ ସଗଣ ପରେ ଲଘୁ ଓ ଗୁରୁ ବର୍ଣ୍ଣ **(IIS IIS IIS IS)** ଥିଲେ ଓ ସମ ପାଦରେ ନ୍ଭୌ ଭ୍ରୌ - ନଗଣ ଭଗଣ ଭଗଣ ରଗଣ **(III SII SII SIS)** ଥିଲେ ହରିଣପ୍ଲୁତା - ସେହି ଛନ୍ଦୋନାମ ହରିଣପ୍ଲୁତା ।

ଉଦାହରଣ:

ତୁମ ସାଙ୍ଗ କିଏ ଅଛି ବିଶ୍ୱରେ
ଶତ ବିଦେଶକୁ ଗସ୍ତ ମିଛେ ଗଲା ।
ବୁଲି ଛାପୁଛ ଚିତ୍ର ବିଦେଶରେ
ବିପଦରେ ନିକଟେ କି ଜଣେ ଥିଲା ॥

अपरवक्त्रं नौ र्लौ ग्, न्जौ ज्रौ ॥ 5.40

ଅପରବକ୍ତ୍ରଂ ନୌ ର୍ଲୌ ଗ୍, ନ୍ଜୌ ଜ୍ରୌ ॥ **5.40**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ବୟେ ନୌ ର୍ଲୌ ଗ୍ - ନଗଣ ନଗଣ ରଗଣ ପରେ ଲଘୁ ଓ ଗୁରୁ ବର୍ଣ୍ଣ **(III III SIS IS)** ଥିଲେ ଓ ସମ ପାଦରେ ନ୍ଜୌ ଜ୍ରୌ - ନଗଣ ଜଗଣ ଜଗଣ ରଗଣ **(III ISI ISI SIS)** ଥିଲେ ଅପରବକ୍ତ୍ରଂ - ସେହି ଛନ୍ଦ ଅପରବକ୍ତ୍ର ।

ଉଦାହରଣ:

ଭବନ ଭିତର ଆସିବେ ରଜା
ପୁରଜନ ଛାଡିବ ମାର୍ଗ ସତ୍ୱରେ ।
ସହଳ କରିବ ଛୋଟ କାମଟା
ଫୁଲ ଘିଅ ଚନ୍ଦନ ଆଣ ଥାଳରେ ॥

पुष्पिताग्रा नौ रयौ, न्जौ ज्रौ ग् ॥ 5.41

ପୁଷ୍ପିତାଗ୍ରା ନୌ ର୍ୟୌ, ନ୍ଜୌ ଜ୍ରୌ ଗ୍ ॥ **5.41**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ବୟେ ନୌ ର୍ୟୌ - ନଗଣ ନଗଣ ରଗଣ ଯଗଣ **(III III SIS ISS)** ଥିଲେ ଓ ସମ ପାଦରେ ନ୍ଜୌ ଜ୍ରୌ ଗ୍ - ନଗଣ ଜଗଣ ଜଗଣ ରଗଣ ଓ ଗୋଟିଏ ଗୁରୁ **(III ISI ISI SIS S)** ଥିଲେ ପୁଷ୍ପିତାଗ୍ରା - ସେହି ଛନ୍ଦୋନାମ ପୁଷ୍ପିତାଗ୍ରା ହୁଏ ।

ଉଦାହରଣ:

ଭବନର ଭିତରେ ପ୍ରବେଶିବାରେ
ପୁଲକିତ ଶାକ୍ୟକୁଳୀୟ ସିଦ୍ଧ ରାଜା ।
କହି କହି - ବୁଝ ଏହି, ସେହି କାମ
ପ୍ରକଟିତ ସର୍ବ ଦିଗେ କଲେ ବ୍ୟବସ୍ଥା ॥

यवमती र्जौ र्जौ, ज्रौ ज्रौ ग् ॥ 5.42

ଯବମତୀ ର୍ଜୌ ର୍ଜୌ, ଜ୍ରୌ ଜ୍ରୌ ଗ୍ ॥ **5.42**

ବିଷମ ପାଦରେ (ପାଦ **1-3**ରେ) କ୍ରମାନ୍ବୟେ ର୍ଜୌ ର୍ଜୌ - ରଗଣ ଜଗଣ ରଗଣ ଜଗଣ **(SIS ISI SIS ISI)** ଥିଲେ ଓ ସମ ପାଦରେ ଜ୍ରୌ ଜ୍ରୌ ଗ୍ - ଜଗଣ ରଗଣ ଜଗଣ ରଗଣ ଓ ଗୋଟିଏ ଗୁରୁ **(ISI SIS ISI SIS S)** ଥିଲେ ଯବମତୀ - ସେହି ଛନ୍ଦୋନାମ ଯବମତୀ ହୁଏ ।

ଉଦାହରଣ:

ଦେହଯତ୍ନ ନେବ ତେଜି ଅନ୍ୟ କାର୍ଯ୍ୟ
ଅମୂଲ୍ୟ ସେହି ନାହିଁ ତାର ତୁଲ୍ୟ ବିଶ୍ୱେ ।
ଜୀବନେ କିଏ ନୁହନ୍ତି ଆପଣାର
ଶରୀର କିନ୍ତୁ ସାଙ୍ଗ ଆମ ମୃତ୍ୟୁ ଯାଏ ॥

शिखैकोनत्रिंशदेकत्रिंशदन्ते ग् ॥ 5.43

ଶିଖୈକୋନତ୍ରିଂଶଦେକତ୍ରିଂଶଦନ୍ତେ ଗ୍ ॥ **5.43**

ଏକୋନତ୍ରିଂଶ - ଯେଉଁ ଛନ୍ଦର ବିଷମ ପାଦରେ (ପାଦ 1-3ରେ) ଅଣତ୍ରିଶ ବର୍ଣ୍ଣ ଓ ସମପାଦରେ (ପାଦ 2-4ରେ) ଏକତ୍ରିଂଶତ୍ - ଏକତ୍ରିଶ ବର୍ଣ୍ଣ ରହେ ଅନ୍ତେ - ସବୁ ପାଦଶେଷରେ ଗୁରୁ ବର୍ଣ୍ଣ ଥାଏ ଶିଖା - ସେହି ଛନ୍ଦର ନାମ ଶିଖା ଛନ୍ଦ ।

ଏଠାରେ କେବଳ ଶେଷ ବର୍ଣ୍ଣ ଗୁରୁ କହା ଯାଇ ଥିବାରୁ ପ୍ରତି ପାଦରେ ଅବଶିଷ୍ଟ ବର୍ଣ୍ଣ ଲଘୁ ବୁଝିବାକୁ ହେବ ।

ଉଦାହରଣ:

ଅଭିମତ-ବକୁଳ-କୁସୁମ-ଘନ-ପରିମଳ-
ମିଳଦଳି-ମୁଖରିତ-ହରିତି ମଧୌ, (29 ବର୍ଣ)
ସହଚର-ମଳଯ-ପବନ-ରଯ-ତରଳିତ-
ସରସିଜ-ରଜସି ଶୟ-ତରଣି ବିତତେ । (31 ବର୍ଣ)
ବିକସିତ-ବିବିଧ-କୁସୁମ-ସୁଲଭ-ସୁରଭି-ଶର-
ମଦନ-ନିହତ-ସକଳ-ଜନେ, (29 ବର୍ଣ)
ଜ୍ୱଲଯତି ମମ ହୃଦୟମବିରତମିହ ସୁତନୁ !
ତବ ବିରହ-ଦହନ-ବିଷମ-ଶିଖା ।। (31 ବର୍ଣ)

खञ्जा महत्ययुजीति ॥ 5.44

ଖଞ୍ଜା ମହତ୍ୟୟୁଜୀତି ॥ 5.44

ଉପରସ୍ଥ ଶିଖା ଛନ୍ଦର ଅୟୁଜି - (ଅଯୁଗ୍ମ ବା ବିଷମ) ପାଦରେ (ପାଦ 1-3ରେ) ମହତୀ - ବୃହତ୍ତର 31 ବର୍ଣ୍ଣବିଶିଷ୍ଟ ପାଦ ଗୁଡିକ ଲେଖି ଛୋଟ (29 ବର୍ଣ୍ଣର) ପାଦଗୁଡିକୁ ଯୁଗ୍ମ (ବା ସମ) ପାଦ (2-4) କଲେ ଖଞ୍ଜା - ତାହା ହେବ ଖଞ୍ଜା ଛନ୍ଦ ।

ଉଦାହରଣ:

ଅପଗତ-ଘନ-ବିଶଦ-ଦଶ-ଦିଶି ହୃତ-ଜନ-ଦୃଶି
ପରିଣତ-କଣ-କପିଲ-କଲଭେ, (31 ବର୍ଣ୍ଣ)
ପ୍ରବିକସଦସମ-କୁସୁମ-ଘନ-ପରିମଲ-
ସୁରଭିତ-ମରୁତି ଶରଦି ସମୟେ । (29 ବର୍ଣ୍ଣ)
ଶୁଚି-ଶଶି-ମହସି ବିବୃତ-ସରସିରୁହି
ମୁଦିତ- ମଧୁଲିହି ବିମଲିତ-ଧରଣି-ତଲେ, (31 ବର୍ଣ୍ଣ)
କିମପରମିହ କମଲମୁଖି ! ସୁଖମନୁଭବତି
ମମ ହୃଦଯ-କମଲମଧୁନା ।। (29 ବର୍ଣ୍ଣ)

ଇତି ପଞ୍ଚମୋଽଧ୍ୟାୟ ସମାପ୍ତଃ ॥

ଅଥ ଷଷ୍ଠୋଽଧ୍ୟାୟ ପ୍ରାରମ୍ଭଃ ॥

यतिर्विच्छेदः ॥ 6.01

ଯତିର୍ବିଚ୍ଛେଦଃ ॥ 6.01

ଛନ୍ଦ ପାଠ ବେଳେ ମଧ୍ୟେ ମଧ୍ୟେ ଅଳ୍ପ ଅଳ୍ପ ବିଶ୍ରାମ ନେବାକୁ ପଡେ । ଏହି ଯତି ବା ସ୍ୱଳ୍ପ ବିରତି ସ୍ଥାନର ଆପୂର୍ବ ଓ ପର ଭାଗ ଏହା ଯୋଗୁ ପରସ୍ପରଠୁ ସାମାନ୍ୟ ବିଚ୍ଛିନ୍ନ ହୁଅନ୍ତି । ଯତିର୍ବିଚ୍ଛେଦଃ - ଏହି ବିଚ୍ଛିନ୍ନତାର ନାମ ଯତିର୍ବିଚ୍ଛେଦ ।

ଯତିର ଇଂରାଜୀରେ **pause** ଓ ହିନ୍ଦୀରେ ବିରାମ ହେଲା ଜନପ୍ରିୟ ପ୍ରତିଶବ୍ଦ ।

ଯତିର ମୁଖ୍ୟ କାରଣ ଉତ୍ତମ ବୋଧ ଓ ଶ୍ରୁତିମଧୁରତା । ଏହା ଛଡା ଦୀର୍ଘ ଛନ୍ଦଗୁଡିକ ପଢିଲା ବେଳେ ମଧ୍ୟେ ମଧ୍ୟେ ଶ୍ୱାସ କ୍ରିୟା ବି କରିବାକୁ ପଡେ ।

ସପ୍ତମ ଅଧ୍ୟାୟ ଶେଷ ଯାଏ ଯତିର ଅଧିକାର ରହିବ ।

ଯତି ଶବ୍ଦ ମଝିରେ ନ ପଡି ଶବ୍ଦ **(word)** ଶେଷରେ ପଡିବା ଶ୍ରେୟସ୍କର । ଶବ୍ଦ ମଝିରେ ପଡିଲେ ବକ୍ତବ୍ୟ ବୁଝିବା ଅସହଜ ହୁଏ । ଦୀର୍ଘ ସମାସନିଷ୍ପନ୍ନ ପଦର ମଝିରେ କୌଣସି ଶବ୍ଦଶେଷରେ ଯତି ଦିଆ ଯାଇ ପାରେ କିନ୍ତୁ ଯେଉଁଠି ଉଭୟ ପକ୍ଷର ଶବ୍ଦ ନ ମିଶିଲେ ବାଞ୍ଛିତ ବସ୍ତୁର ଅର୍ଥ ଆସେ ନାହି ସେଠି ଏ ପରି ନ କରିବା ବିଧେୟ । ଯେପରି କି ମନୋଜ୍ଞ । ଏଠି ଯତି ଦେଇ ମନ ଓ ଜ୍ଞ ଶବ୍ଦଦ୍ୱୟକୁ ଯତି ଦେଇ ବିଚ୍ଛିନ୍ନ କଲେ ମନୋଜ୍ଞର ସୁନ୍ଦର ଅର୍ଥ ଆସିବ ନାହିଁ । ଏପରି ସମାସନିଷ୍ପନ୍ନ ପଦର କେବଳ ଶେଷରେ ହିଁ ଯତି ଦିଆ ଯାଇ ପାରିବ ।

ଛନ୍ଦର ପ୍ରଥମାର୍ଦ୍ଧ ପରେ ଟିକିଏ ଦୀର୍ଘତ ଯତି ଦେବା ଅତ୍ୟନ୍ତ ପ୍ରୟୋଜନ । ପ୍ରତି ପାଦାନ୍ତରେ ମଧ୍ୟ ଯତି ଦେବା ବିଧେୟ । ଏହା ଛଡା ଦୀର୍ଘ ପାଦ ଗୁଡିକରେ ବହୁ କ୍ଷେତ୍ରରେ ପାଦ ମଝିରେ ବି ଯତି ଆବଶ୍ୟକ ହୁଏ । ଯତିର ସ୍ଥାନ ବିଚାରରେ ଏହାକୁ ଆଦ୍ୟା ମଧ୍ୟମା ବା ଅନ୍ତ୍ୟା ବୋଲି କହା ଯାଏ ।

ଅତିରିକ୍ତ କଥନ:

ଅତି ଛୋଟ ଛନ୍ଦରେ କେବଳ ପାଦାନ୍ତ ଭିନ୍ନ ଅନ୍ୟତ୍ର ଯତି ଦେବାକୁ ପଡେ ନାହିଁ । ଏହି ପରି କିଛି ବାର୍ଣ୍ଣିକ ସମଛନ୍ଦ ଉଦାହରଣ ଦିଆ ଗଲା ।

====================
ପ୍ରତିଷ୍ଠା ଜାତୀୟ (4 ବର୍ଣ୍ଣର)) ଛନ୍ଦ (ମୋଟ 16ରୁ)
====================

ଛନ୍ଦ: କ୍ରୀଡା 4/2 ISS S

ପଢା ମଧ୍ୟେ କ୍ଷଣେ ହେଲେ ।
ନ ଧାଏଁ ସେ ଜମା ଖେଳେ ॥
ସିଏ ନିଷ୍ଠେ ଧରା ଧାମେ ।
ଗଣା ଯାଏ ସସମ୍ମାନେ ॥

ଛନ୍ଦ: ରଙ୍ଗୀ 4/3 SIS S

ପୁତ୍ର କେବେ ସାଙ୍ଗ ମେଳେ
ଖେଳ ନା ରେ ପାଠବେଳେ ॥
ଖେଳ ଯେତେ ପାଠ ଶେଷେ
ଖ୍ୟାତନାମା ହେବ ଦେଶେ ॥

ଛନ୍ଦ: ଧୂର 4/5 SSI S

କେବେ ବି ତୋ ବିଦ୍ୟାଳୟେ ।
ଯା ନା ତୁହି କାହାଭୟେ ॥
ଶ୍ରଦ୍ଧା ବଶେ ପାଠେ ଥିଲେ ।
ବିଦ୍ୟା ହୁଏ ନିଷ୍ଠେ ଭଲେ ॥

ଛନ୍ଦ: ସୁଧୀ 4/6 ISI S

ସୁନା ପିଲା ହୁଏ ଯିଏ ।
ପଢା ସଦା କରେ ଯିଏ ॥
ନ ଆସିଲେ ପଚାରିକା ।
ବୁଝେ ହୁଏ ମନେରଖା ॥

ଛନ୍ଦ: କଳା 4/7 SII S

ଗାଳି କରେ ତୋ ହିତରେ । ततः त
ଯା ମୁ କହେ ତୋ ହିତରେ ॥
ତୋ ସୁଖରେ ଭାରି ସୁଖେ ।
ନେବି ସତେ ଜାକି ବୁକେ ॥

ଛନ୍ଦ: ଧାର 4/9 SSS I

ଭୁଗୋଳେ ବି ସାହିତ୍ୟେ ବି ।
ଐତିହ୍ୟେ ବି ସନ୍ତ୍ର୍ତେ ବି ॥

ହୀନା ନାହିଁ ବିଦ୍ୟା କେହି ।
ବିଦ୍ୟା ଘେନ ନାଷ୍ଠା ଦେଇ ॥

ଛନ୍ଦ: ଉଷା 4/10 ISSI
ଛୁଆବେଳୁ ଜଣେ କେହି ।
ପଢ଼ା ଛାଡି ଭଲେ ନାହିଁ ॥
ସଦା ତେଣୁ ମନେ ଥାଉ ।
ବିନା ପାଠ ସୁନା ନୋହୁ ॥

ଛନ୍ଦ: ଧାରୀ 4/11 SIS I
ଏହି ବିଶ୍ୱ କର୍ମ ଭୂଇଁ ।
କର୍ମଠାରୁ ଧର୍ମ ନାହିଁ ॥
କର୍ମ ଲାଗି ପାଠ ମାତ୍ର ।
ତେଣୁ ହେବୁ ଯୋଗ୍ୟଛାତ୍ର ॥

ଛନ୍ଦ: କୃଷ୍ଣା 44/13 SSI I
ଯେବେ ଯିବ ବିଦ୍ୟାଳୟ ।
ପାଠେ ରଖ ବାପା ଲୟ ॥
ଖାତା ଧରି ଲେଖା କର ।
ବାଗେଇକି ହସ୍ତାକ୍ଷର ॥

ଛନ୍ଦ: ନିଶି 4/15 SII I
ଯେଉଁ ଦିନ ହେବୁ ବଡ ।
ଦେଖିବୁ ତୁ ଘୂର୍ଣ୍ଣି ଝଡ ॥
ଜୀବନର ଯେ କଷଣ ।
ପାଠ ଥିବସାଥିଜନ ॥

====================

ସୁପ୍ରତିଷ୍ଠା ଜାତୀୟ (5 ବର୍ଣ୍ଣର)) ଛନ୍ଦ (ମୋଟ 32ରୁ)

====================

ଛନ୍ଦ: ନାଳୀ 5/2 ISS SS
କି ଯାଏ ଆସେ କିଏ ତା ପାଶେ ।
ତମୋଘ୍ନ ତ୍ରାସେ ରହନ୍ତା ମାସେ ॥

ଛନ୍ଦ: ନରୀ 5/10 ISS IS
ଅକସ୍ମାତ୍ କଥା କଲେ ସେ ବ୍ୟଥା ।
ଦିଏ କା ହୃଦେ ଅନିଚ୍ଛାକୃତା ॥

ଛନ୍ଦ: ମଣ୍ଡଳ **5/15 SII IS**

ଆବର ନିଶା ଗ୍ରାସିବ ଦିଶା ।

ହେବ ବିଦିଶା ଆସ୍ରବ ମିଶା ॥

ଛନ୍ଦ: ଭୂ **5/18 ISS SI**

ଅନଙ୍ଗେ ମେଘ ଧରନ୍ତେ ବେଗ ୍

ତଡାଗେ ସ୍ୱାଙ୍ଗ ହଲାଏ ବେଙ୍ଗ ॥

ଛନ୍ଦ: ବିଦ୍ **5/23 SII SI**

ନିର୍ଦ୍ଧନ କୋଟି- ଭିକ୍ଷୁର ଦେଶ ।

ଭୂପର ଭବ୍ୟ କର୍ବୁର ବେଶ ॥

ଛନ୍ଦ: କ୍ଷୁତ୍ **5/31 SII II**

ଆସର ସରୁ ଆସିବୁ ଘରୁ ।

ମାଟି କୁଦରୁ କାଟିବୁ ତରୁ ॥

ଗାୟତ୍ରୀ **6**-ବର୍ଣ୍ଣ

ଗାୟତ୍ରୀ **6**-ବର୍ଣ୍ଣ

तनुमध्या त्यौ ॥ **6.02**

ତନୁମଧ୍ୟା ତ୍ୟୌ ॥ **6.02**

ତ୍ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ତଗଣ ପରେ ୟଗଣ **(SSI ISS)** ଏହି କ୍ରମରେ **6**ଟି ଲେଖାଏ ବର୍ଣ୍ଣ ଥାଏ ତନୁମଧ୍ୟା - ତା ନାମ ତନୁମଧ୍ୟା ।

ଉଦାହରଣ:

ଛନ୍ଦ: ତନୁମଧ୍ୟା **6/13 221/122**

ତୁଚ୍ଛା ପ୍ରଭୁସତ୍ତା ଯେବେ ଗୁଣବତ୍ତା

ହାରେ ଅଧିକର୍ତ୍ତା ଦୁର୍ଭାଗ୍ୟ ଅବସ୍ଥା ॥

ତଳେ **6** ବର୍ଣ୍ଣର ଅଧିକ ବାର୍ଣ୍ଣିକ ସମଛନ୍ଦ ଦିଆ ଗଲା ।

====================

ଗାୟତ୍ରୀ ଜାତୀୟ ଅଧିକ ଛନ୍ଦ (ମୋଟ **64**ରୁ)

====================

ଛନ୍ଦ: ବିଦ୍ୟୁଲ୍ଲେଖା **06/1 SSS SSS**

ସଂସାରେ ତା ଭାର୍ଯ୍ୟା ଭାଷେ ଖୋଲି ହାର୍ଯ୍ୟା

ଶୂନ୍ୟା ଚୁଲ୍ଲୀଶାଳା ପଦ୍ୟେ କେତେ ଚର୍ଯ୍ୟା ॥

ଛନ୍ଦ: ବଭ୍ରୁ 06/5 SSI SSS

କାହାର ଆଦେଶେ ସଂସାର ବିନ୍ୟାସେ

କା ଅଶ୍ରୁ ସଂବେଶେ ଉର୍ବଙ୍ଗ ଔଦାସ୍ୟେ ॥

ଛନ୍ଦ: ଶଙ୍ଖନାଦୀ 06/10 ISS ISS

ତବ ପ୍ରେମଧାରା କଲା ଯେ ଇସାରା ।

କିଏ ବା କରନ୍ତା ସ୍ୱଭାବେ କିନାରା ॥

ଛନ୍ଦ: ବିମୋହା 06/19 SIS SIS

କାନନେ ମାଳତୀ ଭୂତଳେ ଅଞ୍ଜତୀ ।

ବ୍ରହ୍ମଚର୍ଯ୍ୟେ ଯତୀ ଭୋଗରେ ଜମ୍ପତୀ ॥

ଛନ୍ଦ: ବସୁମତୀ06/29 SSI IIS

ପୁଷ୍ପାଦି ଖଚିତା ଶୃଙ୍ଗାରିବନିତା ।

ତା ହସ୍ତରଚିତା ଏ ପ୍ରେମକବିତା ॥

ଛନ୍ଦ: ବିନ୍ଦୁ 06/34 ISS SSI

ଅମାବାସ୍ୟା ରାତି ପ୍ରସିକ୍ତା ପାହାନ୍ତି ।

କିଏ ପୁଚ୍ଛେ ଆସି କିଆଁ ସେ ନାହାନ୍ତି ॥

ଛନ୍ଦ: କ୍ଷମାପାଳି 06/38 ISI SSI

ଦିନେ ବଡ କ୍ରାନ୍ତି ଦିନେ ତହିଁ ଭ୍ରାନ୍ତି ।

ଦିନେ ପରିଶ୍ରାନ୍ତ ସମଜରେ ଶାନ୍ତି ॥

ଛନ୍ଦ: ନନ୍ଦୀ 06/55 SSI SSI

ଦେଶର ଚାଉଳ ଖାଇ ପକା ସବୁ ।

ଭାସି ଗଲେ ଜନ ମୋଟୁ ତୁଟା ହବୁ ॥

ଛନ୍ଦ: ଅତିକଳି 06/61 SSI III

ନୀରେ ଶତଦଳ ବୃକ୍ଷେ ଫୁଲଫଳ ।

ଦୂରସ୍ଥ ଅଚଳ ପୃଷ୍ଟେ ଖଗ ଦଳ ॥

ଉଷ୍ଣିକ୍ 7-ବର୍ଣ୍ଣ

कुमारललिता ज्सौ ग् ॥ 6.03

କୁମାରଲଲିତା ଜ୍‌ସୌ ଗ୍ ॥ 6.03

ଜ୍‌ସୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ସଗଣ ଗୁରୁ (ISI IIS S) ଏହି କ୍ରମରେ 7ଟି ଲେଖା ବର୍ଣ୍ଣ ଥାଏ କୁମାରଲଲିତା - ତା ନାମ କୁମାରଲଳିତା ।

ଉଦାହରଣ:

ଖରା ତପନ ଧାସେ ଭିଜା ସବୁଜ ଘାସେ ।
କିଆଁ ବସିଛ ପାଶେ ବତା ମନ ଉଦାସେ ॥1
କିଏ କହିଛି ଭାରୀ କଥା କହ ବିଚାରୀ ।
କିଆଁ ଗଳୁଛି ନାରୀ ଗଳେ ନୟନବାରୀ ॥2

====================

ଉଷ୍ଣିକ୍ ଜାତୀୟ ଅଧିକ ଛନ୍ଦ (ମୋଟ 132ରୁ)

====================

ଛନ୍ଦ: ପଦ୍ୟା 07/14 ISI ISS S

ଜନେ ଚଳିଲେ କେଣେ କ୍ଷଣେ ଅଣୁଭା ଯେହ୍ନେ ।
କିଏ ବିରହୀ ଗାନେ ମରେ ମଦିରା ପାନେ ॥

ଛନ୍ଦ: ମହନୀୟା/26 122/112+2

ସୁବିଦ୍ୟା କର ଶିକ୍ଷା ସୁଯୋଗ୍ୟଙ୍କଠୁ ଦୀକ୍ଷା ।
ବିପକ୍ଷେ ଦଳ ଯୁଦ୍ଧେ ଦରିଦ୍ରେ କର ରକ୍ଷା ॥

ଛନ୍ଦ: ମହୋଦ୍ଧତା 07/42 ISS ISI S

ଶତାଙ୍ଗେ ମହୋଦ୍ଧତା ପ୍ରମାଦେ ଉପସ୍ଥିତା ।
ନ ଜାଣେ ମିଠା କଥା କହେ ସେ ପତିବ୍ରତା ॥

କବିତା: ପ୍ରେମମଦିରା

ଛନ୍ଦ: ଧୁନୀ ଭଜଗା 07/47 SII ISI S

ଛୋଟ ଦ୍ରୁମ କାନନେ ଛୋଟ ମୁଁ ସୁନା ଫୁଲ,
ଦେଖୁଥିବ ସନ୍ତ୍ରମେ ଲାଗୁଅଛି ଆକୁଳ ॥ 1

ମୋର ଟିକି ଅନ୍ତରେ ପ୍ରେମଝରଣା ରଖା,
ଆସିବ ଦିନେ ଥରେ ଦେଖିଯିବ ମୋ ସଖା ॥ 2
ଜାଣ ମୁଁ ସୁହାଗିନୀ ପାଇଅଛି ଆଳୟ
ଏକ ବନବାସିନୀ ନାହିଁ ଘର ଆଶ୍ରୟ ॥ 3
କାମନ ବି ନାହିଁ ମୋ, ଦେବଶିର-ଗୌରବେ
ଖୋଜୁଛି ଉପକ୍ରମେ ପ୍ରେମମଦିରା ଲବେ ॥ 4
ଦେଖି ଯିବ ଆଖିରେ ଆଖିର କଥା ଥରେ
ହାତ ରଖି ଛାତିରେ ଶୀତକର ଭାତିରେ ॥ 5

ଛନ୍ଦ: ନର୍ହୀ 07/74 ISS ISS I

ଅଧର୍ମୀ କୁଳାଙ୍ଗାର ପରାନ୍ନେ ଅହଂକାର ।
ଅକର୍ମା ଦୁରାଚାର ଧରିତ୍ରୀ ପରେ ଭାର ॥

ଛନ୍ଦ: ରଚା 07/78 ISI ISS I
ଅସୀମ ଅଣାକାର ଅଦୃଶ୍ୟ ଦିଶା ପାର ।
ଅଭେଦ୍ୟ ଭବାଧାର ଅସାଧ୍ୟ ସଦାଚାର ॥

ଛନ୍ଦ: ଉପୋହ୍ୟା 07/106 ISS ISI I
କିଏ ସେ କହେ ନଭ ଶରୀରେ କଣା ଥିବ ।
ନ ହେଲେ ଧରା ତଳ ପ୍ରବର୍ଷା କି ଆସିବ ॥

ଛନ୍ଦ: ଶାରଦୀ 07/118 ISI SII I
ସୁବର୍ଣ୍ଣଭୂ ନଗର ରଜାବୁଡା ନବର ।
ସସାଗରା ନଜର ଖରା ତରା ସକର ॥

ଅନୁଷ୍ଟୁପ୍ 8-ବର୍ଣ୍ଣ

माणवकाक्रीडितकं भ्तौ ल्गौ ॥ 6.04

ମାଣବକାକ୍ରୀଡିତକଂ ଭ୍ତୌ ଲ୍ଗୌ ॥ 6.04

ଭ୍ତୌ ଲ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ତଗଣ ପରେ ଲଘୁ ଓ ଗୁରୁ ବର୍ଣ୍ଣ (SII SSI IS) ଏହି କ୍ରମରେ 8ଟି ଲେଖା ବର୍ଣ୍ଣ ଥାଏ ମାଣବକାକ୍ରୀଡିତକଂ - ତା ନାମ ମାଣବକାକ୍ରୀଡିତକ ।

ଉଦାହରଣ:

ଏ କଳି କାଳେ ନ ମିଳେ ତ୍ୟାଗ କି ସେବା ଟିକିଏ ।
ଧାବିତ ସର୍ବତ୍ର ଜନେ ସ୍ୱାର୍ଥ ନିମନ୍ତେ ସଭିଏଁ ॥

चित्रपदा भौ गो ॥ 6.05

ଚିତ୍ରପଦା ଭୌ ଗୌ ॥ 6.05

ଭୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ଭଗଣ ପରେ ଦୁଇଟି ଗୁରୁ ବର୍ଣ୍ଣ (SII SII SS) ଏହି କ୍ରମରେ 8ଟି ଲେଖା ବର୍ଣ୍ଣ ଥାଏ ଚିତ୍ରପଦା - ତା ନାମ ଚିତ୍ରପଦା ।

ଉଦାହରଣ:

ବୁଦ୍ଧିବଳେ କବି ଲେଖେ ଅନ୍ୟର କାବ୍ୟରୁ ଗାରେ ।
କାଳ ଗତେ ପୁଣି ଲେଖେ ଆତ୍ମ ବିଚିନ୍ତନ ଧୀରେ ॥

विद्युन्माला मौ गौ ॥ 6.06

ବିଦ୍ୟୁନ୍ମାଳା ମୌ ଗୌ ॥ 6.06

ମୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ମଗଣ ପରେ ଦୁଇଟି ଗୁରୁ ବର୍ଣ୍ଣ (SSS SSS SS) ଏହି କ୍ରମରେ 8ଟି ଲେଖା ବର୍ଣ୍ଣ ଥାଏ ବିଦ୍ୟୁନ୍ମାଳା - ତା ନାମ ବିଦ୍ୟୁନ୍ମାଳା ।

ଉଦାହରଣ:

ମଧ୍ୟାଷାଢେ ତାଳେ ତାଳେ   ଅତ୍ୟୁଲ୍ଲାସେ ଶମ୍ପା ଖେଳେ ।
ଧୂମ୍ୟାମାଳା ଭାସେ ଊର୍ଦ୍ଧ୍ୱେ   କେକୀ ନାଚେ ପୃଥ୍ୱୀ ଗନ୍ଧେ ॥

हंसरुतं म्नौ गौ ॥ 6.07

ହଂସରୁତଂ ମ୍ନୌ ଗୌ ॥ 6.07

ମ୍ନୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ନଗଣ ପରେ ଦୁଇଟି ଗୁରୁ ବର୍ଣ୍ଣ (SSS III SS) ଏହି କ୍ରମରେ 8ଟି ଲେଖା ବର୍ଣ୍ଣ ଥାଏ ହଂସରୁତଂ - ତା ନାମ ହଂସରୁତ ।

ଉଦାହରଣ:

ଆଗେ କ୍ଷିପ୍ର ଜଳ ଧାରା   ବାଳା ପାଦ ଅତି ତୋରା ।
ଚାଳେ ଘେନିବ ସୁରକ୍ଷା   ଦେବ ପ୍ରେମର ପରୀକ୍ଷା ॥

====================

ଅନୁଷ୍ଟୁପ୍ ଜାତୀୟ ଅଧିକ ଛନ୍ଦ (ମୋଟ 256ରୁ)

====================

ଛନ୍ଦ: ଶଲ୍ଲକପ୍ଲୁତ   8/84   ସ ର ଲଗା IIS SIS IS

ଅଧରେ ଭଙ୍ଗିମା ଭରା   ନୟନେ କୁଞ୍ଚନ ତ୍ୱରା ।
ରଦନେ ଚାପି ଅଙ୍ଗୁଳି   ଲଳନା ପ୍ରେମଜର୍ଜରା ॥1

ଛନ୍ଦ: ନରାଚିକା   8/85   ଭ ତ ଲଗା SSI SIS IS

ବିଦ୍ୱାନ୍, କ୍ଷିତୀଶ ମଧ୍ୟରେ   ଥାଏ କି ବା ସମାନତା ।
ରାଜାର ମାନ ଦେଶରେ   ମାନେ ବୁଧଙ୍କୁ ଏ ଧରା ॥

ଛନ୍ଦ: ଉପଳିନୀ   8/88   ନ ର ଲଗା   III SIS IS

ଗହନ ଘୋଟିଲା ନିଶା   ସହଳ ଆସଗୋ ପ୍ରିୟା ।
ଅଛି ଅନେକ ବାକିଆ   ମନର ଏ ଦିଆ ନିଆ ॥

ଛନ୍ଦ: ହଠିନୀ   8/105   ମ ଜ ଲଗା   SSS ISI IS

କେବେ ଆସି ଦେଖ ଥରେ   ଏ ପାରେ ନିଶୀଥ ଝରେ ।
ଏ ଜ୍ୱାଳା ସରେ ନ ସରେ   ପ୍ରାଣେ ଥାଇ କେହି ମରେ ॥

ପୁନରପି

ଛନ୍ଦ: ହଠିନୀ   8/10   ମ ଜ ଲଗା   SSS ISI IS
ଛନ୍ଦ: ପଦ୍ମମାଳା   8/19   ର ର ଗାଗା SIS SIS IS
ଛନ୍ଦ: ହଂସରୁତ   8/57   ମ ନ ଗାଗା SSS III SS
ଛନ୍ଦ: ମଞ୍ଜରି   8/201 ମ ୟ ଲଲ SSS ISS II

ବୃହତୀ 9-ବର୍ଣ୍ଣ

भुजगशिशुसुता नौ म् ॥ 6.08

ଭୁଜଗଶିଶୁସୁତା ନୌ ମ୍ ॥ 6.08

ନୌ ମ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ଗୋଟିଏ ମଗଣ ଥିବ (III III SSS) ଏହି କ୍ରମରେ 9ଟି ଲେଖା ବର୍ଣ୍ଣ ଥାଏ ଭୁଜଗଶିଶୁସୁତା - ତା ନାମ ଭୁଜଗଶିଶୁସୁତା ।

ଉଦାହରଣ:

ନିକଟ ଅତି ଅମାବାସ୍ୟା   କରିଡି କଳିର ମୀମାଂସା ।

ନ ଯିବ ତୁମ କୁଟା ଖଣ୍ଡେ   ଉପଜ ଗଉଣିଏ ଗଣ୍ଡେ ॥

हलमुखी र्नौ स् ॥ 6.09

ହଲମୁଖୀ ର୍ନୌ ସ୍ ॥ 6.09

ର୍ନୌ ସ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ରଗଣ ନଗଣ ଓ ସଗଣ (SIS III IIS) ଏହି କ୍ରମରେ 9ଟି ଲେଖା ବର୍ଣ୍ଣ ଥିବ ହଳମୁଖୀ - ତା ନାମ ହଳମୁଖୀ ।

ଉଦାହରଣ:

ବାଳକେ ନଗରକୁ ଗଲେ

ଦେଖିବା ଗହଳି ନଗରେ ।

ପାଣି ବୋତଲ ଧରି ଥିଲେ

କାମ ହେଇ ଯିବ ଭଲରେ ॥

====================

ବୃହତୀ ଜାତୀୟ ଅଧିକ ଛନ୍ଦ (ମୋଟ 512ରୁ)

====================

ଛନ୍ଦ: ଭାମିନୀ 9/51 ର ଭ ମ SIS SII SSS

କଣ୍ଟକୀ ଝାଟ ପରେ ପାଟ

ଥୋଇ ଦୁଷ୍ଟଙ୍କ ରଣୋଚ୍ଚାଟ ।

ପାଦ ଉତ୍ତୋଳି ପଥପ୍ରାନ୍ତେ

ମୃତ ନା କାର ଗଡା କାନ୍ତେ ॥

ଛନ୍ଦ: ବିଶଲ୍ୟ 9/74 ୟ ୟ ୟ   ISS ISS ISS

କିଏ ସେ କହେ ଆସ ସାଥୀ,   ନୁହେଁ ପ୍ରାପ୍ତ ଘୋଡା କି ହାତୀ

ଯିବା ସେ ସ୍ଥଳେ ଚାଲି ପାଦ   ବିନା ସଂଶୟେ ନିର୍ବିବାଦେ ॥

ଛନ୍ଦ: ନିଷଧ 9/215 ଭ ର ସ SII SIS IIS

ସାରସ ହଂସ ରଙ୍ଗ ଭରା   ଯେଉଁଠି ଅଦ୍ରି ଶୁଭ୍ରଶିରା,

ତକ୍ଷଣ ସେଠୁ ଲମ୍ଫ ବଳେ   ଅଶ୍ବବିତାନ ଲଘି ଚଳେ ॥

ଛନ୍ଦ: ଅର୍ଦ୍ଧକଳା 9/220 ସ ସ ସ IIS IIS IIS

ସହସା ବରଷାରୁ ରସା କି ଦଶା ସହିଲା ସୁଜନେ ।

ଜଳଭୂ ସଲିଳେ ପ୍ରଚଳେ ଛଳ ଚଞ୍ଚଳ ଉଛୁଳନେ ॥ 1

ପୁନରପି

ଛନ୍ଦ ରୂପମାଳୀ(ଳା) 09/1

ମ ମ ମ SSS SSS SSS

ଛନ୍ଦ: ମହାଲକ୍ଷ୍ମୀ (ନାମାନ୍ତରେ ଭୌରିକ) 09 /147

ର ର ର SIS SIS SIS

ଛନ୍ଦ: ହଳୋଦ୍ଧତା 09/176

ନ ଜ ର III ISI SIS

ଛନ୍ଦ: ଧୌନିକ 09 /255

ଭ ନ ସ SII III IIS

ଛନ୍ଦ: ରତିପଦ (ମଦନକ)

09/256 ନ ନ ସ III III IIS

ପଙ୍କ୍ତି 10-ବର୍ଣ୍ଣ

शूद्धविराड्म्सौ ज्गौ ॥ 6.10

ଶୁଦ୍ଧବିରାଡ୍‌ମ୍‌ସୌ ଜ୍‌ଗୌ ॥ 6.10

ମ୍‌ସୌ ଜ୍‌ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ମଗଣ ସଗଣ ଜଗଣ ଓ ଗୋଟିଏ ଗୁରୁ ବର୍ଣ୍ଣ (SSS IIS ISI S) ଏହି କ୍ରମରେ 10ଟି ଲେଖା ବର୍ଣ୍ଣ ଥିବ ଶୁଦ୍ଧବିରାଟ୍ - ତା ନାମ ଶୁଦ୍ଧବିରାଟ୍ ।

ଉଦାହରଣ:

ନିଶ୍ଚେ ଦେଖିବ ଆଜି ସଞ୍ଜରେ

କେତେ ବାଦ୍ୟର ଶବ୍ଦ ଗୁଞ୍ଜରେ ।

ମଞ୍ଚେ ଆମର କାଂସ୍ୟ ମନ୍ଦିରା

ଶବ୍ଦେ ସ୍ତବ୍ଧ ସସାଗରାଧରା ॥

पणवो म्नौ य्गौ ॥ 6.11

ପଣବୋ ମ୍‌ନୌ ୟ୍‌ଗୌ ॥ 6.11

ମ୍‌ନୌ ୟ୍‌ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ମଗଣ ନଗଣ ୟଗଣ ଓ ଗୋଟିଏ ଗୁରୁ ବର୍ଣ୍ଣ (SSS III ISS S) ଏହି କ୍ରମରେ 10ଟି ଲେଖା ବର୍ଣ୍ଣ ଥିବ ପଣବୋ - ତା ନାମ ପଣବ । କେହି କେହି ପ୍ରଣବ ମଧ୍ୟ କହନ୍ତି । ଏଥିରେ ଯତି 5,5ରେ ହୁଏ ।

ଉଦାହରଣ:

ଯୋଗ ନ୍ୟାୟ ବହି ପଢା ଅନ୍ତେ

ସାଙ୍ଖ୍ୟ ବୈଶେଷିକ ମହାଗ୍ରନ୍ଥେ ।

ସୂତ୍ରେ ସୂତ୍ର ବୁଝି ଗଲେ ଭାଷା

ଅଭ୍ୟାସେ ରଖ ଦୁଇ ମୀମାଂସା ॥

रुक्मवती भ्मौ स्गौ ॥ 6.12

ରୁକ୍ମବତୀ ଭ୍ମୌ ସ୍ଗୌ ॥ **6.12**

ଭ୍ମୌ ସ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ଭଗଣ ମଗଣ ସଗଣ ଓ ଗୋଟିଏ ଗୁରୁ ବର୍ଣ୍ଣ **(SII SSS IIS S)** ଏହି କ୍ରମରେ **10**ଟି ଲେଖା ବର୍ଣ୍ଣ ଥିବ ରୁକ୍ମବତୀ - ତାହାର ନାମ ରୁକ୍ମବତୀ ।

ଉଦାହରଣ:

ପାଦ ତଳେ କଣ୍ଟା ଫୁଟି ଯାଏ

କ୍ଲାନ୍ତ ଶରୀରେ ସ୍ୱେଦର ଧାରା ।

ଏ ବୟସେ ବିକ୍ରାନ୍ତ ପରାଏ

ବୃଦ୍ଧ ! କି ଆଶାରେ ଶ୍ରମ ସାରା ॥

मयूरसारिणी र्जौ र्गौ ॥ 6.13

ମୟୂରସାରିଣୀ ର୍ଜୌ ର୍ଗୌ ॥**6.13**

ର୍ଜୌ ର୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ରଗଣ ଜଗଣ ରଗଣ ଓ ଗୋଟିଏ ଗୁରୁ ବର୍ଣ୍ଣ **(SIS ISI SIS S)** ଏହି କ୍ରମରେ **10**ଟି ଲେଖା ବର୍ଣ୍ଣ ଥିବ ମୟୂରସାରିଣୀ - ତାହାର ନାମ ମୟୂରସାରିଣୀ ।

ଉଦାହରଣ:

କାବ୍ୟକାର ସାଜିବାର ନାହିଁ

ମାନପତ୍ର ଖୋଜିବାର ନାହିଁ ।

କେହି ନାହିଁ ଦେବି ଯାର ମାଥେ

ଜୈତ୍ରିୟ ପ୍ରବନ୍ଧ ଚିହ୍ନ ହାତେ ।॥**1**

मत्ता म्भौ स्गौ ॥ 6.14

ମତ୍ତା ମ୍ଭୌ ସ୍ଗୌ ॥ **6.14**

ମ୍ଭୌ ସ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ମଗଣ ଭଗଣ ସଗଣ ଓ ଗୁରୁ ବର୍ଣ୍ଣ **(SSS SII IIS S)** ଏହି କ୍ରମରେ **10**ଟି ବର୍ଣ୍ଣ ଥିବ ମତ୍ତା - ତାହା ମତ୍ତା ଛନ୍ଦ ।

ଉଦାହରଣ:

ଯଜ୍ଞକ୍ଷେତ୍ରେ ଉଡୁଛି ପତାକା

ଅଗ୍ନ୍ୟସଙ୍ଗେ ତରୁବର ଶାଖା ।

ସୂର୍ଯ୍ୟ ପ୍ରାୟେ ଅନଳର ଦୀପ୍ତି

ଅନ୍ତର୍ଗର୍ଭେ ବଢୁଅଛି ଶକ୍ତି ॥

उपस्थिता त्जौ ज्गौ ॥ 6.15

ଉପସ୍ଥିତା ତ୍ଜୌ ଜ୍ଗୌ ॥ **6.15**

ତ୍ଜୌ ଜ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଲେଖା ତଗଣ ଦୁଇଟି ଜଗଣ ଓ ଗୁରୁ ବର୍ଣ୍ଣ **(SSI ISI ISI S)** ଏହି କ୍ରମରେ **10**ଟି ବର୍ଣ୍ଣ ଥିବ ଉପସ୍ଥିତା - ତାହା ଉପସ୍ଥିତା ଛନ୍ଦ ।

ଉଦାହରଣ:

ଏଠାରୁ ମୁଁ ଚାଲି ଯିବା ପରେ
ନିଶ୍ଚେ ଥିବ ମୋର ପଢା ଘରେ
ନିସ୍ତେଜସ ପୁଷ୍ପର ପାଖୁଡା
ମର୍ମେ ଭରି ଗୀତର ଟାଙ୍ଗୁଡା: ୧

====================

ପଙ୍କ୍ତି ଜାତୀୟ ଅଧିକ ଛନ୍ଦ (ମୋଟ **1,024**ରୁ)

====================

ଆନ୍ଦୋଳିକା **10/165** ତ ତ ର ଗା

SSI SSI SIS S ଯତି: **5, 5**

ବିଜ୍ଞାନ ଭୂଗୋଳ ଅଙ୍କ ଶାସ୍ତ୍ରୀ
ତର୍କେ ନିବେଶନ୍ତି ଛାତ୍ର ଛାତ୍ରୀv।
ଇଜ୍ୟ ପ୍ରବକ୍ତା ତଥା ପ୍ରଶାସ୍ତା
ତର୍କେ ବିନାଶନ୍ତି ଅବ୍ୟବସ୍ଥା ॥

ବନତଳ **10/192** ନ ନ ର ଗା

III III SIS S

ହରିତ ବନର ରୁକ୍ଷମାଳେ
ହରି ତବ ନର ରୁକ୍ଷ କାଳେ ।
ବନଜ-ରଜନ- ବାସ ଆସ
ବନଚର-ଜନ- ବାସ ପାଶ ॥

କର୍ଣ୍ଣପାଳିକା **10/331** ର ଯ ଜ ଗା

SIS ISS ISI S ଯତି: **4, 6**

ଜାଗ ଆଜ ଗୋପାଳବାଳକେ
ଜାଗ ଜାଗ ସୀମନ୍ତିନୀ ବଧୂ ।
ପୁଷ୍ପଲାବ ଆସାଦଚାଳିକେ,
ବଞ୍ଚି ଯାଅ ସାଦ୍ୟନ୍ତ ଆପଦୁ ॥

ସରାବିକା10/ 342 ଜ ର ଜ ଗା
ISI SIS ISI S

ଫଟୋ ଛପାଅ ମାତୃପୂଜନେ
ଜନିଙ୍କ ବାର୍ଷିକୋତ୍ସବାୟନେ ।
ମହତ୍ତ୍ୱ ଲେଖ ମାତୃଜାତିର
ଚଳାଇ ଶକ୍ତ ଲେଖନୀ ଝର ॥

(ଏହି ଦଶାକ୍ଷର ସରାବିକା ଅନ୍ଦରେ **Sonnet** *କବିତା ଲେଖିବାର ଇଂରାଜୀରେ ବିଧି ଅଛି । ସେମାନେ ଏହାକୁ* **iambic pentameter** *କହୁଛନ୍ତି ।)*

ଶରତ୍ 10/440 ନ ଭ ଭ ଗା
III SII SII S
ଶଲଭ ଜନ୍ତୁ ବିହଙ୍ଗ ଭରା
ଗିରିଶିରେ ଶତକୁମ୍ଭ ଝରା,
ଜନମି ସେହି ଶିଳାର ତଳେ
ଉପଳ ତଳ୍ପ ମୁଁ ଲଘି ଚଳେ ॥

ପୁନରପି
ଛନ୍ଦ: ଚମ୍ପକମାଳା(ରୁକ୍ମବତୀ, ରୂପବତୀ) 10/199
ଭ ମ ସ ଗା SII SSS IIS S ଯତି 5,5,

ଛନ୍ଦ: ଉଦ୍ଧତ (କୃତୋଦ୍ଧତା) 10/217
ମ ସ ସ ଗା SSS IIS IIS S

ଛନ୍ଦ: ଅକ୍ଷରାବଳୀ 10/347
ର ସ ଜ ଗା SIS IIS ISI S

ଛନ୍ଦ: ହଂସୀ 10/497
ଯ ଭ ନ ଗା SSS SII III S ଯତି: 4, 6

ତ୍ରିଷ୍ଟୁପ୍ 11-ବର୍ଣ୍ଣ

इन्द्रवज्रा तौ ज्गौ ग् ॥ 6.16

ଇନ୍ଦ୍ରବଜ୍ରା ତୌ ଜ୍ଗୌ ଗ୍ ॥ 6.16

ତୌ ଜ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ତଗଣ ପରେ ଜଗଣ ଓ ଦୁଇଟି ଗୁରୁ ବର୍ଣ୍ଣ (SSI SSI ISI SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ଇନ୍ଦ୍ରବଜ୍ରା - ତାହା ଇନ୍ଦ୍ରବଜ୍ରା ଛନ୍ଦ ।

ଉଦାହରଣ

ସ୍ୱର୍ଣ୍ଣାଭ ବିଦ୍ୟୁତ୍ ଖଳିନ ପ୍ରହାରେ

ପୀଡାର୍ତ୍ତ ଶବ୍ଦେ ବିରବ ପ୍ରସର୍ଜୀ ।

ଆକାଶ ଲାଗେ ସହସା ସତେ ବା

ଶାସେ କିଏ ସେ ଅତି ଦୁଷ୍ଟ କେଶୀ ॥

उपेन्द्रवज्रा ज्तौ ज्गौ ग् ॥ 6.17

ଉପେନ୍ଦ୍ରବଜ୍ରା ଜ୍ତୌ ଜ୍ଗୌ ଗ୍ ॥ 6.17

ଜ୍ତୌ ଜ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ଜଗଣ ପରେ ତଗଣ ଜଗଣ ଓ ଦୁଇଟି ଗୁରୁ ବର୍ଣ୍ଣ (ISI SSI ISI SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ଉପେନ୍ଦ୍ରବଜ୍ରା - ତାହା ଉପେନ୍ଦ୍ରବଜ୍ରା ଛନ୍ଦ ।

ଉଦାହରଣ:

ଅତୀତ ବୁଦ୍ଧଙ୍କର ପୂର୍ବ ସେବୀ

ଭୁଜଙ୍ଗମେ ଧର୍ମବିଶେଷ ଆଶେ ।

ସଭକ୍ତି ଚୌପାଶୁ ବିଦୀପ୍ତ ନେତ୍ରେ

ପ୍ରବର୍ଷିଲେ ରକ୍ତଜବା ପ୍ରସୂନ ॥

आद्यन्तावुपजातयः ॥ 6.18

ଆଦ୍ୟନ୍ତାବୁପଜାତୟଃ ॥ 6.18

ଆଦ୍ୟନ୍ତ - ଯଦି ଏହା ପୂର୍ବ ଦୁଇ ସୂତ୍ରରେ କଥିତ ଛନ୍ଦ ଭିତରୁ ଆଦି ବା ପ୍ରଥମୋକ୍ତ ଇନ୍ଦ୍ରବଜ୍ରାର ପାଦ ଓ ଅନ୍ତ ବା ପରେ କଥିତ ଉପେନ୍ଦ୍ରବଜ୍ରାର ପାଦ ମିଶେଇ ଦିଆ ଯାଏ ଉପଜାତୟଃ - ତେବେ ଉପଜାତି ଛନ୍ଦ ସମୂହର ଉଦ୍ଭବ ହେବ ।

ଉଦାହରଣ:

କ୍ୱଚିତ୍ ପ୍ରଦୃଷ୍ଟ କ୍ୱଚିତ୍ ଅପ୍ରଦୃଷ୍ଟ (ଇନ୍ଦ୍ରବଜ୍ରା)

ନିର୍ମୋକ ଆଚ୍ଛାଦିତ ଖଣ୍ଡମେଘେ । (ଉପେନ୍ଦ୍ରବଜ୍ରା)

କ୍ୱଚିତ୍ କ୍ୱଚିତ୍ ପର୍ବତ ପଶ୍ଚଦେଶେ (ଇନ୍ଦ୍ରବଜ୍ରା)

ଲାଗେ ଯଥା ଶାନ୍ତ ଜଳେନ୍ଦ୍ର ରୂପ ॥ (ଉପେନ୍ଦ୍ରବଜ୍ରା)

ଇନ୍ଦ୍ରବଜ୍ରା ଓ ଉପେନ୍ଦ୍ରବଜ୍ରା କୌଣସିଟି ଚାରି ପାଦରୁ କୌଣସିଠି ବି ରହି ପାରେ । ତଦନୁଯାୟୀ ଏହି ସବୁ ଉପଜାତୀୟ ଛନ୍ଦକୁ ଅଲଗା ଅଲଗା ନାମ ମଧ୍ୟ ଦିଆ ଯାଇଛି ।

ବିଶେଷ ବକ୍ତବ୍ୟ: ପରମ୍ପରା କହେ ସମାନ ଅକ୍ଷର ବିଶିଷ୍ଟ ଅନ୍ୟାନ୍ୟ ଛନ୍ଦର ଏପରି ପାରସ୍ପରିକ ମିଳନରୁ ମଧ୍ୟ ଉପଜାତି ହେଇ ପାରିବ । ଅଙ୍କୁଶ ଏତିକି ଯେ ଏଗୁଡିକର କେବଳ ଆଦ୍ୟାକ୍ଷରରେ ଲଘୁଗୁରୁ ପ୍ରଭେଦ ଛାଡି ଦେଲେ ବାକି ସବୁ ବର୍ଣ୍ଣର କ୍ରମ ଏକା ଥିବ ।

ଜଗତୀ (12 ଅକ୍ଷର ବିଶିଷ୍ଟ) ଛନ୍ଦ ଭିତରେ ବଂଶସ୍ଥ ଓ ଇନ୍ଦ୍ରବଂଶା ଛନ୍ଦର ଉପଜାତି ମଧ୍ୟ ବେଶ ପ୍ରଚଳିତ । ତେଣୁ ଏ ଦୁଇ ଯୁଗ୍ମକର ଉପଜାତୀୟ ଛନ୍ଦ ଗୁଡିକ ତଳେ ଏକତ୍ର ଦିଆ ଗଲା ।

ଉପଜାତି:-

1 ଇନ୍ଦ୍ରବଜ୍ରା+ ଉପେନ୍ଦ୍ରବଜ୍ରା & 2 ଇନ୍ଦ୍ରବଂଶା+ ବଂଶସ୍ଥବିଳମ୍:-

ପ୍ରସ୍ତାର କ୍ରମିକ	ଚରଣ- ବିନ୍ୟାସ	ଏଥିରେ S=ଇନ୍ଦ୍ର. I=ଉପେ. 1	ଏଥିରେ S=ଇନ୍ଦ୍ରବଂଶା I=ବଂଶସ୍ଥବିଳ 2
01	SSSS	ଶୁଦ୍ଧା	ଶୁଦ୍ଧା
02	ISSS	କୀର୍ତ୍ତି	ବୈରାସକୀ
03	SISS	ବାଣୀ	ରତାଖ୍ୟାନକୀ
04	IISS	ମାଳା	ଇନ୍ଦୁମା
05	SSIS	ଶାଳା	ପୁଷ୍ଟିଦା
06	ISIS	ହଂସୀ	ଉପମେୟା / ରାମଣୀୟକ
07	SIIS	ମାୟା	ସୌରଭେୟୀ
08	IIIS	ଜାୟା	ଶିଳାତୁରା
09	SSSI	ବାଳା	ବାସନ୍ତିକା
10	ISSI	ଆର୍ଦ୍ରା	ମନ୍ଦହାସା
11	SISI	ଭଦ୍ରା	ଶିଶିରା
12	IISI	ପ୍ରେମା	ବୈଧାତ୍ରୀ
13	SSII	ରାମା	ଶଙ୍ଖଚୂଡା
14	ISII	ଋଦ୍ଧିଃ	ରମଣା
15	SIII	ସି(ବୁ)ଦ୍ଧିଃ	କୁମାରୀ
16	IIII	ଶୁଦ୍ଧା	ଶୁଦ୍ଧା

===================

दोधकं भौ भ्गौ ग् ॥ 6.19

ଦୋଧକଂ ଭୌ ଭ୍ଗୌ ଗ୍ ॥ 6.19

ଭୌ ଭ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ତିନିଟି ଭଗଣ ପରେ ଦୁଇଟି ଗୁରୁ ବର୍ଣ୍ଣ (SII SII SII SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ଦୋଧକଂ - ତାହା ଦୋଧକ ଛନ୍ଦ ।

ଉଦାହରଣ:

ଦେଶର ସମ୍ପଦ ବିକ୍ରୟକର୍ତ୍ତା

ଦ୍ୱେଷ ବିଭେଦର ସିଞ୍ଚନକାରୀ

ସେ ଯଦି ସାଜିବ ଦଣ୍ଡବିଧାତା

ଦେଶକୁ ବର୍ଜିବେ ସତ୍ପଥଚାରୀ ॥

शालिनी म्तौ त्गौ ग् समुद्रऋषयः ॥ 6.20

ଶାଲିନୀ ମ୍ତୌ ତ୍ଗୌ ଗ୍ ସମୁଦ୍ରଋଷୟଃ ॥ 6.20

ମ୍ତୌ ତ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ପରେ ଦୁଇଟି ତଗଣ ଓ ଦୁଇଟି ଗୁରୁ ବର୍ଣ୍ଣ (SSS SSI SSI SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ଶାଳିନୀ - ତାହା ଶାଳିନୀ ଛନ୍ଦ । ସମୁଦ୍ର-ଋଷୟଃ - ଏଥିରେ ସମୁଦ୍ର ଅର୍ଥାତ୍ 4 ଓ ଋଷି ଅର୍ଥାତ୍ 7 ବର୍ଣ୍ଣରେ ଯତି ଅର୍ଥାତ୍ ବିରାମ ହୁଏ ।

ଉଦାହରଣ:

ମଧ୍ୟେ ମଧ୍ୟେ କେ କହେ କାନ ପାଖେ
ସଂସାରେ ତୋ ଶକ୍ତିସୀମା ତୁ ହେଜ
ହେଲେ ସୁଦ୍ଧା କର୍ମ ତୋ ଶେଷ ଯାକେ
ବୋଧଜ୍ୟୋତି ପ୍ରାପ୍ତି ଯାଏ ନ ତେଜ ।

वातोर्मी म्भौ त्गौ ग् च ॥ 6.21

ବାତୋର୍ମୀ ମ୍ଭୌ ତ୍ଗୌ ଗ୍ ଚ ॥ 6.21

ମ୍ଭୌ ତ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ପରେ ଭଗଣ ତଗଣ ଓ ଦୁଇଟି ଗୁରୁ ବର୍ଣ୍ଣ (SSS SII SSI SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ବାତୋର୍ମୀ - ତାହା ବାତୋର୍ମୀ ଛନ୍ଦ ।

ଏଠାରେ ଚ କହିବାର ତାତ୍ପର୍ଯ୍ୟ ହେଲା ଏଥିରେ ମଧ ପୂର୍ବ ସୂତ୍ରର ଛନ୍ଦ ପରି 4 ଓ 7ରେ ଯତି ହୁଏ ।

ଉଦାହରଣ:

କେବେ ହେଲେ ଶୁଣ ନା ସେ ଦୁଷ୍ଟଭାଷା
ଯେ ପିତ୍ରାଜ୍ଞା ଦିନଟେ ପାଳି ନାହିଁ ।
ନା ସେ ବିଦ୍ୟା ପଢ଼ିଲା ଘେନି ଆଶା
ତା ଶୀଳଦ୍ୱେ ଭରସା କାର ନାହିଁ ॥

भ्रमरविलसितं म्भौ न्लौ ग् ॥ 6.22

ଭ୍ରମରବିଳସିତଂ ମ୍ଭୌ ନ୍ଲୌ ଗ୍ ॥ 6.22

ମ୍ଭୌ ନ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ଭଗଣ ନଗଣ ପରେ ଲଘୁ ଓ ଗୁରୁ ବର୍ଣ୍ଣ (SSS SII III IS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ଭ୍ରମରବିଳସିତଂ - ତାହା ଭ୍ରମରବିଳସିତ ଛନ୍ଦ ।

ଉଦାହରଣ:

ତୃପ୍ତା ବନ୍ୟା ବନପଥବନିତା
ଆସ୍ୟେ ଗାଥା ଭ୍ରମରବିଳସିତା ।
କିଞ୍ଚିତ୍ ତୋଜେ ସରସ ପରିହିତା
କିଞ୍ଚିତ୍ କ୍ଷିପ୍ରା ବିଜନବିଚଳିତା ॥ ୧

रथोद्धता र्नौ र्लौ ग् ॥ 6.23

ରଥୋଦ୍ଧତା ର୍ନୌ ର୍ଲୌ ଗ୍ ॥ 6.23

ର୍ନୌ ର୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ରଗଣ ନଗଣ ପରେ ରଗଣ ଲଘୁ ଓ ଗୁରୁ ବର୍ଣ୍ଣ (SIS III SIS IS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ରଥୋଦ୍ଧତା - ତାହା ରଥୋଦ୍ଧତା ଛନ୍ଦ ।

ଉଦାହରଣ:

କୌମୁଦୀ ମୁଦିତନେତ୍ର ଲଜ୍ଜିତା

ଊଷ ଆସର ସରାଗ ପୂରିତା ।

ଅମ୍ବୁବାହ ଭୁବନେ ବନେ ବନେ

ବିନ୍ଦୁ ବିନ୍ଦୁ ବିଧୁରା ପ୍ରସିଞ୍ଚନେ ।

स्वागता र्नौ भ्गौ ग् ॥ 6.24

ସ୍ୱାଗତା ର୍ନୌ ଭ୍ଗୌ ଗ୍ ॥ **6.24**

ର୍ନୌ ଭ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ରଗଣ ନଗଣ ପରେ ଭଗଣ ଓ ଦୁଇଟି ଗୁରୁ ବର୍ଣ୍ଣ **(SIS III SII SS)** ଏହି କ୍ରମରେ **11**ଟି ବର୍ଣ୍ଣ ଥିବ ସ୍ୱାଗତା - ତାହା ସ୍ୱାଗତା ଛନ୍ଦ ।

ଉଦାହରଣ:

ଆସ କେ ଚଳିବ ମୋହର ସାଥେ ଆସ ହାତ ରଖି ଏ ଟିକି ହାତେ ।

ଚାଲ ସେ ପରିଧି ସେପଟ ଘାଟେ ଝିଁରୀ ଜଗିଛି ଜହ୍ନ ନିମନ୍ତେ ॥

वृन्ता नौ स्गौ ग् ॥ 6.25

ବୃନ୍ତା ନୌ ସ୍ଗୌ ଗ୍ ॥ **6.25**

ନୌ ସ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ସଗଣ ଓ ଦୁଇଟି ଗୁରୁ ବର୍ଣ୍ଣ **(III III IIS SS)** ଏହି କ୍ରମରେ **11**ଟି ବର୍ଣ୍ଣ ଥିବ ବୃନ୍ତା - ତାହା ବୃନ୍ତା ଛନ୍ଦ ।

ଉଦାହରଣ:

ଘରକୁ ଯିବ ତ, ବଢିଲା ରାତି

ଡରି ଯିବ ଯଦି ଅଛି କେ ସାଥୀ ।

ତୁମ ସହିତ ମୁଁ ଯିବି ନା ବାଳୀ

ଫୁଲ ପରି ଯିବ ମୁଁ ଥିଲେ ମାଳୀ ॥

श्येनी र्जौ र्लौ ग् ॥ 6.26

ଶ୍ୟେନୀ ର୍ଜୌ ର୍ଲୌ ଗ୍ ॥ **6.26**

ର୍ଜୌ ର୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ରଗଣ ଜଗଣ ପରେ ରଗଣ ଓ ଲଘୁ ଗୁରୁ ବର୍ଣ୍ଣ **(SIS ISI SIS IS)** ଏହି କ୍ରମରେ **11**ଟି ବର୍ଣ୍ଣ ଥିବ ଶ୍ୟେନୀ - ତାହା ଶ୍ୟେନୀ ଛନ୍ଦ ।

ଉଦାହରଣ:

ମାନିନୀ କି ଲାଗି ସେ ନିଶା ଗତେ

ମୋ ଘରେ ଉଠେ ନ ଆସିବା କଥା ।

ଆସିଲେ ମୁଁ ଦେବି ପୁଷ୍ପ ମାଳିକା ।

ତନ୍ଦନେ ସଜାଇ ଦେବି ତୋ ମଥା ।

विलासिनी ज्रौ ज्गौ ग् ॥ 6.27

ବିଲାସିନୀ ଜ୍ରୌ ଜ୍ଗୌ ଗ୍ ॥ 6.27

ଜ୍ରୌ ଜ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ରଗଣ ପରେ ଜଗଣ ଓ ଦୁଇଟି ଗୁରୁ ବର୍ଣ୍ଣ (ISI ISI SIS SS) ଏହି କ୍ରମରେ 11ଟି ବର୍ଣ୍ଣ ଥିବ ବିଲାସିନୀ - ତାହା ବିଲାସିନୀ ଛନ୍ଦ ।

ଉଦାହରଣ:

ପ୍ରବର୍ଷ ଛାଡିଲା ପରେ ଅରଣ୍ୟା

ଝଳା ଦିଶେ ଫିକା ହସେ ଅନନ୍ୟା ।

ଖରା ତଳେ ଧରାଧରେ ଗୁହାରେ

ସିଏ ତ ଦେବତା ପଦେ ଜୁହାରେ ।

====================

ତ୍ରିଷ୍ଟୁପ୍ ଜାତୀୟ ଅଧିକ ଛନ୍ଦ (ମୋଟ 2,048ରୁ)

====================

ପୁନରପି

ଛନ୍ଦ: ବିଳମ୍ବିତମଧ୍ୟା 11/217

ମ ସ ସ ଗାଗା SSS IIS IIS SS

ଛନ୍ଦ: ବିହାରିଣୀ (ଭାସିନୀ) 11/300

ସ ଜ ତ ଗାଗା IIS ISI SSI SS

ଛନ୍ଦ: ବିଶ୍ୱବିରାଟ୍ 11/345

ମ ସ ଜ ଗାଗା SSS IIS ISI SS

ଛନ୍ଦ: ମନ୍ଦାକିନୀ (ଭୁଜଙ୍ଗୀ) 11/586

ଯ ଯ ଯ ଗାଗା ISS ISS ISS SS

ଛନ୍ଦ: ଦ୍ରୁତା (ଉପଦାରିକା) 11/747

ର ଜ ସ ଲଗା SIS ISI IIS IS ଯତି: 5,6

ଛନ୍ଦ: ମାଳବିକା 11/749

ତ ଜ ସ ଲଗା SSI ISI IIS IS

ଦଗତୀ 12-ବର୍ଣ୍ଣ

जगती ॥ 6.28

ଜଗତୀ ॥ 6.28

ଏଠାରୁ (12 ବର୍ଣ୍ଣ ବିଶିଷ୍ଟ) ଜଗତୀ ଛନ୍ଦର ଅଧିକାର ଆରମ୍ଭ ହେଲା ।

वंशस्था ज्तौ ज्रौ ॥ 6.29

ବଂଶସ୍ଥା ଜ୍ତୌ ଜ୍ରୌ ॥ 6.29

ଜ୍ତୌ ଜ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ତଗଣ ପରେ ଜଗଣ ରଗଣ (ISI SSI ISI SIS) ଏହି କ୍ରମରେ ଥାଏ ବଂଶସ୍ଥା - ତାହା ବଂଶସ୍ଥା ଛନ୍ଦ । ତେବେ ଏହି ଛନ୍ଦ ବଂଶସ୍ଥ ନାମରେ ଅଧିକ ପରିଚିତ । ବଂଶସ୍ଥବିଳମ୍ ମଧ୍ୟ ଏହି ଛନ୍ଦର ହିଁ ଅନ୍ୟ ନାମ ।

ଉଦାହରଣ:

ଅନାର୍ଯ୍ୟ ଲୋକେ ସହଜ ସ୍ୱଭାବତଃ

କୁକର୍ମ ଚିନ୍ତା କରୁ ଥାନ୍ତି ଗୋପନେ ।

କୁକାବ୍ୟକର୍ତ୍ତା ପୁଣି ସେହି ହୋମରେ

ଅନର୍ଥସାହିତ୍ୟ ଦିଏ ଘୃତାର୍ପଣେ ॥

इन्द्रवंशा तौ ज्रौ ॥ 6.29

ଇନ୍ଦ୍ରବଂଶା ତୌ ଜ୍ରୌ ॥ 6.30

ତୌ ଦ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ତଗଣ ପରେ ଜଗଣ ରଗଣ (SSI SSI ISI SIS) ଏହି କ୍ରମରେ ଥାଏ ଇନ୍ଦ୍ରବଂଶା - ତାହା ଇନ୍ଦ୍ରବଂଶା ଛନ୍ଦ ।

ଉଦାହରଣ:

କେତେକ ବୈକୃତ୍ୟ ବି ମାନ୍ୟତା ଦିଏ

କଲ୍ୟାଣକାର୍ଯ୍ୟେ ଯଦି ବିକ୍ରିୟା ହୁଏ ।

ସର୍ବୋପକାରେ ବିଷପାନ କାରଣେ

ଦେବେଶକଣ୍ଠେ ଶିତିରଙ୍ଗ ଯେସନେ ॥

द्रुतविलम्बितम् न्भौ भ्रौ ॥ 6.31

ଦ୍ରୁତବିଲମ୍ବିତମ୍ ନ୍ଭୌ ଭ୍ରୌ ॥6.31

ନ୍ଭୌ ଭ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ଭଗଣ ପରେ ଭଗଣ ରଗଣ (III SII SII SIS) ଏହି କ୍ରମରେ ଥାଏ ଦ୍ରୁତବିଲମ୍ବିତମ୍ - ତାହା ଦ୍ରୁତବିଳମ୍ବିତ ଛନ୍ଦ ।

ଉଦାହରଣ:

ଦିବସ ଶେଷ ସମୀରଣ ଉଚ୍ଛଳେ

ଟିକି ଝରେ ଲହରୀ ଟିକିଏ ଝଳେ ।

ଝରଜଳେ ଝପଟେ ଟିକି ଶଙ୍ଖଳୀ

ଚଢିବ ଭୂତଟି ସେ   ବଡ ପିପ୍ପଳୀ ॥

तोटकं सः ॥ 6.32

ତୋଟକଂ ସଃ ॥ 6.32

ସଃ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଚାରିଟି ଲେଖା ସଗଣ (IIS IIS IIS IIS) ଥାଏ ତୋଟକଂ - ତାହା ତୋଟକ ଛନ୍ଦ ।

ଉଦାହରଣ:

ପ୍ରତି ରନ୍ଧ୍ର କି ସୁନ୍ଦର ସଂସରଣେ

ମମତା-ପରିପୂରିତ ଆତ୍ମଜନେ ।

ବନ-କାନନ-ପାବନ-ନିର୍ଝରିଣୀ

ପୁରପଲ୍ଲିର ପଙ୍କଜ-ପୁଷ୍କରିଣୀ ॥1॥

पुटो नौ म्यौ वसुसमुद्राः ॥ 6.33

ପୁଟୋ ନୌ ମ୍ୟୌ ବସୁସମୁଦ୍ରାଃ ॥ 6.33

ନୌ ମ୍ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ମଗଣ ଯଗଣ (III III SSS ISS) ଏହି କ୍ରମରେ ଥାଏ ପୁଟୋ - ତାହା ପୁଟୋ ଛନ୍ଦ । ବସୁସମୁଦ୍ରାଃ - ଏଥିରେ ବସୁ 8 ସମୁଦ୍ରାଃ 4ରେ ଯତି ପଡେ ।

ଉଦାହରଣ:

ବୁଝିଛ କି କୁହ ସାଥୀ ପ୍ରେମ ଭାଷା

ଉଡି ଯିବ ବହୁ ଦୂରେ ଅନ୍ୟ ଡାଳେ ।

ବିଜନ ସମୟ ହେଲେ ସେ ପିପାସା

ଝୁରିବ ସଜଳ ନେତ୍ରେ ବୃଦ୍ଧ କାଳେ ॥

जलोद्धतगतिर्ज्सौ ज्सौ रसर्तवः ॥ 6.34

ଜଲୋଦ୍ଧତଗତିର୍ଜ୍ସୌ ଜ୍ସୌ ରସର୍ତବଃ ॥ 6.34

ଜ୍ସୌ ଜ୍ସୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ସଗଣ ପରେ ପୁଣି ଜଗଣ ସଗଣ (ISI IIS ISI IIS) ଏହି କ୍ରମରେ ଥାଏ ଜଲୋଦ୍ଧତଗତିଃ - ତାହା ଜଲୋଦ୍ଧତଗତି ଛନ୍ଦ । ରସର୍ତବଃ - ଏଥିରେ ରସରେ ଓ ଋତୁରେ ଅର୍ଥାତ୍ 6-6 ରେ ଯତି ପଡେ

ଉଦାହରଣ:

ଅଗାଧ ଜଳରେ କିଏ ଥିଲ ତୁମେ

କି ଲାଗି ଅଜଣା ବସା କଲ ମନେ ।

ପ୍ରତିଚ୍ଛବି ସିନା ତଳେ ଦିଶୁଥିଲା

ନ ମାନ ପଛକେ ତୁମେ କି ଚଗଲା ॥

ततं नौ म्रौ ॥ 6.35

ତତଂ ନୌ ମ୍ରୌ ॥ 6.35

ନୌ ମ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ମଗଣ ରଗଣ **(III III SSS SIS)** ଏହି କ୍ରମରେ ଥାଏ ତତଂ - ତା ନାମ ତତ ଛନ୍ଦ ।

ଉଦାହରଣ:

ବଚନ ଶୁଣ ମନୋଜ୍ଞା ରେ ବାଳିକା
ନିଅ ତୁ ସରଳ ଚିତ୍ତେ ମୋ ମାଳିକା ।
ଦିଶୁଥିବ ନିତି ସଞ୍ଜେ ଚନ୍ଦ୍ରୋଦୟେ
ସ୍ମୃତି ଉଠୁଥିବ ମୌନେ ତୋ ଆଳୟେ ॥

कुसुमविचित्रा न्यौ न्यौ ॥ 6.36

କୁସୁମବିଚିତ୍ରା ନ୍ୟୌ ନ୍ୟୌ ॥ 6.36

ନ୍ୟୌ ନ୍ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ନଳୟଗଣ ପରେ ପୁଣି ନଗଣ ୟଗଣ **(III ISS III ISS)** ଏହି କ୍ରମରେ ଥାଏ କୁସୁମବିଚିତ୍ରା - ତାହା କୁସୁମବିଚିତ୍ରା ଛନ୍ଦ ।

ଉଦାହରଣ:

ସହି ବହୁ କଷ୍ଟ ପ୍ରଗତିର ଆଶେ
ଶିଖଛି ମୁଁ ବିଦ୍ୟା ତୁମରି ସକାଶେ ।
ଲଘୁଗୁରୁ ବର୍ଣ୍ଣେ ବ୍ୟବସିତମାତ୍ରା
ଶିଖି ନିଅ କାବ୍ୟେ କୁସୁମବିଚିତ୍ରା ॥

चञ्चलाक्षिका नौ रौ ॥ 6.37

ଚଞ୍ଚଳାକ୍ଷିକା ନୌ ରୌ ॥ 6.37

ନୌ ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ଦୁଇଟି ରଗଣ **(III III SIS SIS)** ଏହି କ୍ରମରେ ଥାଏ ଚଞ୍ଚଳାକ୍ଷିକା - ତାହା ଚଞ୍ଚଳାକ୍ଷିକା ଛନ୍ଦ ।

ଉଦାହରଣ:

ରହ ଦୁଇ ଘଡି ସୁନ୍ଦରୀ ନନ୍ଦନା
ସରିଛି ତ କହ ଦେବତା ବନ୍ଦନା ।
ଫୁଲ ଫୁଟି ଅଛି ମୋ ଘରେ ଦେଖି ଥା
ନିତି କଛି ତହୁଁ ନେବୁ ମୋ ବାଞ୍ଛିତା ॥

भुजङ्गप्रयातं ॥ 6.38

ଭୁଜଙ୍ଗପ୍ରୟାତଂ ୟଃ ॥ 6.38

ୟଃ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଚାରିଟି ଲେଖା ୟଗଣ **(ISS ISS ISS ISS)** ଏହି କ୍ରମରେ ଥାଏ ଭୁଜଙ୍ଗପ୍ରୟାତଂ - ତାହା ଭୁଜଙ୍ଗପ୍ରୟାତଂ ଛନ୍ଦ ।

ଉଦାହରଣ:

ଥିଲା କାଲି ରାତ୍ରେ କି ଆନନ୍ଦ ଭାଗ୍ୟେ

ଥିଲା କାମିତା ଯେଉଁ ବିଦ୍ୟା ସ୍ୱଭାବେ ।
କିଏ ତା କଲା ସ୍ପନ୍ଦିତା କର୍ଣ୍ଣମନ୍ତ୍ରେ
ନ ଜାଣେ କିଏ ଆସିଲା କି ପ୍ରଭାବେ ॥

स्रग्विणी रः ॥ 6.39

ସ୍ରଗ୍ୱିଣୀ ରଃ ॥ 6.39

ରଃ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଚାରିଟି ଲେଖା ରଗଣ **(SIS SIS SIS SIS)** ଏହି କ୍ରମରେ ଥାଏ ସ୍ରଗ୍ୱିଣୀ - ତାହା ସ୍ରଗ୍ୱିଣୀ ଛନ୍ଦ ।

ଉଦାହରଣ:

ଥାଉ ନୀଳୋତ୍ପଳେ ସେ ସଦା ଶୋଭିତା
ଥାଉ ପାଶେ ମହା ଶକ୍ତି ଭାଗ୍ୟକ୍ରମେ ।
ଶୂନ୍ୟ ଯେବେ ଦୟା ନମ୍ରତା ବଞ୍ଚିତା
ଯାଅ ନା - ସେ ପ୍ରିୟା ହେବ - ଏ ବିଭ୍ରମେ ॥

प्रमिताक्षरा स्जौ सौ ॥ 6.40

ପ୍ରମିତାକ୍ଷରା ସ୍‌ଜୌ ସୌ ॥ 6.40

ସ୍‌ଜୌ ସୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ସଗଣ ଜଗଣ ପରେ ଦୁଇଟି ସଗଣ **(IIS ISI IIS IIS)** ଏହି କ୍ରମରେ ଥାଏ ପ୍ରମିତାକ୍ଷରା - ତା ନାମ ପ୍ରମିତାକ୍ଷରା ଛନ୍ଦ ।

ଉଦାହରଣ:

ସହସା ଦିଗନ୍ତ ନିକଟେ ହଜିଲା
ସବିତାର ଶେଷ କିରଣ ପ୍ରସରା ।
ପୃଥିବୀର ଶେଷ ହିମବତ୍ କି ଥିଲା
ଦିନଟା ଜିଘାଂସୁ ଅତିରୋଷ ଭରା ॥

कान्तोत्पीड़ा भ्मौ स्मौ ॥ 6.41

କାନ୍ତୋତ୍ପୀଡା ଭ୍‌ମୌ ସ୍‌ମୌ ॥ 6.41

ଭ୍‌ମୌ ସ୍‌ମୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ମଗଣ ପରେ ସଗଣ ମଗଣ **(SII SSS IIS SSS)** ଏହି କ୍ରମରେ ଥାଏ କାନ୍ତୋତ୍ପୀଡା - ତାହା କାନ୍ତୋତ୍ପୀଡା ଛନ୍ଦ ।

ଉଦାହରଣ:

ଚୋର ଧରା ଯେବେ ନ ହୁଏ ଉତ୍ଫୁଲ୍ଲ
କିନ୍ତୁ ଧରା ହେଲେ ବୁଡି ଯାଏ ମୂଳ ।
ଆମକୁ ମିଥ୍ୟା ଗଳ୍ପ ଶୁଣାଏ ହେଲେ
ବାହି ଦିଏ ମୋଟା ଧନ ଥାନା ପାଶେ ॥

वैश्वदेवी मौ याविन्द्रियऋषयः ॥ 6.42

ବୈଶ୍ୱଦେବୀ ମୌ ୟାବିନ୍ଦ୍ରିୟଋଷୟଃ ॥ 6.42

ମୌ ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ମଗଣ ପରେ ଦୁଇଟି ୟଗଣ **(SSS SSS ISS ISS)** ଏହି କ୍ରମରେ ଥାଏ ବୈଶ୍ୱଦେବୀ - ତାହା ବୈଶ୍ୱଦେବୀ ଛନ୍ଦ । ଇନ୍ଦ୍ରିୟ-ଋଷୟଃ - ଏଥିରେ ଇନ୍ଦ୍ରିୟ ଅର୍ଥାତ୍ 5ରେ ଓ ଋଷି ଅର୍ଥତ୍ 7ରେ ଯତି ପଡେ ।

ଉଦାହରଣ:

ଆର୍ଯ୍ୟାବର୍ତ୍ତେ ହିଁ ପ୍ରାପ୍ତ ଏ ଶାସ୍ତ୍ରବିଦ୍ୟା
ପ୍ରାଚୀନ ଗ୍ରନ୍ଥେ ଦେବଭାଷାର ସଜ୍ଜା ।
ଆତ୍ମା ବିଶ୍ୱାତ୍ମା ଭୂତ ତନ୍ମାତ୍ର ସର୍ବେ
ଆଧାରାଧେୟ ପ୍ରାୟ ସର୍ବତ୍ର ଗଞ୍ଜା ॥

वाहिनी त्यौ म्यावृषिकामशराः ॥ 6.43

ବାହିନୀ ତ୍ୟୌ ମ୍ୟାବୃଷିକାମଶରାଃ ॥ 6.43

ତ୍ୟୌ ମ୍ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ତଗଣ ୟଗଣ ପରେ ମଗଣ ୟଗଣ **(SSI ISS SSS ISS)** ଏହି କ୍ରମରେ ଥାଏ ବାହିନୀ - ତାହା ବାହିନୀ ଛନ୍ଦ । ଋଷି-କାମଶରାଃ - ଋଷି ବା 7 ଓ କାମଶର ବା 5ରେ ଏଥିରେ ଯତି ହୁଏ ।

ଉଦାହରଣ:

ଯେ ସୈରିକ ଦେଖାଏ ମନ୍ତ୍ର ପ୍ରଭାବେ
ସେ ବିଶ୍ୱର କର୍ତ୍ତା ନା ଚାଲାକି ମାତ୍ର ।
ସେ ପାମର ଗୋଟାଏ ଦୀନଙ୍କ ଟଙ୍କା
ଲୋକଙ୍କୁ ଡରାଏ ସେ ଦେଖାଉ ତନ୍ତ୍ର ॥

नवमालिनी न्जौ भ्याविति ॥ 6.44

ନବମାଲିନୀ ନ୍ଜୌ ଭ୍ୟାବିତି ॥ 6.44

ନ୍ଜୌ ଭ୍ୟୌଃ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ଜଗଣ ପରେ ଭଗଣ ୟଗଣ **(III ISI SII ISS)** ଏହି କ୍ରମରେ ଥାଏ ନବମାଳିନୀ - ତାହା ନବମାଳିନୀ ଛନ୍ଦ ।

ଉଦାହରଣ:

ରଜନିର କାଳିମା କିପରି ଘୋଟେ
ଦିନ ସରି ଆସିଲେ କୁସୁମ ଲୋଟେ ।
ଅସିତ ନିଶୀଥରେ ଜଳଦ ଖେଳେ
ଦିବସର ଆଲୁଏ କମଳ ଖୋଲେ ॥

ଇତି କହିବା ତାତ୍ପର୍ଯ୍ୟ ଯେ ଏଇଠି ଷଷ୍ଠୋଽଧ୍ୟାୟ ଶେଷ ହେଲା ।

====================
ଜଗତୀ ଜାତୀୟ ଅଧିକ ଛନ୍ଦ (ମୋଟ 4,096ରୁ)
====================

ଛନ୍ଦ: ଲୀଳାରତ୍ନ 12/193
ମ ମ ସ ମ SSS SSS IIS SSS

ଛନ୍ଦ: ବିବ୍ରବିଳସିତମ୍ 12/253
ତ ନ ସ ମ SSI III IIS SSS

ଛନ୍ଦ: ଲଲାମଲଳିତାଧର 12/1366
ଜ ର ଜ ର ISI SIS ISI SIS

ଛନ୍ଦ: ମୋହିତୋଜ୍ଜ୍ୱଳା (ଉଜ୍ଜ୍ୱଳା) 12/1472
ନ ନ ଭ ର III III SII SIS ଯତି: 7,5

ଛନ୍ଦ: ଉଦୟନମୁଖୀ 12/2016
ନ ସ ନ ସ III IIS III IIS

ଛନ୍ଦ: ବିୟୋଗବତୀ 12/2030
ଦ ଜ ନ ସ ISI ISI III IIS

ଛନ୍ଦ: ନିମଗ୍ନକୀଳା 12/2406
ଜ ତ ଜ ତ ISI SSI ISI SSI

ଛନ୍ଦ: ଶୈଳ 12/2634
ଯ ଯ ଯ ଜ ISS ISS ISS ISI

ଛନ୍ଦ: ଭାମିନୀ 12/3511
ଭ ଭ ଭ ଭ SII SII SII SII ଯତି: 3,3,3,3

ଇତି ଷଷ୍ଠୋଽଧ୍ୟାୟ ସମାପ୍ତଃ ॥

ଅଥ ସପ୍ତମଽଧ୍ୟାୟ ପ୍ରାରମ୍ଭଃ ॥

ଏବେ ପ୍ରଥମ ସପ୍ତକର ଛନ୍ଦ ଗାୟତ୍ରୀଠୁ ଜଗତୀ **(6-ବର୍ଣ୍ଣରୁ 12-ବର୍ଣ୍ଣ)** ପାଠ ପରେ ଅତିଛନ୍ଦରେ ଦ୍ୱିତୀୟ ସପ୍ତକର ଅତିଜଗତୀ ଶକ୍ୱରୀ ଅତିଶକ୍ୱରୀ ଅଷ୍ଟି ଅତ୍ୟଷ୍ଟି ଧୃତି ଓ ଅତିଧୃତି **(13-ବର୍ଣ୍ଣରୁ 19-ବର୍ଣ୍ଣ)** ଛନ୍ଦଗୁଡିକର ଚର୍ଚ୍ଚା ହେବ । କୃତିରୁ ଉତ୍କୃତି **(20ରୁ 26** ବର୍ଣ୍ଣର ଛନ୍ଦ**)** ତୃତୀୟ ସପ୍ତକରେ ଓ **26**ଠୁ ଊର୍ଦ୍ଧ୍ୱ ସଙ୍ଖ୍ୟକ ବର୍ଣ୍ଣର ସମସ୍ତ ଛନ୍ଦ ଦଣ୍ଡକ ଶ୍ରେଣୀରେ ଗଣ୍ୟ ହୁଏ । ତୃତୀୟ ସପ୍ତକ ଓ ଦଣ୍ଡକ ଛନ୍ଦ ମଧ୍ୟ ପରେ ପରେ ଏହି ଅଧ୍ୟାୟରେ ଆସିବ ।

ପ୍ରଥମ ସପ୍ତକ ଛନ୍ଦ ବାଦ ଅନ୍ୟାନ୍ୟ ଛନ୍ଦ ବେଦରେ ବିରଳ । ବୋଧ ହୁଏ ଏହି କାରଣରୁ ଅଥବା ବର୍ଣ୍ଣ ସଙ୍ଖ୍ୟା ଅଧିକ ଥିବାରୁ ଏଗୁଡିକୁ ଅତିଛନ୍ଦ ବୋଲି କୁହା ଯାଏ ।

ଅତିଜଗତୀ **13-**ବର୍ଣ୍ଣ

प्रहर्षिणी म्नौ ज्रौ ग् त्रिकदशकौ॥7.01

ପ୍ରହର୍ଷିଣୀ ମ୍ନୌ ଜ୍ରୌ ଗ୍ ତ୍ରିକଦଶକୌ **॥7.01**

ମ୍ନୌ ଜ୍ରୌ ଗ୍ **-** ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ନଗଣ ପରେ ଜଗଣ ରଗଣ ଓ ଗୋଟିଏ ଗୁରୁ **(SSS III ISI SIS S)** ଏହି କ୍ରମରେ **13** ବର୍ଣ୍ଣ ଥାଏ ପ୍ରହର୍ଷିଣୀ **-** ତାହା ପ୍ରହର୍ଷିଣୀ ଛନ୍ଦ । ତ୍ରିକଦଶକୌ **–** ଏଥିରେ **3** ଓ **10** ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ବକ୍ଷୋଜେ ସଲିଳତରଙ୍ଗ ସର୍ଜି ଯାନ୍ତେ

ଝଞ୍ଜା ବା ଉଠି ପଡିଲା ଶିଳା ପ୍ରଘାତେ ।

ବାତ୍ୟାରେ ଥରଥର ପଲ୍ଲବ ପ୍ରମାଣେ

ତନ୍ୱୀ ଶ୍ରୀ- କର ଚଳିଲା ଲତାନ୍ତ ଯେହ୍ନେ ॥

रुचिरा ज्भौ स्जौ ग् चतुर्नवकौ ॥7.02

ରୁଚିରା ଜ୍ଭୌ ସ୍ଜୌ ଗ୍ ଚତୁର୍ନବକୌ ॥**7.02**

ଜ୍ଭୌ ସ୍ଜୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ଭଗଣ ପରେ ସଗଣ ଜଗଣ ଓ ଗୋଟିଏ ଗୁରୁ **(ISI SII IIS ISI S)** ଏହି କ୍ରମରେ **13** ବର୍ଣ୍ଣ ଥାଏ ରୁଚିରା - ତାହା ରୁଚିରା ଛନ୍ଦ । ଚତୁର୍ନବକୌ - ଏଥିରେ **4-9**ରେ ଯତି ହୁଏ ।

ଉଦାହରଣ:

ଅକାଳରେ ଘନ ଝରି ନାଶିଲା ଧରା,

ପରେ ପରେ ଚଉଦିଗ ଟାଣୁଆ ଖରା ।

ବୁଢୀଟି ତା ଘରପଛ ଖୋଜି ପୁଛିଲା,

କିଏ କି ଦେ- ଖିଛ କହ ନାତିଆ ପିଲା ॥

मत्तमयूरं म्तौ य्सौ ग् समुद्रनवकौ ॥ 7.03

ମତ୍ତମୟୂରଂ ମ୍ତୌ ୟ୍ସୌ ଗ୍ ସମୁଦ୍ରନବକୌ॥ **7.03**

ମ୍ତୌ ୟ୍ସୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ତଗଣ ପରେ ୟଗଣ ସଗଣ ଓ ଗୋଟିଏ ଗୁରୁ **(SSS SSI ISS IIS S)** ଏହି କ୍ରମରେ **13** ବର୍ଣ୍ଣ ଥାଏ ମତ୍ତମୟୂରଂ - ତାହା ମତ୍ତମୟୂର ଛନ୍ଦ । ସମୁଦ୍ରନବକୌ - ଏଥିରେ ସମୁଦ୍ର ବା **4** ଓ ନବକ ବା **9**ରେ ଯତି ହୁଏ ।

ଉଦାହରଣ:

ଭଙ୍ଗା ଖଣ୍ଡା ବେଣ୍ଟଛୁରୀ ବେନି ଦି- ଆଡେ,

ସଂଗ୍ରାମୀ ଏ ରାଜନ ଏ- ବେ ଯିବ ଯୁଦ୍ଧେ ।

ପ୍ରଜ୍ଞାହୀନସ୍ତାବକ ଯା ଦୁର୍ମତି ଦେଲେ,

ଗୋଟା ଖଣ୍ଡା ଭାଙ୍ଗି ଗଲା ବେଣ୍ଟଠୁ ମଧ୍ୟେ ॥

गौरी नौ न्सौ ग् ॥ 7.04

ଗୌରୀ ନୌ ନ୍ସୌ ଗ୍ ॥ **7.04**

ନୌ ନ୍ସୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ତିନିଟି ନଗଣ ପରେ ସଗଣ ଓ ଗୋଟିଏ ଗୁରୁ **(III III III IIS S)** ଏହି କ୍ରମରେ **13** ବର୍ଣ୍ଣ ଥାଏ ଗୌରୀ - ତାହା ଗୌରୀ ଛନ୍ଦ ।

ଉଦାହରଣ

ସକଳ ଜଗତ ତୁମ ଶରଣ ମାଗେ

ନର ପଶୁ ଜଳଚର ଖଗ ସରାଗେ ।

ଗଗନ ପବନ ଗିରି ଉଦଧି ସାରା

ତପନ କୁମୁଦପତି ବିମଳତାରା ॥ ॥୧

====================
ଅତିଜଗତୀ ଜାତୀୟ (13 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 8,192ରୁ)
====================
ଛନ୍ଦ: ମଞ୍ଜୁହାସିନୀ 13/2790
ଗଣ: ଜ ତ ସ ଜ + ଗୁ ଯତି:
ବର୍ଣ୍ଣ: 121/221/11•2/121 + 2 (13)

ଢଗେ ହୁଏ ଶାସନ କିସଂବିଧାନରେ,
ଥିଲେ କିଏ ଭୂପ, ଢଗ-ପାଠ ଦସ୍ତରେ
ଢଗାରି ବାଣୀତନୟ ଲେଖି ଯା ଦିଏ,
ଅମାନ୍ୟ ତା କେ କରିବ, ମୂଢ ସେ କିଏ । ଇତି

ଶକ୍ୱରୀ 14-ବର୍ଣ୍ଣ

असंबाधा म्तौ न्सौ गाविन्द्रियनवकौ ॥ 7.05

ଅସଂବାଧା ମ୍ତୌ ନ୍ସୌ ଗାବିନ୍ଦ୍ରିୟନବକୌ ॥ 7.05

ମ୍ତୌ ନ୍ସୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ତଗଣ ପରେ ନଗଣ ସଗଣ ଓ ଦୁଇଟି ଗୁରୁ (SSS SSI III IIS SS) ଏହି କ୍ରମରେ 14 ବର୍ଣ୍ଣ ଥାଏ ଅସଂବାଧା - ତାହାର ନାମ ଅସଂବାଧା ଛନ୍ଦ । ଇନ୍ଦ୍ରିୟନବକୌ - ଏଥିରେ ଇନ୍ଦ୍ରିୟ ବା 5 ଓ ନବକ ବା 9ବର୍ଣ୍ଣରେ ଯତି ପଡେ ।

ଉଦାହରଣ:

ଆସନ୍ତା ଯୁଦ୍ଧେ ନ ଥିବ ମଣିଷର ଶ୍ରଦ୍ଧା
ବିଦ୍ୱେଷେ ପୃଥ୍ୱୀ ଚଳିବ ମରଣ ସେ ପାରେ ।
ଏ ସାରା ବିଶ୍ୱେ ମରିବ ଶୁଭ ଦୟାସେବା
ଚିନ୍ତା ସର୍ବାଦୌ ରହିବ ପରଠୁ ନେବାରେ ॥

अपराजिता नौ र्सौ ल्गौ स्वरृषयः ॥ 7.06

ଅପରାଜିତା ନୌ ର୍ସୌ ଲ୍ଗୌ ସ୍ୱର୍ଷୟଃ ॥ 7.06

ନୌ ର୍ସୌ ଲ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ରଗଣ ସଗଣ ଓ ଲଘୁ ଗୁରୁ (III III SIS IIS IS) ଏହି କ୍ରମରେ 14 ବର୍ଣ୍ଣ ଥାଏ ଅପରାଜିତା - ତାହା ଅପରାଜିତା ଛନ୍ଦ । ସ୍ୱର୍ଷୟଃ - ଏଥିରେ ସ୍ୱର ଓ ଋଷି ଅର୍ଥାତ୍ 7,7 ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ଉଡିବ ଅତି ଖରେ ଚଢେଇ ଛୁଆ ନଭେ
ଜଗି ବସିଛି ମୁ ତା ଅସୁସ୍ଥ ଶରୀରକେ ।
ନିଦରୁ ଉଠି ସିଏ ଛୁଟାଇ ମିଠା ରବ
ଉଡିବ ଖୁସି ମନେ ହସାଇବ କୌତୁକେ ॥

प्रहरणकलिता नौ भ्नौ ल्गौ च ॥ 7.07

ପ୍ରହରଣକଲିତା ନୌ ଭ୍ନୌ ଲ୍ଗୌ ଚ ॥7.07

ନୌ ଭ୍‌ନୌ ଲ୍‌ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ଭଗଣ ନଗଣ ଓ ଲଘୁ ଗୁରୁ (III III SII IIS IS) ଏହି କ୍ରମରେ 14 ବର୍ଣ୍ଣ ଥାଏ ପ୍ରହରଣକଳିତା - ତାହା ପ୍ରହରଣକଳିତା ଛନ୍ଦ । ଏଠାରେ ଚ - କହିବାର ତାତ୍ପର୍ଯ୍ୟ ହେଲା ପୂର୍ବ ସୂତ୍ରର ଛନ୍ଦ ପରି ଏଥିରେ ମଧ୍ୟ ସେହି 7,7 ରେ ଯତି ହୁଏ ।

ଉଦାହରଣ:

ସମୟର ଝଡରେ ଇତି ଅତି ନିକଟେ
ଯମ ରହି ପଛରେ ହସୁଅଛି ବିକଟେ ।
ରଖି ତୁହି ଶୁଚିତା ମନ ଦିଅ ଧରମେ
କ୍ଷଣିକ ତୁ ନ ବିତା ଅନୁଶୟ କରମେ ॥

वसन्ततिलका त्भौ जौ गौ ॥ 7.08

ବସନ୍ତତିଳକା ତ୍‌ଭୌ ଜୌ ଗୌ ॥ 7.08

ତ୍‌ଭୌ ଜୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ତଗଣ ଭଗଣ ପରେ ଦୁଇଟି ଜଗଣ ଓ ଦୁଇଟି ଗୁରୁ (SSI SII ISI ISI SS) ଏହି କ୍ରମରେ 14 ବର୍ଣ୍ଣ ଥାଏ ବସନ୍ତତିଳକା - ତାହା ବସନ୍ତତିଳକା ଛନ୍ଦ ।

ଉଦାହରଣ:

ଏ ଜନ୍ମ ଯା ନିକଟୁ ସେ ବହୁ କାଳୁ ଦୂରେ
ଯା ସଙ୍ଗରେ ବଢିଲୁ ସେଥିରୁ ଅଳ୍ପ ବାକି ।
ଅର୍ଦ୍ଧେକ ଆମ ଅନୁଜାତ ଗଲେ ପ୍ରବାସେ
ଆମେ ବି ଜୀର୍ଣ୍ଣ ତରୁ ଏ ବହତୀର ଧାରେ ॥

सिंहोन्नता कश्यपस्य ॥ 7.09

ସିଂହୋନ୍ନତା କଶ୍ୟପସ୍ୟ ॥ 7.09

କଶ୍ୟପସ୍ୟ ସିଂହୋନ୍ନତା - ଏହି ବସନ୍ତତିଳକା ଛନ୍ଦକୁ ହିଁ କଶ୍ୟପ ସିଂହୋନ୍ନତା କହିଥାନ୍ତି ।

उद्धर्षिणी सैतवस्य ॥ 7.10

ଉଦ୍ଧର୍ଷିଣୀ ସୈତବସ୍ୟ ॥ 7.10

ପୁନଶ୍ଚ ସୈତବସ୍ୟ ଉଦ୍ଧର୍ଷିଣୀ - ଏହି ବସନ୍ତତିଳକାକୁ ହିଁ ସୈତବ ଉଦ୍ଧର୍ଷିଣୀ କହିଥାନ୍ତି ।

ଅତଃ ସିଂହୋନ୍ନତା ଓ ଉଦ୍ଧର୍ଷିଣୀ ହେଲା ଉକ୍ତ ବସନ୍ତତିଳକାର ନାମାନ୍ତର ମାତ୍ର । (ସୂତ୍ର- 7.8, 7.9, 7.10)

====================
ଶକ୍ୱରୀ ଜାତୀୟ (14 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 16,384ରୁ)
====================

ଛନ୍ଦ: ଅକୁହରି 14/16384
ନଗଣ×4+ଲଲ III III III III II

ପଡି ଥିବ ଅତିଥିକି ବିକିବୁ କି ତନୁ?
ଲୁହ ଝର ଥର ଥର ଝରିବ ନୟନୁ ।
ଅପର ନିଜର କିଛି ନ କଲୁ ବିଚର,
ଉପରୁ କଷଣ-କୁଦ ପଶିବ ଭିତର । 1

ଛନ୍ଦ: ନଦୀ **14/2880** ଯତି: 7, 7

ନ ନ ତ ଜ + ଗାଗା **III III SSI ISI SS**

ଚଳିଲି ଗରୁକୁଳେ ଛନ୍ଦନିକାୟ ପାଶେ
ବରଜି ଜରଠ ଲେଖା କବିତା ସକାଶେ ।
ହୃଦୟରୁ କର ମା ପ୍ରାପ୍ତବର ପ୍ରସାଦେ
ନବଯୁଗକବିତା ଦେଖୁ ଧରା ନିନାଦେ ॥

ଛନ୍ଦ: କନ୍ଧକାନ୍ତା **14/2339**

ର ତ ତ ତ ଗାଗା **SIS SSI SSI SSI SS**

କେରଳେ ଯା ମୌସୁମୀଟା କଲା ବିଷ୍ଟି ଧାରା
ମାସ ପାରେ ଓଡ୍ରଦେଶେ ନଭେ କୋଟି ତାରା ।
ଉତ୍କଳେ ବର୍ଷାର ଭାଷା ମୁଖେ ସେ ଧରନ୍ତେ
କେରଳେ ଛୋଟା କଲେ କି ପ୍ରହାରି ପ୍ରମତ୍ତେ ॥

ଅତିଶକ୍ୱରୀ 15-ବର୍ଣ୍ଣ

चन्द्रावर्ता नौ नौ स् ॥ **7.11**

ଚନ୍ଦ୍ରାବର୍ତ୍ତା ନୌ ନୌ ସ୍ ॥ **7.11**

ନୌ ନୌ ସ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଚାରିଟି ନଗଣ ପରେ ଗୋଟିଏ ସଗଣ **(III III III III IIS)** ଏହି କ୍ରମରେ **15** ବର୍ଣ୍ଣ ଥାଏ ଚନ୍ଦ୍ରାବର୍ତ୍ତା - ତାହା ଚନ୍ଦ୍ରାବର୍ତ୍ତା ଛନ୍ଦ । ଏଥିରେ **7-8**ରେ ଯତି ହୁଏ ।

ଉଦାହରଣ:

ଅରସ ତରୁତଳ ହୃଦୟତଳ ଜରଣା
ଭୟକର ପୁରତ ବନଗହନ ଅରଣା ।
ଝର ଝର ଝରୁଛି ବହୁ ଯୁଗର ବହତୀ
ଦିନର ରବି ଖର ଅତି ଚକିତ ଯୁବତୀ ॥

मालर्तुनवकौ चेत् ॥ **7.12**

ମାଲର୍ତ୍ତୁନବକୌ ଚେତ୍ ॥ **7.12**

ଚେତ୍ - ଯଦି ଚନ୍ଦ୍ରାବର୍ତ୍ତାରେ ଋତୁନବକୌ - ଋତୁ ବା **6**ରେ ଓ ନବକ ବା **9**ରେ ଯତି ଦିଆ ଯାଏ ମାଲା - ତେବେ ତାହା ମାଳା ଛନ୍ଦ ହେବ ।

ଉଦାହରଣ:

କହ ଜନଗଣ ଜନପଦର ନଭବଧୂ
ବୁଲୁଛି କିପରି କି ଅପଶକୁନ-ବିପଦୁ ।
ଗହନ ବନର ଝରଠି ବସିଛି ଲଳିତା
ନିଜର ନୁହଁ କି କହ ଗିରିବର ବନିତା ॥

मणिगुणनिकरो वस्वृषयः ॥7.13

ମଣିଗୁଣନିକରୋ ବସ୍ୱୃଷୟଃ ॥ 7.13

ଯଦି ଚନ୍ଦ୍ରାବର୍ତ୍ତାରେ ବସୁ-ଋଷୟଃ - ବସୁ ବା 8ରେ ଓ ଋଷି ବା 7ରେ ଯତି ଦିଆ ଯାଏ ମଣିଗୁଣନିକରୋ - ତେବେ ତାହା ମଣିଗୁଣନିକର ଛନ୍ଦ ହେବ ।

ଉଦାହରଣ:

ହସ ହସ ଅହରହ ସହଚର ଗହଣେ
ତରକି ତରକି ଥକି ଯିବ ଟିକି ନୟନେ ।
ତର ତର ସରିତର ଝର ଝର ଝରଣା
ରଣ ଝଣ ବିଲ ବଣ, ପୟରର ଗହଣା ॥

मालिनी नौ म्यौ य् ॥ 7.14

ମାଲିନୀ ନୌ ମ୍ୟୌ ୟ୍ ॥ 7.14

ନୌ ମ୍ୟୌ ୟ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ଗୋଟିଏ ମଗଣ ଓ ଦୁଇଟି ୟଗଣ (III III SSS ISS ISS) ଏହି କ୍ରମରେ 15 ବର୍ଣ୍ଣ ଥାଏ ମାଳିନୀ - ତାହା ମାଳିନୀ ଛନ୍ଦ । ପୂର୍ବ ସୂତ୍ରର ଛନ୍ଦ ପରି ଏଥିରେ ମଧ 8,7ରେ ଯତି ହୁଏ ।

ଉଦାହରଣ:

କହୁଛି ସଜଳ ନେତ୍ରେ ପ୍ରେୟସୀ ମୁଦ୍ରିତାକ୍ଷା
ଘଡି ଦୁଇ ଘଡି ପାଶେ ଥାଅ ମୋ ପ୍ରାଣବନ୍ଧୋ ।
ଅପର ଦିଗରୁ ପଲ୍ଲୀ ପ୍ରାନ୍ତରେ ଯୁଦ୍ଧଭେରୀ
କି କରିବ କହ ଯୋଦ୍ଧା ପ୍ରେମଫାଶେ ନିବଦ୍ଧ ॥

====================
ଅତିଶକ୍ୱରୀ ଜାତୀୟ (15 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 32,768ରୁ)
====================

ଛନ୍ଦ: ସୀତା **15/8739** ର ତ ମ ୟ ର

SIS SSI SSS ISS SIS

ପୁଷ୍ପମାଳାଧାରିଣୀ ତୋ ଚାତୁରୀ ମୋତେ ଜଣା ।
ନିଃସ୍ୱ ପାଶେ ବେଶି ଏବେ ପ୍ରେମଭାଷା ଗାଅନା ।
ପ୍ରେମ ଆଶେ ପାଦ କିମ୍ପା ଦେଲ ଏ ଜୀର୍ଣ୍ଣାଶ୍ରମେ,
ବକ୍ଷରେ ଆଗ୍ନେୟ ଜ୍ୱାଳା ନେବ କେ ବେଳାଗମେ । ୧

ଅଷ୍ଟି 16-ବର୍ଣ୍ଣ

ऋषभगजविलसितं भ्रौ नौ न्गौ स्वरनवकौ॥ 7.15

ଋଷଭଗଜବିଲସିତଂ ଭ୍ରୌ ନୌ ନ୍ଗୌ ସ୍ୱରନବକୌ॥ 7.15

ଭ୍ରୌ ନୌ ନ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ରଗଣ ପରେ ତିନିଟି ନଗଣ ଓ ଗୋଟିଏ ଗୁରୁ (SII SIS III III III S) ଏହି କ୍ରମରେ 16 ବର୍ଣ୍ଣ ଥାଏ ଋଷଭଗଜବିଲସିତଂ - ତାହା ଋଷଭଗଜବିଳସିତ ଛନ୍ଦ । ସ୍ୱରନବକୌ - ଏଥିରେ ସ୍ୱର ଓ ନବକ ଅର୍ଥାତ୍ 7 ଓ 9 ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ସୁନ୍ଦର ପଦ୍ମପୁଷ୍ପ   ଫୁଟିଛି ମଳିନ ସଲିଳେ
ଚମ୍ପକ ତୁଲ୍ୟ ଶଦ୍ରି   ହସୁଛି ଅସିତ ଖଚରେ ।
ଚନ୍ଦନଗନ୍ଧଭୂମି   ଭୁଜଗବହୁଳ ଅଟବୀ
ମୋର ବି କର୍ମଭୂମି ରଭସଭରିତ ପୃଥିବୀ ॥

====================
ଅଷ୍ଟି ଜାତୀୟ (16 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 65,536ରୁ)
====================
ଛନ୍ଦ: ॥ 16/21846   ଜ ର ଜ ର ଜ ଗା
ISI SIS ISI SIS ISI S
ପ୍ରଣାମ ତୁମ୍ଭ ପାଦରେ   ଅସୀମ ଶକ୍ତି ଆଗରେ,
ସମର୍ପଣେ ସମାଦରେ   ସରାଗରେ ।
ଦିବା ତଥା ନିଶାର୍ଦ୍ଧରେ   ସୁଖେ ତଥା ବିଷାଦରେ,
ସୁସଙ୍ଗତେ ବିବାଦରେ,   ଧନାଗମେ ମହାର୍ଘରେ ॥

ଅତ୍ୟଷ୍ଟି 17-ବର୍ଣ୍ଣ

हरिणी न्सौ म्रौ स्लौ गृतुसमुद्रऋषयः ॥ 7.16

ହରିଣୀ ନ୍ସୌ ମ୍ରୌ ସ୍ଲୌ ଗୃତୁସମୁଦ୍ରଋଷୟଃ ॥ 7.16

ନ୍ସୌ ମ୍ରୌ ସ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ସଗଣ ପରେ ମଗଣ ରଗଣ ସଗଣ ଓ ଲଘୁ ଗୁରୁ (III IIS SSS SIS IIS IS) ଏହି କ୍ରମରେ 17 ବର୍ଣ୍ଣ ଥାଏ ହରିଣୀ - ତାହା ହରିଣୀ ଛନ୍ଦ । ଋତୁସମୁଦ୍ରଋଷୟଃ - ଏଥିରେ ଋତୁ ସମୁଦ୍ର ଓ ଋଷି ଅର୍ଥାତ୍ 6,4,7 ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ଅରୁଣ ଗଗନେ   ରକ୍ତାଭାରେ   ଅଲକ୍ଷିତ ସମ୍ପଦ
କରୁଣ ନୟନେ   ଭୂଭାଗେ ସେ   ବିଷାଦିତ ଗଦ୍ଗଦ ।
ମଦିରଚଳୁକେ   ଲଜ୍ଜାଚ୍ଛାୟା,   ସୁଧାଳୟ ରୌଦ୍ରତେ
ଦର କଷି ମୁଠେ   ଦାନା ଦାତା   ଅଲଣ୍ଡ ଦୃଶାଗ୍ରତେ॥

पृथ्वी ज्सौ ज्सौ य्लौ ग् वसुनवकौ ॥ 7.17

ପୃଥ୍ୱୀ ଜ୍ସୌ ଜ୍ସୌ ୟ୍ଲୌ ଗ୍ ବସୁନବକୌ ॥ **7.17**

ଜ୍ସୌ ଜ୍ସୌ ୟଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଜଗଣ ସଗଣ ପରେ ଜଗଣ ସଗଣ ୟଗଣ ଓ ଲଘୁ ଗୁରୁ **(ISI IIS ISI IIS ISS IS)** ଏହି କ୍ରମରେ **17** ବର୍ଣ୍ଣ ଥାଏ ପୃଥ୍ୱୀ - ତାହା ପୃଥ୍ୱୀ ଛନ୍ଦ । ବସୁନବକୌ - ଏଥିରେ ବସୁ ଓ ନବକ ଅର୍ଥାତ୍ **8,9** ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ବିନଷ୍ଟ ତୁମ ଶତ୍ରୁଏ   ତ୍ରିଭୁବନେ ଶୁଭେ ବାଜଣା
ସମସ୍ତ ନଗରେ ଚଳେ   ବିଜୟ ପର୍ବ ସଂଯୋଜନା ।
ଅଭୀତ ରୁହ ସର୍ବଦା   ସତତ ସାବଧାନେ ତଥା
ପ୍ରଜାଙ୍କ ହିତ ସାଧନେ   ରହ ସିଂହାସନେ ସର୍ବଥା ।

वंशपत्रपतसतं भ्रौ न्भौ न्लौ ग् दिगृषयः ॥ 7.18

ବଂଶପତ୍ରପତିତଂ ଭ୍ରୌ ନ୍ଭୌ ନ୍ଲୌ ଗ୍ ଦିଗୃଷୟଃ ॥ **7.18**

ଭ୍ରୌ ନ୍ଭୌ ନ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ରଗଣ ପରେ ନଗଣ ଭଗଣ ନଗଣ ଓ ଲଘୁ ଗୁରୁ **(SII SIS III SII III IS)** ଏହି କ୍ରମରେ **17** ବର୍ଣ୍ଣ ଥାଏ ବଂଶପତ୍ରପତିତଂ - ତାହା ବଂଶପତ୍ରପତିତ ଛନ୍ଦ । ଦିଗୃଷୟଃ - ଏଥିରେ ଦିଗ ଓ ଋଷିରେ ଅର୍ଥାତ୍ **10,7**ରେ ଯତି ହୁଏ ।

ଉଦାହରଣ:

ମର୍ମର ବଂଶପତ୍ର ଖସିଲା   ମୁର ମରୁ ମରୁତେ
ନିର୍ଜଳ ରକ୍ତପୁଷ୍ପ ଝରିଲା   ମରଣରଣ ଗତେ ।
ପର୍ବତ ସର୍ବତୋମୁଖ ମୁଖେ   ତରୁତଳ ତରୁଣୀ
ଭାଳୁଛି ଭାଗ୍ୟଦୋଷ ଦିଶିଲା ରହିଲି ବିରହିଣୀ ॥

मन्दाक्रान्ता म्भौ न्तौ त्गौ ग् समुद्रर्तुस्वराः ॥ 7.19

ମନ୍ଦାକ୍ରାନ୍ତା ମ୍ଭୌ ନ୍ତୌ ତ୍ଗୌ ଗ୍ ସମୁଦ୍ରର୍ତୁସ୍ୱରାଃ ॥ **7.19**

ମ୍ଭୌ ନ୍ତୌ ତ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ଭଗଣ ପରେ ନଗଣ ତଗଣ ତଗଣ ଓ ଦୁଇଟି ଗୁରୁ **(SSS SII III SSI SSI SS)** ଏହି କ୍ରମରେ **17** ବର୍ଣ୍ଣ ଥାଏ ମନ୍ଦାକ୍ରାନ୍ତା - ତାହା ମନ୍ଦାକ୍ରାନ୍ତା ଛନ୍ଦ । ସମୁଦ୍ରର୍ତୁସ୍ୱରାଃ - ଏଥିରେ ସମୁଦ୍ର ଋତୁ ଓ ସ୍ୱରରେ ଅର୍ଥାତ୍ **4,6,7**ରେ ଯତିହୁଏ ।

ଉଦାହରଣ:

ଧୀରେ ଧୀରେ   ସଲିଳକଣରେ   ସୃଷ୍ଟ ମୁକ୍ତାର ବିନ୍ଦୁ
ଧୀରେ ଧୀରେ   କିରଣ ବିତରେ ପଙ୍କଜେ ଶାନ୍ତ ଇନ୍ଦୁ ।
ଧୀରେ ଧୀରେ   ଜନନିଜଠରେ   ବିଗ୍ରହପ୍ରାପ୍ତ ପୁତ୍ର
ଧୀରେ ଧୀରେ   ଶୁଭ ଫଳ ଧରେ ଏହି ସାମାନ୍ୟ ସୂତ୍ର॥

शिखरिणी य्मो न्सौ भ्लौ गृतुरुद्राः ॥7.20

ଶିଖରିଣୀ ୟ୍ମୌ ନ୍ସୌ ଭ୍ଲୌ ଗୃତୁରୁଦ୍ରାଃ ॥ 7.20

ୟ୍ମୌ ନ୍ସୌ ଭ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ୟଗଣ ମଗଣ ପରେ ନଗଣ ସଗଣ ଭଗଣ ଓ ଲଘୁ ଗୁରୁ (ISS SSS III IIS SII IS) ଏହି କ୍ରମରେ 17 ବର୍ଣ୍ଣ ଥାଏ ଶିଖରିଣୀ - ତାହା ଶିଖରିଣୀ ଛନ୍ଦ । ଋତୁରୁଦ୍ରାଃ - ଏଥିରେ ଋତୁ 6 ଓ ରୁଦ୍ର 11ରେ ଯତି ହୁଏ ।

ଉଦାହରଣ:

ମମ ଜ୍ୟେଷ୍ଠ ଭ୍ରାତା
ରଖିଅଛି ଶରେ ବିଦ୍ଧ ବିହଗେ
ଧନୁଷ୍‌ବାଣେ ମୋ ସେ
ଧରଣିତଳପେ ଭ୍ରଂଶିତଖଗ ।
ନିଜେ ଶିକ୍ଷାରେ ତା
ନ ରଖି ମନ ଶର୍ଯ୍ୟାପ୍ରହରଣେ
ପରାସ୍ତେ ପୃଥ୍ୱୀଭ୍ରଂ-
ଶିତ ବିହଗଲୋଭେ ଗ୍ରସିତ ସେ ॥

====================

ଅତ୍ୟଷ୍ଟି ଜାତୀୟ (17 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 1,31,072ରୁ)

====================

ଛନ୍ଦ: ଅତିଶାୟିନୀ 17/23900
ଗଣ: ସ ସ ଜ ଭ ଜ ଗାଗା ଯତି: 10, 7
IIS IIS ISI SII ISI SS

ଢଗରେ କି ଦିନେ ସୁଧାରିବା
ବସତିରେ ସମସ୍ୟା,
ସକଳେ ବୁଝିବେ ସମାନରେ
ଢଗତଳେ ପ୍ରଭାଷା ।
ଇତିହାସ ପଢା ପିଲେ ତୁମେ
ପଢିଛ କେଉଁ ପୀଠେ
ଢଗବୁଦ୍ଧିବଳେ କି ରାଜ୍ୟ କେ
କରିଥିଲା ଅତୀତେ ॥

ଛନ୍ଦ: ବୀରବିଶ୍ରାମ 17/11968
ନ ନ ର ନ ର ଗାଗା **III III SIS III SISSS**

ଗଗନପଥପରେ କିଏ କୁସୁମ ମାଳିକା ଖଞ୍ଜେ
ନିତି ନିତି ଦିନ ଶେଷରେ ଗହନ କାଳିମାସଞ୍ଜେ ।
କିଛି ଦିଶି କିଛି ତାମସେ ହଜିଗଲା ଅବା ଲାଗେ
ପଢିବି ଶିଖିବି ବୋଲି ମୋ ଦମିତବାସନା ଜାଗେ ॥

ଧୃତି 18-ବର୍ଣ୍ଣ

कुसुमितलतावेल्लिति म्तौ न्यौ याविन्द्रियर्तूस्वराः ॥ 7.21

କୁସୁମିତଲତାବେଲ୍ଲିତା ମ୍ତୌ ନ୍ୟୌ ୟାବିନ୍ଦ୍ରିୟର୍ତ୍ତୁସ୍ୱରାଃ ॥ 7.21

ମ୍ତୌ ନ୍ୟୌ ୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ତଗଣ ପରେ ନଗଣ ଓ ତିନିଟି ୟଗଣ (SSS SSI III ISS ISS ISS) ଏହି କ୍ରମରେ 18 ବର୍ଣ୍ଣ ଥାଏ କୁସୁମିତଲତାବେଲ୍ଲିତା - ତାହା କୁସୁମିତଲତାବେଲ୍ଲିତା ଛନ୍ଦ । ଇନ୍ଦ୍ରିୟର୍ତ୍ତୁସ୍ୱରାଃ - ଏଥିରେ ଇନ୍ଦ୍ରିୟ ଋତୁ ଓ ସ୍ୱରରେ ବା 5,6,7ରେ ଯତି ହୁଏ ।

*ଉଦାହରଣ:*ଐ

ବାସନ୍ତ୍ୟୁଦ୍ଘୋଷା ମଧୁବନଲତା
    ତେଜିଲା ମର୍ତ୍ତ୍ୟଭୂମି
କୋଟୀଶ ପ୍ରାଣେ ଜ୍ୱଳିତ ନିବହେ
    ଜାଗିଲା ଶୋକ-ଊର୍ମି ।
ମୃଦ୍ଦେଶେ ଦୀର୍ଘ ତ୍ରୟନବତି ସ-
    ମ୍ବତ୍ସରେ ତ୍ୟକ୍ତକାୟା
ଅଜ୍ଞାତକ୍ଷେତ୍ରେ ନିରବଗମିତା
    ତେଜି ସଂସାରମାୟା ॥

====================

ଧୃତି ଜାତୀୟ (18 ବର୍ଣ୍ଣର) ଅଧିକ ଛନ୍ଦ
(ମୋଟ 2,62,144ରୁ)

====================

ଛନ୍ଦ ଚଞ୍ଚରୀ ର ସ ଜ ଜ ଭ ର 18/93019

SIS IIS ISI ISI SII SIS ଯତି 5,5,8

ଦିକ୍ପଥେ ରବି ହୃଦ୍ଗତେ କବି
  ଅଗ୍ରତେ ହତ ସାଧିତମ୍
ହେ ନିଷଦ୍ବର ହୃଦ୍ୟତା କର
  ସର୍ଜନା ତବ ଆଶ୍ରିତମ୍
ଧ୍ୱସ୍ତ ଜୀବନ ଅସ୍ତ ତାପନ
  ଗସ୍ତ ଲଗ୍ନ ସମାଗତମ୍
ନ୍ୟସ୍ତ ସଜ୍ଜନ ହାର୍ଦ୍ଦ ବାଞ୍ଛନ
  କାବ୍ୟମାଦକ ଛନ୍ଦିତମ୍ ।॥

ଅତିଧୃତି/ବିଧୃତି 19-ବର୍ଣ୍ଣ

शार्दूलविक्रीडितं म्सौ ज्सौ तौ
गादित्य-ऋसयः ॥ 7.22

ଶାର୍ଦୂଳବିକ୍ରୀଡିତଂ ମ୍‌ସୌ ଜ୍‌ସୌ ତୌ

ଗାଦିତ୍ୟ-ଋଷୟଃ ॥ 7.22

ମ୍‌ସୌ ଜ୍‌ସୌ ତୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ସଗଣ ପରେ ଜଗଣ ସଗଣ ଦୁଇଟି ତଗଣ ଓ ଗୋଟିଏ ଗୁରୁ ବର୍ଣ୍ଣ (SSS IIS ISI IIS SSI SSI S) ଏହି କ୍ରମରେ 19 ବର୍ଣ୍ଣ ଥାଏ ଶାର୍ଦୂଳବିକ୍ରୀଡିତଂ - ତାହା ଶାର୍ଦୂଳବିକ୍ରୀଡିତ ଛନ୍ଦ । ଆଦିତ୍ୟ-ଋଷୟଃ - ଏଥିରେ ଆଦିତ୍ୟରେ ଓ ଋଷିରେ ଅର୍ଥାତ୍ 12,7ରେ ଯତି ହୁଏ ।

ଉଦାହରଣ:

ସୂର୍ଯ୍ୟସ୍ନାତ ଧରାଧରେ ବସି ଜଣେ

ସଂଗୀତକର୍ତ୍ତା କିଏ

ସଂସାର ପ୍ରତି ନିଃସ୍ୱ ଜୀବନ ତଳେ

ଆଶାର ଆସ୍ଥା ଦିଏ ।

ବୈରାଗ୍ୟାଶ୍ରିତ କେଉଁ ପାବନବନ

ପ୍ରାଗ୍ବଂଶ ବଂଶୀ ସମ,

ଯତ୍ନେ ସଂଯମ ପୂର୍ଣ୍ଣ ମୂର୍ଚ୍ଛନ କରେ

ଶାର୍ଦୂଳ ବିକ୍ରୀଡିତମ୍ ॥

====================

ଅତିଧୃତି ଜାତୀୟ (19 ବର୍ଣ୍ଣର) ଅଧିକ ଛନ୍ଦ

(ମୋଟ 5,24,288ରୁ)

====================

ଛନ୍ଦ: ମେଘବିସ୍ଫୁର୍ଜିତା 19/37249

ଗଣ: ୟ ମ ନ ସ ର ର ଗା ଯତି: 6,6,7

ISS SSS III IIS SIS SIS S

ମହାନନ୍ଦେ ଛନ୍ଦେ ରବିକର ତଳେ

ମେଘ ବିସ୍ଫୁର୍ଜ ବର୍ଷା

କ୍ଷଣେ କାଳୀବେଶେ ଚଉଦିଗ ଦିଶେ

ଆତପେ ଭୀତପୁଷ୍ପା

ନଦୀ ଅଙ୍ଗେ ଅଙ୍ଗେ ଜଳଦ ଲହରେ

ଭୂତଳେ ସ୍ୱର୍ଣ୍ଣଗଙ୍ଗାଆ

ପ୍ରତେ ନନ୍ଦାଦେବୀ ବରଜି କରକା

ଗୋପ ଦାଣ୍ଡେ ପ୍ରଲମ୍ବା ॥

କୃତି 20-ବର୍ଣ୍ଣ

सूवदना म्रौ भ्नौ य्भौ ल्गावृषिस्वरर्तवः ॥ 7.23

ସୁବଦନା ମ୍ରୌ ଭ୍ନୌ ୟ୍ଭୌ ଲ୍ଗାବୃଷିସ୍ୱରର୍ତ୍ତବଃ ॥ 7.23

ମ୍ରୌ ଭ୍ନୌ ୟ୍ଭୌ ଲ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ରଗଣ ପରେ ଭଗଣ ନଗଣ ୟଗଣ ଭଗଣ ଓ ଲଘୁ ଗୁରୁ ବର୍ଣ୍ଣ (SSS SIS SII III ISS SII IS) ଏହି କ୍ରମରେ 20 ବର୍ଣ୍ଣ ଥାଏ ସୁବଦନା - ତାହା ସୁବଦନା ଛନ୍ଦ । ଋଷିସ୍ୱରର୍ତ୍ତବଃ - ଏଥିରେ ଋଷି ସ୍ୱର ଋତୁରେ ଅର୍ଥାତ୍ 7,7,6ରେ ଯତି ହୁଏ ।

ଉଦାହରଣ:

ପୁଷ୍ପୋଦ୍ୟାନେ ପ୍ରଦୋଷେ ଉଷକୁସୁମ ଖସେ
ଅତ୍ୟନ୍ତ ବୟସେ ।
କ୍ଷିପ୍ରା ଫୁଲ୍ଲା ସ୍ରବନ୍ତୀ ବରିଷ ଅତିଗତେ
ଗ୍ରୀଷ୍ମେ କି ବିରସା ।

ଆକାଶେ ଚନ୍ଦ୍ର କାନ୍ଦେ ଘନ ଘନ ଭିତରେ
କେବେ ବି ସହସା
ସନ୍ଧ୍ୟା ହେଲା ସମସ୍ତେ ଖୁସି ଗପ କରିବା
ଆଗେ କି ଭରସା ।

ग्लिति वृत्तम् ॥ 7.24

ଗ୍ଲିତି ବୃତ୍ତମ୍ ॥ 7.24

ଚାରିଟି ଯାକ ପାଦରେ ଗ୍ଲିତି - ଗ୍‌ଲ୍ ଇତି, ଗୁରୁ ଲଘୁ ଗୁରୁ ଲଘୁ ଏହି ପରି କ୍ରମିକ୍ରୟରେ 20 ବର୍ଣ୍ଣ ଲେଖି ଦେଲେ ଯେଉଁ ଛନ୍ଦ ହୁଏ ବୃତ୍ତମ୍ - ତାହା ବୃତ୍ତ ଛନ୍ଦ । ଏହାର ଯତି ପାଦାନ୍ତରେ କେବଳ ।

ଉଦାହରଣ:

ଦେଖି ଦେଖି ଦୀର୍ଘ ଛୋଟ ବର୍ଣ୍ଣ ଛନ୍ଦ ଲେଖି ଦେବି ଭାଷି ଭାଷି
ଚାରି ବର୍ଷ ପୂରିଲାଣି କେଉଁ ଦୂର ଦେଶ ଯାଇ ଲେଖି ନାହିଁ ।
ତୁଚ୍ଛ ବୋଲି ଦେଲ ଯେ ଉଡାଇ ଛନ୍ଦ ଲେଖିବାକୁ, ମନ୍ଦ ଭାରି
ଲେଖିଲେ ରଖନ୍ତ ବାକ୍ୟ, ଦକ୍ଷତା ନ ଥାଇ ଖାଲି ଟାଣ ମୁହଁ ॥

ପ୍ରକୃତି 21-ବର୍ଣ୍ଣ

स्रग्धरा म्रौ भ्नौ यौ य् त्रिसप्तकाः ॥ 7.25

ସ୍ରଗ୍ଧରା ମ୍ରୌ ଭ୍ନୌ ୟୌ ୟ୍ ତ୍ରିସପ୍ତକାଃ ॥ 7.25

ମ୍ରୌ ଭ୍ନୌ ୟୌ ୟ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ରଗଣ ପରେ ଭଗଣ ନଗଣ ଓ ତିନିଟି ୟଗଣ (SSS SIS SII III ISS ISS ISS) ଏହି କ୍ରମରେ 21 ବର୍ଣ୍ଣ ଥାଏ ସ୍ରଗ୍ଧରା - ତାହା ସ୍ରଗ୍ଧରା ଛନ୍ଦ । ତ୍ରିସପ୍ତକାଃ - ଏଥିରେ ତିନି ସପ୍ତକରେ ଅର୍ଥାତ୍ 7,7,7ରେ ଯତି ହୁଏ ।

ଉଦାହରଣ:

ବିଶ୍ୱେ ଦୁର୍ଲଙ୍ଘ୍ୟମାୟା- କବଳିତ ସକଳେ
ଆତ୍ମବୋଧ ପ୍ରନଷ୍ଟ
କ୍ଷୁଦ୍ରାତିକ୍ଷୁଦ୍ର ବଲ୍ଲୀ ନିକଟରୁ କରଭୀ
ବଦ୍ଧ ମାୟାର ଜାଲେ ।

ସର୍ବେ ଦେହାଭିମାନୀ ନିପତିତ ତିମିରେ
କେ ବୁଝେ ବ୍ରହ୍ମତତ୍ତ୍ୱ ।
ପ୍ରାଚୀନ ପ୍ରାଣବନ୍ଧୋ ! ସବୁରି ଚିରସଖା !
ସର୍ବପାପ କ୍ଷମସ୍ୱ ॥

ଆକୃତି 22-ବର୍ଣ୍ଣ

भद्रकं भ्रौ न्रौ न्रौ न्गौ दिगादित्याः ॥ 7.26

ଭଦ୍ରକଂ ଭ୍ରୌ ନ୍ରୌ ନ୍ରୌ ନ୍ଗୌ ଦିଗାଦିତ୍ୟାଃ ॥ 7.26

ଭ୍ରୌ ନ୍ରୌ ନ୍ରୌ ନ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ରଗଣ ପରେ ନଗଣ ରଗଣ ନଗଣ ରଗଣ ନଗଣ ଓ ଗୁରୁ (SII SIS III SIS III SIS III S) ଏହି କ୍ରମରେ 22 ବର୍ଣ୍ଣ ଥାଏ ଭଦ୍ରକଂ - ତାହା ଭଦ୍ରକ ଛନ୍ଦ । ଦିଗାଦିତ୍ୟାଃ - ଏଥିରେ ଦିଗ ଏବଂ ଆଦିତ୍ୟରେ ଅର୍ଥାତ୍ 10,12ରେ ଯତି ହୁଏ ।

ଉଦାହରଣ:

ଯେ ତୁମ ଦିବ୍ୟ ପାଦକମଳେ
ନମେ ସତତ ଭକ୍ତି ପୂର୍ଣ୍ଣ ମନରେ
ଶ୍ରଦ୍ଧିତ ଯେଉଁ ମନୁଷ୍ୟ ସକଳେ
କହେ ତୁମ ବାଣାବତାର ମହିମା ।
ନିତ୍ୟ ଯିଏ ନିବାସ ବିରଚେ
ପାଦାମ୍ବୁଜ ତଳେ ତବ ପ୍ରଭୁ ହେ
ତା ରିପୁ ନାଶ ଯାନ୍ତି ଭୁବନେ
ସୁରକ୍ଷିତ ହିଁ ତାର ପୁଣ୍ୟ ଗରିମା ॥

====================

ଆକୃତି ଜାତୀୟ (22 ବର୍ଣ୍ଣର) ଛନ୍ଦ
(ମୋଟ 41,94,304ରୁ)

====================

ଛନ୍ଦ: ମହାସ୍ରଗ୍ଧରା 22/605996
ଗଣ: ସ ଜ ତ ନ ସ ର ର + ଗୁ ଯତି: 8, 7, 7
IIS ISI SSI III IIS SIS SIS S

ଢଗରେ କିଏ ମହୀରେ କରିବ ଘରଚଳା
କେଉଁ ଦୁର୍ବୁଦ୍ଧି ଫାଶେ
ଢଗ ଶାସନେ କି କେବେ ସହଜ କରି ହୁଏ
ଜୀବିକା ଦୂର ବାସେ
ତୁମ ଗାଁ ଢମାଳି କାହା ହିତକୁ କହ ତୁମେ
ଅନ୍ୟ ଦେଶେ ସମାଜେ
ଇତିହାସ ଛାତ୍ର! ପାଠେ ଅଛି ନୃପତି କିଏ
ଯେ ଢଗେ ରାଜ୍ୟ ଶାସେ !!

ବିକୃତି 23-ବର୍ଣ୍ଣ

अश्वललितं न्जौ भ्जौ भ्जौ भ्लौ
गृद्रादित्याः ॥ 7.27
ଅଶ୍ୱଲଲିତଂ ନ୍ଜୌ ଭ୍ଜୌ ଭ୍ଜୌ ଭ୍ଲୌ
ଗୁଦ୍ରାଦିତ୍ୟାଃ ॥ 7.27

ନ୍ଜୌ ଭ୍ଜୌ ଭ୍ଜୌ ଭ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ଜଗଣ ଭଗଣ ଜଗଣ ପରେ ଭଗଣ ଜଗଣ ଓ ଲଘୁ ଗୁରୁ (III ISI SII ISI SII ISI SII IS) ଏହି କ୍ରମରେ 23 ବର୍ଣ୍ଣ ଥାଏ ଅଶ୍ୱଲଲିତଂ - ତାହା ଅଶ୍ୱଲଳିତ ଛନ୍ଦ । ରୁଦ୍ରାଦିତ୍ୟାଃ - ଏଥିରେ ରୁଦ୍ର ଓ ଆଦିତ୍ୟରେ ଅର୍ଥାତ୍ 11,12ରେ ଯତି ହୁଏ ।

ଉଦାହରଣ:

ପବନ ବିଧୂତ ବୀଚି କହିଲା
ନିଶବ୍ଦ ବଚନେ ମିଠା କଛି କଥା
କରପଦ ଶୀତ ବାୟୁ ଲହରେ
ବିନା ବଚନରେ ସମସ୍ତ ଶୁଣିଲା ।
ପର ଉପକାର କଷ୍ଟ ଯଦି ବା
କଦାପି କର ନା ଅନିଷ୍ଟ ଅଯଥା
ପଶୁ ପଛକେ ଜରା ବି ସମୟେ
ତୁମେ ତରୁଣ ବୋଲି ଭାବିବ ପିଲା ॥

मत्ताक्रीडा मौ त्नौ नौ न्लौ ग् वसुपञ्चदशकौ ॥ 7.28
ମତ୍ତାକ୍ରୀଡା ମୌ ତ୍ନୌ ନୌ ନ୍ଲୌ ଗ୍ ବସୁପଞ୍ଚଦଶକୌ ॥ 7.28

ମୌ ତ୍ନୌ ନୌ ନ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ମଗଣ ତଗଣ ପରେ ଚାରି ନଗଣ ଓ ଲଘୁ ଗୁରୁ (SSS SSS SSI III III III III IS) ଏହି କ୍ରମରେ 23 ବର୍ଣ୍ଣ ଥାଏ ମତ୍ତାକ୍ରୀଡା - ତାହା ମତ୍ତାକ୍ରୀଡା ଛନ୍ଦ । ବସୁପଞ୍ଚଦଶକୌ - ଏଥିରେ ବସୁ ପଞ୍ଚ ଓ ଦଶକରେ ଅର୍ଥାତ୍ 8,5,10ରେ ଯତି ହୁଏ ।

ଉଦାହରଣ:

ଆଷାଢୀସାମ୍ରାଜ୍ଞୀଅଙ୍ଗେ
ମୁକୁଳିତ ରଜତ କର ରମଣ ରୁଚିର
ଛାୟାଲୋକେକାମାପୀଡା
ପ୍ରଣୟସୁଖ ଜନିତ ଚଳିତ ରତିବର
କାନ୍ତାବକ୍ଷେତୃଷ୍ଣାସୌଖ୍ୟେ
ପ୍ରହରିତ ମୁଖମଧୁ ମଧୁର ରସରମେ
ମତ୍ତାକ୍ରୀଡାଭୋଗ୍ୟେବନ୍ଦୀ
ସୁରତସୁଖ ସରିତ କୁଚକମଳ ବନେ।

ସଂକୃତି 24-ବର୍ଣ୍ଣ

तन्वी भ्तौ न्सौ भौ नयाविन्द्रियस्वरमासाः ॥ 7.29
ତନ୍ୱୀ ଭ୍ତୌ ନ୍ସୌ ଭୌ ନୟାବିନ୍ଦ୍ରିୟସ୍ୱରମାସାଃ ॥ 7.29

ଭ୍ତୌ ନ୍ସୌ ଭୌ ନୟୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ତଗଣ ନଗଣ ସଗଣ ପରେ ଦୁଇଟି ଭଗଣ ଓ ନଗଣ ୟଗଣ **(SII SSI III IIS SII SII III ISS)** ଏହି କ୍ରମରେ **24** ବର୍ଣ୍ଣ ଥାଏ ତନ୍ୱୀ - ତାହା ତନ୍ୱୀ ଛନ୍ଦ । ଇନ୍ଦ୍ରିୟସ୍ୱରମାସାଃ - ଏଥିରେ ଇନ୍ଦ୍ରିୟ ସ୍ୱର ଓ ମାସରେ ଅର୍ଥାତ୍ **5,7,12**ରେ ଯତି ହୁଏ ।

ଉଦାହରଣ:

ଗ୍ରାମର ଲୋକେ ନବଯୁଗ ଗଢ ହେ
ଏକମନେ ରହି ପରହିତ ମାର୍ଗେ
ଆସିବ ଝଞ୍ଜା କି ବିପଦ ଯଦି ବା
ଏକ ମନରେ ଲଢ ବିପଦର ସଙ୍ଗେ ।
ଅନ୍ୟକୁ ନିନ୍ଦା ନ କରିବ କଦବା
ଆପଦ ଦୂରିତ କରିବ ବିଚାରି
ଗ୍ରାମର ଶିକ୍ଷା କରିବ ବହୁମୁଖୀ
ସ୍ୱାସ୍ଥ୍ୟର ଯତ୍ନ ବି ରଖ ନରନାରୀ ॥

====================

ସଂକୃତି ଜାତୀୟ **(24** ବର୍ଣ୍ଣର**)** ଅଧିକ ଛନ୍ଦ
(ମୋଟ **1,67,77,216**ରୁ)

====================

ଛନ୍ଦ: ମହାଭୁଜଙ୍ଗପ୍ରୟାତ **24- /2396746**
ଗଣ: ୟଗଣ **× 8** ଯତି: **12, 12 ISS×8**
କବିତା: ବିଦଗ୍ଧା କିଶୋରୀ

ଯିଏ ପ୍ରେମଜାଲେ ପଡେ ତାର ଭାଲେ
କି ସନ୍ତାପ ଚାଲେ କିଏ ଜାଣି ନାହିଁ
ତବ ପ୍ରେମଗଙ୍ଗା ସରାଗେ ସୁରଙ୍ଗା
କଥାରେ ତ କେବେ କିଏ ଡାକି ନାହିଁ ।
ତବ ପ୍ରେମଭାରେ ବିଧାତା ଇସାରେ
ମରୁପ୍ରଷ୍ଠ ପାରେ ଅଦମ୍ୟା ଉଦନ୍ୟା
ଅଭିଜ୍ଞାନ ଥାଇ ପ୍ରତିଭେ କି ପାଇଁ
ପ୍ରମତ୍ତା କରାଏ ତବ ପ୍ରେମବନ୍ୟା ॥1
ପ୍ରିୟାଶ୍ଳେଷ ଆଶେ ପ୍ରଧାବି ପ୍ରବାସେ
ଥକେ ନା ପ୍ରୟାସେ ମୁଁ ସେହି ସ୍ରବନ୍ତୀ
ସରାଗେ ପ୍ରମୁଗ୍ଧା ବିରାଗେ ଅଲବ୍ଧା
ଅଭୀଷ୍ଟେ ବିବଦ୍ଧା ଧ୍ୱଜା ବୈଜୟନ୍ତୀ ।
ଅଭୀକେ ସୁଲବ୍ଧା ବିବିକ୍ତେ ନିଶବ୍ଦା
ନିଶୀଥେ ପ୍ରବୁଦ୍ଧା ମୁଁ କନ୍ୟା ଚକୋରୀ
କଲେ ସେ ଇସାରା ତୁମେ ଜାଣି ଆଶ୍ରା
ଦିଅନ୍ତା ଧରା ଏ ବିଦଗ୍ଧା କିଶୋରୀ ॥2

ଅତିକୃତି 25-ବର୍ଣ୍ଣ

क्रौञ्चपदा भ्मौ स्भौ नौ नौ ग्
भूतेन्द्रियस्वृषयः ॥ 7.30
କ୍ରୌଞ୍ଚପଦା ଭ୍ମୌ ସ୍ଭୌ ନୌ ନୌ
ଗ୍ ଭୂତେନ୍ଦ୍ରିୟବସ୍ୱୃସୟଃ ॥7.30

ଭ୍ମୌ ସ୍ଭୌ ନୌ ନୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ମଗଣ ସଗଣ ଭଗଣ ପରେ ଚାରିଟି ନଗଣ ଓ ଗୁରୁ (SII SSS IIS SII III III III III S) ଏହି କ୍ରମରେ 25 ବର୍ଣ୍ଣ ଥାଏ କ୍ରୌଞ୍ଚପଦା - ତାହା କ୍ରୌଞ୍ଚପଦା ଛନ୍ଦ । ଭୂତେନ୍ଦ୍ରିୟବସ୍ୱୃସୟଃ - ଏଥିରେ ଭୂତ, ଇନ୍ଦ୍ରିୟ, ବସୁ, ଋଷିରେ ଅର୍ଥାତ୍ 5,5,8,7ରେ ଯତି ହୁଏ ।

ଉଦାହରଣ:

ଚାଲ ସମସ୍ତେ ପାଶ ବନସ୍ତେ ଫୁଟିବ କୁଟଜ ଫୁଲ ରଜନି ଉପଗତେ
ଅମ୍ବର ସାରା ଉଜ୍ଜ୍ୱଳ ତାରା ଅଗଣିତ ଦିଶୁ ଥିବ ସୁରପୁର ପସରା ।
ପୁଷ୍କର କୋଳେ ବାର୍ଦ୍ଦଳ ଦୋଳେ ଅପଲକ ଶଶଧର ଥିବ ସରକମଳେ ।
କାକରପାତେ ଶୀକରବାତେ ହସିବ ନବକୁସୁମ ବନଝର ସହିତେ ॥

ଉତ୍କୃତି 26-ବର୍ଣ୍ଣ

भुजङ्गविजृम्भितं मौ त्नौ नौ र्सौ ल्गौ
वसुरुद्रऋषयः ॥ 7.31
ଭୁଜଙ୍ଗବିଜୃମ୍ଭିତଂ ମୌ ତ୍ନୌ ନୌ ର୍ସୌ
ଲ୍ଗୌ ବସୁରୁଦ୍ରଋଷୟଃ ॥ 7.31

ମୌ ତ୍ନୌ ନୌ ର୍ସୌ ଲ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ମଗଣ ଓ ତଗଣ ପରେ ତିନିଟି ନଗଣ ଓ ରଗଣ ସଗଣ ଲଘୁ ଗୁରୁ (SSS SSS SSI III III III SIS IIS IS) ଏହି କ୍ରମରେ 26 ବର୍ଣ୍ଣ ଥାଏ ଭୁଜଙ୍ଗବିଜୃମ୍ଭିତଂ - ତାହା ଭୁଜଙ୍ଗବିଜୃମ୍ଭିତ ଛନ୍ଦ । ବସୁରୁଦ୍ରଋଷୟଃ - ଏଥିରେ ବସୁ, ରୁଦ୍ର, ଋଷିରେ ଅର୍ଥାତ୍ 8,11,7ରେ ଯତି ହୁଏ ।

ଉଦାହରଣ:

ବେଦଃ ପାଦୋ ଯୂପୋ ଦଂଷ୍ଟ୍ରା-
ନଲଚୟନରସନବଦନ-
ସ୍ତନୂରୁହଧର୍ମକଃ
ସ୍ରୌବଣ୍ଟଞ୍ଚୁଃସର୍ପିର୍ନାସା(ସୋ)
ଦିବସରଜନିନୟନଯୁଗ-
କରଃ ସବନତ୍ରୟମ୍ ।
ଔଦ୍ଗାତ୍ରାନ୍ତୋ ବେଦୀସ୍କନ୍ଧ-
ଶ୍ଚରଣଯୁଗଲମୁପନିଷଦଃ
ପ୍ରବର୍ଗ୍ୟକଚଭ୍ରମିଃ
ବକ୍ଷୋଦାକ୍ଷିଣ୍ୟାମନ୍ତ୍ରସ୍ଥି-
ସ୍ତ୍ରିବିଧମଖକରଣତନୁକୋଽ-
ସି ଯଜ୍ଞମୟାଭିଧଃ ॥

अपवाहको म्नौ नौ नौ न्सौ गौ

नवर्तु-रसेन्द्रियाणि ॥ 7.32

ଅପବାହକୋ ମ୍ନୌ ନୌ ନୌ ନ୍ସୌ ଗୌ

ନବର୍ତ୍ତୁ-ରସେନ୍ଦ୍ରିୟାଣି ॥ 7.32

ମ୍ନୌ ନୌ ନ୍ସୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଗୋଟିଏ ମଗଣ ଓ ଛଟି ନଗଣ ପରେ ଗୋଟିଏ ସଗଣ ଦୁଇଟି ଗୁରୁ (SSS III III III III III III IIS SS) ଏହି କ୍ରମରେ 26 ବର୍ଣ୍ଣ ଥାଏ ଅପବାହକୋ - ତାହା ଅପବାହକ ଛନ୍ଦ । ନବର୍ତ୍ତୁରସେନ୍ଦ୍ରିୟାଣି - ଏଥିରେ୍ ନବ ଋତୁ ରସ ଓ ଇନ୍ଦ୍ରିୟରେ ଅର୍ଥାତ୍ 9,6,6,5ରେ ଯତି ହୁଏ ।

ଉଦାହରଣ:

ଶ୍ରୀ କଣ୍ଠଂ ତ୍ରିପୁର-ଦ ହ ନ, ମ ମୃତ-କି ର ଣ, -

ଶକଳ-ଲଳିତ, ଶି ର ସଂରୁ ଦ୍ରମ୍,

ଭୂତେଶଂ ହତ-ମୁନି-ମଖ, - ମଖିଲ- ଭୁବନ,

-ନମିତ-ଚରଣ, - ଯୁଗମୀଶାନମ୍ ।

ସର୍ବଜ୍ଞଂ ବୃଷଭ-ଗମନ, - ମହି-ପତି-କୃତ, -

ବଲଯ-ରୁଚିର, - କରମାରାଧ୍ଯଂ,

ତଂ ବନ୍ଦେ ଭବ-ଭଯ-ଭିଦ, - ମଭିମତ- ଫଲ,

-ବିତରଣ-ଗୁରୁ, - ମୁମଯା ଯୁକ୍ତମ୍ ।।

====================

ଉତ୍କୃତି ଜାତୀୟ (26 ବର୍ଣ୍ଣର) ଅଧିକ ଛନ୍ଦ

(ମୋଟ 6,71,08,864ରୁ)

====================

ଛନ୍ଦ: ମକରନ୍ଦ 26/16774096

ନୟନୟ ନନନନ ଗାଗା ଯତି: 6,6,8,6

III ISS••III ISS••III III II••I III SS

ଶତଶତ ରାଧା ଶତ ବନମାଳୀ

ମଥିତ ନଗରପଥ ଜନପଦ ବାଳୀ ।

କିଛି କିଛି ଆଶା ସହିତ ବିଷାଦେ

ମିଳନ ପରମସୁଖ ପରର ବିବାଦେ ।

ଅଭିନବଭାଷା ନବ ରସପତ୍ରେ

ରହିଥିବ ସୁରଚିତ ଟିକି ବଚଯନ୍ତ୍ରେ ।

ପଢି ପଢି ଲେଖା ଜଳମୟ ନେତ୍ରେ

ମନ ବୁଝିବ ତ ଯିବ ବୃତକରପତ୍ରେ ॥

दण्डक 26ରୁ ଅଧିକ-ବର୍ଣ୍ଣ

दण्डकौ नौ रः ॥ 7.33

ଦଣ୍ଡକୋ ନୌ ରଃ ॥ 7.33

ନୌ ରଃ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ସାତଟି ରଗଣ (III III SIS SIS SIS SIS SIS SIS SIS) ଏହି କ୍ରମରେ 27 ବର୍ଣ୍ଣ ଥାଏ ଦଣ୍ଡକୋ - ତାହା ଦଣ୍ଡକ ଶ୍ରେଣୀର ଛନ୍ଦ ।

ଉଦାହରଣ:

ଇହ ହି ଭବତି ଦଣ୍ଡକାଽରଣ୍ୟ-ଦେଶେ ସ୍ଥିତିଃ,
ପୁଣ୍ୟ ଭାଜାଂ ମୁନୀନାଂ ମନୋ ହାରିଣୀ,
ତ୍ରିଦଶ-ବିଜୟି-ବୀର୍ଯ-ଦୃପ୍ୟଦ୍-ଦଶଗ୍ରୀବ-
ଲକ୍ଷ୍ମୀ-ବିରାମେଣ ରାମେଣ ସଂସେବିତେ ।
ଦେବ-ଯଜନ-ଭୂମି-ସଂଭୂତ-ସୀମନ୍ତିନୀ -
ସୋମ-ସୀତା-ପଦ- ସ୍ପର୍ଶ-ପୂତାଶ୍ରମେ,
ଭୁବନ-ନମିତ-ପାଦ-ପଦ୍ ମାଽଭିଧାନାଽମ୍ବିକା
ତୀର୍ଥଯାତ୍ରାଽଽ ଗତାଽନେକ - ସିଦ୍ଧାକୁଲେ ॥

प्रथमश्चण्डवृष्टिप्रपातः ॥ 7.34

ପ୍ରଥମଶ୍ଚଣ୍ଡବୃଷ୍ଟିପ୍ରପାତଃ ॥ 7.34

ପ୍ରଥମଃ - ଦଣ୍ଡକର ପ୍ରଥମ ଭେଦଟିର ନାମ ଚଣ୍ଡବୃଷ୍ଟିପ୍ରପାତଃ - ଚଣ୍ଡବୃଷ୍ଟିପ୍ରପାତ ଅଟେ । ଏହାର ବର୍ଣ୍ଣକ୍ରମ ପୂର୍ବ ସୂତ୍ରରେ ଦିଆ ଯାଇଛି, ଯତି ପାଦାନ୍ତେ ।

अन्यत्र रातमाण्डव्यिभ्याम् ॥ 7.35

ଅନ୍ୟତ୍ର ରାତମାଣ୍ଡବ୍ୟାଭ୍ୟାମ୍ ॥7.35

ରାତମାଣ୍ଡବ୍ୟାଭ୍ୟାମ୍ - ରାତ ଓ ମାଣ୍ଡବ୍ୟ କିନ୍ତୁ ଅନ୍ୟତ୍ର - ଏ କଥାଠୁ ଭିନ୍ନ ମତ ରଖନ୍ତି ।

ରାତ ଓ ମାଣ୍ଡବ୍ୟ ଏହି ଦଣ୍ଡକର ଅନେକ ଭେଦ ଦର୍ଶେଇଛନ୍ତି । ଏ ସବୁର ନାମ ପରବର୍ତ୍ତୀ ସୂତ୍ରରେ ମିଳିବ

शेषः प्रचित इति ॥ 7.36

ଶେଷଃ ପ୍ରଚିତ ଇତି ॥ 7.36

ଶେଷଃ - ଅବଶିଷ୍ଟ ଦଣ୍ଡକ ଛନ୍ଦ ଗୁଡିକୁ ପ୍ରଚିତ - ପ୍ରଚିତ କହିବା । ନିର୍ଦ୍ଦେଶ ଏହି ଯେ ସୂତ୍ର 7.33ର ରଗଣ ନିୟମକୁ ମାନିବା । ଇତି - ଏଠାରେ ସପ୍ତମ କଧ୍ୟାୟ ସମାପ୍ତ ହେବାର ସୂଚକ ।

ଅନ୍ୟ କଥାରେ କହିଲେ ଦୁଇଟି ନଗଣ ପରେ 7.33ରେ ଥିବା 7 ରଗଣର ସହ ଗୋଟିଏ ଗୋଟିଏ ରଗଣ ବଢେଇ ଚାଲିବା । ଏପରି କଲେ ପ୍ରତି ଥର ପାଦର ବର୍ଣ୍ଣ ସଙ୍ଖ୍ୟା ତିନି ଦିନି ବଢି ବଢି ଚାଲିବ ଯେ ହେତୁ ପ୍ରତି ଗଣରେ ତିନିଟି ବର୍ଣ୍ଣ ଥାଏ । ଏହି ପ୍ରକ୍ରିୟାରେ ଯେଉଁ ବଡ ବଡ ଦଣ୍ଡକ ସବୁ ହେବ ସେଗୁଡିକର ନାମ ଦିଆ ଯାଉଛି ।

2ଟି ନଗଣ ପରେ ରଗଣ ।

ସଙ୍ଖ୍ୟା	ଛନ୍ଦୋନାମ	ରଗଣ ସଙ୍ଖ୍ୟା	ଛନ୍ଦୋନାମ
07	ଚଣ୍ଡବୃଷ୍ଟି-ପ୍ରପାତ		
08	ଅର୍ଣ୍ଣ	09	ଅର୍ଣ୍ଣବ
ବ10	ବ୍ୟାଳ	11	ଜୀମୂତ
12	ଲୀଳାକାର	13	ଉଦ୍ଦାମ
14	ଶଙ୍ଖ	15	ଆରାମ
16	ସଙ୍ଗ୍ରାମ	17	ସୁରାମ
18	ବୈକୁଣ୍ଠ	19	ସାର
20	କାସାର	21	ବିସାର
22	ସଂହାର	23	ନୀହାର
24	ମନ୍ଦାର	25	କେଦାର
26	ଆସାର	27	ସତ୍କାର
28	ମାକନ୍ଦ	29	ଗୋବିନ୍ଦ
30	ସାନନ୍ଦ	31	ସନ୍ଦୋହ
32	ଆନନ୍ଦ	33	ସିଂହ
34	ସମୁଦ୍ର	35	ଭୁଜଙ୍ଗ
36	ମନୋଜ-ଶେଖର	37	ଅଶୋକ-ପୁଷ୍ପମଞ୍ଜରୀ
38	ଶାଲୂର	39	ଘନାକ୍ଷରୀ
40	ରୂପ-ଘନାକ୍ଷରୀ		

ଇତି ସପ୍ତମୋଽଧ୍ୟାୟ ସମାପ୍ତଃ ॥

ଅଥ ଅଷ୍ଟମୋଧ୍ୟାୟ ପ୍ରାରମ୍ଭଃ ॥

अत्रायुक्तं गाथा ॥ 8.01

ଅତ୍ରାୟୁକ୍ତଂ ଗାଥା ॥ **8.01**

ଅତ୍ର - ଏହି ଛନ୍ଦଃଶାସ୍ତ୍ରରେ ଅୟୁକ୍ତଂ - ଯେଉଁ ଛନ୍ଦ ସବୁ ସ୍ଥାନ ନ ପାଇଛି ଗାଥା - ସେଗୁଡ଼ିକୁ ଗାଥା କହନ୍ତି ।

ଆଚାର୍ଯ୍ୟ ପିଙ୍ଗଳ ସବୁ ପ୍ରଚଳିତ ଛନ୍ଦର ସଂକଳନ କଲେ । ତଥାପି ସେ ମଧ୍ୟରୁ କିଛି କିଛି ରହି ଯାଇଛି । ସେହି ଛନ୍ଦଗୁଡ଼ିକୁ ଗାଥା ଶ୍ରେଣୀରେ ରଖା ଯାଇ ଏବେ ଦିଆ ଯାଉଛି ।

कुण्डलकण्ठी भ्तौ न्गौ
गिन्द्रयरसाः ॥ 8.02
କୁଣ୍ଡଲକଣ୍ଠୀ ଭ୍ତୌ ନ୍ଗୌ
ଗିନ୍ଦ୍ରିୟରସାଃ॥ **8.02**

ଭ୍ତୌ ନ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ତଗଣ ପରେ ନଗଣ ଓ ଦୁଇଟି ଗୁରୁ **(SII SSI III SS)** ଏହି କ୍ରମରେ **11** ବର୍ଣ୍ଣ ଥାଏ କୁଣ୍ଡଲକଣ୍ଠୀ - ତାହାର ନାମ କୁଣ୍ଡଲକଣ୍ଠୀ ଛନ୍ଦ । ଇନ୍ଦ୍ରିୟରସା - ଏଥିରେ ଇନ୍ଦ୍ରିୟ ବା **5** ଓ ରସ ବା **6**ରେ ଯତି ହୁଏ ।

ଉଦାହରଣ:

କୁଣ୍ଡଳଦନ୍ତୀ ପୃଥୁଳନିତମ୍ବା
ମୂର୍ଚ୍ଛନକଣ୍ଠୀ ଲଘୁତରମଧ୍ୟା ।
ବିମ୍ବଫଳୋଷ୍ଠୀ ମୃଗଶିଶୁନେତ୍ରା
ପୁଣ୍ୟରୁ ବନ୍ଧୋ ଲଭିଅଛ କାନ୍ତା ॥

वरतनुर्नजौ ज्रौ षड्साः ॥ 8.03
ବରତନୁର୍ନଜୌ ଜ୍ରୌ ଷଡ୍‌ସାଃ ॥ **8.03**

ନଜୌ ଜ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ଜଗଣ ପରେ ପୁଣି ଜଗଣ ଓ ଗୋଟିଏ ରଗଣ **(III ISI ISI SIS)** ଏହି କ୍ରମରେ **12** ବର୍ଣ୍ଣ ଥାଏ ବରତନୁ - ତାହା ବରତନୁ ଛନ୍ଦ । ଷଡ୍‌ସାଃ - ଏଥିରେ **6-6**ରେ ଯତି ହୁଏ ।

ଉଦାହରଣ:

ଘଡି ଘଡି ପାନ ତୁ ଚୁଣ୍ଟି ପାଟିରେ
କରୁଥିବୁ କର୍ମ ନନାଗ୍ର ଘାଟିରେ ।
ଘରଠିକୁ ଫେରି ଛୁଆଙ୍କ ସମ୍ମୁଖେ
ବଡପଣ ଦର୍ପ ବଖାଣୁ ଥା ସୁଖେ ॥

जलधरमाला म्भौ स्मौ समुद्रवसवः ॥ 8.04
ଜଲଧରମାଲା ମ୍ଭୌ ସ୍ମୌ ସମୁଦ୍ରବସବଃ ॥ **8.04**

ମ୍ଭୌ ସ୍ମୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ଭଗଣ ପରେ ସଗଣ ମଗଣ **(SSS SII IIS SSS)** ଏହି କ୍ରମରେ **12** ବର୍ଣ୍ଣ ଥାଏ ଜଲଧରମାଳା - ତାହା ଜଲଧରମାଳା ଛନ୍ଦ । ସମୁଦ୍ରବସବଃ - ଏଥିରେ **4-8**ରେ ଯତି ହୁଏ ।

ଉଦାହରଣ:

ଶୋଭା ପାନ୍ତେ ଗିରିପର ମେଘଜ୍ୱାଳା
ନୀରୋତ୍ସଙ୍ଗେ ସରସିଜବାଳା ସମ୍ବା ।
ମେଘୋନ୍ମାଦେ ଭୟ ଲଭି ଘୋରାକାଳେ
ଭର୍ତ୍ତା କୋଳେ ନବପରିଣୀତା କନ୍ୟା ॥

गौरी नौ रौ ॥ 8.05
ଗୌରୀ ନୌ ରୌ ॥ **8.05**

ନୌ ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇ ନଗଣ ପରେ ଦୁଇ ରଗଣ (III III SIS SIS) ଏହି କ୍ରମରେ 12 ବର୍ଣ୍ଣ ଥାଏ ଗୌରୀ - ତାହା ଗୌରୀ ଛନ୍ଦ ।

ଉଦାହରଣ:

ପ୍ରଣତ ଖ୍ଦିର ଅଂଶମାଳୀ ଧରା

କସୁମିତ ବନବଲ୍ଲରୀ ଆତୁରା ।

ସକଳ ଧରଣି ପୂଜନେ ବ୍ୟାପୃତା

ଉଦକ କୁସୁମ ଘେନ ଆହେ ପିତା ॥

ललना भ्तौ न्सौ इन्द्रियर्षयः ॥ 8.06

ଲଲନା ଭ୍ତୌ ନ୍ସୌ ଇନ୍ଦ୍ରିୟର୍ଷୟଃ ॥ 8.06

ଭ୍ତୌ ନ୍ସୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ତଗଣ ପରେ ନଗଣ ସଗଣ (SII SSI III IIS) ଏହି କ୍ରମରେ 12 ବର୍ଣ୍ଣ ଥାଏ ଲଲନା - ତାହା ଲଲନା ଛନ୍ଦ । ଏଥିରେ ଇନ୍ଦ୍ରିୟର୍ଷୟଃ - ଇନ୍ଦ୍ରିୟରେ ଓ ଋଷିରେ ଅର୍ଥାତ୍ 5-7ରେ ଯତି ହୁଏ ।

ଉଦାହରଣ:

ଅମ୍ବୁଦକେଶା   ହରିଣକନୟନା

ପୀନନିତମ୍ବା   ଗଜପତିଗମନା ।

କୋକିଳକଣ୍ଠୀ   ସୁମଦଳଦଶନା

ସେ ସୁଖ ଭାଗ୍ୟେ   ଦିଅ କିଛି ଲଳନା ॥

कनकप्रभा स्जौ स्जौ ग् ॥ 8.07

 କନକପ୍ରଭା ସ୍ଜୌ ସ୍ଜୌ ଗ୍ ॥ 8.07

ସ୍ଜୌ ସ୍ଜୌ ଗ୍ ଯେଉଁ ଛନ୍ଦର ଚାରି ପାଦ ଯାକରେ ସଗଣ ଜଗଣ ପରେ ସଗଣ ଜଗଣ ଓ ଗୁରୁ (IIS ISI IIS ISI S) ଏହି କ୍ରମରେ 13 ବର୍ଣ୍ଣ ଥାଏ କନକପ୍ରଭା - ତାହା କନକପ୍ରଭା ଛନ୍ଦ ।

ଉଦାହରଣ:

କନକପ୍ରଭା ମୃଦୁ ନିତମ୍ବଶାଳିନୀ

ତନୁ ଦେହ କୌଟିଳିକ-ନେତ୍ର-ଧାରିଣୀ ।

ତରୁଣୀ ସଦା ନୟନ-ତୋଷ-ବାଞ୍ଛିତା

ନୁହଁ ସେ ତ ଅନ୍ୟର ନିତ୍ୟ କାମିତା ॥

कूटिलगतिर्नौ तौ स्वरर्तवः ॥ 8.08

କୁଟିଲଗତିର୍ନୌ ତୌ ଗ୍ ସ୍ୱରର୍ତ୍ତବଃ ॥ 8.08

ନୌ ତୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇ ନଗଣ ପରେ ଦୁଇ ତଗଣ ଓ ଦୁଇଟି ଗୁରୁ (III III SSI SSI S) ଏହି କ୍ରମରେ 13 ବର୍ଣ୍ଣ ଥାଏ କୁଟିଲଗତି - ତା ନାମ କୁଟିଳଗତି ଛନ୍ଦ । ସ୍ୱରର୍ତବଃ - ଏଥିରେ ସ୍ୱର ବା 7 ଓ ଋତୁ ବା 6ରେ ଯତି ହୁଏ ।

ଉଦାହରଣ:

ଅଧର-କିସଳୟେ   କାନ୍ତ-ଦନ୍ତ-କ୍ଷତା
ହରିଣ-ଶିଶୁ ସମା   ନର୍ତ୍ତନେ ଭ୍ରୂଲତା ।
ହସ ହସ ବଦନେ   ପ୍ରକ୍ରମେ ନନ୍ଦିନୀ
ସୁପୁରୁଷ ବିପଦେ   ଶାନ୍ତ ଚିତ୍ତେ ଯଥା ।

वरसुन्दरी भ्जौ स्नौ गौ ॥ 8.09

ବରସୁନ୍ଦରୀ ଭ୍ଜୌ ସ୍ନୌ ଗୌ ॥8.09

ଭ୍ଜୌ ସ୍ନୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ଜଗଣ ପରେ ସଗଣ ନଗଣ ଓ ଦୁଇଟି ଗୁରୁ (SII ISI IIS III SS) ଏହି କ୍ରମରେ 14 ବର୍ଣ୍ଣ ଥାଏ ବରସୁନ୍ଦରୀ - ତାହା ବରସୁନ୍ଦରୀ ଛନ୍ଦ ।

ଉଦାହରଣ:

ସ୍ୱଚ୍ଛ ଶିଶିରୋଜ୍ଜ୍ୱଳ ସୁଗନ୍ଧି-ଜଳଦାତା
ବୀଚିଚୟ-ଚଞ୍ଚଳ ମଧୂକ-ମଧୁ-ଗାଥା ।
ହଂସ କଳକୂଜିତ ମନୋହରଣ-କୂଳେ
ଦେଖ ବରସୁନ୍ଦରି ! ସରୋବର-ସୁଶୀଳେ ॥

कुटिला म्भौ न्यौ गौ ॥ 8.10

କୁଟିଳା ମ୍ଭୌ ନ୍ୟୌ ଗୌ ॥ 8.10

ମ୍ଭୌ ନ୍ୟୌ ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ମଗଣ ଭଗଣ ପରେ ନଗଣ ଯଗଣ ଓ ଦୁଇଟି ଗୁରୁ (SSS SII III ISS SS) ଏହି କ୍ରମରେ 14 ବର୍ଣ୍ଣ ଥାଏ କୁଟିଳା - ତାହା କୁଟିଳା ଛନ୍ଦ ।

ଉଦାହରଣ:

ସ୍ୱର୍ଗଦ୍ୱାରେ ଜଳିବୁ କି ଯିବୁ ଅନ୍ୟଦ୍ୱାରେ
ଯା ତୋ କର୍ମେ ରଖିଅଛୁ ଯିବ ଲେଖାଗାରେ ।
ସତ୍କର୍ମେ ଯେ ନୁହଁ ଅଭିଯୁତ ତାର ପ୍ରାଣେ
କସ୍ମିନ୍‌କାଳେ ନ ଲଭିବ ସୁଖ ଦାହସ୍ଥାନେ ॥

शैलशिखा भ्रौ न्भौ भ्गौ भूतरसेन्द्रियाणि ॥ 8.11

ଶୈଳଶିଖା ଭ୍ରୌ ନ୍ଭୌ ଭ୍ଗୌ ଭୂତରସେନ୍ଦ୍ରିୟାଣି ॥ 8.11

ଭ୍ରୌ ନ୍ଭୌ ଭ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ରଗଣ ପରେ ନଗଣ ଦୁଇ ଭଗଣ ଓ ଗୁରୁ (SII SIS III SII SII S) ଏହି କ୍ରମରେ 16 ବର୍ଣ୍ଣ ଥାଏ ଶୈଳଶିଖା - ତାହା ଶୈଳଶିଖା ଛନ୍ଦ । ଭୂତରସେନ୍ଦ୍ରିୟାଣି - ଏଥିରେ ଭୂତ ରସ ଓ ଇନ୍ଦ୍ରିୟରେ ଅର୍ଥାତ୍ 5-6-5ରେ ଯତି ହୁଏ ।

ଉଦାହରଣ:

ଶୈଳଶିଖାନି- ବାସନ ବିହାରି- ଣି ଶୈଳସୁତେ !
ତୁମ୍ଭ ସତୀତ୍ୱ ଶିକ୍ଷଣ କରନ୍ତି ମନୁଷ୍ୟସୁତେ ।
ଧ୍ୟାନନିମଗ୍ନ କାନ୍ତ ନିକଟସ୍ଥ ବିଭୀତ ବନେ
କେଉଁ ଅଦମ୍ୟ ସାହସବଳେ ର- ହ ଶାନ୍ତମନେ ॥

वरयुवती भ्रौ य्नौ न्गौ ॥ 8.12

ବରୟୁବତୀ ଭ୍ରୌ ୟ୍ନୌ ନ୍ଗୌ ॥ 8.12

ଭ୍ରୌ ୟ୍ନୌ ନ୍ଗୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଭଗଣ ରଗଣ ପରେ ୟଗଣ ଦୁଇ ନଗଣ ଓ ଏକ ଗୁରୁ (SII SIS ISS III III S) ଏହି କ୍ରମରେ 16 ବର୍ଣ୍ଣ ଥାଏ ବରୟୁବତୀ - ତାହା ବରଯୁବତୀ ଛନ୍ଦ ।

ଉଦାହରଣ:

ନୂପୁରନିକ୍ୱଣେ ପ୍ରମୁଗ୍ଧା ବନତଳ ଧରଣୀ
କୁଙ୍କୁମ-ଲେପିତା କରାଗ୍ରେ ସୁଲଳିତଦରୁଣୀ ।
ଗୀତନିନାଦନେ ସହର୍ଷା ଅବିରତ ରସନା
ପୁଣ୍ୟ ଥିଲେ ଦିନେ ମିଳନ୍ତା ଅନୁମତ ଲଳନା ॥

अतिशायिनी सौ ज्भौ ज्गौ ग् दिक्स्वराः ॥ 8.13

ଅତିଶାୟିନୀ ସୌ ଜ୍ଭୌ ଜ୍ଗୌ ଗ୍ ଦିକ୍ସ୍ୱରାଃ ॥ 8.13

ସୌ ଜ୍ଭୌ ଜ୍ଗୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ସଗଣ ପରେ ଜଗଣ ଭଗଣ ଜଗଣ ଓ ଦୁଇଟି ଗୁରୁ (IIS IIS ISI SII ISI SS) ଏହି କ୍ରମରେ 17 ବର୍ଣ୍ଣ ଥାଏ ଅତିଶାୟିନୀ - ତାହା ଅତିଶାୟିନୀ ଛନ୍ଦ । ଦିକ୍ସ୍ୱରାଃ - ଏଥିରେ 10-7ରେ ଯତି ହୁଏ ।

ଉଦାହରଣ:

ଜଗରେ କି ଦିନେ ସୁଧାରିବା
ବସତିରେ ସମସ୍ୟା,
ସକଳେ ବୁଝିବେ ସମାନରେ
ଜଗତଳ ପ୍ରଭାଷା?
ଇତିହାସ ପଢା ପିଲେ ତୁମେ
ପଢିଛ କେଉଁ ପାଠେ
ଜଗବୁଦ୍ଧିବଳେ କି ରାଜ୍ୟ କେ
କରିଥିଲା ଅତୀତେ ॥

अवितथं न्जौ भ्जौ ज्लौ ग् ॥ 8.14

ଅବିତଥଂ ନ୍ଜୌ ଭ୍ଜୌ ଜ୍ଲୌ ଗ୍ ॥ 8.14

ନ୍ଜୌ ଭ୍ଜୌ ଜ୍ଲୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ଜଗଣ ପରେ ଭଗଣ ଦୁଇ ଜଗଣ ଓ ଲଘୁ ଗୁରୁ (III ISI SII ISI ISI IS) ଏହି କ୍ରମରେ 17 ବର୍ଣ୍ଣ ଥାଏ ଅବିତଥଂ - ତାହା ଅବିତଥ ଛନ୍ଦ ।

ଉଦାହରଣ:

ମୁକୁଳିତ-ମଞ୍ଜରୀ ସୁରଭିସିକ୍ତ ତୁଷାରକଣା
ବିଲୁଳିତ ଚଞ୍ଚରୀ ହରିତ ଶଷ୍ପ ଭରା ଅଗଣା ।

ପରିଣତ-ଯାମିନୀ ବିମଳ-ଚନ୍ଦ୍ରସୁଧା ବିତରେ
ଅନୁମତ-ମାନିନୀ ରିଧମଦଶ୍ବ ଦଶା ଭିତରେ ॥

ଶବ୍ଦାର୍ଥ:

ଚଞ୍ଚରୀ= ଭ୍ରମର; ହରିତ,= ସବୁଜ; ଶଷ୍ପ= କୋମଳ ଘାସ; ପରିଣତ= ବଢି ଯାଇଥିବା; ଅନୁମତ= ସ୍ୱୀକୃତ; ରିଧମ= ପ୍ରେମ; ଦଶା= ମନ, mind;

वस्विन्द्रियसमुद्राष्चेत्कोकिलकम् ॥ 8.15

ବସ୍ୱିନ୍ଦ୍ରିୟସମୁଦ୍ରାଶ୍ଚେତ୍ କୋକିଲକମ୍ ॥ 8.15

ଚେତ୍ - ଯଦି ସେହି ପୂର୍ବୋକ୍ତ ଅବିତଥରେ ବସ୍ୱିନ୍ଦିୟମୁଦ୍ରାଃ ବସୁ ଇନ୍ଦ୍ରିୟ ଓ ସମୁଦ୍ରରେ ଅର୍ଥାତ୍ 8-5-4ରେ ଯତି ଦିଆ ଯାଏ କୋକିଲକମ୍ - ତେବେ ତାହା ହେବ କୋକିଳକ ଛନ୍ଦ ।

ଉଦାହରଣ:

ସବୁ ଫଳ ଚୁଙ୍କି ଦେଲୁ ତୁ କି ଖାଇବୁ ଦୁଷ୍ଟ ପିଲା
କିଛି ତହୁଁ ପାଚିଲେ ବି ଅବଶିଷ୍ଟ ତ ସାନଥିଲା।
କହିଥିଲି ଆଣ ବୋଲି ତୁ କି ଖାଇବୁ ପେଟଫଟା
କହୁଅଛି ଲୋଭ ତୋର ଗିଳି ଦେବୁ ତୁ ଗୁଳ୍ମଲଟା॥

विबुधप्रिया ज्सौ जौ भ्रौ वसुदिशः ॥ 8.16

ବିବୁଧପ୍ରିୟା ର୍ସୌ ଜୌ ଭ୍ରୌ ବସୁଦିଶଃ ॥ 8.16

ର୍ସୌ ଜୌ ଭ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ରଗଣ ସଗଣ ପରେ ଦୁଇ ଜଗଣ, ଭଗଣ ରଗଣ (SIS IIS ISI ISI SII SIS) ଏହି କ୍ରମରେ 18 ବର୍ଣ୍ଣ ଥାଏ ବିବୁଧପ୍ରିୟା - ତାହା ବିବୁଧପ୍ରିୟା ଛନ୍ଦ । ଏଥିରେ ବସୁଦିଶଃ - 8-10 ରେଯତି ହୁଏ ।

ଉଦାହରଣ:

ସ୍ୱପ୍ନଧୌତ ଧରାଧରେ ସିତ ପୁଷ୍ପ କେହି ବିଛାଇଲା
ଘୋର ମଧ୍ୟ ନିଷଦରେ ରଖ ବାନ୍ଧବୀ କରି ଚାହିଁଲା ।
ପୁଷ୍ପମାଲ୍ୟ ଥିଲା କରେ ସ୍ମିତହାସ୍ୟ ଆଙ୍କି ସୁନନ୍ଦିନୀ
ଭାଷିଲା ମଧୁରସ୍ୱରେ କର କାବ୍ୟକାନନ ବନ୍ଦିନୀ ॥

नाराचक्रं नौ रौ रौ ॥ 8.17

ନାରାଚକ୍ରଂ ନୌ ରୌ ରୌ ॥ 8.17

ନୌ ରୌ ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ଦୁଇଟି ନଗଣ ପରେ ଚାରିଟି ରଗଣ (III III SIS SIS SIS SIS) ଏହି କ୍ରମରେ 18 ବର୍ଣ୍ଣ ଥାଏ ନାରାଚକଂ - ତାହା ନାରାଚକ୍ର ଛନ୍ଦ ।

ଉଦାହରଣ:

ଅଦିନ ମୁଦିର ଗର୍ଜିଲା ମୁକ୍ତ ତାରାପଥେ ଆଶ୍ୱିନେ
ବନଗିରିବରନିଶ୍ଚଳା ଭୀତିହୀନା ବୃଥା ଗର୍ଜନେ ।
ବୟସର ବଳ ଶେଷରେ ଆତ୍ମଜେ ସର୍ବଦା ସାହସୀ
ତନୁମନ ଜଡ ସାଜିଲେ କାକ ଏକା ବିନା ବାୟସୀ ॥

विस्मिता य्मौ न्सौ रौ ग् रसर्तुस्वराः ॥ 8.18

ବିସ୍ମିତା ୟ୍ମୌ ନ୍ସୌ ରୌ ଗ୍ ରସର୍ତୁସ୍ୱରାଃ ॥ 8.18

ୟ୍ମୌ ନ୍ସୌ ରୌ ଗ୍ - ଯେଉଁ ଛନ୍ଦର ଚାରି ପାଦ ଯାକରେ ୟଗଣ ମଗଣ ପରେ ନଗଣ ସଗଣ, ଦୁଇଟି ରଗଣ ଓ ଗୁରୁ (ISS SSS III IIS SIS SIS S) ଏହି କ୍ରମରେ 19 ବର୍ଣ୍ଣ ଥାଏ ବିସ୍ମିତା - ତାହା ବିସ୍ମିତା ଛନ୍ଦ । ରସର୍ତୁସ୍ୱରାଃ - ଏଥିରେ 6-6-7 ବର୍ଣ୍ଣରେ ଯତି ହୁଏ ।

ଉଦାହରଣ:

ଦିନେ ବୃଦ୍ଧାବସ୍ଥା ତୁମରି ଗଳକେ
ସାଜିଲେ ନାଗଫାଶ
ହତାଶେ ନିଃଶବ୍ଦେ ନୟନଯୁଗଳେ
ଦେଖିବେ ସର୍ବନାଶ ।
ମିଛେ ଆତ୍ମଶ୍ଲାଘା ନ ରଖ ଟିକିଏ
ଯୌବନୋଦ୍ଦୀପ୍ତ ଦର୍ପେ
ରହ ଶ୍ରେଷ୍ଠଦ୍ୱେ ତୋସହଜ ମନନେ
ତେଜି ଏ କାମସର୍ପେ ॥

शशिवदना न्जौ भ्जौ ज् ज्रौ रुद्रदिशः ॥ 8.19

ଶଶିବଦନା ନ୍ଜୌ ଭ୍ଜୌ ଜ୍ ଜ୍ରୌ ରୁଦ୍ରଦିଶଃ ॥ 8.19

ନ୍ଜୌ ଭ୍ଜୌ ଜ୍ ଜ୍ରୌ - ଯେଉଁ ଛନ୍ଦର ଚାରି ପାଦ ଯାକରେ ନଗଣ ଜଗଣ ପରେ ଭଗଣ ତିନିଟି ଜଗଣ, ଗୋଟିଏ ରଗଣ (III ISI SII ISI ISI ISI SIS) ଏହି କ୍ରମରେ 21 ବର୍ଣ୍ଣ ଥାଏ ଶଶିବଦନା - ତାହା ଶଶିବଦନା ଛନ୍ଦ । ରୁଦ୍ରଦିଶଃ - ଏଥିରେ 11-10ରେ ଯତି ହୁଏ ।

ଉଦାହରଣ:

କିଛି ତ ଶତାୟୁ ପୂର୍ବଜ ଥିଲେ
କିଛି ତତ୍ତ୍ୱବିଦସ୍ପୃ ଜୀବନେ
ଜନମନ କର୍ଷିଲେ ମତିମାନ୍
କିଛି ନିଷ୍ଫଳ ଦେହଧାରଣେ ।
ମୁଁ ନ ଥିବି ଉଷ୍ଟ୍ର ଯେସନ ଭବେ
ମିଛ ଭାର ଉଠାଣ କାମରେ
କଛି କରି ପାରିଲେ କରି ଦିଏ
କିଛି ଅର୍ପଣ ଅନ୍ୟ ନାମରେ ॥

ଏହା ପରେ ସୂତ୍ର 8.20ରୁ 8.34 ରେ ଛନ୍ଦର ପ୍ରସ୍ତାର ନିର୍ମାଣ ଓ ତତ୍ସମ୍ପର୍କିତ ପ୍ରସଙ୍ଗର ଚର୍ଚ୍ଚା ଅଛି । ଏହି ପ୍ରସ୍ତାରର ତାତ୍ପର୍ଯ୍ୟ ତଳେ ସଂକ୍ଷେପରେ ଦିଆ ଗଲା ।

द्विकौ ग्लौ ॥ 8.20॥ मिश्रौ च ॥ 8.21॥ पृथग् ग्लोऽमिश्राः ॥ 8.22॥ वसवस्त्रिकिः ॥ 8.23॥ लर्धे ॥ 8.24॥ सैके ग् ॥ 8.25॥ प्रतिलोमगुणं द्विर्लियम् ॥ 8.26॥ ततो ग्येकं जह्यात् ॥ 8.27॥ द्विरर्धे ॥ 8.28॥ रूपे शून्यम् ॥ 8.29॥ द्विः शून्ये ॥ 8.30॥ तावदर्धे तद्गुणितम् ॥ 8.31॥ द्विर्द्यूनं तदन्तानाम् ॥ 8.32॥ परे पूर्णम् ॥ 8.33॥ पूर्णमिति ॥ 8.34॥

ଦ୍ୱିକୌ ଗ୍ଲୌ ॥ 8.20॥ ମିଶ୍ରୌ ଚ ॥ 8.21॥ ପୃଥଗ୍ ଗ୍ଲୋଽମିଶ୍ରାଃ ॥ 8.22॥ ବସବସ୍ତ୍ରିକିଃ ॥ 8.23॥ ଲର୍ଧେ ॥ 8.24॥ ସୈକେ ଗ୍ ॥ 8.25॥ ପ୍ରତିଲୋମଗୁଣଂ ଦ୍ୱିର୍ଲିଦ୍ୟମ୍ ॥ 8.26॥ ତତୋ ଗ୍ୟେକଂ ଜହ୍ୟାତ୍ ॥ 8.27॥ ଦ୍ୱିରର୍ଧେ ॥ 8.28॥ ରୂପେ ଶୂନ୍ୟମ୍ ॥ 8.29॥ ଦ୍ୱିଃ ଶୂନ୍ୟେ ॥ 8.30॥ ତାବଦର୍ଧେ ତଦ୍ଗୁଣିତମ୍ ॥ 8.31॥ ଦ୍ୱିର୍ଦ୍ୟୂନଂ ତଦନ୍ତାନାମ୍ ॥ 8.32॥ ପରେ ପୂର୍ଣ୍ଣମ୍ ॥ 8.33॥ ପୂର୍ଣ୍ଣମିତି ॥ 8.34॥

ଛନ୍ଦ ପ୍ରସ୍ତାର (THE SPREAD SHEE

ଛନ୍ଦ ପ୍ରସ୍ତାର କଣ? ଏହା ହେଲା ଅଗଣିତ ଛନ୍ଦର ବର୍ଣ୍ଣବିନ୍ୟାସ (ମାତ୍ରିକଛନ୍ଦରେ ମାତ୍ରାବିନ୍ୟାସ) ଅନୁଯାୟୀ ତାଲିକା ଯେଉଁଥିରେ ପ୍ରତ୍ୟେକ ଛନ୍ଦର ଏକ ଏକ ସଙ୍ଖ୍ୟାତ୍ମକ ଅନନ୍ୟ ପରିଚୟ (**numerical unlque identifilcatlon - UID**) ଥାଏ । ଏହାର କାଳଣ ଛନ୍ଦଗୁଡିକ ସଙ୍ଖ୍ୟାରେ ନାକ୍ଷତ୍ରିକ (**astronomical**) ।

ବାର୍ଣ୍ଣିକ ଛନ୍ଦ

ପ୍ରଶ୍ନ: ଯଦି ଗୋଟିଏ ବାର୍ଣ୍ଣିକ ଛନ୍ଦର ପ୍ରତି ପାଦରେ ଗୋଟିଏ ମାତ୍ର ବର୍ଣ୍ଣ ରହେ ତେବେ କେତେଟା ଛନ୍ଦ ସମ୍ଭବ? ଉତ୍ତର: ଦୁଇଟି ସମ୍ଭବ । ପ୍ରଶ୍ନ: ସେ ଦୁଇଟିର ଲକ୍ଷଣ କଣ? ଉତ୍ତର: ଗୋଟିଏ ହେବ **S** ବା ଗୁରୁ ବର୍ଣ୍ଣ, ଅନ୍ୟଟି **I** ବା ଲଘୁ ବର୍ଣ୍ଣର ଛନ୍ଦ ହେବ । ପୁଣି ପ୍ରଶ୍ନ: ଯଦି ପ୍ରତି ପାଦରେ 2ଟି ଲେଖା ବର୍ଣ୍ଣ ଥାଏ ତେବେ? ଉ: ତେବେ ଚାରିଟି ହେବ ଯଥା **SS, IS, SI** ଓ **II** . ପ୍ର; ସେହି ପରି, ପ୍ରତି ପାଦରେ 3ଟି ଲେଖା ବର୍ଣ୍ଣ ଥିଲେ କେତେ ପ୍ରକାର ବର୍ଣ୍ଣବିନ୍ୟାସ ବା ଛନ୍ଦ ହେଇ ପାରିବ? ଉ: ଆଠ ପ୍ରକାର ହେବ ଯଥା **SSS, ISS, SIS, IIS, SSI, ISI, SII** ଓ **III** . ଏହି 8ଟି ବର୍ଣ୍ଣବିନ୍ୟାସକୁ 8ଟି ଗଣ ବୋଲି ମଧ ଛନ୍ଦଃଶାସ୍ତ୍ରରେ ନାମ ଦିଆ ଯାଇଛି । ପ୍ର; ପୁଣି କହନ୍ତୁ ପ୍ରତି ପାଦରେ 4ଟି ଲେଖା ବର୍ଣ୍ଣ ରହିଲେ କେତେ ପ୍ରକାର ବର୍ଣ୍ଣବିନ୍ୟାସ ବା ଛନ୍ଦ ହେଇ ପାରିବ? ଉ: 16 ପ୍ରକାର ହେବ ଯଥା **SSSS, ISSS, SISS, IISS, SSIS, ISIS, SIIS, IIIS, SSSI, ISSI, SISI, IISI, SSII, ISII, SIII** ଓ **IIII** ।

ନିରୀକ୍ଷା:

ଉପରେ ଦେଖା ଗଲା ଯେ

1 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା 2 ବା 2^1 (**2 to the power 1**)

2 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା 4 ବା 2^2

3 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା 8 ବା 2^3

4 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା 16 ବା 2^4 ଓ ଏହି ପରି ଏ ସଙ୍ଖ୍ୟା ଦୁଇ ଦୁଇ ଗୁଣ ହେଇ ବଢି ବଢି ଯିବ । ଉଦାହରଣ ସ୍ୱରୂପ 10 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା ମୋଟ 2^10= 1024ଟି, 20 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା ମୋଟ 2^20= 1,048,576ଟି, 25 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା

ମୋଟ 2^25= 33,554,432ଟି ଓ 50 ବର୍ଣ୍ଣବିଶିଷ୍ଟ ଛନ୍ଦ ସଙ୍ଖ୍ୟା ମୋଟ 1,125,899,906,842,624ଟି ବାର୍ଣିକ ଛନ୍ଦ ଏହି ସମଗ୍ର ବ୍ରହ୍ମାଣ୍ଡରେ ଉପଲବ୍ଧ ଅଛି ଇତ୍ୟାଦି । ଏଗୁଡିକୁ ସାରଣୀ କଲେ ନିମ୍ନମତେ ହେବ ।

ବର୍ଣ୍ଣ ସଙ୍ଖ୍ୟା	ଛନ୍ଦ ସଙ୍ଖ୍ୟା		ନିରୀକ୍ଷା
01	002	=	2^1 (2 to the power 1)
02	004	=	2^2 (2 to the power 2)
03	008	=	2^3 (2 to the power 3)
04	016	=	2^4 (2 to the power 4)
05	032	=	2^5 (2 to the power 5)
06	064	=	2^6 (2 to the power 6)
07	128	=	2^7 (2 to the power 7)
08	256	=	2^8 (2 to the power 8)
09	1024	=	2^9 (2 to the power 9)
10	2048	=	ପୂର୍ବବତ୍
…			
25	3,35,54,432		ପୂର୍ବବତ୍, ଇତ୍ୟାଦି ।

ଏହି ସାରଣୀକୁ ବଢଉ ଥିଲେ ପ୍ରତି ନୂଆ ଧାଡିରେ ଛନ୍ଦ ସଙ୍ଖ୍ୟା ପୂର୍ବ ସଙ୍ଖ୍ୟାର ଦୁଇ ଗୁଣ ହେଉଥିବ ।

ଏବେ ମାତ୍ରିକ ଛନ୍ଦ;

ଯଦି କୌଣସି ଏକ କବିତା-ପାଦରେ ଗୋଟିଏ ମାତ୍ରା ରଖା ଯାଏ ତେବେ ସେହି ପାଦରେ ମାତ୍ର ୧ ପ୍ରକାର ମାତ୍ରାବିନ୍ୟାସ ହେଇ ପାରିବ, ତାହା ହେଲା **I; 2** ମାତ୍ରା ନେଲେ 2 ପ୍ରକାର, **S** ଓ **II; 3** ମାତ୍ରା ନେଲେ **IS SI** ଓ **III -** ଏହି 3 ପ୍ରକାର ସମ୍ଭବ ହେବ । ଯଦି ଧାଡିକୁ 4 ମାତ୍ରା ଲେଖିବା ତେବେ ବର୍ଣ୍ଣ ବିନ୍ୟାସ **SS, IIS, ISI, SII** ଓ **IIII. -** ଏହି 5 ପ୍ରକାର ହେବ, 5 ମାତ୍ରା ନେଲେ **ISS SIS IIIS SSI IISI ISII SIII** ଓ **IIIII -** ଏହି 8 ପ୍ରକାର ହେଇ ପାରିବ । ପୁଣି 6 ମାତ୍ରା ନେଲେ ସମ୍ଭାବନା ହେବ 13 ପ୍ରକାର । ଏଗୁଡିକୁ ସାରଣୀ କଲେ ନିମ୍ନମତେ ହେବ ।

ମାତ୍ରା ସଙ୍ଖ୍ୟା ||	ଛନ୍ଦ ସଙ୍ଖ୍ୟା	॥ ମାତ୍ରାବିନ୍ୟାସ ଭେଦ ॥ ନିରୀକ୍ଷା
0	**0**	
1	**1**	
2	**2**	**=1+ 0**
3	**3**	**=2+ 1**
4	**5**	**=3+ 2**
5	**8**	**=5+ 3**
6	**13**	**=8+ 5**
7	**21**	**=13+ 8**
8	**34**	**=21+ 13**
9	**55**	**=34+ 21**
10	**89**	**=55+ 34**
11	**144**	**=89+ 55**
12	**233**	**=144+ 89**
13	**377**	**=233+ 144**
14	**610**	**=377+ 233**
15	**987**	**=610+ 377**
….		
25	**121393**	ପୂର୍ବବତ୍

ଅର୍ଥାତ୍ ମାତ୍ରା ସଙ୍ଖ୍ୟା ଗୋଟିଏ ବଢ଼ି **x** ହେଲେ ସେଥିରେ ମାତ୍ରାବିନ୍ୟାସର ଭେଦ ହେବ **(x-1)**ଟି ମାତ୍ରାରେ ଯେତିକି ବିନ୍ୟାସ ଅଛି ଏବଂ **(x-2)**ଟି ମାତ୍ରାରେ ଯେତିକି ବିନ୍ୟାସ ଅଛି, ସେ ଦୁଇ ସଙ୍ଖ୍ୟାର ଯୋଗଫଳ । ଏହି କ୍ରମରେ ଯୋଗ କରି କରି ଗଲେ ଜଣା ପଡ଼ିବ 25 ମାତ୍ରାର ଧାଡ଼ିରେ ବିନ୍ୟାସ ବା ଛନ୍ଦ ସଙ୍ଖ୍ୟା 121,933ଟି ଓ 50 ମାତ୍ରାର ପାଦରେ ସମ୍ଭାବିତ ବିନ୍ୟାସ 20,365,011,074 ଟି ଇତ୍ୟାଦି ।

ଏତେ ବଡ଼ ବଡ଼ ନାକ୍ଷତ୍ରିକ ରାଶିର **(consisting of astronomical figures)** ବିଶିଷ୍ଟ ଛନ୍ଦଃସାରଣୀରେ କେଉଁ ଛନ୍ଦର ସ୍ଥିତି କେଉଁଠି, ସେ ସବୁକୁ ପାଇବା ଓ ଅନନ୍ୟୀକୃତ **(identify)** କରିବା ବା ଚିହ୍ନିବା କିପରି? ସେଥି ପାଇଁ ଛନ୍ଦଃଶାସ୍ତ୍ର ଯେଉଁ ସାରଣୀର ବା **SpreadSheet**ର ବ୍ୟବସ୍ଥା କରିଛନ୍ତି ସେହି ସାରଣୀର ନାମ ଛନ୍ଦୋପ୍ରସ୍ତାର । ବାର୍ଣ୍ଣିକ ଛନ୍ଦରେ ଭିନ୍ନ ଭିନ୍ନ ସଙ୍ଖ୍ୟକ ବର୍ଣ୍ଣର ପାଦ ପାଇଁ ଓ ମାତ୍ରିକ ଛନ୍ଦରେ ବିଭିନ୍ନ ସଙ୍ଖ୍ୟକ ମାତ୍ରାର ପାଦ ପାଇଁ ବିଭିନ୍ନ ପ୍ରସ୍ତାର ବା **SpreadSheet** ବ୍ୟବସ୍ଥା ଅଛି ।

ଏବେ ବୁଝିବା ସେହି ପ୍ରସ୍ତାର ନିର୍ମାଣ ଓ ସେଥିରେ ବିଭିନ୍ନ ବର୍ଣ୍ଣ ଓ ବିଭିନ୍ନ ମାତ୍ରାର ବିନ୍ୟାସ ସମୂହକୁ ସ୍ଥାନ ଦେବା ଓ ଆବଶ୍ୟକ ସ୍ଥଳେ ସେ ସ୍ଥାନାଙ୍କରୁ ଛନ୍ଦଗୁଡ଼ିକୁ ପାଇବାର ପଦ୍ଧତି ।

ବାର୍ଣ୍ଣିକ ଛନ୍ଦ ପ୍ରସ୍ତାରରେ ଏକ ଏକ ଅନନ୍ୟ ସଙ୍ଖ୍ୟା **(unique number)** ବଳରେ ଛନ୍ଦର ପଦରେ କେଉଁଠି କେଉଁଠି କେଉଁ ବର୍ଣ୍ଣ ଅଛି ସୂଚେଇ ଦିଆ ଯାଏ ।

ବାର୍ଣ୍ଣିକ ଛନ୍ଦର ପ୍ରସ୍ତାର ନିର୍ମାଣ:

ପ୍ରସ୍ତାରରେ ପ୍ରଥମେ ନିଆଯିବ ସର୍ବଗୁରୁ । ଯଦି ଚାରି ବର୍ଣ୍ଣର ପ୍ରସ୍ତାର କରିବାର ଥାଏ ତେବେ ପ୍ରଥମ ଧାଡ଼ିରେ ନିଆ ଯିବ **SSSS** । ତାପର ଧାଡ଼ି ଲେଖିଲା ବେଳେ ଉପର ଧାଡ଼ିର ବାମ ପଟୁ ଦେଖି ଗଲେ ଯେଉଁଠି ପ୍ରଥମ ଗୁରୁ ମିଳବ ତା ତଳେ ଲଘୁ ନିଆ ଯିବ । ସେହି ଲଘୁର ଡାହାଣ ପଟେ ଉପର ଧାଡ଼ିକୁ ଦେଖି ଦେଖି ଲଘୁଗୁରୁ ଯେଉଁଠି ଯାହା ଥିଲା ସବୁ ସେହି ପରି ଲେଖି ରଖା ହେବ । କିନ୍ତୁ ଦ୍ୱିତୀୟ ଧାଡ଼ିରେ ସେହି ଲଘୁର ବାମ ପଟେ ଉପର ଧାଡ଼ିକୁ ଦେଖି ଦେଖି ଲଘୁ ତଳେ ଗୁରୁ ଓ ଗୁରୁ ତଳେ ଲଘୁ - ଏହି ପରି ଓଲଟାଇ ଲେଖା ହେବ । ଏହି ନିୟମରେ ପ୍ରତି ଧାଡ଼ିରେ ଚାରି ବର୍ଣ୍ଣ କରି ତୃତୀୟ ଚତୁର୍ଥ ଆଦି ସବୁ ଧାଡ଼ି ଲେଖା ହେବ ଯେ ପର୍ଯ୍ୟନ୍ତ ସର୍ବଲଘୁ ଧାଡ଼ିଟି ନ ଆସିଛି । ଫଳରେ ଚାରି ବର୍ଣ୍ଣର ପ୍ରସ୍ତାର ନିମ୍ନ ମତେ ଦେଖା ଯିବ:

1	S	S	S	S
2	I	S	S	S
3	S	I	S	S
4	I	I	S	S
5	S	S	I	S
6	I	S	I	S
7	S	I	I	S
8	I	I	I	S
9	S	S	S	1
10	I	S	S	I
11	S	I	S	I
12	I	I	S	I
13	S	S	I	I
14	I	S	I	I
15	S	I	I	I
16	I	I	I	I

ଏଥିରେ ଯେଉଁ ଧାଡି ଯେଉଁ କ୍ରମିକରେ ଥିବ ପ୍ରସ୍ତାରରେ ସେହି ତାର ସ୍ଥାନ ହେବ ଯଥା: ଚାରି ବର୍ଣ୍ଣର ପ୍ରସ୍ତାରରେ **IISS**ର ସ୍ଥାନ ହେବ 4/4, **SIIS**ର 4/7, **SIII** ର 4/15, **III**ର 4/16 ଇତ୍ୟାଦି 16 ଧାଡିରେ 2^4= 16ଟି ଛନ୍ଦ ମିଳିବ । ସେହି ପରି ପାଞ୍ଚ ବର୍ଣ୍ଣର ପ୍ରସ୍ତାରରେ 2^5= 32ଟି, ଛ ବର୍ଣ୍ଣର ପ୍ରସ୍ତାରରେ 2^6= 64ଟି ଛନ୍ଦ ଅଛି, ଇତ୍ୟାଦି ।

ପାଞ୍ଚ ଛ ସାତ ଆଦି ସମସ୍ତ ବର୍ଣ୍ଣ ସଙ୍ଖ୍ୟାର ପ୍ରସ୍ତାର ଏହି ଉପାୟରେ ହେବ ।

ଯେତେ ଅଧିକ ବର୍ଣ୍ଣର ପ୍ରସ୍ତାର ହେବ ତା ଆକାର ସେତେ ବଡ ହେବ । ଲକ୍ଷ ଲକ୍ଷ କୋଟି କୋଟି ଏ ପରି ପ୍ରସ୍ତାର ଗଢି ଟିପି ରଖିବା ସମ୍ଭବ ନୁହେଁ । କିନ୍ତୁ କେଉଁ ଛନ୍ଦର ପ୍ରସ୍ତାରରେ ସ୍ଥାନ କେତେ ହେବ ତାହା ଅଙ୍କରେ କଷି ହେବ । ଏହି ପରି ଛନ୍ଦରୁ କଷି ସ୍ଥାନ ନିରୂପଣ କରିବା ନାମ ଉଦ୍ଦିଷ୍ଟ ବିଧି ଓ ସ୍ଥାନ ଜଣା ଥିଲେ ସେଥିରୁ କଷି ଛନ୍ଦର ବର୍ଣ୍ଣକ୍ରମ ଜାଣିବାର ନାମ ହେଲା ନଷ୍ଟ ବିଧି ।

ବାର୍ଣ୍ଣିକ ଛନ୍ଦର ଉଦ୍ଦିଷ୍ଟ ବିଧି:

ବାର୍ଣ୍ଣିକ ଛନ୍ଦର ପ୍ରତି ବର୍ଣ୍ଣକୁ ଏକ ଏକ ସ୍ଥାନୀୟ ମାନ ଦିଆ ଯାଇଛି । ତାହା ହେଲା ବାମରୁ କ୍ରମଶଃ 1, 2, 4, 8, 16, 3୍2,.... ଏକରୁ ଆରମ୍ଭ କରି ପ୍ରତି ଥର ଦୁଇ ଦୁଇ ଦୁଣ ହେଇ ଚାଲି ଥିବ । ନିମ୍ନ ଚିତ୍ରରେ ଏହା ଦର୍ଶା ଯାଇଛି ।

ବର୍ଣ୍ଣର ସ୍ଥାନୀୟ ମାନ;	1	2	4	8	16	
ଛନ୍ଦର ନାମ	1	2	3	4	5	ପ୍ରସ୍ତଠାରେ ସ୍ଥାନ
ହାରୀ	S	S	i	S	S	5
ଶୀଳା	I	S	I	I	S	14
ମଣ୍ଡଳ	S	I	I	I	S	15
କଲ୍କି	S	I	S	I	I	29

ପ୍ରଶ୍ନ ଆସିଲା, **SSIS** ସ୍ଥାନ ପ୍ରସ୍ତାରରେ କେତେ । ଏଠି ଦେଖିବାକୁ ହେବ ଯେ ଚାରି ବର୍ଣ୍ଣର ଛନ୍ଦ କଥା କୁହା ଯାଇଛି ଯେଉଁ ଥିରେ ମୋଟ 16ଟି ଛନ୍ଦ ହୁଏ । ଏହା ପରେ ଦେଖିବା କଥା **SSIS** ରେ ପ୍ରଥମ ଦ୍ୱିତୀୟ ଚତୁର୍ଥ ବର୍ଣ୍ଣ ଗୁରୁ ଓ ଏଗୁଡିକର ସ୍ଥାନୀୟ ମାନ 1, 2 ଓ 8, ସର୍ବଯୋଗ 11; ଏବେ 16ରୁ 11 ବିୟୋଗ କଲେ ରହିବ 5; ଅତଃ ୪ ବର୍ଣ୍ଣର ପ୍ରସ୍ତାରରରେ **SSIS**ର ସ୍ଥାନ 5, ସଂକ୍ଷେପରେ **SSIS** ର **UID 4/5 ।**

ବାର୍ଣ୍ଣିକ ଛନ୍ଦର ନଷ୍ଟ ବିଧି:

ପ୍ରଶ୍ନ ଆସିଲା ଯେଉଁ ଚାରିବର୍ଣ୍ଣ ଛନ୍ଦର ପ୍ରସ୍ତାରରେ ସ୍ଥାନ 7, ତାର ବର୍ଣ୍ଣକ୍ରମ କଣ? ଏଠି ମଧ ପ୍ରଥମେ 16ରୁ 7 ବିୟୋଗ କଲେ ରହିବ 9 । ଏହି 9 ଛନ୍ଦ ପ୍ରସ୍ତାରର କେଉଁ କେଉଁ ସ୍ଥାନୀୟ ମାନର ଯୋଗଫଳ ? ଉତ୍ତର ହେଲା ଏହା 8 ଓ 1 ର ଯୋଗଫଳ । ଏଗୁଡିକ ଅଛନ୍ତି ଚତୁର୍ଥରେ ଓ ପ୍ରଥମରେ, ତେଣୁ ଏହି ଛନ୍ଦର ଚତୁର୍ଥ ଓ ପ୍ରଥମ ବର୍ଣ୍ଣ ଗୁରୁ, ଅବଶିଷ୍ଟ ଲଘୁ । ତେଣୁ ଛନ୍ଦଟି **SIIS !!**

ମାତ୍ରିକ ଛନ୍ଦ:

ମାତ୍ରିକ ଛନ୍ଦର ପ୍ରସ୍ତାର ନିର୍ମାଣ:

ମାତ୍ରିକ ଛନ୍ଦର ପ୍ରସ୍ତାର ବାର୍ଣ୍ଣିକ ଛନ୍ଦର ପ୍ରସ୍ତାରଠୁ କିଛିଟା ଭିନ୍ନ ଉପାୟରେ ହୁଏ । ଏଥିରେ ମଧ ଯେତିକି ମାତ୍ରାର ପ୍ରସ୍ତାର ହେବ, ପ୍ରଥମେ ସେତିକି ମାତ୍ରାର ସର୍ବଗୁରୁ ନିଆ ଯାଏ । 3, 5, 7 ଆଦି ଅଯୁଗ୍ମ ସଙ୍ଖ୍ୟକ ମାତ୍ରାର ପ୍ରସ୍ତାର କଲେ ପ୍ରଥମ ଧାଡିରେ ଯେତେ ଗୁରୁ ବର୍ଣ୍ଣ ନେଇ ହେବ ନିଆ ଯାଇ ତା ବାମକୁ ଲଘୁଟିଏ ନିଆ ଯାଏ । ଯଥା: 5 ମାତ୍ରା ପ୍ରସ୍ତାରର ପ୍ରଥମ ଧାଡିରେ **ISS** ଓ 6 ମାତ୍ରା ପ୍ରସ୍ତାରର ପ୍ରଥମ ଧାଡିରେ **SSS** ନିଆ ଯାଏ । ନିମ୍ନସ୍ଥ ପ୍ରସ୍ତାରଚିତ୍ର ଦ୍ରଷ୍ଟବ୍ୟ ।

	5 ମାତ୍ରାର ପ୍ରସ୍ତାର	6 ମାତ୍ରାର ପ୍ରସ୍ତାର
1	I S S	S S S
2	S I S	I I S S
3	I i i S	I S I S
4	S S I	S I I S
5	I I S I	I I I I S
6	I S I I	I S S I
7	S I I I	S I S I
8	I I I I I	I I I S I
9		S S I I
10		I I S I I
11		I S I I I
12		S I I I I
13		I I I I I I

ଦ୍ୱିତୀୟ ଧାଡି ଲେଖିଲା ବେଳେ ଉପରସ୍ଥ ପ୍ରଥମ ଧାଡିକୁ ଦେଖା ଯିବ । ପ୍ରଥମ ଧାଡିରେ ବାମ ପଟୁ ଯେଉଁଠି ପ୍ରଥମ ଦ୍ୱିମାତ୍ରିକ ବା ଗୁରୁ ବର୍ଣ୍ଣ **(S)** ମିଳିବ ତା ତଳେ ଏକମାତ୍ରିକ ବା ଲଘୁ **(I)** ହେବ । ତା ଡାହାଣକୁ ଉପର ଧାଡିରେ ଲଘୁଗୁରୁ ଯାହା ଯେଉଁଠି ଥିବ ତାକୁ ନ ବଦଳେଇ ତଳକୁ ତଳ ଲେଖା ଯିବ । ଏହା ପରେ ଦ୍ୱିତୀୟ ଧାଡିରେ ପ୍ରଥମେ ଯେଉଁ ଲଘୁ ନିଆ ଗଲା, ତା ବାମ ପଟକୁ ଗୁରୁ ନିଆ ଚାଲିବ ଯେ ପର୍ଯ୍ୟନ୍ତ ଧାଡିଟିରେ ଆବଶ୍ୟକ ସଙ୍ଖ୍ୟକ ମାତ୍ରା ନ ହେଇଛି । ଏହି ପରି ବାମକୁ ବାମକୁ

ଗୁରୁ ପରେ ଗୁରୁ ଲେଖୁ ଲେଖୁ ଯେଉଁଠି ଆଉ ଗୋଟିଏ ହିଁ ମାତ୍ରା ଆବଶ୍ୟକ ଥିବ ସେଠି ଲଘୁ ନିଆ ଯିବ । ଫଳରେ ଏହି ଦ୍ୱିତୀୟ ଧାଡିରେ ମଧ୍ୟ ମୋଟ ସେତିକି ମାତ୍ରା ହେବ ଯେତିକି ପ୍ରଥମ ଧାଡିରେ ଅଛି ।

ଏହି ନିୟମରେ ଦ୍ୱିତୀୟ ଧାଡିକୁ ଦେଖି ଦେଖି ତୃତୀୟ ଓ ପୁଣି ତୃତୀୟ ଧାଡିକୁ ଦେଖି ଦେଖି ଚତୁର୍ଥ ଧାଡି ଲେଖା ଯିବ । ଏ ପ୍ରକ୍ରିୟା ସେ ଯାଏ ଚାଲିବ ଯେ ଯାଏ ସର୍ବଲଘୁ ଧାଡିଟି ଆସି ନାହିଁ ।

ଉପର ଉଦାହରଣରେ 8 ଧାଡିରେ 5 ମାତ୍ରାର ଓ 13 ଧାଡିରେ 6 ମାତ୍ରାରା ପ୍ରସ୍ତାର ସମ୍ପୂର୍ଣ୍ଣ ହେବ ।

ମାତ୍ରିକ ଛନ୍ଦର ଉଦ୍ଦିଷ୍ଟ ବିଧି:

ମାତ୍ରିକ ଛନ୍ଦରେ ମଧ୍ୟ ପ୍ରତି ମାତ୍ରାକୁ ଏକ ଏକ ସ୍ଥାନୀୟ ମାନ ଦିଆ ଯାଇଛି । ଏହି ସ୍ଥାନୀୟ ମାନଗୁଡିକ ବାମରୁ ନିମ୍ନ ମତେ ବଢି ବଢି ଚାଲେ । ନିମ୍ନ ଚିତ୍ରରେ ଲକ୍ଷଣୀୟ, ପ୍ରତ୍ୟେକ ସ୍ଥାନୀୟ ମାନ ତା ପୂର୍ବସ୍ଥ ଦୁଇଟି ସ୍ଥାନୀୟ ମାନର ଯୋଗଫଳ ।

ସ୍ଥାନୀୟ ମାନ:-	1	2	3	5	8	13	21	34	55	89	ଇତ୍ୟାଦି
ମାତ୍ରାର ସ୍ଥାନ:-	1	2	3	4	5	6	7	8	9	10	ଇତ୍ୟାଦି

ଏବେ ପ୍ରଶ୍ନ ଆସିଲା ଏହି 6 ମାତ୍ରା ବିଶିଷ୍ଟ ଛନ୍ଦ **SISI** ର ସ୍ଥାନ ପ୍ରସ୍ତାରରେ କେଉଁଠି? ଏହା କଷିବାକୁ ପ୍ରଥମେ **SISI**ରରୁହ ଗୁରୁ ବର୍ଣ୍ଣ ଗୁଡିକ ଭାଙ୍ଗି ଯୋଡେ ଲେଖା ଲଘୁ କରିଦେବା । ତେଣୁ ଏହା ହେବ,

I° I I I° I I

ଏବେ ଦେଖା ଗଲା ଯେ ଗୁରୁ ବର୍ଣ୍ଣଗୁଡିକ ପ୍ରଥମ ଓ ଚତୁର୍ଥ ସ୍ଥାନରେ ଥିଲା ଏବଂ ଏଗୁଡିକର ସ୍ଥାନୀୟ ସାନ 1 ଓ 5 ମିଶି ମୋଟ ହେଉଥିଲା 6 । ଏଣେ 6 ମାତ୍ରାର ପ୍ରସ୍ତାରରେ ମୋଟ ଥାଏ 13ଟି ଛନ୍ଦ । ଏହି 13ରୁ 6 ବିୟୋଗ କଲେ ରହିବ 7 । ତେଣୁ **SISI** ର ସ୍ଥାନ 6 ମାତ୍ରାର ପ୍ରସ୍ତାରରେ 7 ହେବ ।

ମାତ୍ରିକ ଛନ୍ଦର ନଷ୍ଟ ବିଧି:

ପୁଣି ପ୍ରଶ୍ନ ହେଲା 7 ମାତ୍ରାର ପ୍ରସ୍ତାରରେ ଯେଉଁ ଛନ୍ଦର ସ୍ଥାନ 9ରେ, ସେହି ଛନ୍ଦଟିର ମାତ୍ରା ବିନ୍ୟାସ କିପରି ?

ଉପରେ ବର୍ଣ୍ଣିତ ନିୟମରେ 7 ମାତ୍ରାର ପ୍ରସ୍ତାର ନିମ୍ନ ମତେ ହେବ ।

ସାତ ମାତ୍ରାବିନ୍ୟାସର ପ୍ରସ୍ତାର:

1			I	S	S	S
2			S	I	S	S
3		I	I	I	S	S
4			S	S	I	S
5		I	I	S	I	S
6		I	S	I	I	S
7		S	I	I	I	S
8	I	I	I	I	I	S
9			S	S	S	I
10		I	I	S	S	I
11		I	S	I	S	I
12		S	I	I	S	I
13	I	I	I	I	S	I
14		I	S	S	I	I
15		S	I	S	I	I
16	I	I	I	S	I	I
17		S	S	I	I	I
18	I	I	S	I	I	I
19	I	S	I	I	I	I
20	S	I	I	I	I	I
21	I I	I	I	I	I	I

ଆମେ ଜାଣୁ 7 ମାତ୍ରାର ମୋଟ ମାତ୍ରାବିନ୍ୟାସର ସମ୍ଭାବନା 21 ପ୍ରକାର । ଅନ୍ୟ ଭାଷାରେ, 7 ମାତ୍ରା ବିଶିଷ୍ଟ ମୋଟ 21ଟି ଛନ୍ଦ ଅଛି । ଆମେ କାଢିବା ଏଥିରୁ 9 ସ୍ଥାନରେ କେଉଁ ଛନ୍ଦ ଅଛି । ତେଣୁ ପ୍ରଥମେ 21 ରୁ 9 ବିୟୋଗ କରିବା । ରହିବ 12 । ଏହି 12 ଆମ ମାତ୍ରାରେଖାର କେଉଁ କେଉଁ ସ୍ଥାନୀୟ ମାନର ସମଷ୍ଟି? ଦେଖା ଗଲା ଏହା 8, 3 ଓ 1ର ଯୋଗଫଳ । ଏହି 8, 3 ଓ 1 ସ୍ଥାନୀୟ ମାନ କେଉଁ କେଉଁ ସ୍ଥାନରେ ଅଛନ୍ତି? ଉତ୍ତର ହେଲା ଏଗୁଡିକର ସ୍ଥାନ ହେଉଛି 5, 3 ଓ 1 ।

I° I I° I I° I I

ତେଣୁ ସେହି ସେହି ସ୍ଥାନରେ ଗୁରୁ ବର୍ଣ୍ଣ ଅଛି । ସେହି ସ୍ଥାନଗୁଡିକରେ ଲଘୁକୁ ଗୁରୁ କଲା ବେଳେ ପରବର୍ତ୍ତୀ ଲଘୁ ତା ସହ ମିଶିଯିବ ଓ ଛନ୍ଦଟି **SSSI** ବୋଲି ଜଣା ପଡି ଯିବ । ।

ଏହି ପରି ବର୍ଣ୍ଣ ବା ମାତ୍ରାବିନ୍ୟାସରୁ ପ୍ରସ୍ତାରରେ ସ୍ଥାନାଙ୍କ ନିରୂପଣର ନାମ ଉଦ୍ଦିଷ୍ଟ ବିଧି ଓ ପ୍ରସ୍ତାରରେ ସ୍ଥାନାଙ୍କରୁ ବର୍ଣ୍ଣ ବା ମାତ୍ରାର ବିନ୍ୟାସ ନିରୂପଣର ନାମ ନଷ୍ଟ ବିଧି ।

ଏହିଠାରେ ଆଚାର୍ଯ୍ୟ ପିଙ୍ଗଳକୃତ ଛନ୍ଦଃଶାସ୍ତ୍ର ସମାପ୍ତ ହେଲା ।

🙏

=========Lalatendu Kabi============ଲଲାଟେନ୍ଦୁ କବି========

=========7978 680 712==========୭୯୭୮ ୬୮୦ ୭୧୨=======